# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁଲାଇ ୨୮/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, July 28 / 2019 ★★

୧୫ଶ ଭାଗ ୨୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ରେ ଶ୍ରଦ୍ଧା**
ଅପ୍‌କମିଂ ଫିଲ୍ମ ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ର ଶୁଟିଂସେଟ୍‌ରେ ପୂରା ଟିମ୍‌କୁ ଧନ୍ୟବାଦ ଜଣାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର। ୦୭

୧୪ **ଆଶିଷଙ୍କୁ ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ**
ଥାଇଲାଣ୍ଡ ଓପନ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତର ଆଶିଷ କୁମାର ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା
# ୩ ପୋଲିସ ନିଲମ୍ବିତ

**ସୁନ୍ଦରଗଡ଼, ୨୭।୭ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଧରୁଆଡିହି ଥାନାରେ ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଧରୁଆଡିହି ଥାନାର ଜଣେ ଏଏସ୍‌ଆଇ ଓ ୨ଜଣ କନ୍‌ଷ୍ଟେବଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଏଏସ୍‌ଆଇ ବିନୋଦ ପଟେଲ, କନଷ୍ଟେବଲ ବୈକୁଣ୍ଠ ନାଏକ ଓ ଜୟରାମ ଡମେଲ।

ପ୍ରକାଶ ଯେ, ଧରୁଆଡିହି ଥାନା ପୋଲିସ ଏକ ନାବାଳିକା ଅପହରଣ ମାମଲାରେ ମଧ୍ୟପ୍ରଦେଶ ସଗର ଥାନା ଅଞ୍ଚଳର ସୁନୀଲ ଲୋଧି(୨୯)ଙ୍କୁ ଗତ ୧୯ ତାରିଖରେ ଗିରଫ କରି ଥାନାରେ ରଖିଥିଲା। ୧୯ତାରିଖ ରାତିରେ ସୁନୀଲଙ୍କୁ ଶୌଚ ପାଇଁ ଥାନା ପରିସରରେ ଥିବା ଏକ ଶୌଚାଳୟକୁ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ନେଇଥିଲେ। ମାତ୍ର ସେତେବେଳେ କୁଆଡେ ସୁନୀଲ ବେକରେ ଗାମୁଛା ଦେଇ ଶୌଚାଳୟ କବାଟ ଦ୍ୱାରବନ୍ଧରେ ଝୁଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି ପୋଲିସ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ☞ପୃଷ୍ଠା-୪

## ‘ଫନୀ’ ପରଠୁ ଅଣ୍ଟା ସଳଖି ପାରିନାହାନ୍ତି କୁମ୍ଭକାର
# ଶ୍ରୀମନ୍ଦିରରେ କୁଡୁଆ ସଙ୍କଟ

**ପୁରୀ ଅଫିସ, ୨୭।୭**

- ଏବେ ବି ମାଟି କାମୁଡ଼ି ପଡ଼ିଛି ଶାଳଘର
- ସମସ୍ତଙ୍କୁ ମିଳିନି ପ୍ରଶାସନିକ ସହାୟତା

ଆଉ ୬ ଦିନ ପରେ ‘ଫନୀ’କୁ ପୂରିବ ୩ମାସ। ହେଲେ ଏ ଯାଏ ଅଣ୍ଟା ସଳଖି ପାରିନାହାନ୍ତି କୁମ୍ଭକାର। ବାତ୍ୟାରେ ଭାଙ୍ଗିଯାଇଥିବା ଶାଳଘର ଏବେ ବି ମାଟି କାମୁଡ଼ି ପଡ଼ିରହିଛି। ନିଜ କୌଳିକ ବୃତ୍ତିର ଭବିଷ୍ୟତକୁ ନେଇ କୁମ୍ଭକାରମାନେ ସନ୍ଦିହାନ ଥିବାବେଳେ ଏହାର ପ୍ରଭାବ ଶ୍ରୀମନ୍ଦିରରେ ପରିଲକ୍ଷିତ ହେଲାଣି। ଆନନ୍ଦ ବଜାରରେ ଧୀରେ ଧୀରେ ଦେଖାଦେଲାଣି କୁଡୁଆ ସଙ୍କଟ। ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିର ଏକମାତ୍ର ମାଧ୍ୟମ କୁଡୁଆର ଅଭାବ ଏବେ ସୁଆର ମହାସୁଆର ସେବକଙ୍କଠାରୁ ଆରମ୍ଭ କରି ଭକ୍ତଙ୍କୁ ବି ବିଚଳିତ କଲାଣି। ଅନ୍ୟପକ୍ଷରେ ସମୁଦ୍ରକୁ ଶଙ୍ଖେ ସଦୃଶ ପ୍ରଶାସନ ଯେଉଁ ସହାୟତା ରାଶି ଘୋଷଣା କରିଥିଲା ତାହା ଏ ପର୍ଯ୍ୟନ୍ତ ସବୁ କୁମ୍ଭକାରଙ୍କ ପାଖରେ ପହଞ୍ଚି ପାରିନାହିଁ। ପେଟପାଟଣା ପାଇଁ ସଂଘର୍ଷ କରୁଥିବା କୁମ୍ଭକାରମାନେ କେମିତି ତାଙ୍କ ଶାଳଘରକୁ ଠିଆ କରିବେ ଆଉ ନିଜ କୌଳିକ ବୃତ୍ତିକୁ ବଞ୍ଚାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ତ୍ରୟୋଦଶ ଶତାବ୍ଦୀରେ ଶ୍ରୀମନ୍ଦିରରେ ଶଙ୍ଖୁଡ଼ି ଭୋଗର ପ୍ରଚଳନ ପରଠାରୁ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ହାଣ୍ଡିକୁଡୁଆର ଆବଶ୍ୟକ ପଡ଼ିଲା। ଏହା ଏକମାତ୍ର ମନ୍ଦିର, ଯେଉଁଠି ମାଟିହାଣ୍ଡିରେ ପ୍ରସ୍ତୁତ ଭୋଗ ମହାପ୍ରଭୁ ମଣୋହି କରିଥାନ୍ତି। ତେଣୁ ବଡଦେଉଳକୁ ମାଟିରେ ନିର୍ମିତ ହାଣ୍ଡିକୁଡୁଆ ଯୋଗାଇଦେବା ଲାଗି ପୁରୀ ସହର ଓ ଆଖପାଖରେ ଗଢିଉଠିଥିଲା କୁମ୍ଭକାର ବସ୍ତି। ଏମିତି କି ପୁରୀ ସହରର ଏକ ସାହିରେ ସଂଖ୍ୟାଧିକ କୁମ୍ଭକାର ବସବାସ କରୁଥିବାରୁ ତାହାର ନାମ କୁମ୍ଭାରପଡ଼ା ରହିଛି। ଏହାବ୍ୟତୀତ ଜେନାପୁର, ନବକଳେବର ରୋଡ଼ ନୂଆସାହି, ଟିକରପଡ଼ା ସମେତ ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, ଗୋପ ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ କୁମ୍ଭକାରମାନେ ବାସ କରୁଛନ୍ତି। ପୁରୀ ସହରର କୁମ୍ଭକାରମାନେ କୁମ୍ଭକାର ନିଯୋଗ ମାଧ୍ୟମରେ ଶ୍ରୀମନ୍ଦିରକୁ ହାଣ୍ଡି କୁଡୁଆ ଯୋଗାଇ ଆସୁଥିଲେ ମଧ କିଛିବର୍ଷ ହେବ ବ୍ରହ୍ମଗିରି, ସତ୍ୟବାଦୀ, ପୁରୀ ସଦର ଓ ଗୋପ ଅଞ୍ଚଳରୁ ହାଣ୍ଡିକୁଡୁଆ ଶ୍ରୀମନ୍ଦିରକୁ ଯୋଗାଣ ହେଉଛି। ଆବଶ୍ୟକ କଞ୍ଚାମାଲ ଏବଂ ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ଦରଦାମ ବୃଦ୍ଧି ଯୋଗୁ ବହୁ ଯୁବ କୁମ୍ଭକାର ଏହି କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି। ତଥାପି ମହାପ୍ରଭୁଙ୍କ ସେବାରେ ଅବହେଳା ନ କରି ଅନେକ ବୟୋଜ୍ୟେଷ୍ଠ କୁମ୍ଭକାର ହାଣ୍ଡିକୁଡୁଆ ତିଆରି କରି ବଡ଼ଦେଉଳକୁ ଯୋଗାଇ ଆସୁଛନ୍ତି। ଦୈନିକ ଶ୍ରୀମନ୍ଦିରକୁ ୮ରୁ ୧୦ ଗାଡ଼ି (ସ୍ୱତନ୍ତ୍ର ଭାବେ କାଠରେ ନିର୍ମିତ ହାତଟଣା ଗାଡ଼ି)ରେ ବିଭିନ୍ନ ପ୍ରକାର ହାଣ୍ଡି କୁଡୁଆ ଯୋଗାଇ ଦିଆଯାଉଥିବା ବେଳେ ପର୍ବପର୍ବାଣି ଦିନରେ ବରାଦ ମୁତାବକ ଅଧିକ ଦିଆଯାଇଥାଏ। କୁମ୍ଭକାର ନିଯୋଗ ଏବଂ ଅନ୍ୟ କେତେକ ହାଣ୍ଡି ବ୍ୟବସାୟୀଙ୍କ ମାଧ୍ୟମରେ କୁମ୍ଭକାରମାନେ ସୁପକାରମାନଙ୍କୁ ଏହା ଯୋଗାଇଥାନ୍ତି। ଶ୍ରୀମନ୍ଦିରକୁ ବିଭିନ୍ନ ସମୟରେ ବାଇହାଣ୍ଡି, ସମାଧି ହାଣ୍ଡି, ଦାସିଆ, ଏମାର, ବଡ଼ମଠ, ସାନମଠ, ନମ୍ବରୀ, ଢଳା ଏବଂ ଭାତ କୁଡୁଆ ସହିତ ବିଭିନ୍ନ ପ୍ରକାର ଓଳି ଯଥା ଅଙ୍ଗବାସ ଓଳି, ସାନ ଚକ, ବଡ଼ ଚକ, ବଢା, ତରାଓଳି, ବଡ଼ତରା ଓଳି ଇତ୍ୟାଦି ଯୋଗାଣ ହୋଇଥାଏ। ସ୍ୱତନ୍ତ୍ର ଭାବେ ମହାପ୍ରଭୁଙ୍କ କୋଠଭୋଗ ସେବା ପାଇଁ ତାଡ଼, ପାହାନ୍ତି, କଟସରା, ନିମାଳି, ଦୀପ, ବଢା, ନମ୍ବରୀ ଏବଂ ମେଞ୍ଚାଏ ମାଟି ଶ୍ରୀମନ୍ଦିର ପ୍ରଶାସନକୁ କୁମ୍ଭକାରମାନେ ଯୋଗାଇଥାନ୍ତି।



ଭାଙ୍ଗିପଡ଼ିଥିବା କୁମ୍ଭକାରଙ୍କ ଶାଳଘର।

ଗତ ମେ ୩ ତାରିଖ ବାତ୍ୟା ଫନୀରେ ବେସାହାରା ହୋଇପଡ଼ିଛନ୍ତି କୁମ୍ଭକାର। ଶାଳ, ଭାଟି ଏବଂ ବିଭିନ୍ନ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ପୁରୀ ସହରରେ ୪୦୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ବାସ କରୁଥିବାବେଳେ ବାତ୍ୟାରେ ୨୩୧ ପରିବାରର ଶାଳଘର ଓ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ଏହାବ୍ୟତୀତ ପୁରୀ ସଦରର ପ୍ରାୟ ୧୫୦, ବ୍ରହ୍ମଗିରିର ୪୦୦, ସତ୍ୟବାଦୀର ୯୦ ଏବଂ ଗୋପ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସମସ୍ତ କ୍ଷତିଗ୍ରସ୍ତଙ୍କୁ ତତ୍କାଳ ୮,୨୦୦ ଟଙ୍କା ଲେଖାଏ ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ☞ପୃଷ୍ଠା-୪



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**
ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**
ମଙ୍ଗଳ ଅଭିଯାନ

**ଆଜିର ମନ୍ତବ୍ୟ**
ସଶସ୍ତ୍ରବଳର ଆଧୁନିକୀକରଣ ସରକାରଙ୍କ ପ୍ରାଥମିକତା।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**
ଜାତୀୟ ବନୀକରଣ ଯୋଜନାରେ ୯୪,୨୨୮ ହେକ୍ଟର ଜମିରେ ବୃକ୍ଷରୋପଣ ଲାଗି ଗତ ୪ ବର୍ଷରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୩୨୮.୯୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।
– ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ

# ଭଗ୍ନାବଶେଷ ତଳେ ଜୀବନ ଗଲା

**ବିନିଶ, ୨୭।୭**

ଉତ୍ତର ସିରିଆରେ ଯୁଦ୍ଧବିମାନରୁ ଆକ୍ରମଣ ବେଳେ ଏକ ବିଲ୍ଡିଂ ଉପରେ ବୋମାମାଡ଼ ହୋଇଛି। ୫ ବର୍ଷର ଝିଅଟି ଝୁଲନ୍ତା ଅବସ୍ଥାରେ ଥିବା ତା’ର କୁନି ଭଉଣୀକୁ ଉଦ୍ଧାର ଲାଗି ଉଦ୍ୟମ କରି ତା’ର ଟି-ସାର୍ଟକୁ ଟାଣିଧରିଛି। ଏହି ସମୟରେ ବିଲ୍ଡିଂ ଭୁଶୁଡ଼ିପଡିବାରୁ ଭଗ୍ନାବଶେଷ ତଳେ ଚାପିହୋଇ ଝିଅର ଜୀବନ ଯାଇଛି। ସେମାନଙ୍କ ବାପା ଭଗ୍ନାବଶେଷ ଉପରେ ଛିଡ଼ାହୋଇ ଚିତ୍କାର କରିବା ସହ ମୁଣ୍ଡରେ ହାତ ଦେଇଛନ୍ତି। ଏଭଳି ହୃଦୟ ବିଦାରକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ହଇଚଇ ସୃଷ୍ଟି କରିଛି। ଏହା ସିରିଆ ଯୁଦ୍ଧ ସମୟର ସ୍ମୃତିକୁ ମନେପକାଇଦେଉଛି।

ସ୍ଥାନୀୟ ନ୍ୟୁଜ୍ ୱେବ୍‌ସାଇଟ ଏସ୍‌ଓ୍ୱାଇ୨୪ରେ କାର୍ଯ୍ୟ କରୁଥିବା ବଶାର ଅଲ୍-ଶେଖ୍ ବୁଧବାର ଏହି ଫଟୋ ଉଠାଇଛନ୍ତି। ସିରିଆର ଉତ୍ତରପଶ୍ଚିମାଞ୍ଚଳରେ ଅବସ୍ଥିତ ଇଦ୍‌ଲିବ୍ ପ୍ରଦେଶର ଅରିହା ସହରରେ ଯୁଦ୍ଧବିମାନରୁ ବୋମାମାଡ଼ ହୋଇଥିଲା। ଜେହାଦୀମାନଙ୍କ ଅକ୍ତିଆରରେ ଥିବା ଉକ୍ତ ଅଞ୍ଚଳକୁ ଦାମାସ୍କସ୍ ଓ ଏହାର ସହଯୋଗୀ ରୁଷିଆ ଏପ୍ରିଲ ମାସରୁ ନିୟମିତ ଟାର୍ଗେଟ କରିଆସୁଛି। ରୁଷିଆ ସମର୍ଥିତ ସରକାର ବିଦ୍ରୋହୀ ଓ ଜେହାଦୀଙ୍କ କବଳରୁ ଇଦ୍‌ଲିବ୍ ସହରକୁ ମୁକ୍ତକରିବା ଲାଗି ଉଦ୍ୟମ ଜାରି ରଖିଛି। ଏପ୍ରିଲ ୨୯ରୁ ଉତ୍ତର ସିରିଆରେ ସରକାରଙ୍କ ସାମରିକ କାର୍ଯ୍ୟାନୁଷ୍ଠାନ ବୃଦ୍ଧିପାଇଥିବାବେଳେ ୩୫୦ରୁ ଊର୍ଦ୍ଧ୍ୱ ସାଧାରଣ ଜନତା ପ୍ରାଣ ହରାଇବା ସହ ୩ ଲକ୍ଷ ୩୦ ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଲେଣି ବୋଲି ଗତ ସପ୍ତାହରେ ଜାତିସଂଘ ପକ୍ଷରୁ କୁହାଯାଇଥିଲା।



- ସିରିଆରେ ଯୁଦ୍ଧବିମାନରୁ ବୋମାବର୍ଷଣ
- ହୃଦୟ ବିଦାରକ ଦୃଶ୍ୟ ଭାଇରାଲ

ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଉଛି।

ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇ ରିହାମ୍ (୫) ଓ ତାଙ୍କ ସାନଭଉଣୀ ତୁକାଙ୍କୁ ସ୍ଥାନୀୟ କ୍ଲିନିକ୍‌କୁ ନିଆଯାଇଥିଲା। ପରେ ଇଦ୍‌ଲିବ୍‌ର ଏକ ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ରିହାମଙ୍କୁ ମୃତ ଘୋଷଣା କରିଥିଲେ। ତୁକା ହସ୍ପିଟାଲର ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେମାନଙ୍କର ବାପା ଅମଜାଦ୍ ଅଲ୍-ଅବ୍‌ଦୁଲ୍ଲା ବୋଲି ଜଣାପଡ଼ିଛି। ଏହି ଆକ୍ରମଣରେ ତାଙ୍କ ସ୍ତ୍ରୀ ଆସ୍‌ମା ନାକୁଲ୍‌ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଭଗ୍ନାବଶେଷ ମଧ୍ୟରୁ ଜଣେ ଯୁବକଙ୍କୁ ସିରିଆ ସିଭିଲ୍ ଡିଫେନ୍ସ ବାହିନୀ ହ୍ୱାଇଟ୍ ହେଲମେଟ୍ସ ଉଦ୍ଧାର କରିଥିବା କହିଛି। ବୁଧବାର ଉକ୍ତ ପ୍ରଦେଶର ୩ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ଏଥିରେ ୫ ଶିଶୁଙ୍କ ସମେତ ୨୦ ଜଣ ନିହତ ହୋଇଥିବା ବ୍ରିଟେନର ଅବ୍‌ଜରଭେଟୋରି ଫର ହ୍ୟୁମାନ ରାଇଟ୍ସ ପକ୍ଷରୁ କୁହାଯାଇଛି।

# ଶ୍ରେଷ୍ଠ-୫୦ ପ୍ରଭାବଶାଳୀ ଭାରତୀୟ ତାଲିକାରେ ଦୂତୀ

**ନୂଆଦିଲ୍ଲୀ, ୨୭।୭(ପି.ଟି.)**

**କୋହଲି ସପ୍ତମ, ଅମିତାଭ ନବମ, ଦୂତୀ ୪୭ତମ ସ୍ଥାନରେ**

ଦେଶର ଦ୍ରୁତତମ ଧାବିକା ତଥା ଓଡ଼ିଆ ମହିଳା ଆଥଲେଟ୍ ଦୂତୀ ଚାନ୍ଦ ଆଉ ଏକ ସମ୍ମାନର ଅଧିକାରୀ ହୋଇଛନ୍ତି। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଦେଶର ଶ୍ରେଷ୍ଠ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ ପ୍ରକାଶିତ ହୋଇଥିବା ତାଲିକାରେ ସ୍ଥାନ ପାଇଛନ୍ତି। ସେ ଏହି ତାଲିକାର ୪୭ତମ ସ୍ଥାନରେ ରହିଛନ୍ତି। ଦେଶର ଅଗ୍ରଣୀ ଇଂଲିଶ ପତ୍ରିକା ‘ଇଣ୍ଡିଆ ଟୁଡେ’ ତା’ର ଅଗଷ୍ଟ ସଂସ୍କରଣରେ ଏହି ତାଲିକା ପ୍ରକାଶିତ କରିଛି। ଚଳିତବର୍ଷ ଅନୁଷ୍ଠିତ ୨୦୧୮ ଏସିଆନ୍ ଗେମ୍ସ ଓ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦମ୍‌ଦାର ପ୍ରଦର୍ଶନ କରି ଦୂତୀ ଏହି ତାଲିକାରେ ସ୍ଥାନ ପାଇଛନ୍ତି ବୋଲି କୁହାଯାଇଛି।

ଭାରତର ପ୍ରଥମ ସମଲିଙ୍ଗୀ କ୍ରୀଡ଼ାବିତ୍ ଭାବେ ଦୂତୀଙ୍କୁ ଏହି ପତ୍ରିକା ସମ୍ବୋଧନ କରିଛି। ୨୦୧୮ ଏସିଆନ ଗେମ୍ସରେ ଦୂତୀ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ସେ ଚଳିତ ବର୍ଷ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହିତ ଦ୍ୱିତୀୟ ଭାରତୀୟ ଭାବେ ଦୂତୀ କୌଣସି ବିଶ୍ୱସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ବୋଲି ‘ଇଣ୍ଡିଆ ଟୁଡେ’ ଉଲ୍ଲେଖ କରିଛି। ଜଣାଶୁଣା ଶିଳ୍ପପତି ମୁକେଶ ଅମ୍ବାନୀ ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ମୁକେଶ ଏବେ ୫୦ ବିଲିୟନ ଆମେରିକୀୟ ଡଲାର ବା ୩.୪୫ ଲକ୍ଷ କୋଟି ଟଙ୍କାର ମାଲିକ ବୋଲି ଏହି ପତ୍ରିକା ଉଲ୍ଲେଖ କରିଛି। ଦେଶର ଅନ୍ୟତମ ଶିଳ୍ପପତି କୁମାର ମଙ୍ଗଳମ ବିର୍ଲା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଗୌତମ ଆଦାନୀ, ଉଦୟ କୋଟାକ, ଆନନ୍ଦ ମହିନ୍ଦ୍ରା ଓ ରତନ ଟାଟା ଯଥାକ୍ରମେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଏହି ତାଲିକାର ସପ୍ତମ ସ୍ଥାନରେ ରହିଛନ୍ତି। ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନ ନବମ, ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ୧୭, ସୁପରଷ୍ଟାର ଅକ୍ଷୟ କୁମାର ୨୧, ନିତା ଅମ୍ବାନୀ ୨୩, ବାବା ରାମଦେବ ୨୫, ଅଭିନେତା ରଣବୀର ସିଂ ୨୭, ସଲମାନ ଖାଁ ୨୯, ତାମିଲ ସୁପରଷ୍ଟାର ରଜନୀକାନ୍ତ ୩୬, ଅଭିନେତ୍ରୀ ଦୀପିକା ପାଡୁକୋନ ୪୨, ଟେଲିଭିଜନ ସିରିଏଲ ପ୍ରଯୋଜିକା ଏକତା କାପୁର ୪୮ତମ ସ୍ଥାନରେ ରହିଛନ୍ତି।



**ଅଗଷ୍ଟରେ ସାର୍ବଜନୀନ ହେବ କାଳିଆ ହିତାଧିକାରୀଙ୍କ ନାମ**
........ ୪ ........





NATIONAL EGG CO-ORDINATION COMMITTEE 27.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 58 | 103 | 113 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 57 | 102 | 112 |
| BHM | 54 | 98 | 108 |

*Conditions Apply
Eggs Retail Price- 39/-Dozen
Issued in the Interest of Consumers


# ବନ୍ୟାପାଣିରେ ଫସିଲା ମହାଲକ୍ଷ୍ମୀ ଏକ୍ସପ୍ରେସ

**ମୁମ୍ବାଇ, ୨୭।୭(ପି.ଟି.)**

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ବଙ୍ଗାନି ନିକଟରେ କୋହ୍ଲାପୁର ଯାଉଥିବା ମହାଲକ୍ଷ୍ମୀ ଏକ୍ସପ୍ରେସ୍ ବନ୍ୟାପାଣିରେ ଫସି ଯାଇଥିଲା। ତେବେ ହେଲିକପ୍ଟର ଓ ବୋଟ୍ ଜରିଆରେ ଦୀର୍ଘ ୧୭ ଘଣ୍ଟା ପରେ ଶନିବାର ଅପରାହ୍ନରେ ସମସ୍ତ ୧୦୫୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୯ ଜଣ ଗର୍ଭବତୀ ମହିଳା ଓ ୧ ମାସର ଶିଶୁକନ୍ୟା ଥିଲେ। ଉଦ୍ଧାରକାରୀ ଦଳଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଉଚ୍ଚପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାର ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ତିନି ସେନା ଏବଂ ରେଲୱେ ଟିମ୍ ସାମିଲ ହୋଇଥିଲେ। ଖବର ଅନୁଯାୟୀ ମହାଲକ୍ଷ୍ମୀ ଏକ୍ସପ୍ରେସ୍ ଶୁକ୍ରବାର ରାତି ୮ଟାରେ ମୁମ୍ବାଇ ଛାଡ଼ିଥିଲା। ତେବେ ପ୍ରବଳ ବର୍ଷା ଯୋଗୁ ରେଳଲାଇନ ବନ୍ୟାପାଣିରେ ବୁଡ଼ି ରହିଥିବାରୁ ୯୦ କିଲୋମିଟର ଯିବା ପରେ ବଙ୍ଗାନିଠାରୁ ଆଉ ଆଗକୁ ଯାଇପାରି ନ ଥିଲା। ଫଳରେ ଯାତ୍ରୀମାନେ ଶୁକ୍ରବାର ବିଳମ୍ବିତ ରାତିରୁ ଉକ୍ତ ଟ୍ରେନ୍‌ରେ ଫସି ରହିଥିଲେ। ହେଲିକପ୍ଟର ଓ ବୋଟ୍ ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ଶନିବାର ଅପରାହ୍ନ ୩ଟା ସୁଦ୍ଧା ସମସ୍ତ ଯାତ୍ରୀଙ୍କୁ ନିରାପଦର ସହିତ ଉଦ୍ଧାର କରାଯାଇଛି। ସେମାନଙ୍କୁ ଖାଦ୍ୟ ଓ ଔଷଧ ଯୋଗାଇ ଦିଆଯାଇଛି। ଜଣେ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଯାତ୍ରୀମାନଙ୍କୁ କୋହ୍ଲାପୁର ନେବା ଲାଗି କଲ୍ୟାଣରୁ ଏକ ସ୍ୱତନ୍ତ୍ର ଟ୍ରେନ ପଠାଯାଇଛି। ଠାଣେ ଓ ରାୟଗଡ଼ ଜିଲାରେ ପ୍ରବଳ ବର୍ଷା ଯୋଗୁ ରେଳଲାଇନ ବୁଡ଼ିରହିଥିବାରୁ ଅନେକ ଲୋକାଲ ଟ୍ରେନ ସମେତ କେତେକ ଦୂରଗାମୀ ଟ୍ରେନ କଲ୍ୟାଣ-ବଙ୍ଗାନି ଷ୍ଟେଶନ ମଧ୍ୟରେ ଶୁକ୍ରବାର ରାତିରୁ ଅଟକି ରହିଛି। କଲ୍ୟାଣ ଓ କର୍‌ଜାତ ମଧ୍ୟରେ ଟ୍ରେନ ଚଳାଚଳ ବନ୍ଦ ରହିଛି।



**୧୭ଘଣ୍ଟା ପରେ ୧୦୫୦ ଯାତ୍ରୀ ଉଦ୍ଧାର**

# ହାତକଡି ସହ ଚମ୍ପଟ ମାରିଲେ ଅଭିଯୁକ୍ତ

**ସୋନପୁର, ୨୭।୮(ନି.ପ୍ର.)**

**ଆଇଆଇସିଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା**

ଅଭିଯୁକ୍ତଙ୍କୁ ଗାଡିରେ ବସାଇ ଛକରେ ଚା ପିଇବା ବଲାଙ୍ଗୀର ଜିଲା ଦେଓଗାଁ ପୋଲିସକୁ ମହଙ୍ଗା ପଡିଛି। ଗିରଫ ଅଭିଯୁକ୍ତ ପୋଲିସ ହେପାଜତରୁ ହାତକଡି ସହିତ ଚମ୍ପଟ ମାରିଛି। ବହୁ ଖୋଜାଖୋଜି ପରେ ମଧ ଅଭିଯୁକ୍ତଙ୍କ ପତ୍ତା ମିଳୁନି। ଶନିବାର ଦେଓଗାଁ ଆଇଆଇସି ଲୋକନାଥ ଭୋଇ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ତାଙ୍କ ନେତୃତ୍ୱରେ ପୋଲିସ ଟିମ୍ ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡରପୁର ଗାଁର ଅଭିଯୁକ୍ତ ଗୁଲୁଠୁ ଭରାସାଗରଙ୍କୁ ଗିରଫ କରି ଟାଟା ସୁମୋରେ ଥାନାକୁ ନେଉଥିଲେ। ସୋନପୁର ବ୍ଲକ ଛକଠାରେ ଗାଡି ରଖି ପରିସ୍ରା କରିବା ସମୟରେ ଅଭିଯୁକ୍ତ କୌଶଳକ୍ରମେ ପୋଲିସ ହେପାଜତରୁ ଫେରାର ହୋଇ ଯାଇଥିବା ସେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ସୋନପୁର ଥାନାରେ ଏକ ମାମଲା(ନଂ. ୧୨୪/୧୯) ରୁଜୁ ହୋଇଛି। ଏହି ଘଟଣା ପୋଲିସର ଦାୟିତ୍ୱହୀନତାକୁ ପଦାରେ ପକାଇଛି। କାରଣ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଏକୁଟିଆ ଛାଡି କିଭଳି ଏକ ସଙ୍ଗରେ ପରିସ୍ରା କରିବାକୁ ଓହ୍ଲାଇଲେ ତାହା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ସୋନପୁର ବ୍ଲକ ଛକରେ ପୋଲିସ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ଥାନାର ଟାଟା ସୁମୋ ଗାଡିକୁ ରଖି ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନରେ ଚା ପିଉଥିଲେ। ଏହି ସୁଯୋଗରେ ସୁମୋର ପଛସପଟ ସିଟ୍‌ରେ ବସିଥିବା ଗୁଣ୍ଡେରପୁର ଗ୍ରାମର ଗୁଲୁଠୁ ଚମ୍ପଟ ମାରିଥିଲା। ଅଭିଯୁକ୍ତ ଫେରାର ମାରିଥିବା ବେଳେ ତାଙ୍କ ହାତରେ କିନ୍ତୁ ହାତକଡି ପଡିଛି । ଦେଓଗାଁ ଥାନାରେ ଗୁଲୁଠୁଙ୍କ ନାମରେ ଗତ ୨୨ତାରିଖରେ ବିଦ୍ୟୁତ୍ ତାର ଚୋରି ମାମଲା (ନଂ.୧୬/୧୯) ରୁଜୁ ହୋଇଥିଲା। ଦେଓଗାଁ ଆଇଆଇସି ଲୋକନାଥ ଭୋଇଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଟିମ୍ ଗୁଲୁଠୁଙ୍କୁ ଗୁଣ୍ଡେରପୁର ଗାଁରୁ ଗିରଫ କରି ଥାନାକୁ ନେଉଥିଲେ। ବିଳମ୍ବିତ ରାତିରେ ସୋନପୁର ବ୍ଲକ ଛକରେ ଗାଡି ଛିଡା କରି ଆଇଆଇସି ଲୋକନାଥ ଭୋଇ, ଏଏସଆଇ ଜନାର୍ଦ୍ଦନ ସାହୁ ଓ ୨ କନ୍‌ଷ୍ଟେବଲ ଦୋକାନକୁ ଚା ପିଇବାକୁ ଯାଇଥିବା ସମୟରେ ଏଭଳି ଘଟଣା ଘଟିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସେଲ୍‌ଫି କର୍ଣ୍ଣର



ବଜରଙ୍ଗ



ପ୍ରଦ୍ୟୁମ୍ନ



ଦିବ୍ୟ



ଭାସ୍କର



ଅଙ୍କିତା

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଉଛୁଳା ନଦୀ ପାର ହୋଇ ଡାକ୍ତରଖାନା ଗଲେ ଗର୍ଭବତୀ

**ସିନାପାଲି ୨୭।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଘାଟମାଲ ପଞ୍ଚାୟତ ଚିତାରମାଠାରେ ପୁଣି ଜଣେ ଗର୍ଭବତୀଙ୍କ କରୁଣ ଚିତ୍ର ଦେଖିବାକୁ ମିଳିଛି। ଷ୍ଟ୍ରେଚରରେ ବୁହା ହୋଇ ଗର୍ଭବତୀଙ୍କୁ ଶୁକ୍ରବାର ଉଛୁଳା ନଦୀ ପାର କରାଯାଇଥିଲା । ଶେଷରେ ତାଙ୍କୁ ସିନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚିତାରମା ଗାଁର ଦିଲେଶ୍ୱର ଚିନ୍ଦାଙ୍କର ସ୍ତ୍ରୀ ନିରୁଙ୍କ ଗୁରୁବାର ଗର୍ଭଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ। ଚିତାରମା ଏକ ଜଳବନ୍ଦୀ ଗାଁ । ସେହି ଗାଁରେ ସ୍ୱାସ୍ଥ୍ୟ ସେବା ପାଇବା କାଠିକାର ପାଠ। ଦୁର୍ଗମ ଉପାନ୍ତ ବଣପାହାଡ ଘେରା ଅଞ୍ଚଳରେ ଥିବା ଏହି ଗାଁ ପାଇଁ ଉଦନ୍ତୀ ନଦୀ ଦୁଃଖ ପାଲଟିଛି। ଅଳ୍ପବର୍ଷାରେ ମଧ ଉଦନ୍ତୀ ନଦୀ ଫୁଲି ଉଠିବା କାରଣରୁ ଗ୍ରାମବାସୀ ଜଳବନ୍ଦୀ ଭାବେ ଜୀବନ ବିତାନ୍ତି। ଏପରି ସ୍ଥିତିରେ ନିରୁଙ୍କ ଗର୍ଭଯନ୍ତ୍ରଣା ଚିନ୍ତାର ବିଷୟ ହୋଇଥିଲା। ପରିବାର ଲୋକେ ଉପାୟଶୂନ୍ୟ ହୋଇପଡିଥିଲେ। ହେଲେ ଠିକ୍ ସେଦିନ ନଦୀ ଆରପାରି ସିନ୍ଦରୁଶିଲଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଚାଲିଥିଲା । ଏହି ଖବର ପାଇ ନିରୁଙ୍କୁ ସ୍ୱାସ୍ଥ୍ୟ ଶିବିରକୁ ନେବା ପାଇଁ ପରିବାର ଲୋକେ ଚେଷ୍ଟା କରିଥିଲେ। ହେଲେ ଉଦନ୍ତୀ ନଦୀରେ ଆସିଥିବା ବନ୍ୟାଜଳ ସେମାନଙ୍କ ପାଇଁ ସମସ୍ୟା ପାଲଟିଥିବାରୁ କିଛି କରିପାରି ନ ଥିଲେ। ପରେ ସ୍ୱାସ୍ଥ୍ୟ ଶିବିରରେ ଥିବା କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଖବର ଦିଆଯିବାରୁ ସେମାନେ ଷ୍ଟ୍ରେଚର ନେଇ ନଦୀ ପାର ହୋଇ ଚିତାରମାକୁ ଆସିଥିଲେ। ଗ୍ରାମବାସୀ, ସମ୍ପର୍କୀୟଙ୍କ ସହଯୋଗରେ ସେହି ଷ୍ଟ୍ରେଚର୍ ସାହାଯ୍ୟରେ ଗର୍ଭବତୀଙ୍କୁ ଉଦନ୍ତୀ ନଦୀର ଛାତିଏ ପାଣିରେ ପାର କରି ସ୍ୱାସ୍ଥ୍ୟ ଶିବିରରେ ପହଞ୍ଚାଇଥିଲେ। ଶିବିରରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ସିନାପାଲି ମା'ଗୃହକୁ ସ୍ୱାସ୍ଥ୍ୟ ବିଭାଗର ଗାଡ଼ିରେ ନିଆଯାଇଥିଲା। ବର୍ତ୍ତମାନ ସେ ମା'ଗୃହରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼ାକ୍ତର ସୁକାନ୍ତି ପଣ୍ଡା କହନ୍ତି, ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ମା'ଗୃହରେ ତାଙ୍କ ଚିକିତ୍ସା ଚାଲିଛି। ଉପାନ୍ତ ଦୁର୍ଗମ ଅଞ୍ଚଳକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ହେଲେ ବର୍ତ୍ତମାନ ସୁଦ୍ଧା ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିବାରୁ ଏପରି ସମସ୍ୟା ଲାଗି ରହିଛି।



ଗର୍ଭବତୀଙ୍କୁ ଷ୍ଟ୍ରେଚର୍‌ରେ ନଦୀ ପାର କରାଯାଉଛି।

**ଷ୍ଟ୍ରେଚର୍‌ରେ ବୁହା ହେଲେ ୩ କି.ମି.**

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**କୁଚିଣ୍ଡା, ୨୭।୭ (ଡି.ଏନ.ଏ.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ କେଶେଇବାହାଲ ଗ୍ରାମରେ ଶୁକ୍ରବାର ରାତିରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ନବୀନ ରାଉତ (୬୨) । ନବୀନ ଘର ପାଖ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ରାତିରେ ଖୋଜାଖୋଜି କରି ନ ପାଇବାରୁ ନିରାଶ ହୋଇଥିଲେ। ଶନିବାର ସକାଳୁ ଶୌଚ ପାଇଁ ଯାଇଥିବା ଲୋକେ ପାଣିରେ ନବୀନ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏ ବାବଦରେ ମହୁଲପାଲି ଥାନାକୁ ଜଣାଇଥିଲେ। ମହୁଲପାଲି ଥାନା ପୋଲିସ ମୃତଦେହ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

■ କୃଷିମନ୍ତ୍ରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଲା

# ଓୟୁଏଟି ଉଦ୍ୟାନ ବିଭାଗ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

**ସମ୍ବଲପୁର/ଚିପିଲିମା, ୨୭।୭(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଚିପିଲିମାରେ ଥିବା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ଉଦ୍ୟାନ ବିଭାଗ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିରେ ପାତରଅନ୍ତର କରାଯାଉଛି। ଏହାକୁ ବିରୋଧ କରି ମହାବିଦ୍ୟାଳୟ ପରିସରରେ ଜୁଲାଇ ୧୯ ତାରିଖଠାରୁ ଆନ୍ଦୋଳନରେ ବସିଥିବା ଉଦ୍ୟାନ ବିଭାଗ ଛାତ୍ରୀଛାତ୍ର ନିଷ୍ପତ୍ତି ବଦଳାଇଛନ୍ତି। ଦାବି ପୂରଣ ହେବ ବୋଲି ସରକାରଙ୍କ ପାଖରୁ ପ୍ରତିଶ୍ରୁତି ପାଇବା ପରେ ଏହି ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି। ଶୁକ୍ରବାର ଭୁବନେଶ୍ୱରରେ କୃଷିମନ୍ତ୍ରୀ ଅରୁଣ ସାହୁ, ବିଭାଗୀୟ ଅଧିକାରୀ, ଓୟୁଏଟି କୁଳପତିଙ୍କ ସହ ସମ୍ବଲପୁରରୁ ଯାଇଥିବା ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ଦାବି ପୂରଣ କରାଯିବ ବୋଲି କହି ମନ୍ତ୍ରୀ କିଛି ଦିନ ସମୟ ମାଗିଛନ୍ତି। ତେଣୁ ଆନ୍ଦୋଳନ ସ୍ଥଗିତ ହୋଇଛି। ତେବେ ୧୫ ଦିନ ମଧ୍ୟରେ ସରକାର ପଦକ୍ଷେପ ନ ନେଲେ ଛାତ୍ରୀଛାତ୍ର ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର



ସମ୍ବଲପୁର ବୁଢ଼ାରଜାଠାରେ ଜେସିଆଇ ପ୍ରତିଭା ଶ୍ରାବଣରାଣୀ ପ୍ରତିଯୋଗିତାରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ବିଜୟିନୀ ।

**ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ପିଟି ହତ୍ୟା**

# ୧୬ ହଜାର ଟଙ୍କା ପାଇଁ ଜୀବନ ଗଲା

**ପାଟଣା,୨୭।୭(ସ୍ୱ.ପ୍ର.)**

୧୬ହଜାର ଟଙ୍କା ପାଇଁ ଜଣେ ବୃଦ୍ଧଙ୍କୁ କେତେଜଣ ଯୁବକ ଗାଁ ଦାଣ୍ଡରେ ପିଟି ପିଟି ହତ୍ୟା କରିଛନ୍ତି। ଗୁରୁବାର ରାତିରେ କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ କୁଣ୍ଡଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ କାଦେ ମାଝି (୫୫)। ଶୁକ୍ରବାର ସକାଳେ କାଦେଙ୍କ ପୁଅ ଫାଗୁ ବାପାଙ୍କ ମୃତଦେହ ଦେଖିବା ପରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଖବର ଦେଇଥିଲେ। ପୋଲିସ ଶନିବାର ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଫଳରେ ଏହି ହତ୍ୟାକାଣ୍ଡର ଦୁଇଦିନ ପରେ ଘରୁ ମୃତଦେହ ଉଠିଛି। ଫାଗୁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପାଙ୍କୁ ଗ୍ରାମର କେତେଜଣ ଯୁବକ ସଂଘବଦ୍ଧ ଭାବେ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାଦେ ୬ ମାସ ତଳେ ଅନ୍ୟ ଗାଁରୁ ଚାଲି ଆସିଥିବା ଏକ ବଳଦକୁ ଧରି ୮ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏନେଇ ଗ୍ରାମବାସୀ ସଭା ଡକାଇ କାଦେଙ୍କୁ ୧୬ ହଜାର ଟଙ୍କା ଦେବାପାଇଁ ଦାବି କରିଥିଲେ। ସେ ଟଙ୍କା ନ ଦେବାରୁ ଗୁରୁବାର ରାତିରେ ଗାଁର କେତେଜଣ ଯୁବକଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଶେଷରେ ତାହା ଉଗ୍ରରୂପ ଧାରଣ କରିଥିଲା। ସଂପୃକ୍ତ ଯୁବକମାନେ ତାଙ୍କୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ କାଦେ ଟଳିପଡିଥିଲେ ବୋଲି ପୋଲିସ କହିଛି। ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ ଓ କେନ୍ଦୁଝର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୯୩/୧୯) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରି ପାରିନାହିଁ।

# ଜଳଧାରଣ କ୍ଷମତା ହରାଇଛି ମଙ୍ଗଳପୁର ହାତୀ ବ୍ୟାରେଜ

**ଭବାନୀପାଟଣା/ମୁଖୀଗୁଡା, ୨୭।୭(ସ୍ୱ.ପ୍ର./ଡି.ଏନ.ଏ.)**

ରାଜ୍ୟର ବୃହତ୍ ସ୍ୱାର୍ଥକୁ ଆଖି ଆଗରେ ରଖି ରାଜ୍ୟ ସରକାର କଳାହାଣ୍ଡିରେ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ଯୋଜନା କାର୍ଯ୍ୟକାରୀ କରିଥିଲେ। ହେଲେ ଏହି ପ୍ରକଳ୍ପକୁ ନେଇ ଅଞ୍ଚଳବାସୀ ଦେଖିଥିବା ସ୍ୱପ୍ନ ଅଳ୍ପଦିନରେ ମଉଳିଗଲା। ଜନ୍ମମାଟିରେ ଉତ୍ପାଦିତ ବିଦ୍ୟୁତ୍ ଦୀପତଳ ଅନ୍ଧାର ଭଳି ଅଞ୍ଚଳବାସୀଙ୍କୁ ଅନ୍ଧକାର ମଧ୍ୟରେ ରଖି ବାହାର ରାଜ୍ୟକୁ ଆଲୋକିତ କଲା। ଏପରିସ୍ଥଳେ ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜ କଳାହାଣ୍ଡି ଜିଲାବାସୀଙ୍କ ପାଇଁ ଜଳସେଚନର ମୁଖ୍ୟ ଭୂମିକା ଗ୍ରହଣ କଲା। ଫଳରେ ଚାଷୀଙ୍କ ଆର୍ଥିକସ୍ଥିତି ମଧ ସୁଦୃଢ ହେବାକୁ ଲାଗିଲା। ରାଜ୍ୟରେ କଳାହାଣ୍ଡି ଜିଲା ଖାଦ୍ୟ ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କଲା। ଦୁଇ ପ୍ରମୁଖ ବାମ ଓ ଦକ୍ଷିଣ ମୁଖ୍ୟ କେନାଲ ଯୋଗୁ ଚାଷ ଭଲ ହେଲା। କିନ୍ତୁ ପରିତାପର ବିଷୟ ଯେଉଁଥିପାଇଁ ଆଜି କଳାହାଣ୍ଡି ଶସ୍ୟଶ୍ୟାମଳା ସେହି ମଙ୍ଗଳପୁର ବ୍ୟାରେଜ ଆଜି ଜଳଧାରଣ କ୍ଷମତା ହରାଇ ବସିଛି। ଦୁର୍ବଳ ବନ୍ଧ ଯୋଗୁ ଆଜି ଏପରି ସମସ୍ୟା ଉପୁଜୁଛି। ଅଧିକ ପାଣି ଜମା ହେଲେ କିମ୍ବା ବନ୍ୟା ଜଳ ପ୍ରବେଶ କଲେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହେଉଛି। ଯାହା ଚାଷ ଓ ଚାଷୀଙ୍କୁ ଦୁଃଖ ଦେଇଛି। ଏପରି ବାରମ୍ବାର ହେଉଥିଲେ ମଧ୍ୟ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଅଧିକାଂଶ କ୍ଷେତ୍ରରେ ଚାଷୀମାନେ ଭଙ୍ଗା କେନାଲକୁ ନିଜ ଶ୍ରମଦାନରେ ମରାମତି କରି ଚାଷ କାର୍ଯ୍ୟ ପାଇଁ ବ୍ୟବହାର କରୁଛନ୍ତି । ବିଭାଗୀୟ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣି ଯୋଗାଣକୁ ନେଇ ଅହେତୁକ ବିଳମ୍ବ ଓ ଫସଲ ଅମଳ ନ ହେବା ପୂର୍ବରୁ ପାଣି ବନ୍ଦ କରାଯାଉଥିବା ଯୋଗୁ ଅନେକ ଚାଷୀ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି।

ଦୀର୍ଘ ୨୮ ବର୍ଷ ଧରି ବ୍ୟାରେଜରୁ ପଟୁମାଟି ବାହାର କରାଯାଇନାହିଁ। ଫଳରେ ବ୍ୟାରେଜର ଜଳଧାରଣ ହ୍ରାସ ପାଇଛି। ଏଥିଯୋଗୁ ଜଳସେଚନରେ ମଧ ବାଧକ ଉପୁଜୁଛି। ଦକ୍ଷିଣ ମୁଖ୍ୟ କେନାଲର ସମ୍ପ୍ରସାରଣ ଓ ଲାଇନିଂ କାର୍ଯ୍ୟକୁ ନେଇ ୩ ବର୍ଷ ବିତିଯାଇଥିଲେ ମଧ କୌଣସି ଅଗ୍ରଗତି ହୋଇପାରୁନାହିଁ। ଫଳରେ ଦକ୍ଷିଣ କେନାଲର ଚାଷୀ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ମୁଖୀଗୁଡା ପାୱାର ଚ୍ୟାନେଲ ସହ ଦୁଇ ମୁଖ୍ୟ କେନାଲରେ ସ୍ଥାନେ ସ୍ଥାନେ ପ୍ରୋଟେକ୍ଟ ଗେଟଗୁଡିକ ମରାମତି ଅଭାବରୁ ଅଚଳ ହୋଇପଡିଛି। ଜଗୁଆଳି ନ ଥିବାରୁ ମୁଖ୍ୟ କେନାଲରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇ ବ୍ୟାପକ କ୍ଷତି ହେଉଛି। ଉଚିତ ସମୟରେ ପାଣି ଅଟକାଇବାକୁ କୌଣସି ବ୍ୟବସ୍ଥା ନ ଥିବାରୁ କେନାଲର ହୁଡାରେ ଘାଇ ସୃଷ୍ଟି ହେଉଛି। ପାଣି ପଞ୍ଚାୟତ ଜରିଆରେ କେନାଲର ରକ୍ଷାଣାବେକ୍ଷଣ ବ୍ୟବସ୍ଥା ରହିଥିଲେ ହେଁ ବ୍ୟାପକ ଅନିୟମିତତା ହେଉଥିବା ପରିଲକ୍ଷିତ ହୋଇଛି।

ବ୍ୟାରେଜର ମରାମତି କଥା ନ କହିବା ଭଲ। ବ୍ୟାରେଜର ମରାମତି ନାମରେ ଟଙ୍କା ବ୍ୟୟବରାଦ ହେଉଥିଲେ ମଧ୍ୟ ସେଥିରେ କୌଣସି ସୁଧାର ଆସୁନାହିଁ। ଗତବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ବ୍ୟାରେଜର ଯାବତୀୟ କାମ ହୋଇଥିବା ଦର୍ଶାଯାଇଥିଲେ ହେଁ ବର୍ତ୍ତମାନ ସେଥିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ମୁଖୀଗୁଡାରେ ଉତ୍ପାଦିତ ବିଦ୍ୟୁତ୍ ଅନ୍ୟ ରାଜ୍ୟରେ ବ୍ୟବହାର ହେଉଛି। କିନ୍ତୁ ଅଧିକାଂଶ ସମୟରେ ବ୍ୟାରେଜ ଅଞ୍ଚଳ ଅନ୍ଧକାରରେ ରହୁଛି । ତଥାପି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ବର୍ଷା ଋତୁ ଚାଲିଛି। ବିଜୁଳି ସମସ୍ୟା ବ୍ୟାରେଜର ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ମଙ୍ଗଳପୁର ବ୍ୟାରେଜ ମରାମତି ଓ ଜଳସେଚନ ପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ରଘୁନାଥ ମୁଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, ଗତ ୧୦ ବର୍ଷ ହେବ ସରକାର ଉକ୍ତ ବ୍ୟାରେଜ ମରାମତି ପାଇଁ କୌଣସି ପାଣ୍ଠି ଦେଉ ନାହାନ୍ତି। ଫଳରେ ହାତୀ ବ୍ୟାରେଜର ମରାମତି ହୋଇପାରୁ ନାହିଁ। କେବଳ ଛୋଟ ଛୋଟ ମରାମତି କାମ ବିଭାଗ ପକ୍ଷରୁ କରାଯାଉଛି ।



ମଙ୍ଗଳପୁରଠାରେ ଥିବା ହାତୀ ବ୍ୟାରେଜ ।

■ ୨୮ ବର୍ଷ ଧରି ବ୍ୟାରେଜରୁ ପଟୁମାଟି ବାହାର କରାଯାଇନାହିଁ
■ ଜଳସେଚନ ବ୍ୟବସ୍ଥାକୁ ନେଇ ସନ୍ଦେହ
■ ଦୁର୍ବଳ ବନ୍ଧ, ଘାଇ ଦାଉ ସାଧୁଛି
■ ରକ୍ଷଣାବେକ୍ଷଣ ଅଭାବ

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଜାତୀୟ ଶିକ୍ଷା ନୀତି- ୨୦୧୯ ଆଲୋଚନା ଚକ୍ର, ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର, ପୂର୍ବାହ୍ନ ସାଢ଼େ ୧୦ଟା।

■ରୋଟାରୀ କ୍ଲବ ସେଣ୍ଟ୍ରାଲର ଅଧିଷ୍ଠାନ ସମାରୋହ, ହୋଟେଲ ହରଜିତ୍ ରେସିଡେନ୍ସି, ପୂର୍ବାହ୍ନ ସାଢ଼େ ୧୦ଟା।

■ଆଲା ହଜରଦ୍ ୱେଲଫେୟାର କମିଟି ପକ୍ଷରୁ ବୃକ୍ଷରୋପଣ, କବରସ୍ଥାନ ପରିସର, ସକାଳ ୮ଟା।

■ଆଇସିଏସଇ ରାଜ୍ୟସ୍ତରୀୟ ହକି ଓ ସୁଇମିଂ ପ୍ରତିଯୋଗିତା, ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ, ପୂର୍ବାହ୍ନ ୯ଟା।

■ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ପୁରସ୍କାର ବିତରଣ ଉତ୍ସବ, କମଳିବଜାର ଗାୟତ୍ରୀ ପୀଠ, ପୂର୍ବାହ୍ନ ସାଢ଼େ ୯ଟା।

■କଳା ଓ ସଂସ୍କୃତିର ବିକାଶରେ ଲେଖକ, ଗବେଷକଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର, ପବ୍ଲିକ ଲାଇବ୍ରେରୀ ସଭା କକ୍ଷ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**

■ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସରକାରୀ ଉପ୍ରା ବିଦ୍ୟାଳୟ କମଳପୁର, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

■ମେଗା ଆଇନ ସଚେତନତା ଶିବିର, ଟାଉନ ହଲ, ପୂର୍ବାହ୍ନ ୧୦ଟା।

**ଲୋଇସିଂହା**

■ଦେୱାନୀ ଓ ଫୌଜଦାରୀ ଅଦାଲତର ନୂତନ କୋଠା ଉଦ୍‌ଘାଟନ ସମାରୋହ, ପୁରୁଣା କୋର୍ଟ ପରିସର, ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ**

■ଜାତୀୟ ଡାକ କର୍ମଚାରୀ ସଂଘ ସୁନ୍ଦରଗଡ ଡିଭିଜନର ଖୋଲା ଅଧିବେଶନ, ମୁଖ୍ୟ ଡାକଘର ପ୍ରାଙ୍ଗଣ, ପୂର୍ବାହ୍ନ ୧୦।୩୦।

**ନୂଆପଡା**

■ବିଶ୍ୱ ହେପାଟାଇଟିସ ଦିବସ ପାଳନ, ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ପୂର୍ବାହ୍ନ ୧୧ଟା।

**ବରଗଡ଼**

■ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଆନନ୍ଦ ମଣ୍ଡପ, ବରଗଡ଼, ସକାଳ ୮ଟା।

■କବ୍ ବୁଲ୍‌ବୁଲ୍ ଉତ୍ସବ, ଜର୍ଜ ହାଇସ୍କୁଲ, ବରଗଡ଼, ସକାଳ ୫ଟା ୩୦ମିନିଟ୍




■ଦିନ ଦ୍ୱିପ୍ରହରରେ ସାଙ୍ଗଙ୍କୁ ହାଣି ହତ୍ୟା ଘଟଣା

# ଧରା ପଡିଲେ ୨ ନାବାଳକ ଭାଇ

■ସନ୍ତୋଷ ପ୍ରତିଦିନ ଜଳଖିଆ ଖାଇ ପଇସା ଦେଉ ନ ଥିଲେ

■ଟଙ୍କା ମାଗିବାରୁ ମାରପିଟ କରୁଥିଲେ

■ଏହାର ପ୍ରତିଶୋଧ ନେଇଥିଲେ ୨ ଭାଇ

ସମ୍ବଲପୁର, ୨୭।୭ (ବ୍ୟୁରୋ)

ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ଫାଟକରେ ଗୁରୁବାର ଗୋପାଳମାଲ ଛକର ସନ୍ତୋଷ ପଟ୍ଟନାୟକ (୧୯)ଙ୍କୁ ହତ୍ୟା ଘଟଣାର ୩ ଦିନ ପରେ ପୋଲିସ ଉକ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ଦୁଇଜଣ ନାବାଳକଙ୍କୁ ଉଲୁଣ୍ଡା ଅଞ୍ଚଳରୁ ଧରିଛି । ସେମାନଙ୍କୁ ଶନିବାର ସ୍ୱତନ୍ତ୍ର କୋର୍ଟରେ ହାଜର କରିବା ପରେ ରାଉରକେଲା ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୩୦୧/୧୯)ରୁଜୁ ହୋଇଛି। ପୋଲିସ କହିଛି ଯେ, ଦୁଇ ଅଭିଯୁକ୍ତଙ୍କ ସାନ ଭାଇ ଫାଟକରେ ଏକ ଠେଲାରେ ଜଳଖିଆ ଦୋକାନ କରିଥିଲେ । ସନ୍ତୋଷ ନିତିଦିନ ଆସି ତାଙ୍କ ଦୋକାନରୁ ଜଳଖିଆ ଖାଉଥିଲେ। ହେଲେ ଟଙ୍କା ଦେଉ ନ ଥିଲେ ବରଂ ଓଲଟା ତାଙ୍କୁ ମାରପିଟ କରୁଥିଲେ। ବୁଧବାର ସନ୍ଧ୍ୟାରେ ବି ଏଭଳି ଘଟଣା ଘଟିଥିଲା। ଏଣୁ ସନ୍ତୋଷଙ୍କୁ ଅଭିଯୁକ୍ତ ଦି ଭାଇ ହତ୍ୟା କରିବାକୁ ଯୋଜନା କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଗୁରୁବାର ଖଣ୍ଡା, ଛୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ।

■ବାରିମୂଳ ଆଶ୍ରମରେ ଇଡିର ନୋଟିସ

# ଜବତ ଜମିରେ ସର୍ବସାଧାରଣଙ୍କ ଯାତାୟାତ ମନା

କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ, ୨୭।୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମ ମୁଖ୍ୟ ସାରଥି ଓରଫ ସନ୍ତୋଷ ରାଉଳ ଗତ ୨୫ ତାରିଖରେ ଜେଲରୁ ସର୍ତ୍ତମୂଳକ ଜାମିନ୍‌ରେ ମୁକୁଳିଛନ୍ତି। ଏହାପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତତ୍ପର ହୋଇଉଠିଛି।

୨୦୧୭ ସେପ୍ଟେମ୍ବର ୧ ରେ ଇଡି ପକ୍ଷରୁ ବାରିମୂଳ ମୌଜାରେ ସାରଥିଙ୍କ ୩ ଏକର ୪୨ ଡିସିମିଲ ଜମି ଜବତ କରାଯାଇଥିଲା। ଏନେଇ ସେତେବେଳେ ମାମଲା (ଓସି ନଂ. ୭୨୮/ ୧୭)ରୁଜୁ କରାଯାଇଥିଲା। ଶନିବାର ଜବତ ହୋଇଥିବା ଏହି ସବୁ ଜମି ଉପରେ ଇଡି ପକ୍ଷରୁ ସର୍ବସାଧାରଣଙ୍କ ଯାତାୟାତ ବାରଣ କରାଯାଇଛି। ଇଡିର ଏକ ୩ ଜଣିଆ ଟିମ୍ ଦିନ ୧୨ଟା ୪୫ରେ ବାରିମୂଳ ଆଶ୍ରମରେ ପହଞ୍ଚିଥିଲା। ଇଡିର ସହ ନିର୍ଦ୍ଦେଶକ ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଟିମ୍ ଆସି ଆଶ୍ରମର ମୁଖ୍ୟ ଦ୍ୱାର ନିକଟରେ ଏକ ନୋଟିସ ବୋର୍ଡ ଲଗାଇଥିଲେ। ଏ ସମ୍ପର୍କରେ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ୨୦୦୨ ଅନୁଯାୟୀ, ବିଭାଗର ପକ୍ଷରୁ ଏହି ନୋଟିସ ବୋର୍ଡ ଲଗାଯାଇଛି । ବାରିମୂଳ ମୌଜାର ୨୬ ପ୍ଲଟ ଏଥିରେ ସାମିଲ କରାଯାଇଛି । ବିଭାଗର ଜବତ ତାଲିକାରେ ଏହି ଜମିର ମାଲିକ ସନ୍ତୋଷ କୁମାର ରାଉଳ, ଶ୍ରୀମଦ ସାରଥି, ସତ୍ୟମ ଚାରିଟେବୁଲ ଟ୍ରଷ୍ଟ, ସତ୍ୟମ ଶେଖର ରାଉଳ, ପ୍ରବୀଣ କୁମାର ରାଉଳ ଓ ବିଚିତ୍ରାନନ୍ଦ ଭୂୟାଁ ରହିଛନ୍ତି । ମାମଲା ନ ସରିବା ପର୍ଯ୍ୟନ୍ତ ଏହି ଜମିକୁ କେହି ଅଧିକାରକୁ ନେଇ ପାରିବେ ନାହିଁ ଅଥବା ହସ୍ତାନ୍ତର କରାଯାଇ ପାରିବ ନାହିଁ ବୋଲି ନୋଟିସ୍‌ରେ ଦର୍ଶାଯାଇଛି। ଏନେଇ ସମ୍ପୃକ୍ତ ତହସିଲଦାରଙ୍କୁ ଜଣାଇ ଦିଆଯାଇଛି ବୋଲି ମିଶ୍ର କହିଛନ୍ତି । ସେକ୍ସନ୍ ୮(୪) ଅନୁଯାୟୀ, ଏଥିରେ ଖିଲାପକଲେ ଦଣ୍ଡିତ ହେବେ ବୋଲି ନୋଟିସ୍ ବୋର୍ଡରେ ଉଲ୍ଲେଖ କରାଯାଇଛି।



ବାରିମୂଳ ଆଶ୍ରମର ମୁଖ୍ୟ ଗେଟ ନିକଟରେ ନୋଟିସ ବୋର୍ଡ ଲଗାଯାଉଛି।

ସୂଚନାଯୋଗ୍ୟ ଯେ, ହାଇଦ୍ରାବାଦର ଏକ ହୋଟେଲରେ ରହଣିକୁ ନେଇ ୨୦୧୫ ମସିହାରେ ସାରଥି ବିବାଦୀୟ ହୋଇ ପଡ଼ିଥିଲେ । ଉକ୍ତ ବର୍ଷ ଅଗଷ୍ଟ ୮ ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କ୍ରାଇମ ବ୍ରାଞ୍ଚ ତାଙ୍କୁ ଗିରଫ କରିଥିବା ବେଳେ ତଦନ୍ତ ପାଇଁ ଇଡିକୁ ଦିଆଯାଇଥିଲା। ଏଥିସହ ଜଣେ ଡାକ୍ତରୀ ଛାତ୍ରୀ ସାରଥିଙ୍କ ବିରୋଧରେ କଟକରେ ଅଭିଯୋଗ କରିଥିଲେ। ତାଙ୍କୁ ଜୀବନରୁ ମାରି ଦେବା ପାଇଁ ସାରଥି ଉଦ୍ୟମ କରୁଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ସେହିପରି ବାରିମୂଳ ଆଶ୍ରମ ଅନ୍ତେବାସିନୀ ଥିବା ଜଣେ ମହିଳା ଓ ତାଙ୍କ ଝିଅ ସଦର ଥାନାରେ ସାରଥି ଓ ତାଙ୍କ ସହଯୋଗୀ ଶରତ ପାତ୍ରଙ୍କ ନାମରେ ଟଙ୍କା, ଜମି ଠକେଇ ଓ ବିବାହ ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିବା ନେଇ ଅଭିଯୋଗ କରିଥିଲେ। ଏନେଇ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ ସାରଥି ଓ ଶରତଙ୍କ ନାମରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ସେମାନେ ଜେଲରୁ ଜାମିନରେ ମୁକୁଳିଛନ୍ତି। ସାରଥି ଜେଲରୁ ବାହାରିବା ପରେ କେଉଁଆଡ଼େ ଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏନେଇ ତାଙ୍କ ଓକିଲ ମାନସ ଚାନ୍ଦ ସୂଚନା ଦେଇଛନ୍ତି, ସାରଥି ଏବେ ରାଜ୍ୟ ବାହାରେ ଅଛନ୍ତି। ଏନେଇ ସେ ଉଚ୍ଚ ନ୍ୟାୟାଳୟଠାରୁ ଅନୁମତି ନେବା ସହ ତଦନ୍ତ ଅଧିକାରୀଙ୍କୁ ରହିବା ଠିକଣା, ଯୋଗାଯୋଗ ଓ ଫୋନ ନମ୍ବର ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

ରାଉରକେଲା ଅଫିସ,୨୭।୭

ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଝିରପାଣି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନାଁ ଆକାଶ ଦ୍ୱିବେଦୀ (୨୨)। ଏ ନେଇ ପୋଲିସ ଦଫା ୩୭୬, ୫୦୬ରେ ଏକ ମାମଲା (ନଂ. ୮/୨୦୧୯) ରୁଜୁ କରି ଶନିବାର ଆକାଶଙ୍କୁ କୋର୍ଟ ଚାଲାଣ କରିଛି। ଆକାଶ ସଂପୃକ୍ତା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଗତ ୨ ତାରିଖରେ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ୍ କରୁଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ପ୍ରତାରିତ କରି ମଧ୍ୟପ୍ରଦେଶ ଖସିଯିବାକୁ ଉଦ୍ୟମ କରୁଥିଲେ। ପୋଲିସ ତାଙ୍କୁ ରାଉରକେଲା ରେଳୱେ ଷ୍ଟେଶନରୁ ଗିରଫ କରିଛି।

■ଦ୍ୱାରଶୁଣୀ ଘାଟିରେ ବୋଲେରୋ-ଟ୍ରକ୍ ଧକ୍କା

# ୨ ମୃତ, ୭ ଗୁରୁତର

■ ୫୦ଫୁଟ ତଳକୁ ଖସିପଡ଼ିଲା ଦୁଇ ଗାଡ଼ି

■ ବୋଲେରୋରେ ଯାଉଥିଲେ ୧୦ ବୋଲବମ୍ ଭକ୍ତ

ବାଙ୍ଗିରିପୋଷି, ୨୭।୭ (ଡି.ଏନ୍.ଏ.)


ଦୁର୍ଘଟଣାଗ୍ରସ୍ତ ଗାଡ଼ି ।

ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରଶୁଣୀ ଘାଟିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୧୦ ଜଣ ବୋଲବମ୍ ଭକ୍ତଙ୍କୁ ନେଇ ଯାଉଥିବା ଏକ ବୋଲେରୋ ସହ ଅପରପାର୍ଶ୍ୱରୁ ଆସୁଥିବା ଟ୍ରକ୍‌ର ମୁହାଁମୁହିଁ ଧକ୍କାହେବାରୁ ଉଭୟ ଗାଡି ପ୍ରାୟ ୫୦ ଫୁଟ୍ ଘାଟି ତଳକୁ ଖସିପଡିଥିଲା। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ଟ୍ରକ୍ ଏକପ୍ରକାର ଚୂର୍‌ମାର ହୋଇଯାଇଛି। ବୋଲେରୋ ଚାଳକ ରଣଜିତ କୁମାର ରାମ ଏବଂ ବୋଲ୍‌ବମ୍ ଭକ୍ତ ଶିବଶଙ୍କର ସାହୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କ ସମେତ ଅନ୍ୟ ୯ଜଣ ଆହତ ହୋଇଛନ୍ତି। ବାଙ୍ଗିରିପୋଷି ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତରେ ମୃତାହତଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ସଙ୍ଗେ ସଙ୍ଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ୯ଜଣଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ୩୦ କି.ମି. ଦୂର ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଥିଲା। ସାମାନ୍ୟ ଆହତ ହୋଇଥିବା ୨ ଜଣଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି। ଶନିବାର ବାରିପଦାରୁ ଜଣେ ଗୁରୁତର ଆହତଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମୃତାହତମାନେ ବାଙ୍ଗିରିପୋଷି ଅଞ୍ଚଳର ହୋଇଥିବାରୁ ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ବାଙ୍ଗିରିପୋଷି ଅଞ୍ଚଳର ୧୦ ଜଣ ଯୁବ ବ୍ୟବସାୟୀ ଏବଂ ଯୁବକ ମିଶି କୋରାପୁଟ ଜିଲା ଗୁପ୍ତେଶ୍ୱର ପୀଠରେ ଜଳ ଢାଳିବା ପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଓଡି୧୧ଇ୧୨୮୪ ନମ୍ବର ବିଶିଷ୍ଟ ବୋଲେରୋରେ ବାହାରିଥିଲେ। ସେମାନେ ମାତ୍ର ୧ କି.ମି. ଦୂର ଯାଇ ଦ୍ୱାରଶୁଣୀ ଘାଟି ଅତିକ୍ରମ କରୁଥିବା ବେଳେ ଟ୍ରକ୍ ସହ ଧକ୍କାହୋଇ ଘାଟି ତଳକୁ ଖସି ପଡିଥିଲା। ଦୁର୍ଘଟଣାସ୍ଥଳର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ । ରାତି ଅନ୍ଧାର ସତ୍ତ୍ୱେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘାଟି ତଳକୁ ଯାଇ ମୃତାହତଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ନମ୍ବର ଜେଏଚ୍‌୦୨ଏଏମ୍‌୭୮୦୬ । ଏ ନେଇ ପୋଲିସ ବାଙ୍ଗିରିପୋଷି ଥାନାରେ ଏକ ମାମଲା ରୁଜୁକରି ୨ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମେଗା ଜଳପ୍ରକଳ୍ପରେ ତାଲା ପକାଇଲେ ଚାଷୀ

ଗୁଡଭେଲା, ୨୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କୁକେଡମାଲସ୍ଥିତ ତାଣ୍ଡିଗାଁ ମେଗା ଜଳ ପ୍ରକଳ୍ପରେ ଶନିବାର କୁକେଡମାଲର ଚାଷୀମାନେ ତାଲା ପକାଇ ଦେଇଛନ୍ତି। ୨୦୦୦ ହେକ୍ଟର ଜମିକୁ ପାଣି ମଡାଇବା ଲକ୍ଷ୍ୟ କରି କରାଯାଇଥିବା ଏହି ପ୍ରକଳ୍ପ ଉପରେ ନୂଆପଡା, ତାଣ୍ଡିଗାଁ, ସମରା, ଲୁର୍କି, କନ୍ଦାମୁଣ୍ଡା ଆଦି ଗ୍ରାମର ଚାଷୀମାନେ ନିର୍ଭର କରନ୍ତି। କୁକେଡମାଲରେ ମେଗା ଜଳ ପ୍ରକଳ୍ପ ବସିଥିଲେ ମଧ ସେମାନଙ୍କ ଜମିକୁ ପାଣି ମାଡୁ ନ ଥିବା ଅଭିଯୋଗ କରି ସେହି ଗାଁର ଚାଷୀମାନେ ଏହି ତାଲା ପକାଯାଇଥିବା କହିଛନ୍ତି। ଆଗକୁ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।







# ପୁରୀରେ ହାଇକୋର୍ଟ ଗେଷ୍ଟ ହାଉସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ


ଗେଷ୍ଟ ହାଉସ୍ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ସୁପ୍ରିମକୋର୍ଟ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଝାବେରି।

ପୁରୀ ଅଫିସ,୨୭।୭

ପୁରୀଠାରେ ଓଡ଼ିଶା ହାଇକୋର୍ଟ ଗେଷ୍ଟ ହାଉସ୍ ନିର୍ମାଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟ ଜଷ୍ଟିସ୍ ଅରୁଣ ମିଶ୍ର ଯୋଗଦେଇ ଗେଷ୍ଟ ହାଉସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଝାବେରି, ଜିଲା ଜଜ୍ ବିଦ୍ୟୁତ କୁମାର ମିଶ୍ର, ଜଷ୍ଟିସ୍ ବି. ରଥ, ଜଷ୍ଟିସ୍ ପି. ପଟ୍ଟନାୟକ, ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୮୦ ମସିହାରେ ପୁରୀ ଏସ୍‌ପି ଅଫିସ ନିକଟରେ ଏକ ଗେଷ୍ଟ ହାଉସ୍ ନିର୍ମିତ ହୋଇଥିଲା। ଫନୀ ବାତ୍ୟାରେ ତାହା ଭାଙ୍ଗିଯାଇଛି। ତେଣୁ ନୂତନ ଗେଷ୍ଟ ହାଉସ୍ ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ପୁରୀ ଗସ୍ତ ଅବସରରେ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଜଷ୍ଟିସ୍ ଝାଭେରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

■ ତାଳଚେର ଭରତପୁର ଖଣିରେ ଉଦ୍ଧାର କାର୍ଯ୍ୟ ଜାରି

# ଖଣି ପରିଚାଳକ ନିଲମ୍ବିତ

ସମ୍ବଲପୁର/ତାଳଚେର,୨୭।୭(ବ୍ୟୁରୋ/ନି.ପ୍ର.)- ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ କୋଇଲା ତଳେ ଦବିଯାଇଥିବା ୪ ଶ୍ରମିକଙ୍କ ମଧ୍ୟରୁ ୩ଜଣଙ୍କ ମୃତଦେହ ଶୁକ୍ରବାର ସୁଦ୍ଧା ଉଦ୍ଧାର କରାଯାଇ ସାରିଛି। ବାକିଥିବା ଆଉ ଜଣେ ଶ୍ରମିକଙ୍କୁ ବାହାର କରିବା ପାଇଁ ଶନିବାର ୪ର୍ଥ ଦିନରେ ଉଦ୍ୟମ ଜାରି ରହିଥିଲେ ବି ସଫଳତା ମିଳିପାରି ନାହିଁ। ତେବେ ଏନ୍‌ଡିଆର୍‌ଏଫ୍ ଓ ରେସ୍‌କ୍ୟୁ ଟିମ୍ ଏକ କଟା ହାତ ସହ ଦେହର କିଛି ଅଂଶ ଉଦ୍ଧାର କରିଥିବା ଜଣାପଡ଼ିଛି। ଏହା ଖଣି ଭିତରେ ଚାପି ହୋଇ ରହିଥିବା ସିକ୍ୟୁରିଟି ଗାର୍ଡ ରମେଶ ଦାସଙ୍କର ବୋଲି ପୋଲିସ ଅନୁମାନ କରୁଛି। ଅପରପକ୍ଷରେ ଖଣିରେ ମଙ୍ଗଳବାର ଘଟିଥିବା ଏହି ଦୁର୍ଘଟଣା ପାଇଁ ଏମ୍‌ସିଏଲ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଖଣି ପ୍ରବନ୍ଧକ ଭି.କେ. ସିଂଙ୍କୁ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶନିବାର ନିଲମ୍ବିତ କରିଥିବା ଏକ ପ୍ରେସ୍ ବିବୃତିରେ ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ୫ ଦଫା ଦାବି ନେଇ ଭାଜପା ପକ୍ଷରୁ ଖଣିବନ୍ଦ ଆନ୍ଦୋଳନ ଜାରି ରହିଥିବାରୁ ତାଳଚେର କୋଲ୍ ଫିଲଡସରେ ଥିବା ସମସ୍ତ ଖଣିରୁ କୋଇଲା ଉତ୍ତୋଳନ, ପରିବହନ ବନ୍ଦ ରହିଛି।

ଭାରତର ନିର୍ବାଚନ ଆୟୋଗ
www.eci.gov.in
*ସିରିଜ୍ ୨: ଲୋକସଭା ନିର୍ବାଚନ ୨୦୧୯ରେ ମହିଳାଙ୍କ ଅଂଶଗ୍ରହଣ ସମ୍ପର୍କରେ ଜାଣନ୍ତୁ
ଆମ ଦେଶର ନିର୍ବାଚନୀ ତଥ୍ୟଗୁଡ଼ିକୁ ଜାଣନ୍ତୁ
ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ହୋଇଥିବାରୁ ଆମେ ଗର୍ବିତ




ଲିଙ୍ଗଗତ ବ୍ୟବଧାନ ହ୍ରାସିତ:
- ୨୦୧୯ ନିର୍ବାଚନ ପାଇଁ ପଞ୍ଜୀକୃତ ମହିଳା ଭୋଟରଙ୍କ ସଂଖ୍ୟା ୪୩୮,୪୯୧,୫୧୭ ଥିଲା, ଏହା ତୁଳନାରେ ୨୦୧୪ ନିର୍ବାଚନରେ ମହିଳା ଭୋଟରଙ୍କ ସଂଖ୍ୟା ୩୯୭,୦୪୯,୯୪୧ ରହିଥିଲା।
- ନିର୍ବାଚକ ନାମାବଳୀରେ ଲିଙ୍ଗଗତ ଅନୁପାତ ବର୍ଷ ୨୦୧୪ରେ ୯୦୮ ତୁଳନାରେ ଐତିହାସିକ ବୃଦ୍ଧି ସହିତ ବର୍ଷ ୨୦୧୯ରେ ୯୩୦ ଥିଲା।
- ପୁରୁଷ ଓ ମହିଳାଙ୍କ ମଧ୍ୟରେ ଲୈଙ୍ଗିକ ବ୍ୟବଧାନ ବର୍ଷ ୨୦୧୪ର ୧.୪୬% ତୁଳନାରେ ବର୍ଷ ୨୦୧୯ ନିର୍ବାଚନରେ ହ୍ରାସ ପାଇ ମାତ୍ର ୦.୧୦% ରହିଥିଲା ।
- ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ-୬୫.୩୮%, ଅରୁଣାଚଳ ପ୍ରଦେଶ- ୮୦.୭୦%, ବିହାର- ୫୯.୬୦%, ଚଣ୍ଡିଗଡ଼- ୭୦.୮୩%, ଦାଦ୍ରା ଓ ନଗର ହାବେଳି- ୮୧.୧୭%, ଡାମନ ଓ ଡିଉ- ୭୫.୪୭%, ଗୋଆ- ୭୬.୧୬%, ହିମାଚଳ ପ୍ରଦେଶ- ୭୨.୦୮%, ଝାଡ଼ଖଣ୍ଡ- ୬୪.୯୨%, କେରଳ- ୭୮.୮୦%, ଲାକ୍ଷାଦ୍ୱୀପ- ୮୬.୪୯%, ମଣିପୁର- ୮୪.୧୪%, ମେଘାଳୟ- ୭୩.୯୪%, ଓଡ଼ିଶା- ୭୪.୧୪%, ପୁଡୁଚେରୀ- ୮୧.୫୨%, ତାମିଲନାଡୁ- ୭୨.୨୦%, ଉତ୍ତରାଖଣ୍ଡ- ୬୪.୪୫%, ପଶ୍ଚିମବଙ୍ଗ- ୮୧.୮୦%)ରେ ଲୋକସଭା ନିର୍ବାଚନ ୨୦୧୯ରେ ମହିଳାଙ୍କ ଅଂଶଗ୍ରହଣ ପୁରୁଷଙ୍କଠାରୁ ଉଚ୍ଚତର ରହିଥିବା ରେକର୍ଡ କରାଯାଇଥିଲା ।
- ଲୋକସଭା ନିର୍ବାଚନ ୨୦୧୯ରେ ଦେଶର ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଅତି କମ୍‌ରେ ଗୋଟିଏ ମତଦାନ କେନ୍ଦ୍ରର ସମ୍ପୂର୍ଣ୍ଣ ବ୍ୟବସ୍ଥା କେବଳ ମହିଳାଙ୍କ ଦ୍ୱାରା କରାଯାଇଥିଲା, ଯେଉଁଠି ମୁତୟନ ହୋଇଥିବା ସମ୍ପୂର୍ଣ୍ଣ ପୋଲିଂ କର୍ମଚାରୀ, ପୋଲିସ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ ମହିଳା ଥିଲେ ।
- ବର୍ଷ ୨୦୧୪ ନିର୍ବାଚନରେ ନିର୍ବାଚିତ ୬୨ ମହିଳା ସାଂସଦଙ୍କ ତୁଳନାରେ ଲୋକସଭା ୨୦୧୯ ନିର୍ବାଚନରେ ୭୮ ଜଣ ମହିଳା ସାଂସଦ ନିର୍ବାଚିତ ହୋଇଛନ୍ତି ।

ଲକ୍ଷ୍ୟିତ ହସ୍ତକ୍ଷେପ:
- ଲକ୍ଷ୍ୟିତ ପ୍ରଚାର ଅଭିଯାନ ଡିଜାଇନ କରିବା:- ଆଉଟ୍‌ଡୋର୍ ଓ ଗଣମାଧ୍ୟମରେ ମହିଳା କୈନ୍ଦ୍ରିକ ବାର୍ତ୍ତା ମାଧ୍ୟମରେ ପହଞ୍ଚ । ବିଶେଷ କରି ନବବିବାହିତ ମହିଳାଙ୍କ ଲକ୍ଷ୍ୟିତ କରାଯାଇଥିଲା ।
- ମତଦାତା ପଞ୍ଜୀକରଣରେ ଲିଙ୍ଗଗତ ବ୍ୟବଧାନର ତତ୍ତ୍ୱାବଧାନ:- ଆଶା/ଅଙ୍ଗନୱାଡ଼ି କର୍ମୀ, ଶିକ୍ଷାମିତ୍ର ଏବଂ ଅନ୍ୟାନ୍ୟ ତୃଣମୂଳ ସ୍ତର କର୍ମୀଙ୍କ ମାଧ୍ୟମରେ ଦ୍ୱାରଦେଶ ସୂଚନା ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜନ ।
- ହିତଧାରକଙ୍କ ଅଂଶଗ୍ରହଣ:- ସଚେତନା ସୃଷ୍ଟି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହିଳା ସମବାୟ ସମିତିଗୁଡ଼ିକ ସହିତ ଭାଗୀଦାରିତା ।
- ମତଦାନକୁ ସହଜ କରିବା ପାଇଁ ସୁବିଧା ଯୋଗାଇବା:- ମତଦାନ କେନ୍ଦ୍ରଗୁଡ଼ିକରେ ପୃଥକ୍ ଧାଡ଼ି, ଶୌଚାଳୟ ବ୍ୟବସ୍ଥା, କ୍ରେଚ୍ ଏବଂ ସ୍ୱେଚ୍ଛାସେବୀଙ୍କ ସେବା ମାଧ୍ୟମରେ ମହିଳା ମତଦାତାଙ୍କୁ ସୁବିଧା ପ୍ରଦାନ ।
- ଜାତୀୟ ଏବଂ ରାଜ୍ୟସ୍ତରୀୟ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରୋଲ୍ ମଡେଲ:- ଏମ୍‌ସି ମେରି କମ୍ ଏବଂ ସାଇନା ନେହ୍ୱାଲଙ୍କ ଭଳି ମହିଳା ସଶକ୍ତୀକରଣର ପ୍ରତୀକ ସାଜିଥିବା ଲୋକପ୍ରିୟ ମୁହଁଙ୍କ ଦ୍ୱାରା ପ୍ରଚାର ।
- ମହିଳାଙ୍କ ବର୍ଦ୍ଧିତ ସମ୍ପୃକ୍ତି:- ରଙ୍ଗୋଲି, ସାମୂହିକ ସଙ୍ଗୀତ ପ୍ରତିଯୋଗିତା ଭଳି ମହିଳା କୈନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ନିର୍ବାଚନୀ ସମ୍ପୃକ୍ତି ଲାଗି ପ୍ରୋତ୍ସାହନ ସୃଷ୍ଟି ।

*୨୦୧୯ ନିର୍ବାଚନ ବିଷୟ ସଂକ୍ରାନ୍ତୀୟ ଅନ୍ୟାନ୍ୟ ତଥ୍ୟ ପରବର୍ତ୍ତୀ ସିରିଜ୍‌ରେ ପ୍ରକାଶ ପାଇବ।
davp 52101/13/0055/1920



"ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି। - ଚାର୍ଲସ ବକ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ............................



ଝୁମା
ପରିବାରବର୍ଗ



କାହ୍ନା
ପରିବାରବର୍ଗ



କ୍ରିଶୁ
ପରିବାରବର୍ଗ



ପ୍ରିୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଡାଟିଲେ ଶିକ୍ଷୟିତ୍ରୀ**

# ୭ ପିଲାଙ୍କୁ ନିସ୍ତୁକ ପିଟିଲେ

**ନବରଙ୍ଗପୁର/ଉମରକୋଟ,୨୭।୭(ବି.ପ୍ର/ଡି.ଏନ.ଏ)**

ଶିକ୍ଷୟିତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ପାରି ନ ଥିଲେ ୩ୟ ଶ୍ରେଣୀର ଛାତ୍ରୀଛାତ୍ର। ଏଥିରେ ଶିକ୍ଷୟିତ୍ରୀ ରାଗିଯାଇ ଛାତ୍ରୀଛାତ୍ରଙ୍କୁ ନିର୍ଧୂମ ମାଡମାରିଥିଲେ। ଏଥିରେ ଜଣେ ଛାତ୍ରୀ ଓ ୬ ଜଣ ଛାତ୍ର ଆହତ ହୋଇଥିଲେ। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ମୁର୍ତ୍ତୁମା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏପରି ଘଟଣା ଘଟିଛି। ଆହତ ଛାତ୍ରୀଛାତ୍ରଙ୍କୁ ଶନିବାର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଆହତ ଛାତ୍ରୀଛାତ୍ରଙ୍କ କହିବା ଅନୁଯାୟୀ ଶୁକ୍ରବାର ସ୍କୁଲର ଜନୈକ ଶିକ୍ଷୟିତ୍ରୀ ସେମାନଙ୍କୁ ପ୍ରଶ୍ନ ପଚାରିଥିଲେ। କିନ୍ତୁ ଛାତ୍ରୀଛାତ୍ରମାନେ ଉତ୍ତର ଦେଇ ପାରି ନ ଥିଲେ। ଏହା ପରେ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ହାତ ଓ ବାଡିରେ ନିସ୍ତୁକ ମାଡ ମାରିଥିଲେ। ରାତିରେ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କ ପିଠିରେ ମଲମ ଲଗାଇ କ୍ଷତଗୁଡିକ ଶୁଖାଇ ଦେବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କ ପିଠିରେ ଯନ୍ତ୍ରଣା ନ କମିବାରୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ବେଣୁଧର ଭତ୍ରା ଏକ ଅଟୋରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶନିବାର ଚିକିତ୍ସା କରିବାକୁ ଆଣିଥିଲେ। ଜଣେ ଛାତ୍ରଙ୍କୁ ଅଧିକ ମାଡ ହୋଇଥିବାରୁ ଏକ୍ସରେ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଚିକିତ୍ସିତ ହେବା ପରେ ପୁଣି ପିଲାମାନଙ୍କୁ ବିଦ୍ୟାଳୟ ଫେରାଇ ନିଆଯାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରି ବୁଝିଥିଲେ। ସମସ୍ତ ପିଲାଙ୍କ ହାତ ଓ ପିଠିରେ ମାଡ ମରାଯାଇଥିବା ଚିହ୍ନ ଦେଖିବାକୁ ମିଳିଥିଲା। ଏହି ଘଟଣା ଜାଣିବା ପରେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଘଟଣା ଚପାଇବା ପାଇଁ ଉଦ୍ୟମ କରିଥିଲେ। ପିଲାଙ୍କୁ ମାଡ ହୋଇଥିବା ନେଇ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ସ୍ୱୀକାର କରିବା ସହ ପିଲାଙ୍କୁ ମାଡ ମାରିବା ଠିକ ନୁହେଁ ବୋଲି କହିଛନ୍ତି। ବ୍ଲକଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ମାଡ ମାରିଥିବା ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନଷ୍ଠାନ ପାଇଁ ଅଭିଭାବକ ଦାବି କରିଛନ୍ତି।



ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଛାତ୍ରୀଛାତ୍ର।

# ଭାତ ନ ଦେବାରୁ ସ୍ତ୍ରୀଙ୍କୁ ପିଟି ମାରିଦେଲେ

**ପାଟଣା,୨୭।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରାପଡ଼ା ପଞ୍ଚାୟତ ଗାଲଫୁଲା ମୁଣ୍ଡାସାହିରେ ଶୁକ୍ରବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ବେଲ ମୁଣ୍ଡା(୪୪)ଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପାଟଣା ପୋଲିସ ଶନିବାର ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୯୪/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତା ବେଲଙ୍କ ସ୍ୱାମୀ ବୀର ମୁଣ୍ଡା ଶୁକ୍ରବାର ବିଲରୁ କାମ ସାରି ଫେରିବା ପରେ ତାଙ୍କୁ ଭାତ ଖାଇବା ପାଇଁ ମାଗିଥିଲେ। ବେଲ ଭାତ ରୋଷେଇ କରି ନ ଥିବା କହିବାରୁ ସେ ରାଗିଯାଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ବୀର କ୍ରୋଧରେ ମାନସିକ ଭାରସାମ୍ୟ ହରାଇ ବେଲଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ବେଲଙ୍କର ମୃତ୍ୟୁ ଘଟିଥିଲା ବୋଲି ସେ ଥାନାରେ ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

■ପାଣି ଭିତରେ ଲଞ୍ଚ ଖରାପ

# ୩ଘଣ୍ଟା ଜଳବନ୍ଦୀ ହୋଇ ରହିଲେ ଯାତ୍ରୀ

**ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ଲଞ୍ଚ ଘାଟରେ ଅବ୍ୟବସ୍ଥା ଲାଗି ରହିଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଏକ ଲଞ୍ଚ ଯାତ୍ରୀଙ୍କୁ ନେଇ ଯାଉଥିବା ପାଣି ଭିତରେ ଖରାପ ହୋଇଯିବାରୁ ୩ଘଣ୍ଟା ଧରି ଯାତ୍ରୀମାନେ ଜଳବନ୍ଦୀ ହୋଇ ରହିଥିଲେ। ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା।

ଖବରରୁ ଜଣାପଡିଛି ମାଲ୍ୟବନ୍ତ ନାମକ ଲଞ୍ଚ ଶନିବାର ପୂର୍ବାହ୍ନ ୧୧ଟାରେ ୬୦/୭୦ ଜଣ ଯାତ୍ରୀଙ୍କୁ ନେଇ ବାଲିମେଳା ଜଳଭଣ୍ଡାର ଦେଇ ବିଚ୍ଛିନ୍ନାଞ୍ଚଳର ଯନ୍ତ୍ରୀ ଗ୍ରାମ ଅଭିମୁଖେ ଯାତ୍ରା କରିଥିଲା। ୧୫ କିଲୋମିଟର ଯାତ୍ରା କଲା ପରେ ଲଞ୍ଚଟି ଡାଇକ୍-୧ ଗ୍ରାମ ନିକଟରେ ଖରାପ ହୋଇ ଅଟକି ଯାଇଥିଲା। ଲଞ୍ଚଟି ପାଣି ଭିତରେ ୩ଘଣ୍ଟା ଅଟକି ରହିଥିବା ବେଳେ ଏହାକୁ ମରାମତି କରିବା ସମ୍ଭବ ହୋଇ ନ ଥିଲା। ପରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଲଞ୍ଚ ଦ୍ୱାରା ଏହାକୁ ଉଦ୍ଧାର କରି କୂଳକୁ ଅଣାଯାଇଥିଲା। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗୁରୁପ୍ରିୟା ସେତୁ ନିର୍ମାଣର ବର୍ଷେ ପୂରିଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଅଞ୍ଚଳର ସମସ୍ୟା ସୁଧୁରିପାରିନାହିଁ। ଜଡାମ୍ବ, ପଣସପୁଟ, ଅଣ୍ଡ୍ରାପାଲି, ଯନ୍ତ୍ରୀ ଆଦି ପଞ୍ଚାୟତକୁ ଯିବାକୁ ହେଲେ ଲୋକେ ଭଙ୍ଗା ଦଦରା ଲଞ୍ଚ ଉପରେ ନିର୍ଭର କରୁଛନ୍ତି। ଏଠାରେ ଗମନାଗମନର ଏକମାତ୍ର ସାଧନ ଲଞ୍ଚ ହୋଇଥିବା ବେଳେ ପ୍ରଶାସନ ଘାଟକୁ ନୂଆ ଲଞ୍ଚ ଯୋଗାଇ ଦେଉନି। ତୁରନ୍ତ ଘାଟକୁ ନୂତନ ଲଞ୍ଚ ଯୋଗାଇ ଦେବାପାଇଁ ଯନ୍ତ୍ରୀ ଏବଂ ଜଡାମ୍ବବାସୀ ଦାବି କରିଛନ୍ତି।

**ଢାବାରେ ନାବାଳକ ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ**

# ତଦନ୍ତ ଆରମ୍ଭ କଲା ଏଚ୍ଆର୍‌ପିସି

■ବଦଳିଲେ ବାଲିଆପାଳ ଥାନା ଅଧିକାରୀ

■ପରିବାର ଲୋକଙ୍କୁ ନ ଜଣାଇ ବ୍ୟବଚ୍ଛେଦ ଉଦ୍ୟମକୁ ନେଇ ଉତ୍ତେଜନା

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ବାଲେଶ୍ୱର ଜିଲା ବାଲିଆପାଳ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ କାମ କରୁଥିବା ଜଣେ ୧୫ବର୍ଷର ନାବାଳକଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଲଙ୍କାକାଣ୍ଡ ଘଟିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା ରୂପ ଦେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବାଲିଆପାଳ ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କୁ ଗୋଡ଼ାଇ ପିଟିଥିଲେ। ଏଥିସହ ଢାବା ମାଲିକଙ୍କ ଘରକୁ ପୋଡ଼ି ଦେଇଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳରେ ଏବେ ପୋଲିସ ଫୋର୍ସ ମୁତୟନ ରହିଛି। ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଶନିବାର ତଦନ୍ତ ପାଇଁ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ (ଏଚ୍ଆର୍‌ପିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଏଚ୍ଆର୍‌ପିସି ଡିଏସ୍‌ପି ରଞ୍ଜିତ ନାୟକ ବାଲେଶ୍ୱର ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ମୃତ ନାବାଳକଙ୍କ ମା' ଶାନ୍ତିଲତା ଦଳେଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ପୂରା ଘଟଣା ଉପରେ ନଜର ରଖିବାକୁ ବାଲେଶ୍ୱର ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେବା ସହ ନିରପେକ୍ଷ ତଦନ୍ତ କରାଯିବ ବୋଲି ମୃତକଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ରେମୁଣା ଥାନା ଅଧିକାରୀ ରଞ୍ଜିତ ସାହୁଙ୍କୁ ବାଲିଆପାଳ ଥାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ନେଇ ପୋଲିସ ଡିଜି ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଢାବାରେ ନାବାଳକଙ୍କୁ ବେଆଇନ ଭାବେ କାମରେ ନିୟୋଜିତ କରାଯାଇଥିଲେ ମଧ୍ୟ ଚାଇଲ୍ଡ ଲାଇନ୍ ଓ ପୋଲିସ କ'ଣ କରୁଥିଲା ? ପୁଣି ମୃତ୍ୟୁକୁ ଆତ୍ମହତ୍ୟା ରୂପ ଦିଆଯାଇଥିବା ନେଇ ହେଉଥିବା ଅଭିଯୋଗ ବାଲିଆପାଳ ପୋଲିସର କାର୍ଯ୍ୟାଧାରାକୁ ଅଙ୍ଗୁଠି ନିର୍ଦ୍ଦେଶ କରୁଛି। ଏପରିସ୍ଥଳେ ନିରପେକ୍ଷ ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ନେଇ ମଧ୍ୟ ସନ୍ଦେହ ଉପୁଜୁଛି। ପୋଲିସର ଭୁଲ୍‌କୁ ହୁଏତ ତଦନ୍ତ ରିପୋର୍ଟରେ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଶନିବାର ପୋଲିସ ପରିବାର ଲୋକଙ୍କୁ ନ ଜଣାଇ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ଉଦ୍ୟମ କରିଥିଲା। ଏହାକୁ ଲୋକେ ତୀବ୍ର ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ସ୍ଥାନୀୟ ମୁରବି ଲୋକଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

**ପ୍ରଥମ ପୃଷ୍ଠାରୁ...**

## ଶ୍ରୀମନ୍ଦିରରେ...

ଗ୍ରହଣ କରାଯାଇଥିଲା। ଇତିମଧ୍ୟରେ ପୁରୀ ସହରର ୧୯୦ ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ପୁରୀ ସହରର ଅବଶିଷ୍ଟ, ପୁରୀ ସଦର, ସତ୍ୟବାଦୀ ଓ ଗୋପ ବ୍ଲକର କୌଣସି କ୍ଷତିଗ୍ରସ୍ତଙ୍କୁ ଏହି ସହାୟତା ଦିଆଯାଇନାହିଁ।

ସାଧାରଣତଃ ଏପ୍ରିଲ ଓ ମେ ମାସରେ କୁମ୍ଭକାରମାନେ ବର୍ଷକ ପାଇଁ ମାଟି, କାଠ, ବାଲି, ଝାଉଁ ଝାଟି ଓ ଛଣ ଇତ୍ୟାଦି କଞ୍ଚାମାଲ ସଂଗ୍ରହ କରି ରଖିଥାନ୍ତି। ଚଳିତବର୍ଷ ମେ ମାସ ପ୍ରାରମ୍ଭରେ ବାତ୍ୟା ଯୋଗୁ ଅନେକ କୁମ୍ଭକାର କଞ୍ଚାମାଲ ସଂଗ୍ରହ କରିପାରି ନ ଥିଲେ। ଯେଉଁମାନେ ସଂଗ୍ରହ କରିଥିଲେ ତାହା ବର୍ଷା, ପବନରେ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ଶାଳଘର, ଚକ ଏବଂ କଞ୍ଚାମାଲ ନଷ୍ଟ ହୋଇଥିବାବେଳେ ପ୍ରଶାସନିକ ସହାୟତା ୮,୨୦୦ ଟଙ୍କା ସମୁଦ୍ରକୁ ଶଙ୍ଖେ ବୋଲି କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କହିଛନ୍ତି। ଅପରପକ୍ଷେ ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାବେଳେ କୁମ୍ଭକାରମାନେ ସେମାନଙ୍କ ଶାଳଘର ଓ ଭାଟି ପୁନଃନିର୍ମାଣ କରିପାରିନାହାନ୍ତି। ଫଳରେ ହାଣ୍ଡିକୁଡ଼ୁଆ ପ୍ରସ୍ତୁତି ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସାଧାରଣତଃ ବର୍ଷାଋତୁରେ ହାଣ୍ଡିକୁଡ଼ୁଆ ପ୍ରସ୍ତୁତି ହ୍ରାସ ପାଉଥିବାବେଳେ ଚଳିତବର୍ଷ ଏହି ସମସ୍ୟା ଦୁଇଗୁଣା ହୋଇଛି। ଏହାର ପ୍ରଭାବ ଏବେଠୁ ଶ୍ରୀମନ୍ଦିରରେ ପରିଲକ୍ଷିତ ହେଲାଣି।

ଏ ସମ୍ପର୍କରେ ସୁଆର ସେବକ ଭୁବନେଶ୍ୱର ପଣ୍ଡା କହିଛନ୍ତି, ବରାଦୀ ଭୋଗ ପାଇଁ କୁଡ଼ୁଆର ସଙ୍କଟ ଦେଖାଦେଲାଣି। ପୂର୍ବରୁ ଯେଉଁ କୁଡ଼ୁଆ ୫ହଜାର ଟଙ୍କାରେ କିଣୁଥିଲୁ ଏବେ ଏହା ୧୩ହଜାର ଟଙ୍କାରେ କିଣୁଛୁ। ବାତ୍ୟା ପରଠାରୁ କୁଡ଼ୁଆ ଦର ବଢିବାରେ ଲାଗିଛି, ଆଗକୁ ମଧ୍ୟ ଆହୁରି ବଢିପାରେ। କୁଡ଼ୁଆର ଅଭାବ ପରୋକ୍ଷରେ ମହାପ୍ରସାଦ ଦର ଉପରେ ପଡୁଛି। ଏଥିପାଇଁ ସୁଆର ସେବକଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ। ଏହାର ସମାଧାନ ନେଇ ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମ କରିବା ଜରୁରୀ। ସେହିପରି ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ମଧୁସୂଦନ ଦାଶ କହିଛନ୍ତି, ପୁରୀ ସହର ଏବଂ ବ୍ରହ୍ମଗିରି ବ୍ଲକର ସମସ୍ତ କୁମ୍ଭକାରଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଆଲଟମେଣ୍ଟ ଚାଲିଆସିଲେ ପୁରୀ ସଦର ଏବଂ ଅନ୍ୟାନ୍ୟ ବ୍ଲକର କୁମ୍ଭକାରଙ୍କୁ ସହାୟତା ଦିଆଯିବ। କୁଡ଼ୁଆ ସମ୍ପର୍କରେ ସେ କହିଥିଲେ, କୋଠଭୋଗ ପାଇଁ କୁଡ଼ୁଆର କୌଣସି ଅଭାବ ନାହିଁ। ବରାଦୀ ମହାପ୍ରସାଦ ପାଇଁ କୁଡ଼ୁଆର ଅଭାବ ନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇନାହିଁ।

(ରିପୋର୍ଟ-ହେମନ୍ତ କୁମାର ନାୟକ)

## ୩ ପୋଲିସ...

ନିକଟସ୍ଥ ମଝାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମେ ନେଇଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୋର ସମୟରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ଅଣା ଯାଇଥିଲା। ସକାଳ ୬ଟା୪୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀଲଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସହ ପୋଲିସର ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏପରି କି ସୁନୀଲଙ୍କ ପରିବାର ପକ୍ଷରୁ ତାଙ୍କୁ ପୋଲିସ ପିଟିପିଟି ମାରିଦେଇଥିବା ନେଇ ଗଣମାଧ୍ୟମ ଆଗରେ ଅଭିଯୋଗ ହୋଇଥିଲା। ଏସ୍.ପି ମିଶ୍ରା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଏହି ଘଟଣାର ଅନୁଧ୍ୟାନ କରିବା ସହ ଏଚ୍ଆରପିସିର ଜଣେ ଡିଏସ୍‌ପି ନିବେଦିତା ସୋରେଙ୍ଗଙ୍କୁ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ ନିମନ୍ତେ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଡିଏସ୍‌ପି ସୋରେଙ୍ଗ ଏହି ଘଟଣାର ତଦନ୍ତ ରିପୋର୍ଟ ଗତ ୨୫ ତାରିଖରେ ପ୍ରଦାନ ପରେ ଏସପି ଏହି ୩ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୋଠା ଭୁଶୁଡ଼ିବା ଘଟଣା

# ଦୋଷ ଛଡ଼ାଇବାକୁ କର୍ତ୍ତୃପକ୍ଷଙ୍କ ଉଦ୍ୟମ

**ବ୍ରହ୍ମପୁର ଅଫିସ,୨୭।୭**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାବେରୀ ଛାତ୍ରୀନିବାସ କୋଠା ଭୁଶୁଡିବା ଘଟଣାକୁ ୩ଦିନ ବିତିଛି। କିନ୍ତୁ ଏଯାଏ ତଦନ୍ତ ଆରମ୍ଭ ହୋଇନି। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ତ୍ତୃପକ୍ଷ କୋଠା ନିର୍ମାଣ କରି ନ ଥିବା ଯୋଗୁ ଏଭଳି ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ, କୁଳସଚିବ ରଞ୍ଜନ ବିଶ୍ୱାଳ ଘଟଣା ପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ସରକାରଙ୍କ ନିକଟକୁ ବହୁବାର ହଷ୍ଟେଲଗୁଡିକର କାନ୍ଥ ଅବସ୍ଥା ଭଲ ନ ଥିବା, ଅନ୍ୟାନ୍ୟ କୋଠାର ପୁନଃ ନିର୍ମାଣ ପାଇଁ ପାଣ୍ଠି ଦେବାକୁ ଚିଠି କରାଯାଇଥିବା କୁଳପତି, କୁଳସଚିବ ଯୋଗାଯୋଗ ବେଳେ କହିଛନ୍ତି। ସରକାରଙ୍କ ପକ୍ଷରୁ ଫଣ୍ଡ ମିଳି ନ ଥିବାରୁ ହଷ୍ଟେଲଗୁଡିକର ପୁନଃ ନିର୍ମାଣ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ନେଇ ପାରି ନ ଥିବା ଉଭୟ ଦର୍ଶାଇ ନିଜ ଉପରୁ ଦୋଷ ଛଡାଇ ଦେଇଛନ୍ତି।

ଅନ୍ୟପଟେ ଛାତ୍ରୀନିବାସ ଶୌଚାଳୟ ଭୁଶୁଡିବା ପରେ ଏବେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ନିରପେକ୍ଷ ତଦନ୍ତ ସହ ଅନ୍ୟ ହଷ୍ଟେଲରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଏବେ ଦାବି ହୋଇଛି। ଶୁକ୍ରବାର ଏନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ବିଶ୍ୱବିଦ୍ୟାଳୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶନିବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଅରୁନ୍ଧତୀ ରଥ ଏବଂ କୁଳସଚିବଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦଳ ରାଜ୍ୟ ସମ୍ପାଦକ ଭବାନୀକାନ୍ତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗ ଛାତ୍ରୀଛାତ୍ର ଶନିବାର କୁଳସଚିବଙ୍କୁ ସାକ୍ଷାତ କରି ହଷ୍ଟେଲ ଅନ୍ତେବାସୀଙ୍କ ସୁରକ୍ଷା ଦାବି କରିଛନ୍ତି। ଏହାର ମରାମତି ତଥା ଅସୁରକ୍ଷିତ ଥିବା କୋଠା, ଶୌଚାଳୟଗୁଡିକର ରକ୍ଷଣାବେକ୍ଷଣ ନେଇ ପୂର୍ବରୁ ବହୁବାର କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସତ୍ତ୍ୱେ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି କୋଟି କୋଟି ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣରେ ବ୍ୟସ୍ତ ରହିଥିଲେ। ଫଳରେ ଶାବେରୀ ଛାତ୍ରୀନିବାସ ଶୌଚାଳୟ କୋଠା ଭୁଶୁଡିଥିବା ଛାତ୍ର ଜନତା ଦଳ ଅଭିଯୋଗ କରିଛି। ଏହାର ରକ୍ଷଣାବେକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ୩ ହଜାର ଟଙ୍କା ଆଦାୟ କରାଯାଉଥିଲେ ମଧ୍ୟ ମରାମତିରେ ଅବହେଳା କରାଯାଇଛି। ତୁରନ୍ତ ଘଟଣାର ଆରଡିସିସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅନ୍ୟାନ୍ୟ ହଷ୍ଟେଲଗୁଡିକର ସ୍ଥିତି ଯାଞ୍ଚ କରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦିଗରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ସେହିପରି ଅପରାହ୍ନରେ ଶାବେରୀ ଛାତ୍ରୀନିବାସର ଅନ୍ତେବାସୀ କୁଳସଚିବଙ୍କ ସାକ୍ଷାତ କରିଛନ୍ତି। ଭୁଶୁଡିଥିବା କୋଠାର ତଦନ୍ତ ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଓ ହଷ୍ଟେଲ ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଛାତ୍ରୀମାନେ ଏକ ଦାବିପତ୍ର ଭାରପ୍ରାପ୍ତ କୁଳପତି ପ୍ରଫେସର ରଥଙ୍କୁ ପ୍ରଦାନ କରିଛନ୍ତି। ଶୌଚାଳୟ ଛାତରୁ ପଲସ୍ତରା ଖସୁଥିବା ବେଳେ ପାଣି ଲିକେଜ ହେଉଥିବା ନେଇ ୩ ବର୍ଷ ଧରି ବହୁବାର ଲିଖିତ ଅଭିଯୋଗ ଦିଆଯିବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ଘଟଣା ଘଟିଥିବା ଛାତ୍ରୀନିବାସ ସମ୍ପାଦିକା ଶୁଭଶ୍ରୀ ବେହେରା କହିଥିଲେ।

ଶନିବାର ସୁଦ୍ଧା ବିଶ୍ୱବିଦ୍ୟାଳୟରେ ଥିବା ୧୪ ହଷ୍ଟେଲ ମଧ୍ୟରୁ ପ୍ରାୟ ୮ଟିର ସ୍ଥିତି ଅନୁଧ୍ୟାନ ସରିଛି। ଶୁକ୍ରବାର ଅନୁଷ୍ଠିତ ବୈଠକ ନିଷ୍ପତ୍ତି ପ୍ରକାରେ ଉପରୋକ୍ତ ହଷ୍ଟେଲଗୁଡିକର ସୁପରିଣ୍ଟେଣ୍ଡେଣ୍ଟମାନେ ରିପୋର୍ଟ ଦାଖଲ କରିଛନ୍ତି। ଉକ୍ତ ୮ ହଷ୍ଟେଲର ରିପୋର୍ଟ ଅନୁସାରେ ଏଗୁଡିକ କାନ୍ଥରେ ଗଛ ଲତା ମାଡିଥିବା ସୂଚନା ମିଳିଛି। ତେବେ ଖୁବଶୀଘ୍ର ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନେଇ କୁଳସଚିବ ବିଶ୍ୱାଳ ସୂଚନା ଦେଇଛନ୍ତି।



ଛାତ୍ରୀନିବାସ ଛାତ୍ରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

■କୁଳସଚିବ, ଭାରପ୍ରାପ୍ତ କୁଳପତିଙ୍କୁ ଦାବିପତ୍ର

■ହଷ୍ଟେଲ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ଯୋଗୁ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। କୃଷି, ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ରୋହିଣୀ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରି ଆପଣଙ୍କ କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରିନେବା ପାଇଁ ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଗୃହ ନିର୍ମାଣ କିମ୍ବା ସାଜସଜ୍ଜା ଅଥବା ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଅଫିସ୍ କାମର ଚାପ ପ୍ରଭାବରୁ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** ରବିଙ୍କ ସ୍ଥିତି ପ୍ରଭାବରେ ବନ୍ଧୁମାନଙ୍କ ସହାନୁଭୂତିରେ ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଏ ଯାଏଁ ଆପଣ କରିପାରୁ ନ ଥିଲେ ଆଜି ଅପରାହ୍ନରେ ତାହା ସୁବିଧାରେ ହୋଇଯିବ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ** ରାଶିରେ ରାଜଯୋଗ ସଂଘଟିତ ହୋଇଥିବାରୁ ଗତକାଲିଠାରୁ ଯାହା କରିବା ପାଇଁ ଚିନ୍ତା କରିଥିଲେ ଆଜି ସେଥିରେ ସଫଳତା ହାସଲ କରିବେ। ଅର୍ଥ ସମ୍ପର୍କିତ ଆଲୋଚନା, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରିନେଇପାରନ୍ତି।

**ସିଂହ** ସ୍ୱସ୍ଥାନହନ୍ତା ବୃହସ୍ପତି ପରିବାର ସ୍ଥାନରେ ଥିବାରୁ ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପରିବର୍ତ୍ତିତ ମନୋଭାବରୁ କିଛିଟା ହଇରାଣ ହୋଇପାରନ୍ତି। ଆତ୍ମୀୟମାନଙ୍କ ମଧ୍ୟରେ ଟଙ୍କା ପଇସାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ।

**କନ୍ୟା** ଚନ୍ଦ୍ର ଓ ବୃହସ୍ପତିଙ୍କ ଦୃଷ୍ଟିଗତ ସମ୍ପର୍କ ଆପଣଙ୍କ ପ୍ରତ୍ୟେକ କାମ ପାଇଁ ସାହାଯ୍ୟକାରୀ ହେବେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଅର୍ଥନୈତିକ, ସାମାଜିକ, ଆନୁଷ୍ଠାନିକ କ୍ଷେତ୍ର ସକାଶେ କୌଣସି ଅସୁବିଧା ସୃଷ୍ଟି ହେବନାହିଁ। କିନ୍ତୁ ବିଷମ ପରିସ୍ଥିତିରେ ସହକର୍ମୀଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ଜଟିଳ ପରିସ୍ଥିତିକୁ ସଜାଡ଼ି ନେବାରେ ସହାୟକ ହେବ। ଅବଶ୍ୟ ସାମୟିକ ଅସ୍ଥିରତା ସାଙ୍ଗକୁ ଆର୍ଥିକ ବ୍ୟୟବହୁଳତା ମନକୁ ଭାରାକ୍ରାନ୍ତ କରିପାରେ। ସ୍ୱାତୀର ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା** ଗ୍ରହ ସ୍ଥିତିର ଅନୁକୂଳତା ଆପଣଙ୍କ ଯାତ୍ରା, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ନୂତନ ବନ୍ଧୁଙ୍କ ଆତିଥ୍ୟଜନିତ ମନକୁ ଖୁସି ରଖିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସଭାସମିତି, ଶିକ୍ଷା, ପରୀକ୍ଷା, ଋଣ ସଂଗ୍ରହ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ** ତୃତୀୟାଧିପ ରାଶିରେ ରହିଥିବାରୁ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଷ୍ଟମସ୍ଥ ରବି ଯୋଗୁ ଅଫିସରଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ମାମଲାମକଦ୍ଦମାରେ ମନ ଅଶାନ୍ତ ରହିବ ।

**ମକର** ମାନସିକ ସ୍ତରରେ ଖୁସି ଅନୁଭବ କରିବା ସହ ମନୋରଞ୍ଜନ ଦିଗକୁ ମନ ଢଳିପାରେ। ପରୋକ୍ଷ ଶତ୍ରୁତା, ଧାରକରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବା ଆଶଙ୍କା ରହିଛି । ଆପଣଙ୍କ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଚନା କରିପାରନ୍ତି। ଅଫିସରେ କଳହ ସୃଷ୍ଟି ହୋଇପାରେ।

**କୁମ୍ଭ** ବକ୍ରୀ ଶନି କେତୁଯୁକ୍ତ ହୋଇ ରାଶିକୁ ଅବଲୋକନ କରୁଥିବାରୁ ସବୁ ଭଲ ଥିଲେ ମଧ୍ୟ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିବେ । ତଥାପି ନୂତନ ବନ୍ଧୁ ପ୍ରସ୍ତାବ ସ୍ୱୀକୃତ ହେବା ଦିଗରେ ଜଣେ ପୂର୍ବ ବନ୍ଧୁ କିଛି ଖବର ନେଇ ଆସିବେ। ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ, ନୂତନ ପ୍ରକଳ୍ପ ସ୍ଥଗିତ ରହିପାରେ।

**ମୀନ** ବିଭିନ୍ନ ପ୍ରକାର ସ୍ଥଗିତ କାର୍ଯ୍ୟ ନେଇ ଚିନ୍ତିତ ରହିପାରନ୍ତି, ମାତ୍ର ଦିନଟି ଆର୍ଥିକ ଦୃଷ୍ଟିକୋଣରୁ ମନ୍ଦ ହେବନି। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ, କିନ୍ତୁ ଗୁରୁତର ହେବନି। କୌଣସି ଜଣେ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବା ସମ୍ଭାବନା ରହିଛି।

ଆଜି ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ କାମଦା ଏକାଦଶୀ ରବିବାର/ଚକ୍ରବୁଲା ଏକାଦଶୀ, ଆୟୁଧ ଭ୍ରମଣୀ, ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ମେଷ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୨୫ମି. ଗତେ ଘ୬।୨୨ମି. ମଧ୍ୟେ ରାହୁକାଳ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



## ଜିଲା ଟିଠି ଗଜପତି



## ମରିଯାଉଛି ସାଗର ପରମ୍ପରା

ରାଜାରାଜୁଡ଼ା ଅମଳରେ ଏକଦା ଲୋକଙ୍କ ଚଳଣି, ଚାଷ ଓ ପରିବେଶର ପ୍ରମୁଖ ଅଂଶ ଥିଲା ସାଗର ବା ପୋଖରୀ ପରମ୍ପରା। ତତ୍କାଳୀନ ପାରଳା ମହାରାଜାଙ୍କ ଦ୍ୱାରା ଗଜପତି ଜିଲାର ପାରଳାଖେମୁଣ୍ଡିରେ ସୀତାସାଗର, ରାମସାଗର, ଏବଂ ଗୋଷାଣୀରେ କୃଷ୍ଣସାଗର ଖୋଳାଯାଇଥିଲା। ସମୟ ସୁଅରେ ସେହି ସଂସ୍କୃତି ଏବେ ମରିବାକୁ ବସିଲାଣି। ଗଜପତି ଜିଲାରେ ଥିବା ସମସ୍ତ ଜଳାଶୟ ବା ସାଗର ଧୀରେ ଧୀରେ ସଙ୍କୁଚିତ ହେବା ସହ ପୋତି ହେବାରେ ଲାଗିଛି। ସେ ସମୟରେ ଏହି ଜଳାଶୟଗୁଡ଼ିକ ପାଇଁ ପାରଳାଖେମୁଣ୍ଡି ସହର ଓ ଏହାର ଉପକଣ୍ଠ ଅଞ୍ଚଳର ମତ୍ସ୍ୟଜୀବୀ, ଚାଷୀ ଏବଂ ଜନସାଧାରଣ ଉପକୃତ ହେଉଥିଲେ। ଜଳାଶୟଗୁଡ଼ିକ ଏପରି ନିର୍ମାଣ ହୋଇଥିଲା ଯେ, ମହେନ୍ଦ୍ରତନୟା ନଦୀରୁ ଏଠାକୁ ଜଳ ଆସୁଥିବାବେଳେ ଏଠାକାର ଜଳ ଅନ୍ୟ ଜଳାଶୟକୁ ଯିବା ପାଇଁ ବାଟ କରାଯାଇଥିଲା। ପ୍ରଶାସନ ଏଗୁଡ଼ିକର ସଫେଇ ଓ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଏହି ଐତିହ୍ୟସମ୍ପନ୍ନ ପୋଖରୀ ପୋତି ହେବାକୁ ବସିଲାଣି। ଚଳିତ ବିଧାନସଭାରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଉପରୋକ୍ତ ଜଳାଶୟଗୁଡ଼ିକର ଉନ୍ନତିକରଣ କଥା ଉପସ୍ଥାପନ କରିଥିଲେ। ୨୦୦୭ରେ ସୀତାସାଗର ସଫେଇ ପରେ ୨୦୧୨ ପର୍ଯ୍ୟନ୍ତ ଏହା କିଛିଟା କାର୍ଯ୍ୟକ୍ଷମ ହୋଇଥିଲା। ପାରଳାଖେମୁଣ୍ଡିସ୍ଥିତ ମତ୍ସ୍ୟଜୀବୀ ସମବାୟ ସମିତି ପ୍ରତିବର୍ଷ ଏହି ପୋଖରୀ ଲିଜ୍ ନେଉଛି। କିନ୍ତୁ ଏହି ପୋଖରୀରୁ ମାଛ ଉତ୍ପାଦନ ହେଇପାରୁନାହିଁ କି ଅଞ୍ଚଳବାସୀଙ୍କ କୌଣସି କାର୍ଯ୍ୟରେ ମଧ ଆସୁନାହିଁ। ସୀତାସାଗରର ପୁନରୁଦ୍ଧାର ନ ହେବା ଯୋଗୁ ଆବର୍ଜନା ଏବଂ ମାଟି ଦ୍ୱାରା ଏହାର ଚାରିପାର୍ଶ୍ୱ ପୋତି ହୋଇ ଧୀରେଧୀରେ ସଙ୍କୁଚିତ ହେବାରେ ଲାଗିଛି। ଦିନ ଥିଲା ସହର ଓ ତା'ର ଉପକଣ୍ଠ ଚାଷଜମିରେ ଜଳସେଚନ ପାଇଁ ସୀତାସାଗର ଏକ ପ୍ରମୁଖ ମାଧମ ସାଜିଥିଲା। ଏବେ ସେହି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସନ୍ଧ୍ୟାପରେ ପୋଖରୀ କୂଳରେ ଥିବା ପାହାଚ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ସାଜିଛି। ସେହିପରି ପୁରାତନ ରାମସାଗର ପୋଖରୀ ମଧ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାର ରକ୍ଷଣାବେକ୍ଷଣ, ସଫେଇ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଗଲେ ମଧ କୌଣସି କାର୍ଯ୍ୟ ହୋଇପାରିନାହିଁ। ଗୋଷାଣୀ ବ୍ଲକରେ ଥିବା କୃଷ୍ଣସାଗର ଚାଷୀଙ୍କ ପାଇଁ ଜଳସେଚନର ଏକ ମୁଖ୍ୟ ମାଧମ ହୋଇଥିବାବେଳେ ତାହା ମଧ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଚାଷୀ, ମତ୍ସ୍ୟଜୀବୀ ଏବଂ ସାଧାରଣ ଲୋକଙ୍କ ଜୀବନରେଖା କୁହାଯାଉଥିବା ଏହି ସାଗରଗୁଡ଼ିକର ଏପରି ଅବସ୍ଥା ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି।

– ରଶ୍ମିରଞ୍ଜନ ମିଶ୍ର

# ଅଗଷ୍ଟରେ ସାର୍ବଜନୀନ ହେବ କାଳିଆ ହିତାଧିକାରୀଙ୍କ ନାମ

- ମୁଲତବୀ ପ୍ରସ୍ତାବ ଉପରେ କୃଷିମନ୍ତ୍ରୀଙ୍କ ଉତ୍ତର
- ଉପକୃତ ହୋଇଛନ୍ତି ୫୧,୦୫,୨୯୦ ହିତାଧିକାରୀ
- ଅଭିମାନ କଲେ ମୋହନ, ଭାଜପାର କକ୍ଷତ୍ୟାଗ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

କାଳିଆ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ନାମ ଆସନ୍ତା ଅଗଷ୍ଟରେ ସାର୍ବଜନୀନ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଗୃହରେ ଆସିଥିବା ମୁଲତବୀ ପ୍ରସ୍ତାବର ଉତ୍ତର ଦେଇ ଏହା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୫୧,୦୫,୨୯୦ ହିତାଧିକାରୀଙ୍କୁ କାଳିଆ ସହାୟତା ରାଶି ପ୍ରଦାନ କରାଯାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ସମେତ ମୁକେଶ ମହାଲିଙ୍ଗ, ଜୟନ୍ତ କୁମାର ଷଡ଼ଙ୍ଗୀ, ନବଚରଣ ମାଝି "କାଳିଆ ଯୋଜନାରେ ହିତାଧିକାରୀ ଚୟନ ଓ ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ସରକାର ବିଫଳ" ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହା ଉପରେ ମୋହନ କହିବାର କିଛି ସମୟ ପରେ ଉପବାଚସ୍ପତି ରଜନୀକାନ୍ତ ସିଂ ବକ୍ତବ୍ୟ ସଂକ୍ଷିପ୍ତ କରିବାକୁ କହିଥିଲେ। ହେଲେ ଏଥିରେ ମୋହନ ମାଝି ଅସନ୍ତୁଷ୍ଟ ହୋଇ ନିଜ ବକ୍ତବ୍ୟ ବନ୍ଦ କରିଦେଇଥିଲେ। ଏହା ପରେ ଅନ୍ୟ କୌଣସି ଭାଜପା ସଭ୍ୟ ମଧ କହି ନ ଥିଲେ। ମନ୍ତ୍ରୀ ଉତ୍ତର ରଖିବାର କିଛି ସମୟ ପରେ ଉପସ୍ଥିତ ସମସ୍ତ ଭାଜପା ସଦସ୍ୟ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ଏବଂ ବିଜେଡି ବିଧାୟକମାନେ ମୁଲତବୀ ପ୍ରସ୍ତାବରେ ଭାଗ ନେଇଥିଲେ। ମନ୍ତ୍ରୀ ଅରୁଣଙ୍କ ଉତ୍ତର ପରେ ପ୍ରସ୍ତାବଟିକୁ ଉପବାଚସ୍ପତି ଅଗ୍ରାହ୍ୟ କରିଥିଲେ।

କୃଷିମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ, ରାଜ୍ୟର ପ୍ରାୟ ୮ ଲକ୍ଷ ଅଣଋଣୀ ଚାଷୀ ବୀମାଭୁକ୍ତ ହୋଇସାରିଲେଣି। ରାଜ୍ୟ ସରକାର ନୁହନ୍ତି, କେନ୍ଦ୍ର ସରକାର ତରବରିଆଭାବେ ପିଏମ୍-କିଷାନ ଯୋଜନା ଲାଗୁ କରିଥିଲେ। କଂଗ୍ରେସ ସଭ୍ୟ ଚାଷୀଙ୍କୁ ଋଣଛାଡ଼ କଥା କହୁଛନ୍ତି, ହେଲେ ଋଣ ଛାଡ଼ କରିବା ପରେ ମଧ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଦଳ ଲୋକ ସଭା ନିର୍ବାଚନରେ ସଫଳତା ପାଇନାହିଁ। ତେଣୁ ଋଣଛାଡ଼ ଅପେକ୍ଷା ଠିକ୍ ସମୟରେ ଆର୍ଥିକ ସହାୟତା ଯୋଗାଇଦେବା ଅଧିକ ଲାଭଦାୟକ। ରାଜ୍ୟରେ ଜଣେ ବି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି। କାଳିଆ ଯୋଜନା ହିତାଧିକାରୀଙ୍କ ନାମ ସରକାରୀ ୱେବସାଇଟ୍‌ରେ ଦିଆଯିବ। ସହାୟତା ରାଶି ପାଇବା ପରେ ଚାଷୀ ଏବଂ ତା'ର ପରିବାର କେତେ ଖୁସି ସେ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ବୋଲି ଅରୁଣ କହିଛନ୍ତି। କାଳିଆ ଯୋଜନାର ସୁପରିଚାଳନା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟି, ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା କମିଟି ଏବଂ ବିଡିଓଙ୍କ ଅଧ୍ୟକ୍ଷତାରେ ବ୍ଲକ କମିଟି ଗଠନ କରାଯାଇଛି। ରାଜ୍ୟର ୫୦ ଲକ୍ଷ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଏଥିରେ ସାମିଲ କରାଯିବାର ଲକ୍ଷ୍ୟ ରହିଛି। ଭୂମିହୀନ କୃଷି ଶ୍ରମିକ ପରିବାରଙ୍କୁ ୧୨,୫୦୦ ଟଙ୍କାର ସହାୟତା ୩ଟି ପର୍ଯ୍ୟାୟରେ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। ଧାର୍ଯ୍ୟ ୨୫ ଲକ୍ଷ ମଧ୍ୟରୁ ୧୪,୭୦,୫୮୦ ପରିବାରଙ୍କୁ ପ୍ରଥମ କିସ୍ତିରେ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିବା ଅରୁଣ ସୂଚନା ଦେଇଛନ୍ତି।

ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ସରକାର ଭାଗଚାଷୀଙ୍କୁ କିପରି ଅନ୍ତର୍ଭୁକ୍ତ କଲେ, ଭାଗଚାଷୀ ଆଇନସମ୍ମତ ନୁହେଁ। ଯୋଜନା ପାଇଁ ଅର୍ଥ କେଉଁ ସୂତ୍ରରୁ ଆସୁଛି। ଜରୁରୀକାଳୀନ ପାଣ୍ଠିରୁ ଖର୍ଚ୍ଚ ହେବା କଥା ମଧ ପଦାକୁ ଆସିଥିଲା। ପରେ କେଉଁ ସୂତ୍ରରୁ ଆପଦା ପାଣ୍ଠିକୁ ଟଙ୍କା ଗଲା। ସରକାର ଏ ସବୁର ସ୍ପଷ୍ଟ ଚିତ୍ର ପ୍ରଦାନ କରନ୍ତୁ। ସେହିପରି ଗୋଟିଏ ଏକର ଜମି ଚାଷ ପାଇଁ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ, ସରକାର ଦେଉଥିବା ମାତ୍ର ୧୦,୦୦୦ ଟଙ୍କା କେଉଁ କାମରେ ଆସିବ ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଭୋଟରଙ୍କୁ ନିଜ ଆଡକୁ ଆଣିବା ପାଇଁ ନିର୍ବାଚନ ପୂର୍ବରୁ ଏହା ଆରମ୍ଭ କରାଗଲା। ଶାସକ ଦଳର କର୍ମୀ, ନେତାମାନଙ୍କୁ କେବଳ ସହାୟତା ପ୍ରଦାନ କରାଗଲା। ପନିପରିବା ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଚିନ୍ତା କରନ୍ତୁ ବୋଲି ସୁରେଶ କହିଥିଲେ। ସେହିପରି ବିଜେଡି ବିଧାୟକ ଅଶୋକ କୁମାର ବଳ, ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଜନା ସପକ୍ଷରେ ମତ ରଖିଥିଲେ।

## ରାଜ୍ୟରେ ୬୩୯୦ ଭିକାରି

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ରାଜ୍ୟରେ ସରକାରୀଭାବେ ୬୩୯୦ ଜଣ ଭିକାରି ଚିହ୍ନଟ ହୋଇଛନ୍ତି। କଟକ ଜିଲାରେ ସର୍ବାଧିକ ୧୦୬୦ ଭିକାରି ରହିଥିବାବେଳେ ବଲାଙ୍ଗୀର ଜିଲାରେ ୭୦୮ ଭିକାରିଙ୍କୁ ଚିହ୍ନଟ କରାଯାଇଛି। ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଅଣତାରକା ପ୍ରଶ୍ନ ନଂ-୧୫୩୮ର ଉତ୍ତର ଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ଉତ୍ତର ରଖିଛନ୍ତି। ସରକାରଙ୍କ ହିସାବ ଅନୁଯାୟୀ ଅନୁଗୋଳ(୯୭), ବାଲେଶ୍ୱର(୧୩୧), ବରଗଡ (୧୬୬), ଭଦ୍ରକ (୨୨୦), ବୌଦ୍ଧ (୧୯), ଦେବଗଡ (୧୬) ଖୋର୍ଦ୍ଧା (୫୩)ଏବଂ ଢେଙ୍କାନାଳରେ ୧୧୨ ଭିକାରି ରହିଛନ୍ତି। ଅନ୍ୟ ଜିଲାଗୁଡିକ ମଧ୍ୟରେ ସୁନ୍ଦରଗଡ ୪୬୭, ଗଞ୍ଜାମ ୪୫୮, କଳାହାଣ୍ଡି ୨୧୪, କନ୍ଧମାଳ ୧୧୭, ପୁରୀ ୧୨୦, କୋରାପୁଟ ୨୦୦, ନୂଆପଡା ୨୮୮, ସୁବର୍ଣ୍ଣପୁର ଜିଲାରେ ୨୮୦ ଏବଂ ଦେବଗଡ଼ ଜିଲାରେ ସର୍ବନିମ୍ନ ୧୬ ଭିକାରି ରହିଛନ୍ତି। ଭିକାରିମାନଙ୍କୁ ବିକଳ୍ପ ଆତ୍ମନିଯୁକ୍ତି ଯୋଗାଇ ଦେବା ପାଇଁ ସହାୟ ନାମରେ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଚିହ୍ନଟ ହୋଇଥିବା ଭିକାରିଙ୍କ ମଧ୍ୟରୁ ୨୮୮୬ଜଣଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

MILK UNION, SAMBALPUR
VEHICLE REQUIRED ON HIRE
1. Max Pick UP or similar type vehicle required on Hire for Samasingha to Kirmira Milk Route running both morning and evening covering 182 K.M.
2. Max Pick UP 2.5 Ton capacity or similar type of vehicle required on Hire for Transportation of LN
2. Interested Parties may purchase and submit Tenders by 05.08.2019, Tender Paper cost- Rs. 200/-, EMD- Rs. 2,000/-

## ୩୧ରୁ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୭।୭(ବ୍ୟୁରୋ):

ମନ୍‌ସୁନ୍ ଟ୍ରଫ୍ ଲାଇନ୍ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ଆହୁରି ୪୮ ଘଣ୍ଟା ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ୩୧ ତାରିଖବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସାରା ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶନିବାର ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କେନ୍ଦୁଝର ଜିଲାରେ ସର୍ବାଧିକ ୬୭ ମିଲିମିଟର ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ରେ ୧୮.୨ମିମି, ହୀରାକୁଦରେ ୧୮ମିମି, ବଲାଙ୍ଗୀରରେ ୧୭ମିମି, ସୋନପୁର ୯ମିମି, ମାଲକାନଗିରି ୧୦ମିମି, ଝାରସୁଗୁଡ଼ା ୫ମିମି, ବାରିପଦା ଓ କୋରାପୁଟ ୪ମିମି, ବାଲେଶ୍ୱର ଓ ଦାରିଙ୍ଗବାଡ଼ିରେ ୩ମିମି ବର୍ଷା ହୋଇଛି। ରବିବାର ଦିନ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଆଦି ୬ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ସୁବର୍ଣ୍ଣପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୯ ତାରିଖ ଦିନ ନୂଆପଡ଼ା, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ହେବ। ୩୧ରେ ସୁନ୍ଦରଗଡ଼, ଦେବଗଡ଼ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ୧୦ରେ ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ

### 'ଓଡ଼ିଶା ପୋଷ୍ଟ', 'ଧରିତ୍ରୀ'ର ସସ୍ମିତା ହେବେ ସମ୍ମାନିତ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ପଲ୍ଲୀବାଣୀ ମିଶନ ପକ୍ଷରୁ ଅଗଷ୍ଟ ୧୦ରେ ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ ପ୍ରଦାନ କରାଯିବ। ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବର ସ୍ପିକର ହଲ୍‌ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ଓଡ଼ିଶାର ୭ଜଣ ବ୍ୟକ୍ତିବିଶେଷ ଓ ଗୋଟିଏ ସଂସ୍ଥାକୁ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ'କୁ ସଂସ୍ଥା ଭାବେ ଏହି ପୁରସ୍କାର ମିଳିବାକୁ ଥିବାବେଳେ ଦୈନିକ ଖବରକାଗଜ 'ଧରିତ୍ରୀ'ର ଖବରଦାତା ସସ୍ମିତା ପାଇକରାୟଙ୍କୁ ଏହି ସମ୍ମାନ ଦିଆଯିବ। ଏଥିସହିତ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ବିରୂପାକ୍ଷ ତ୍ରିପାଠୀ, ଅର୍ଦ୍ଧେନ୍ଦୁ ଦାସ, ଅରବିନ୍ଦ ଦାସ, ଧୀରେନ୍ଦ୍ର ନାରାୟଣ ମିଶ୍ର, ସମ୍ବିତ ସାହୁ, ସୌଭାଗ୍ୟ ସୁନ୍ଦରରାୟଙ୍କୁ ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ ପ୍ରଦାନ କରାଯିବ। ଏହି ଉପଲକ୍ଷେ ଦିଲ୍ଲୀରେ ଦୀର୍ଘ ୨୩ବର୍ଷ ଧରି ନିୟମିତ ଭାବେ ପ୍ରକାଶ ପାଇଆସୁଥିବା ସାହିତ୍ୟ ପତ୍ରିକା 'ପଲ୍ଲୀବାଣୀ'ର ଏକ ସ୍ୱତନ୍ତ୍ର ସଂଖ୍ୟାର ଲୋକାର୍ପଣ କରାଯିବ। କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଆ ଏବଂ ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ହାସଲ କରିଥିବା ସାମ୍ବାଦିକମାନଙ୍କୁ ପ୍ରତିବର୍ଷ ପଲ୍ଲୀବାଣୀ ମିଶନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)

## ଗୃହ ପରିଚାଳନାକୁ ନେଇ କଂଗ୍ରେସର କ୍ଷୋଭ

# ନିୟମ ଅନୁଯାୟୀ ବିଧାନସଭା ଚାଲୁନି

- ଚାଷୀ ବିକ୍ଷୋଭ କଲେ ଚେୟାର ରହିବ ନାହିଁ
- ଧରିତ୍ରୀକୁ ଦେଖାଇ ପୋଲିସ ଉପରୁ ଭରସା ତୁଟୁଥିବା କଥା କହିଲେ ନରସିଂହ
- ଅଣସାହିତ୍ୟିକଙ୍କ ଚରାଭୂମି ପାଲଟିଛି ସାହିତ୍ୟ ଏକାଡେମୀ

ଭୁବନେଶ୍ୱର, ୨୭।୭ (ବ୍ୟୁରୋ)

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଗୃହ ପରିଚାଳନାକୁ ନେଇ କଂଗ୍ରେସ ସଭ୍ୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାନସଭା ନିୟମ ଅନୁଯାୟୀ ଗୃହ ପରିଚାଳନା ହେଉନାହିଁ। ମନଇଚ୍ଛା ସଭ୍ୟମାନଙ୍କୁ କହିବାକୁ ସୁଯୋଗ ଦିଆଯାଉଛି। ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବକୁ ଅଯଥାରେ ଲମ୍ବାଇ ଦିଆଯାଉଛି। ଜଣେ ଜଣେ ସଭ୍ୟଙ୍କୁ ଦୀର୍ଘସମୟ କହିବାକୁ ସୁଯୋଗ ଦିଆଯାଉଛି। ପୂର୍ବରୁ ଗୃହରେ ଏଭଳି ପରମ୍ପରା ଦେଖିବାକୁ ମିଳି ନ ଥିଲା। ବାଚସ୍ପତି କାର୍ଯ୍ୟ ପରାମର୍ଶଦାତା କମିଟି ଡାକି ତୁରନ୍ତ ଏହା ଉପରେ ଆଲୋଚନା କରନ୍ତୁ। କେଉଁ ବିଷୟ କେତେ ସମୟ ଆଲୋଚନା ହେବ, ସେ ନେଇ ସମୟ ନିର୍ଦ୍ଧାରଣ କରାଯାଉ ବୋଲି କଂଗ୍ରେସ ସଭ୍ୟମାନେ ଦାବି କରିଥିଲେ।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଗୃହ ପରିଚାଳନା ଠିକ୍ ଭାବେ ହେଉନାହିଁ। ବିଧାନସଭା କାର୍ଯ୍ୟାବଳୀ ନିୟମର ବିଭିନ୍ନ ଧାରାରେ ଉଲ୍ଲେଖ କରାଯାଇଥିବା ବିଷୟରେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ, ଗତ କିଛିବର୍ଷ ହେବ ମୁଲତବୀ ଆଲୋଚନାକୁ ଖର୍ଚ୍ଚଦାବି ଆଲୋଚନା ଭଳି ବଢ଼ାଇ ଦିଆଯାଉଛି। ବାଚସ୍ପତିଙ୍କ ଚାମ୍ବର ଭିତରେ ଗୋଟିଏ ବିଷୟ ହେବା ବେଳକୁ ବାହାରେ ଏହାର ବିପରୀତ ହେଉଛି। ଏଭଳି ପ୍ରଥା ବନ୍ଦ ହେବା ଦରକାର। ବିଧାନସଭାର ରୁଲ୍ସ ଅଫ୍ ବିଜିନେସ୍‌କୁ କଡ଼ାକଡ଼ି ଲାଗୁ କରାଯାଉ ବୋଲି ସେ କହିଥିଲେ। ଏଥିସହ ଗୃହରେ ବାଚସ୍ପତିଙ୍କ ନିର୍ଦ୍ଦେଶନାମା ପାଳନ ହେଉ ନ ଥିବା ସେ ଅଭିଯୋଗ କରିଥିଲେ। କଂଗ୍ରେସ ଗୋଟିଏ ପ୍ରସଙ୍ଗ ଉଠାଇଲେ ଭାଜପା ସେଇ ଢଙ୍ଗରେ ସମର୍ଥନ କରୁନାହିଁ। ଟେକ୍ନିକାଲି ଅପୋଜିଶନ, ପ୍ରାକ୍ଟିକାଲି କୋଏଲେଶନ ଭଳି କାମ କରୁଛନ୍ତି। ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ୁଛି। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏକଥା ଲୋକ ସଭାରେ ଉଠାଉଥିବା ବେଳେ ଓଡ଼ିଶା ସରକାର ଏହାକୁ ଫାଙ୍କି ଦେଉଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଲୋକମାନଙ୍କର ଗଣତନ୍ତ୍ର ଉପରୁ ଆସ୍ଥା ତୁଟି ଯାଉଛି। ଏ ବିଷୟରେ ମୁଁ ବିଭିନ୍ନ ସମୟରେ ସତର୍କ କରାଇଛି। ପ୍ରତ୍ୟେକ ଦିନ ବଳାତ୍କାର, ହତ୍ୟା ଭଳି ଘଟଣା ଘଟୁଛି। ପୋଲିସ ପ୍ରଶାସନ ଉପରେ ଲୋକଙ୍କର ଭରସା ନାହିଁ। ଧରିତ୍ରୀକୁ ଦେଖାଇ ସେ କହିଲେ ଯେ, ଆଇଆଇସିଙ୍କୁ ଲୋକମାନେ ଗୋଡ଼ାଇ ପିଟୁଛନ୍ତି। ଆତ୍ମହତ୍ୟା ଚୂପ ଦେବାରୁ ପୋଲିସକୁ ମାଡ଼ ଖବର ପ୍ରକାଶ ପାଇଛି। ପୋଲିସ କେମିତି ତଳେ ପଡିଛନ୍ତି ତାହା ଏହି ଖବର କାଗଜରେ ପ୍ରକାଶ ପାଇଛି। ଆମେ ଚୁପ ହୋଇ ବସି ରହୁଛୁ। ବାଚସ୍ପତି ତାଙ୍କର ସାମ୍ବିଧାନିକ କ୍ଷମତା ବ୍ୟବହାର କରୁନାହାନ୍ତି। ଷ୍ଟୋନମ୍ୟାନ୍ ବାହାରିଲାଣି। କଟକ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ଅଞ୍ଚଳରେ ଲୋକେ ଆତଙ୍କିତ ହେଲେଣି। ଚାଷୀ ଆତ୍ମହତ୍ୟାକୁ ହାଲୁକା ଭାବେ ନିଆଯାଉଛି। ସମୟ ଆସିବ, ଚାଷୀମାନେ ବିଦ୍ରୋହ କରିବେ। ସେତେବେଳକୁ ମୋ' ଚେୟାର କିମ୍ବା ଆପଣଙ୍କ ଚେୟାର ନ ଥିବ ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ ଗୃହ ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଗୃହରେ ବିରୋଧୀ ଦଳ ନେତା ନାହାନ୍ତି। ତାଙ୍କୁ ଡକାଯାଉଛି। ଆମେ ଦଶଦିନ ଧରି କହିଲେ ବି ଆମକୁ ସୁଯୋଗ ଦିଆଯାଉନାହିଁ। ଶୂନ୍ୟକାଳ ଘଣ୍ଟା ଘଣ୍ଟା ଧରି ଚାଲୁଛି। ଆମକୁ ଯଦି ସୁଯୋଗ ନ ମିଳିବ, ତେବେ ଗୃହକୁ କାହିଁକି ଆସିବୁ ବୋଲି ସେ କହିଥିଲେ। ବାଚସ୍ପତି କହିଥିଲେ, ୩୦ ବର୍ଷ ଧରି ମୁଁ ଗୃହରେ ବିଧାୟକ ରହିଛି। ଯେଉଁଭଳି ଶୂନ୍ୟକାଳରେ ନୂଆ ବିଧାୟକମାନେ କହିବା ଲାଗି ଚାହୁଁଛନ୍ତି, ସେମାନଙ୍କୁ ଅନୁମତି ନ ଦେଲେ ବାଚସ୍ପତି ଆମକୁ କହିବାକୁ ସୁଯୋଗ ଦେଉନାହାନ୍ତି ବୋଲି କହୁଛନ୍ତି। ଗୃହରେ ସମସ୍ତଙ୍କର କହିବାର ଅଧିକାର ଅଛି। ଯଦି ଆପଣ ଚାହୁଁଛନ୍ତି, ତେବେ ନିୟମାନୁଯାୟୀ କହିବାକୁ ସୁଯୋଗ ଦିଆଯିବ। ଏଥିପାଇଁ ବୈଠକରେ ଆଲୋଚନା ହେବ ବୋଲି କହିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଦାରୁଠେଙ୍ଗଠାରେ ପଡୁଥିବା ବର୍ଜ୍ୟବସ୍ତୁକୁ ନେଇ କଡ଼ା ବିରୋଧ କରିଥିଲେ। ସେ କହିଥିଲେ, ଭୁବନେଶ୍ୱରରୁ ବାହାରୁଥିବା ମଇଳା, ପଚାଶଢ଼ା ବର୍ଜ୍ୟବସ୍ତୁ ଦାରୁଠେଙ୍ଗରେ ପକାଯାଉଛି। ଏଥିଯୋଗୁ ନନ୍ଦନକାନନର ଜୀବଜନ୍ତୁ ମରିଯାଉଛନ୍ତି। ନଗର ଉନ୍ନୟନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ, ଅନ୍ୟ ଏକ ସ୍ଥାନ ଆମେ ଚିହ୍ନଟ କରିଛୁ। ସେଠାରେ ପକାଇବା ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଥିଲେ।

ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିବା ଲାଗି ଛିଡ଼ା ହେବାରୁ ବାଚସ୍ପତି ତାଙ୍କୁ କହିବା ପାଇଁ ସୁଯୋଗ ଦେଇ ନ ଥିଲେ। ସେ ଏହାକୁ ବିରୋଧ କରି ନିଜ ସିଟ୍ ନିକଟରେ ଛିଡ଼ା ହୋଇ ରହିଥିଲେ। ବାଧ ହୋଇ ବାଚସ୍ପତି ତାଙ୍କୁ କହିବା ଲାଗି ସୁଯୋଗ ଦେଇଥିଲେ। ସେ କହିଥିଲେ ଯେ, ଯୁବ ବୈଜ୍ଞାନିକମାନଙ୍କୁ ରାଜ୍ୟରେ ପ୍ରୋତ୍ସାହନ ଦେବା ଲାଗି ସରକାର କି ବ୍ୟବସ୍ଥା କରିଛନ୍ତି ସେ ନେଇ ବିଭାଗୀୟ ମନ୍ତ୍ରୀ ଗୃହରେ ଏକ ବିବୃତି ଦିଅନ୍ତୁ । ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ଓଡ଼ିଶା ସାହିତ୍ୟ ଏକାଡେମୀର ଦୁରବସ୍ଥା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ଏହି ଏକାଡେମୀ ଅଣସାହିତ୍ୟିକମାନଙ୍କର ଚରାଭୂମି ପାଲଟିଛି। ସାହିତ୍ୟ ବିଷୟରେ ଜ୍ଞାନ ନ ଥିବା ଲୋକମାନେ ଏହାକୁ ମାଡ଼ି ବସିଛନ୍ତି। ଭବିଷ୍ୟତର ପିଢ଼ିକୁ ଏହା କି ବାର୍ତ୍ତା ଦେବ। ପୁରୁଣା ଲେଖକ ଓ କବିମାନଙ୍କର ପୁସ୍ତକ ଖୋଜିଲେ ସେଠାରେ ମିଳୁନାହିଁ। ସାହିତ୍ୟ ଏକାଡେମୀ ସ୍ୱାସ୍ଥ୍ୟ କିଭଳି ଅଛି, ତାହା ଏଥିରୁ ଭଲ ଭାବେ ଜାଣିପାରୁଥିବେ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

# କ୍ୟାବିନେଟରେ ୧୬ ପ୍ରସ୍ତାବକୁ ମୋହର

- ୩ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ
- ଏଏସ୍‌ବିଏମକୁ ଡିମ୍‌ଡ ୟୁନିଭର୍ସିଟି ମାନ୍ୟତା
- ଶଙ୍କରାଚାର୍ଯ୍ୟ ମଠ, ଲାଞ୍ଜିଗଡ ରେଳ ପ୍ରକଳ୍ପକୁ ଜମି

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ରାଜ୍ୟ ସରକାର ବସୁଧା ଯୋଜନାରେ ପୁରୀ ଓ ନବରଙ୍ଗପୁର ଜିଲାରେ ୩ଟି ଗ୍ରାମ୍ୟ ପାଇପ ଜଳ ପ୍ରକଳ୍ପ ଆରମ୍ଭ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ଘରୋଇ ଶିକ୍ଷାନୁଷ୍ଠାନ ଏସିଆନ ସ୍କୁଲ ଓ ବିଜିନେସ ମ୍ୟାନେଜମେଣ୍ଟ(ଏଏସବିଏମ)କୁ ଡିମ୍‌ଡ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିବ। ଏଥିପାଇଁ ଚଳିତ ବିଧାନସଭାରେ ଏ ନେଇ ଏକ ବିଲ ଆଗତ ହେବ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ତେବେ ବିଧାନସଭା ଚାଲିଥିବାରୁ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେବେ। ଏଥିସହିତ ପୁରୀ ଶଙ୍କରାଚାର୍ଯ୍ୟଙ୍କ ମଠକୁ ଜମି ଦେବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଲାଞ୍ଜିଗଡ ସମେତ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବାକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଞ୍ଚା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ TM
SCABIRAJ
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ସେଣ୍ଟ୍ରାଲ ବୋର୍ଡ ଅଫ୍ ଇରିଗେସନ୍ ଆଣ୍ଡ ପାୱାର୍
ମାଲଚା ମାର୍ଗ, ଚାଣକ୍ୟପୁରୀ, ନୂଆଦିଲ୍ଲୀ – ୧୧୦୦୨୧ । www.cbip.org, cbip@cbip.org
(ଶକ୍ତି କ୍ଷେତ୍ରରେ ରାଷ୍ଟ୍ରର ସେବାରେ ୯ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମର୍ପିତ)
(ହାଇଡ୍ରୋ, ଥର୍ମାଲ, ଟ୍ରାନ୍ସମିଶନ, ଡିଷ୍ଟ୍ରିବ୍ୟୁଶନ୍ ଏବଂ ପାୱାର ମ୍ୟାନେଜମେଣ୍ଟରେ ତାଲିମ ପ୍ରଦାନ ପାଇଁ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଗ୍ରେଡ୍ ଏ, ବର୍ଗ-୧ ତାଲିମ ଅନୁଷ୍ଠାନ)
ISO 9001:2008
ଉତ୍କୃଷ୍ଟ ପ୍ଲେସ୍‌ମେଣ୍ଟ ରେକର୍ଡଧାରୀ ପ୍ଲେସ୍‌ମେଣ୍ଟ ଅଭିମୁଖୀ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା
୧. ପିଜିଡିସି ଟ୍ରାନ୍ସମିଶନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ୱିଥ୍ ଅଟୋମେଶନ୍ (ଏସ୍‌ସିଏଡିଏ)-ବିଇ/ବି.ଟେକ୍ ଇଲେକ୍ଟ୍ରିକାଲ/ ଇଲେକ୍ଟ୍ରୋନିକ୍ସ
୨. ପିଜିଡିସି ସିଭିଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍- ବିଇ/ବି. ଟେକ୍ ସିଭିଲ୍
ପାଠ୍ୟକ୍ରମ ଆରମ୍ଭ: ଅଗଷ୍ଟ, ୨୦୧୯
ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ www.cbip.org (ଅନ୍‌ଲାଇନ୍ ଆବେଦନ)
ଆମର ନିଯୋକ୍ତା: ମୁଖ୍ୟତଃ ପାୱାର୍ ସିଷ୍ଟମ୍ ଇଞ୍ଜିନିୟରିଂ, ଇପିସି ଏବଂ ଓ ଆଣ୍ଡ ଏମ୍ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅଗ୍ରଣୀ ସଙ୍ଗଠନ।
ଯୋଗାଯୋଗ: ଏସ୍.କେ. ଘୋଷ (୯୮୧୮୭୩୭୪୮୦), ମାନସ (୦୯୮୭୧୩୦୩୩୬୭), ବି.ଏସ୍. ରୋହିଲ (୯୭୧୮୩୦୪୮୫୨), ଜୟଦୀପ (୯୮୭୧୭୧୮୨୧୮)
ଯୋଗାଯୋଗ ପାଇଁ ଠିକଣା: ସିବିଆଇପି ସେଣ୍ଟର ଅଫ୍ ଏକ୍ସେଲେନ୍ସ, ପ୍ଲଟ୍ ନଂ.୨୧, ସେକ୍ଟର ୩୨, ଗୁରୁଗାଓଁ – ୧୨୨୦୦୧

Food Corporation of India
Regional Office, Bhubaneswar
No.Stg./PWS-2010/Part/2019 Date: 27.07.2019
INVITATION FOR E-TENDER
General Manager, FCI Odisha Region invites E-Tender under "TWO BID SYSTEM" from the interested bidders/agencies for hiring of Pvt. godowns/warehouse offering services at par with CWC/OSWC. The bid documents containing detailed terms and conditions can be obtained from https://eprocure.gov.in/eprocure/app or www.fci.gov.in from 29.07.2019 to 19.08.2019. Last date and time of online submission of bid is 19.08.2019 up to 15.00 hours.

BODY LINE
Inspiring Fitness
Mega Monsoon Sale
UPTO 50% OFF*
ON ALL FITNESS EQUIPMENT
QUALITY ASSURED 100% Satisfactory Results LOWEST PRICE GUARANTEED
Motorised Treadmill J1 ₹ 48,000 ₹ 28,500
Home Gym Delux (24 Workout) KH 312 ₹ 34,700 ₹ 21,900
Cross Trainer KH 690 ₹ 39,500 ₹ 21,900
Recumbent Bike KH 704 RB ₹ 28,700 ₹ 17,900
Vibra Plate V650 ₹ 28,000 ₹ 16,900
Massage Chair SLA 51 ₹ 1,70,000 ₹ 1,02,000
Multigym 518 LC ₹ 1,22,500 ₹ 85,700
Weight Lifting Bench B-110 ₹ 13,700 ₹ 8,500
Easy installment schemes available
Low cost EMI
Interest free EMI
Powered by: BAJAJ FINSERV HDFC BANK We understand your world
*Conditions apply. Pictures are indicative.
Over 500 models to choose from world's renowned brands.
Bodyline Sports: 501, Kharvela Nagar (1st floor), opp. Gurudwara, Janpath, Bhubaneswar - 751001
Ph.: 2380824 / 2380925
For sales, call: 97763 77999 / 91789 22047
E-mail: bodylinesports@gmail.com | www.bodylinefitness.net
BODY LINE Inspiring Fitness
An ISO 9001:2008 certified company
For complete gym set-up for Corporates, Hotels, Clubs, Residential Complex, call: 97763 77999

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ। –ଶ୍ରୀଅରବିନ୍ଦ

# ମଙ୍ଗଳ ଅଭିଯାନ



ଆକାର ପଟେଲ

ଗତ ସପ୍ତାହରେ ଆମେ ଚନ୍ଦ୍ରଯାନ-୨ ଓ ଭାରତର ଚନ୍ଦ୍ର ଅଭିଯାନ ବିଷୟରେ ଉଲ୍ଲେଖ କରିଥିଲୁ ଏବଂ ସେଥିରେ ମଙ୍ଗଳ ଅଭିଯାନ ବିଷୟରେ ବି ସୂଚନା ଦେଇଥିଲୁ। ପୃଥିବୀ ବାହାରେ ବିଶ୍ୱରେ କ'ଣ ସବୁ ଚାଲିଛି ତାହା ଜାଣିବା ପାଇଁ ପାଠକମାନଙ୍କର ଆଗ୍ରହ ହେବା ସ୍ୱାଭାବିକ। ଆସନ୍ତାବର୍ଷ ବିଭିନ୍ନ ସଂସ୍ଥା ଦ୍ୱାରା ଚାରୋଟି ମଙ୍ଗଳ ଅଭିଯାନର ଯୋଜନା କରାଯାଇଛି। ତେବେ ଏକାବେଳକେ ଏତେ ଅଭିଯାନ କାହିଁକି? ତା'ର ଗୋଟିଏ କାରଣ ହେଲା ପ୍ରତି ୨୬ ମାସରେ ଥରେ ମଙ୍ଗଳ ପୃଥିବୀର ଖୁବ୍ ନିକଟକୁ ଚାଲିଆସେ। ଉଭୟ ଗ୍ରହ ସୂର୍ଯ୍ୟ ଚାରିପଟେ ଭିନ୍ନ ଭିନ୍ନ କକ୍ଷପଥରେ ପରିକ୍ରମା କରୁଥିବାରୁ ବେଳେବେଳେ ମଙ୍ଗଳ ପୃଥିବୀଠାରୁ ୪୦ କୋଟି କିମିରୁ ବି ଅଧିକ ଦୂରକୁ ଚାଲିଯାଏ। କିନ୍ତୁ ଯେତେବେଳେ ପୃଥିବୀର ନିକଟତର ହୁଏ, ସେତେବେଳେ ମାତ୍ର ୪ କୋଟିରୁ ବି କମ୍ କିମି ଦୂରରେ ଥାଏ। ତେଣୁ ଏହି ସମୟ ହିଁ ମଙ୍ଗଳକୁ ରକେଟ ପ୍ରେରଣ କରିବାର ଉପଯୁକ୍ତ ସମୟ ଏବଂ ସେହି ସମୟ ଆସୁଛି ଜୁଲାଇ ୨୦୨୦ରେ। ୨୦୨୦ ଜୁଲାଇ ୧୭ରେ ଆମେରିକାର କାର୍ ଆକୃତିର ରୋଭର ଭୂପୃଷ୍ଠ ଛାଡ଼ିବ। ଏହାର ଆଠଦିନ ପରେ 'ରୋଜାଲିଣ୍ଡ ଫ୍ରାଙ୍କ୍‌ଲିନ' ନାମକ ରୁଷୀୟ-ୟୁରୋପୀୟ ମିଶନ ତା'ର ଅଭିଯାନ ଆରମ୍ଭ କରିବ। ଉଭୟ ଅନ୍ତରୀକ୍ଷ ଯାନ ଫେବୃୟାରୀ ୨୦୨୧ରେ ମଙ୍ଗଳରେ ପହଞ୍ଚିବା ଆଶା କରାଯାଉଛି। ସେମାନେ ସେଠାରେ ପହଞ୍ଚିଲା ପରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରିବେ ଏବଂ ସେଠାରେ ଜୀବସତ୍ତା ଅଛି କି ନାହିଁ ଦେଖିବେ। ଚାଇନା ମଧ୍ୟ ସେହି ଏକା ସମୟରେ ମଙ୍ଗଳକୁ ଏକ ଅର୍ବିଟର (ଯାହା ମଙ୍ଗଳର ଚାରିପଟେ ଉପଗ୍ରହ ପରି ବୁଲିବ) ଓ ଏକ ରୋଭର (ଯାହା ମଙ୍ଗଳରେ ଓହ୍ଲାଇବ) ପଠାଇବ। ବର୍ତ୍ତମାନ ମଙ୍ଗଳରେ ଛଅଟି ଅର୍ବିଟର ଅଛି– ଆମେରିକାର ନାସା ପଠାଇଥିବା ତିନିଟି, ୟୁରୋପର ଦୁଇଟି ଓ ଭାରତର ମାର୍ସ ଅର୍ବିଟର। ଏବେ ମଙ୍ଗଳରେ ଦୁଇଟି ରୋଭର ମଧ୍ୟ କାର୍ଯ୍ୟକ୍ଷମ ଅଛି ଏବଂ ସେ ଉଭୟ ହେଉଛି ନାସାର। ସୌରଶକ୍ତିରେ ଚାଳିତ ଚାଇନାର ରୋଭରଟି ପ୍ରାୟ ୨୪୦ କିଲୋ ଓଜନବିଶିଷ୍ଟ। ମଙ୍ଗଳକୁ ଯାଉଥିବା ଚତୁର୍ଥ ଅଭିଯାନଟି ସଂଯୁକ୍ତ ଆରବ ଏମିରେଟ୍‌ସର ଏବଂ ସେମାନେ ଏକ ଜାପାନତିଆରି ରକେଟ ମଙ୍ଗଳକୁ ପଠାଇବେ।

ମଙ୍ଗଳ ପ୍ରତି କେବଳ ବୈଜ୍ଞାନିକମାନଙ୍କର ଆକର୍ଷଣ ନାହିଁ। ବର୍ତ୍ତମାନ ମଣିଷ ଚାହୁଁଛି ମଙ୍ଗଳରେ କଲୋନୀ ପ୍ରତିଷ୍ଠା କରିବା ପାଇଁ। ଏହା ପଛରେ ରହିଥିବା ଯୁକ୍ତି ହେଉଛି ପର୍ଯ୍ୟାବରଣ ଦୃଷ୍ଟିରୁ ମଙ୍ଗଳ ପୃଥିବୀର ନିକଟତମ। ଏହାର ଏକ ବାୟୁମଣ୍ଡଳ ଅଛି, ଯଦିଚ ଏହା ମୁଖ୍ୟତଃ ଅଙ୍ଗାରକାମ୍ଳ ବାଷ୍ପରେ ପରିପୂର୍ଣ୍ଣ। ମଙ୍ଗଳର ଗୋଟିଏ ଦିନ ହେଉଛି ୨୪ ଘଣ୍ଟା ୩୦ ମିନିଟ୍ ଯାହା ପୃଥିବୀର ଗୋଟିଏ ଦିନ ସହ ପ୍ରାୟ ସମାନ। ମଙ୍ଗଳର ଆକାର ପୃଥିବୀର ପ୍ରାୟ ଅଧା ହୋଇଥିବାରୁ ମଣିଷ ସେଠାରେ ଚଳପ୍ରଚଳ କରିପାରିବ। ଯେଉଁ ଲୋକର ଓଜନ ପୃଥିବୀରେ ୫୦ କିଲୋ ମଙ୍ଗଳରେ ତା'ର ଓଜନ ୨୦ କିଲୋରୁ କମ୍ ହେବ। ଆମ ସୌରଜଗତର ଅନ୍ୟ ଗ୍ରହଗୁଡ଼ିକ ପୃଥିବୀଠାରୁ ଢେର ଅଲଗା। ସେଗୁଡ଼ିକ ସୂର୍ଯ୍ୟଠାରୁ ବହୁ ଦୂରରେ, ତେଣୁ ଥଣ୍ଡା। ବୃହସ୍ପତି ପରି ଗ୍ରହ ବହୁତ ବଡ଼ ହୋଇଥିବାରୁ ତା'ର ମାଧ୍ୟାକର୍ଷଣ ଶକ୍ତି ବହୁ ଅଧିକ। ଅନ୍ୟ କେତେକ ଗ୍ରହରେ ଥିବା ବାୟୁମଣ୍ଡଳ ହେଉଛି ବିଷାକ୍ତ। ମଙ୍ଗଳରେ ମଧ୍ୟ ବରଫ ଆକାରରେ ଯଥେଷ୍ଟ ପାଣି ଅଛି। ମଙ୍ଗଳରେ ଅଙ୍ଗାରକାମ୍ଳ ଥିବାରୁ ସେଥିରୁ ସେଠାରେ ଉପଲବ୍ଧ ଅନ୍ୟ ଉପାଦାନ ସାହାଯ୍ୟରେ ପ୍ଲାଷ୍ଟିକ୍ ପ୍ରଭୃତି ବିଭିନ୍ନ ହାଇଡ୍ରୋକାର୍ବନ ତିଆରି କରିହେବ। ମହାକାଶଯାତ୍ରା ଲାଗି ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଇନ୍ଧନ ଏବଂ ରକେଟଗୁଡ଼ିକରେ ମିଥେନ ଓ ତରଳ ଅମ୍ଳଜାନ ବ୍ୟବହାର କରାଯାଏ ଏବଂ ଏ ଉଭୟ ଉପାଦାନ ମଙ୍ଗଳରେ ପ୍ରସ୍ତୁତ କରାଯାଇପାରିବ।

ମଣିଷ ଏବେ ମଙ୍ଗଳଗ୍ରହକୁ ପୃଥିବୀ ପରି ବାସୋପଯୋଗୀ କରିବାକୁ ଚେଷ୍ଟା କରୁଛି। ଏହା ସମୟସାପେକ୍ଷ ହେଲେ ବି ଅସମ୍ଭବ ମନେହେଉ ନାହିଁ। ଉଦ୍ଭିଦ ପାଇଁ ସୂର୍ଯ୍ୟକିରଣ ଓ ଅଙ୍ଗାରକାମ୍ଳ ଦରକାର, ଯାହା ମଙ୍ଗଳରେ ଅଛି। ଉଦ୍ଭିଦ ପାଇଁ ମଙ୍ଗଳର ମାଟିରେ ଥିବା ପୋଷକଗୁଡ଼ିକ ମଧ୍ୟ ବ୍ୟବହାର କରାଯାଇପାରିବ। ଉଦ୍ଭିଦ ସଂଖ୍ୟା ବୃଦ୍ଧି ପାଇଲେ ମଣିଷ ପାଇଁ ଆବଶ୍ୟକ ଅମ୍ଳଜାନ ମଧ୍ୟ ମିଳିପାରିବ। ଏହିସବୁ କାରଣରୁ ମଙ୍ଗଳ ପ୍ରତି ମଣିଷର ଆଗ୍ରହ ବୃଦ୍ଧି ପାଇଛି ଏବଂ ଏକାବେଳକେ ଏତେ ଦେଶ ସେମାନଙ୍କ ମଙ୍ଗଳ ଅଭିଯାନ ଆରମ୍ଭ କରୁଛନ୍ତି। ସ୍ପେସ୍‌ଏକ୍ସ ପରି ଘରୋଇ କମ୍ପାନୀ ମଙ୍ଗଳରେ କଲୋନୀ ପ୍ରତିଷ୍ଠା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଏହି କମ୍ପାନୀ ମାତ୍ର ୧୭ ବର୍ଷର ପୁରୁଣା ହେଲେ ମଧ୍ୟ ଉପଗ୍ରହ ପ୍ରେରଣରେ ବିଭିନ୍ନ ଦେଶର ସରକାରୀ ସଂସ୍ଥାଗୁଡ଼ିକୁ ଟପିଯାଇଛି। ସେମାନେ ୧୦୦ ଟନ ଓଜନର ଜିନିଷ ନେଇ ମଙ୍ଗଳକୁ ଯିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ ମଙ୍ଗଳ ଗ୍ରହର ମାଲିକ କିଏ– ବିଭିନ୍ନ ଦେଶ ବା କମ୍ପାନୀ ନା ଆମେ ସମସ୍ତେ। ଏ ପ୍ରଶ୍ନର ଉତ୍ତର ସମୟକ୍ରମେ ମିଳିବ। ମଙ୍ଗଳ ଗ୍ରହକୁ ନେଇ ସମସ୍ତେ ଖୁବ୍ ଉତ୍ସାହିତ ଅଛନ୍ତି। ମଙ୍ଗଳ ପୃଷ୍ଠରେ ମଣିଷଟିଏ ଠିଆ ହୋଇ ନୀଳବିନ୍ଦୁ ପରି ଦେଖାଯାଉଥିବା ପୃଥିବୀକୁ ଚାହିଁଲାବେଳେ ଏବଂ ପୃଥିବୀର ବିଭିନ୍ନ ଜାତି, ଧର୍ମ ଓ ବିଭାଜନ ବିଷୟ ଚିନ୍ତା କଲାବେଳେ କିପରି ଅନୁଭବ କରିବ? ଗତବର୍ଷ ଯେତେବେଳେ ସ୍ପେସ୍‌ଏକ୍ସ ଏକ ବିରାଟ ରକେଟ୍ ମଙ୍ଗଳକୁ ପଠାଇଲା, ସେତେବେଳେ ସେଥିରେ ଥିଲା ଏକ ଇଲେକ୍ଟ୍ରିକ୍ କାର୍, ଯାହାକୁ ସେମାନେ ମଙ୍ଗଳର କକ୍ଷପଥକୁ ପଠାଇଛନ୍ତି। ବୋଧହୁଏ କେତେକ ପରଗ୍ରହର ମଣିଷ (ଆଲିଏନ୍) କେତେ ନିୟୁତ ବର୍ଷ ପରେ ଏହାକୁ ଠାବ କରିବେ। ସେହି କାର୍‌ରେ ଲେଖା ହୋଇଛି: ''ମେଡ୍ ଅନ୍ ଆର୍ଥ ବାଇ ହ୍ୟୁମ୍ୟାନ୍ସ''।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୯୪

- ତୁର୍କୀର ଏକ ବିମାନ ଇରାକ ମଧ୍ୟରେ ଥିବା କୁର୍ଦ୍ଦ ବିଦ୍ରୋହୀ ଶିବିର ଉପରେ ଆକ୍ରମଣ କରିବା ଫଳରେ ୭୦ ଜଣ କୁର୍ଦ୍ଦ ବିଦ୍ରୋହୀ ନିହତ।
- ଓଡ଼ିଶାର ଉପବାଚସ୍ପତି ପ୍ରହ୍ଲାଦ ଦୋରା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | 2 | | 3 | | | | | | | | | | 7 |
| | 7 | | | | 5 | | | | | B | | C | | 9 |
| | | | | 6 | | | C | | | 0 | 3 | D | | |
| | | | | | | | B | | C | 8 | 4 | | 3 | 0 |
| | | | | D | 2 | 3 | 9 | | E | | 6 | A | B | |
| | | | 7 | | | | E | | | 5 | 8 | | | |
| | D | | | | | 6 | | | | | | 4 | | 2 |
| | C | | | | 3 | | 5 | | 1 | | A | | | |
| | | | | | | 9 | 1 | | | D | | | 7 | |
| | | A | | | | 2 | | | | | C | 3 | | |
| | | 5 | | | B | | D | A | 2 | | | E | 1 | |
| | | 8 | | A | | | | C | | | | | | 4 |
| | | D | | 4 | | | | | 8 | 6 | | 2 | | |
| | | | 1 | 7 | 8 | | | | | 3 | E | | 6 | |
| 4 | | 9 | D | E | | | | 6 | | C | 1 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | A | 8 | 6 | 5 | 1 | 0 | 4 | 9 | 3 | B | 2 | E | 7 | D |
| D | 3 | E | A | 8 | 2 | 7 | B | C | 1 | 6 | 4 | 5 | 9 | 0 |
| 5 | 4 | 2 | B | E | D | 1 | 3 | 6 | 9 | 7 | 0 | 8 | A | C |
| 7 | 0 | 1 | 4 | 3 | 9 | E | 5 | 8 | A | D | C | 6 | 2 | B |
| 9 | B | 6 | 0 | 7 | C | D | 2 | A | 8 | 5 | E | 4 | 3 | 1 |
| 8 | 7 | A | 3 | B | E | 2 | 0 | 1 | C | 9 | 5 | D | 4 | 6 |
| 1 | 9 | B | 2 | C | 5 | 4 | 6 | 3 | D | 8 | 7 | A | 0 | E |
| 2 | 5 | 0 | 9 | 4 | A | B | 7 | D | E | 3 | 6 | 1 | C | 8 |
| E | D | 4 | 7 | 0 | 6 | C | 8 | 5 | 2 | 1 | A | 3 | B | 9 |
| 6 | C | 3 | 1 | D | 8 | A | 9 | E | 4 | 0 | B | 7 | 5 | 2 |
| 0 | 6 | 9 | 8 | A | 3 | 5 | E | 4 | B | 2 | 1 | C | D | 7 |
| 3 | E | 7 | C | 1 | 0 | 9 | A | B | 6 | 4 | D | 2 | 8 | 5 |
| A | 8 | C | 5 | 9 | 7 | 6 | D | 2 | 0 | E | 3 | B | 1 | 4 |
| B | 2 | 5 | D | 6 | 4 | 3 | 1 | 0 | 7 | C | 8 | 9 | E | A |
| 4 | 1 | D | E | 2 | B | 8 | C | 7 | 5 | A | 9 | 0 | 6 | 3 |

ଗତକାଲି ପ୍ରକାଶିତ ଉତ୍ତର

# ଆମ ଜୀବନର ସୁନେଲି ଅତୀତ



ପ୍ରକାଶ ତ୍ରିପାଠୀ

ଗତ ରଜପର୍ବ ସମୟର ଘଟଣା। ଘର ପଛପଟେ ଥିବା ଏକ ପଣସଗଛରେ ଦୁଇଟି ପଣସ ପାଚିଥିବା ଦେଖି ତାକୁ ତୋଳିଦେବାକୁ ବଡ଼ଭଉଣୀ ମୋତେ କହିଲା। ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚରେ ଥିବା ପଣସ ଦୁଇଟିକୁ ଗଛରେ ଚଢ଼ି ତୋଳିବାର ଦୃଶ୍ୟ ଦେଖୁଥିଲା ମୋର ଜଣେ ସମ୍ପର୍କୀୟ ନାତି। ଗଛରୁ ଓହ୍ଲାଇବା ପରେ ନାତି ଟୋକା ମୋତେ କୌତୂହଳୀ ହୋଇ ପଚାରିଥିଲା– ଅଜା! ତୁମେ ଗଛ ଚଢ଼ିବାର ଟ୍ରେନିଂ ନେଇଛ କି? ବିନା ଶିଡ଼ିରେ କେତେ ଶୀଘ୍ର ଏତେ ବଡ଼ ଗଛରେ ଚଢ଼ି ପଣସ ତୋଳିଦେଲ। ମୋ ବୟସର ଆଖପାଖରେ ଥିବା ଲୋକମାନଙ୍କ ପାଇଁ ଗଛରେ ଚଢ଼ିବା, ପାଣିରେ ପହଁରିବା, ଖାଲି ପାଦରେ ଦୌଡ଼ିବା ଅବା ଧାନବିଲର ସରୁ ହିଡ଼ରେ ଚାଲିବା ଏକ ସାଧାରଣ କଥା ହୋଇପାରେ। ମାତ୍ର ବର୍ତ୍ତମାନ ସମୟର ପିଲାମାନଙ୍କ ପାଇଁ ଏଗୁଡ଼ିକ ସବୁ ଅସାଧ୍ୟ କାର୍ଯ୍ୟ। ନ ହେଲେ ମୋ ନାତି ଆଶ୍ଚର୍ଯ୍ୟ ହୋଇ ପଚାରି ନ ଥାନ୍ତା କି ମୁଁ ଗଛଚଢ଼ା ଟ୍ରେନିଂ ନେଇଛି କି ନାହିଁ।

ଏକ ଅନୌପଚାରିକ ଆଲୋଚନାରେ ମୋର ଜଣେ ବନ୍ଧୁ କହିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ ଅର୍ଥାତ୍ ୧୯୫୦ରୁ ୧୯୮୦ ମସିହା ଭିତରେ ଜନ୍ମ ଗ୍ରହଣ କରିଥିବା ଲୋକମାନେ ବଡ଼ ଭାଗ୍ୟବାନ। ପୁରାତନ ଓ ଆଧୁନିକ ଯୁଗର ସନ୍ଧିକ୍ଷଣରେ ଜନ୍ମିଥିବା ଓ ବର୍ତ୍ତମାନର ଅତ୍ୟାଧୁନିକ ଜୀବନ ଶୈଳୀରେ ବଞ୍ଚିଥିବା ଏହି ସ୍ୱତନ୍ତ୍ର ପିଢ଼ିର ଲୋକମାନେ ଏଇଥିପାଇଁ ଭାଗ୍ୟବାନ ଯେ, ସେମାନେ ଦେଖିଥିବା ପରିବାର, ସମାଜ ଓ ପରିବେଶ ବର୍ତ୍ତମାନଠାରୁ ଢେର୍ ଉନ୍ନତ ଓ ସମୃଦ୍ଧ ଥିଲା, ଯାହାକି ବର୍ତ୍ତମାନ ପିଢ଼ି ସେସବୁ ଅନୁଭବ କରିବା ଅସମ୍ଭବ। ମୁଁ ନିଜକୁ ଭାଗ୍ୟବାନ ମନେକରେ ଏଇଥିପାଇଁ ଯେ, ଷାଠିଏ ଦଶକରେ ଜନ୍ମି ଯୁବାବସ୍ଥା ପର୍ଯ୍ୟନ୍ତ ମୁଁ ସେହି ସ୍ୱର୍ଣ୍ଣିମ ସମୟକୁ ଅତିକ୍ରମ କରିଛି, ଯାହାକି ମୋତେ ବାରମ୍ବାର ଭାବବିହ୍ୱଳ କରେ। ଆମେ ସବୁ ସେହି ସମୟରେ ଜନ୍ମିଥିବା ଲୋକ, ଯେଉଁମାନଙ୍କର କି ଜନ୍ମ ଓ ଲାଳନପାଳନ ହୋଇଥିଲା ଯୌଥ ପରିବାରରେ। ଏକାଧିକ ଭଉଣୀ-ଭାଇଙ୍କ ସ୍ନେହଶ୍ରଦ୍ଧା ସହ ବୋଉ-ବାପା, ଖୁଡ଼ୀ-କାକା, ଦେଠେଇ-ଦଦେଇ, ଜେଜେମା'-ଜେଜେବାପାଙ୍କ ଆଦର ଓ ଭଲ ପାଇବାରେ କଟିଥିଲା ଶୈଶବ। ସନ୍ଧ୍ୟାରେ ଅଗଣାରେ ସପ ଉପରେ ଶୋଇ ତାରାଭର୍ତ୍ତି ଆକାଶକୁ ଦେଖି ଭାବନା ରାଜ୍ୟରେ ବୁଲିଛୁ। ଜେଜେମା' ଚାରିପଟେ ରୁଣ୍ଡ ହୋଇ ପରୀ କାହାଣୀ, ବୁଢ଼ୀ ଅସୁରୁଣୀ ଆଦି ଗପରାଇଜରେ ଘୂରିଛୁ। ଜେଜେବାପାଙ୍କଠାରୁ ଶାସ୍ତ୍ର-ପୁରାଣର ଅନେକ କାହାଣୀ ସାଉଁଟିଛୁ। ମାଟିହାଣ୍ଡି ପ୍ରସ୍ତୁତ ବ୍ୟଞ୍ଜନର ଫଳକଟିଏ ଦେଖିଲେ ଆଜିର ଯୁବ ପିଢ଼ି ବିକଳ ହୋଇ ଦୌଡ଼ୁଛନ୍ତି ତା'ର ସ୍ୱାଦ ପାଇବାକୁ। ହେଲେ ଆମ ପିଲାବେଳ କଟିଛି ସେହି ମାଟିପାତ୍ର ପ୍ରସ୍ତୁତ ସମସ୍ତ ବ୍ୟଞ୍ଜନରେ। ଖାଉଥିଲୁ କଂସା ଓ ପିତଳ ବାସନରେ। ରୋଷେଇ ପରେ ପରିବାରର ସମସ୍ତ ସଦସ୍ୟ ଅଗଣାରେ ତଳେ ଆସନ ବା ପିଢ଼ା ପକାଇ ଖାଉଥିଲୁ। ପରିବାର ସାରା ଲୋକଙ୍କ ସେହି ଅପୂର୍ବ ପଙ୍ଗତର ଦୃଶ୍ୟ ଆଜିର ଦିନରେ ସ୍ୱପ୍ନ।

ନିଜ ଘର ବ୍ୟତୀତ ଆମ ପାଇଁ ଆଉ ଯେଉଁ ଘରଟିର ଆକର୍ଷଣ ଅଧିକ ଥିଲା ତାହା ହେଉଛି ମାମୁଘର। ସମୟ ପାଇଲେ ବୋଉ ସହିତ ଚାଲିଯାଉ ମାମୁଘରକୁ। ନିଜ ଗାଁ ଭଳି ମାମୁଘର ଗାଁରେ ମିଳେ ଅନେକ ସ୍ନେହ ଓ ଆଦର। ଖେଳିବାକୁ ମିଳିଯାନ୍ତି ଅନେକ ସାଙ୍ଗସାଥୀ। ଗାଁ ସାରା ମାଇଁ-ମାମୁ ଓ ଆଈ-ଅଜାଙ୍କ ଭଲ ପାଇବାରେ ଇଚ୍ଛାହୁଏ ନାହିଁ ଗାଁକୁ ଫେରିବାକୁ। ଏବର ପିଲାମାନେ ମାମୁଘର ଓ ମାମୁଘର ଗାଁର ସ୍ନେହ-ଆଦରଠାରୁ ଢେର୍ ଦୂରରେ। ଛୁଟିରେ ଟିଉସନ, କୋଚିଂରୁ ମୁକ୍ତି ନାହିଁ। ମାମୁଘରକୁ ଯିବାକୁ ସମୟ କାହିଁ? ଏବର ପିଲାଙ୍କ ଭଳି ଆମ ପିଲାବେଳେ ଏତେ ପାଠବୋଝ ନ ଥିଲା। ସ୍କୁଲରୁ ଫେରି ଘରେ ବହିବସ୍ତାନି ରଖି ସାଙ୍ଗସାଥୀଙ୍କ ସହ ଏପରି ଖେଳରେ ମାତିଯାଉଥିଲୁ ଯେ, କେତେବେଳେ ସନ୍ଧ୍ୟା ହୋଇଯାଏ ଜଣାପଡେନି। କବାଡ଼ି, ଡୁଡୁ, ଗିଲିଦଣ୍ଡା, ଡାଗରପୁଆ, ଡାଳିମାଙ୍କୁଡ଼ି, ଚୋର ପୋଲିସ, ଖୋ-ଖୋ, ବୋହୂଚୋରି, ବାଟି ଆଦି ପାରମ୍ପରିକ ଖେଳ ଥିଲା ଆମର ନିତିଦିନିଆ ଖେଳ। ପ୍ରତି ସଞ୍ଜରେ ଭଉଣୀ-ଭାଇଙ୍କ ଗହଣରେ ଆରମ୍ଭ ହୁଏ ପାଠପଢ଼ା। ପଢ଼ା ଆରମ୍ଭ ପୂର୍ବରୁ ବୋଲାଯାଏ ପ୍ରାର୍ଥନା। ସେତେବେଳେ ପାଠପଢ଼ିବା ପାଇଁ ଆଜିର ଦିନ ଭଳି ସ୍ୱତନ୍ତ୍ର ପଢ଼ାଘର ନ ଥିଲା। ମାତ୍ର ଘର ଅଗଣାରେ ଡିବିରି/ଲଣ୍ଠନ ଚାରିପଟେ ଭଉଣୀ-ଭାଇମାନଙ୍କ ଗହଣରେ ପାଠପଢ଼ା ମନରେ ସୃଷ୍ଟି କରୁଥିଲା ପଢ଼ା ପ୍ରତି ଅପୂର୍ବ ଆଗ୍ରହ। ଆଜିର ବ୍ୟୟବହୁଳ ଘରୋଇ ଶିକ୍ଷାନୁଷ୍ଠାନ ବା କୋଚିଂ ସେଣ୍ଟରର ଚିନ୍ତା ମା'-ବାପାଙ୍କୁ ନ ଥିଲା କି ଆମମାନଙ୍କୁ ପରୀକ୍ଷାରେ ଶତକଡ଼ା ଅନେଶତ ନମ୍ବର ରଖିବାର ଚାପ ନ ଥିଲା। ସେତେବେଳେ ଶିକ୍ଷା ଦଣ୍ଡମୁକ୍ତ ନ ଥିଲା ସତ, ହେଲେ ପାଠପଢ଼ା ଚାପମୁକ୍ତ ଥିଲା। ଟିଉସନ ହେବା ଆମ କଳ୍ପନାର ବାହାରେ ଥିଲା। ବିଦ୍ୟାଳୟରେ ନିୟମିତ ପରୀକ୍ଷା ହେଉଥିଲା ଓ ପିଲା ପାସ୍-ଫେଲ୍ ହେଉଥିଲେ। ଗୁରୁମା'-ଗୁରୁଜୀ ଦେଉଥିବା ପାଠ କରିକି ନ ଗଲେ ବା ଶ୍ରେଣୀରେ ପାଠ ନ କରିପାରୁଥିଲେ ମାଡ଼ ଖାଉଥିଲୁ। ବେତମାଡ଼, କାନମୋଡ଼ା, କାନ ଧରି ବସଉଠ, ଚଉକିବସା, ଆଣ୍ଠେଇବା ଭଳି ଦଣ୍ଡକୁ ସମ୍ମାନର ସହ ଗ୍ରହଣ କରୁଥିଲୁ। ପିଲାମାନେ ଦଣ୍ଡ ପାଉଥିବା କଥା ଅଭିଭାବକମାନେ ଜାଣୁଥିଲେ ବି ଶିକ୍ଷକମାନଙ୍କ ପ୍ରତି ସେମାନଙ୍କର ସମ୍ମାନ କେବେ ବି ଊଣା ହେଉ ନ ଥିଲା। ଶିକ୍ଷାର୍ଥୀମାନଙ୍କର ବି ଗୁରୁମାନଙ୍କ ପ୍ରତି ଥିଲା ଅଜସ୍ର ଭକ୍ତି। କମ୍ ନମ୍ବର ରଖୁଥିବା ପିଲାଙ୍କୁ ଶିକ୍ଷକମାନେ ସକାଳେ ବା ସନ୍ଧ୍ୟାରେ ମାଗଣାରେ ଟିଉସନ କରୁଥିଲେ। ସାଥୀ ବହି ନ ଥିଲା, ଟେକ୍ସଟ ବୁକ ପଢି ଆମେ ଭଲ ନମ୍ବର ଆଣୁଥିଲୁ। ଦୂରରେ ରହୁଥିବା ସମ୍ପର୍କୀୟଙ୍କୁ ହାତଲେଖା ଚିଠି ଡାକରେ ପଠାଉଥିଲୁ ଓ ସେମାନଙ୍କ ଭଲମନ୍ଦ ଜାଣିବା ପାଇଁ ସେମାନଙ୍କ ଚିଠିକୁ ଅପେକ୍ଷା କରୁଥିଲୁ। ଆମ୍ଭେମାନେ ସେଇ ସମୟର ମଣିଷ ଯେଉଁମାନଙ୍କର ପ୍ରକୃତି ସହ ଥିଲା ଘୋର ଆତ୍ମୀୟତା। ତୋଟା-ଜଙ୍ଗଲରେ ବୁଲୁଥିବା ଯୋଗୁ ସମସ୍ତ ପ୍ରଜାତିର ବୃକ୍ଷଲତାକୁ ଜାଣିବା, ଚିହ୍ନିବା, ଗଛରେ ଚଢିବା, ଚାଷବାସରେ ପ୍ରତ୍ୟକ୍ଷ ବା ପରୋକ୍ଷ ଅଂଶଗ୍ରହଣ କରିବା, କୃଷିଭିତ୍ତିକ ସମାଜ ଓ ପୂଜାପାର୍ବଣକୁ ଉପଭୋଗ କରିବା ଥିଲା ଆମ ସମୟର ସ୍ୱତନ୍ତ୍ରତା। ଆମେ ସେହି ସମୟର ମଣିଷ, ଯେଉଁମାନଙ୍କର ପିଲାବେଳ କଟିଥିଲା ବିନା ବିଦ୍ୟୁତ୍‌ରେ, ବିନା ଟିଭିରେ, ବିନା ମୋବାଇଲ ଫୋନରେ ଓ ବିନା ଏୟାର କଣ୍ଡିଶନରରେ। ନା ଥିଲା କେବେ ଅଭିଯୋଗ ନା ଅଭିମାନ। ସବୁ ପରିସ୍ଥିତିରେ ଖାପଖୁଆଇ ଚଳି ପାରିବାର କଳା ବାଲ୍ୟକାଳରୁ ହିଁ ଆମେ ଶିଖିଛୁ। ଆଜିର ଦିନ ଭଳି ଆମର ଅବାସ୍ତବ ନେଟ୍ ଫ୍ରେଣ୍ଡ ନ ଥିଲେ। ଥିଲେ ଅନେକ ସତସତିକା ସାଙ୍ଗ, ଯେଉଁମାନେ କି ସାଙ୍ଗ ପାଇଁ ସବୁ କିଛି ଉତ୍ସର୍ଗ କରିଦେଉଥିଲେ। ଆଜିର ଦିନ ଭଳି ଫିଲ୍‌ଟର ବା ମିନେରାଲ ୱାଟର ସେତେବେଳେ ଆବଶ୍ୟକ ପଡୁ ନ ଥିଲା। ଶୋଷ ଲାଗିଲେ ନଳକୂପରେ ମୁହଁ ଲଗାଇ ପେଟ ଭରି ପାଣି ପିଉଥିଲୁ। ମାଟି କାଦୁଅରେ ଲଟର-ପଟର ହେଉଥିଲୁ, ବେଳା-ଅବେଳାରେ ପୋଖରୀ-ନଦୀରେ ବୁଡୁଥିଲୁ। ହେଲେ କେବେ ବି ଏଥିପାଇଁ ଅସୁସ୍ଥ ହେଉ ନ ଥିଲୁ। ଘର ପ୍ରସ୍ତୁତ ଚୁଡ଼ା, ମୁଢ଼ି, ଛତୁଆ ଖାଇ ତାଗଡା ଥିଲୁ। ଆଜିର ଦିନ ଭଳି ଫୁଡ୍ ସପ୍ଲିମେଣ୍ଟ ବା ଭିଟାମିନ ଟାବ୍‌ଲେଟ ଖାଇବା ଆବଶ୍ୟକ ପଡୁ ନ ଥିଲା। ଆମ ପିଲାବେଳେ ହୃଦୟସ୍ପର୍ଶୀ ଓ ଶ୍ରୁତିମଧୁର ଥିଲା ଚଳଚ୍ଚିତ୍ର ଓ ଆଧୁନିକ ଗୀତ। ବିଭିନ୍ନ ରାଗ ଓ ଶାସ୍ତ୍ରୀୟ ଆଧାରରେ ଲେଖାଯାଇଥିବା ଓ ବୋଲାଯାଇଥିବା ସେହି ଅଭୁଲା ଗୀତଗୁଡିକର ଏବେ ବି ଚାହିଦା କମିନାହିଁ। ଗାଁ ଗାଁରେ ପାଲା, ଦାସକାଠିଆ, ଧୁଡୁକି, ଗୋଟିପୁଅ ନୃତ୍ୟ ହେଉଥିଲା ମନୋରଞ୍ଜନର ଭରପୂର ଖୋରାକ। ନା ଥିଲା ସେଥିରେ ଆଜିର ଦିନ ଭଳି ଅଶ୍ଳୀଳତା ନା ଅବାସ୍ତବତା। ପରିବାର ସହ ସିନେମା ଦେଖିପାରୁଥିଲୁ ଓ ଗୀତ ବି ଶୁଣିପାରୁଥିଲୁ। ପୋଷାକପତ୍ର ଥିଲା ଶାଳିନତାପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଶରୀର ଆବୃତ୍ତ ରହୁଥିଲା। ଆଜିର ଦିନ ଭଳି ଉଚ୍ଛୃଙ୍ଖଳ ପୋଷାକ ପିନ୍ଧିଲେ ବି ଅଙ୍ଗ ପ୍ରଦର୍ଶନ କରିବାର କୌଣସି ଅଭିଳାଷ ରହୁ ନ ଥିଲା। ଆଜିର ଦିନ ଭଳି ମମ୍, ଡାଡ୍, ଆଣ୍ଟି, ଅଙ୍କଲ ଭଳି କେତୋଟି ମାତ୍ର ସମ୍ପର୍କରେ ଆବଦ୍ଧ ହେଉ ନ ଥିଲୁ ଆମେ। ସମ୍ପର୍କ ଥିଲା ବ୍ୟାପକ। ଗୁରୁଜନଙ୍କ ପ୍ରତି ଥିଲା ଅଜସ୍ର ଭକ୍ତି, ସମ୍ମାନ ଓ ଲଘୁଜନଙ୍କ ପ୍ରତି ଥିଲା ନିଃସ୍ୱାର୍ଥ ପ୍ରେମ।

ବର୍ତ୍ତମାନ ନିଜ ପଡ଼ିଶାଘରର ଲୋକଙ୍କୁ ନ ଜାଣିବାର ସମୟ ଚାଲିଛି। ଆମେ ସେଇ ପିଢ଼ିର ମଣିଷ ଯାହାକୁ କେବଳ ନିଜ ଗାଁ ନୁହେଁ, ଆଖପାଖ ଦଶପନ୍ଦର ଖଣ୍ଡ ଗାଁର ଲୋକ ଚିହ୍ନୁଥିଲେ। ସେତେବେଳେ ଘର କଚ୍ଚା ଥିଲା, ଛୋଟ ଥିଲା। ହେଲେ ମଣିଷ ଅଧିକ ରହୁଥିଲେ ଓ ସମ୍ପର୍କ ମଜଭୁତ ଥିଲା। ଏବେ ତ ଘର ପକ୍କା ଓ ବଡ଼। ହେଲେ ମଣିଷ ରୁହନ୍ତି କମ୍ ଓ ସେମାନଙ୍କ ସମ୍ପର୍କ ଦୁର୍ବଳ। ଶେଷରେ ଏତିକି କହିବି ଯେ, ଯଦି ଆପଣମାନେ ମୋ ବୟସର ଆଖପାଖର ହୋଇଥାନ୍ତି, ତେବେ ଆପଣଙ୍କ ସେହି ସୁନେଲି ଅତୀତ ନିଶ୍ଚିତ ଆପଣଙ୍କୁ ବେଳେ ବେଳେ ଆନମନା କରୁଥିବ। ଭାବବିହ୍ୱଳିତ କରୁଥିବ ଓ ରୋମାଞ୍ଚିତ ବି କରୁଥିବ। ସେହି ଅବିସ୍ମରଣୀୟ ମୁହୂର୍ତ୍ତ ସବୁକୁ ଭାବିବସିଲେ ଈଶ୍ୱରଙ୍କୁ ନିୟୁତ ଧନ୍ୟବାଦ ଦେବାକୁ ଇଚ୍ଛାହୁଏ କି ମଣିଷ ଓ ପ୍ରକୃତି ସହ ସମ୍ପର୍କର ମଧୁରତାକୁ ଜୀବନ୍ତ ଭାବରେ ଅନୁଭବ କରିବାର ଅନେକ ସୁଯୋଗ ସେ ଆମକୁ ଦେଇଛନ୍ତି। ଆମେ ଯାହାସବୁ ପାଇଛେ ତାହା ଆଉ କେହି ପାଇବେ ନାହିଁ କି ଆମ ପରି ଆଉ କେହି ହେବେ ନାହିଁ। ବିଶିଷ୍ଟ ଲେଖକ ବୈଷ୍ଣବ ମହାନ୍ତିଙ୍କ ୟୁଟ୍ୟୁବ୍ ଭାଷଣ 'ଆମେ ତ ଭାଗ୍ୟବାନ୍ ବୁଢ଼ାରେ' ଶୁଣିଲେ ଯେ କେହି ଏହା ହୃଦୟଙ୍ଗମ କରିବେ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ବ୍ରିଟେନ ସ୍ୱରାଷ୍ଟ୍ର ସଚିବ

ୟୁରୋପୀୟ ସଂଘରୁ ବ୍ରିଟେନ୍ ଓହରିଯିବା ବା ବ୍ରେକ୍‌ଜିଟ ପ୍ରସଙ୍ଗ ଇଂଲିଶମାନଙ୍କ ପାଇଁ ଦୀର୍ଘଦିନ ହେବ ଅସ୍ପଷ୍ଟ ରହିଆସିଛି। ବ୍ରେକ୍‌ଜିଟ ସପକ୍ଷ ଓ ବିପକ୍ଷଙ୍କ ମଧ୍ୟରେ ବିତର୍କ ଲାଗି ରହିଛି। ପରିସ୍ଥିତି ଏଭଳି ସ୍ତରକୁ ଯାଇଛି ଯେ, ଡେଭିଡ୍ କାମେରନ୍ ଓ ଥେରେସା ମେ'ଙ୍କୁ ପ୍ରଧାନମନ୍ତ୍ରୀ ପଦ ହରାଇବାକୁ ପଡ଼ିଛି। ନିକଟରେ ବୋରିସ୍ ଜନସନ୍ ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତାଙ୍କ ନୂଆ ମନ୍ତ୍ରିମଣ୍ଡଳରେ ଭାରତୀୟ ବଂଶୋଦ୍ଭବ ପ୍ରୀତି ପଟେଲ ସ୍ଥାନ ପାଇ ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ସଚିବ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପାକିସ୍ତାନୀ ବଂଶୋଦ୍ଭବ ସାଜିଦ୍ ଜାଭିଦ୍‌ଙ୍କ ସ୍ଥାନରେ ପ୍ରୀତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସାଜିଦ୍‌ଙ୍କୁ ଟ୍ରେଜେରି ବିଭାଗ ବୁଝିବା ପାଇଁ ଦାୟିତ୍ୱ ଦିଆଯାଇଛି। ପ୍ରୀତି ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ବ୍ରିଟେନ୍‌ର ସ୍ୱରାଷ୍ଟ୍ର ସଚିବ ହୋଇଥିବାରୁ ଏହା ଭାରତ ପାଇଁ ଗର୍ବର ବିଷୟ ହୋଇଛି।

ପ୍ରୀତି ପଟେଲ ୨୯ ମାର୍ଚ୍ଚ ୧୯୭୨ରେ ଲଣ୍ଡନର ହାରୋଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାପିତା ଥିଲେ ଗୁଜରାଟି। ସେମାନେ ୧୯୬୦ରେ ଉଗାଣ୍ଡା ଚାଲିଯାଇଥିଲେ। ସେଠାରୁ ଫେରି ବ୍ରିଟେନରେ ରହିଥିଲେ। କେଲ୍ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ପରେ ପ୍ରୀତି ୟୁନିଭର୍ସିଟି ଅଫ୍ ଏସେକ୍ସରୁ ବ୍ରିଟିଶ ଗଭର୍ନମେଣ୍ଟ ଆଣ୍ଡ୍ ପଲିଟିକ୍ସ ଉପରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ସେତେବେଳେ ତାଙ୍କ ପାଇଁ ଆଦର୍ଶ ପାଲଟିଥିଲେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚର। ଘର, ବ୍ୟବସାୟ, ଅର୍ଥନୀତି, ରାଜନୀତି ଆଦି ପ୍ରତି କ୍ଷେତ୍ରକୁ ପରିଚାଳନା କରିବାରେ

### ବ୍ୟକ୍ତିତ୍ୱ



ପ୍ରୀତି ପଟେଲ

ଦକ୍ଷତା ରଖିଥିବା ମାର୍ଗାରେଟଙ୍କ ଜୀବନଶୈଳୀକୁ ସେ ଅନୁସରଣ କରୁଥିବା କହିଥାଆନ୍ତି। ତେବେ ସ୍ନାତକ ଶେଷ କରିବା ପରେ କଞ୍ଜରଭେଟିଭ୍ ସେଣ୍ଟ୍ରାଲ ଅଫିସ୍‌ରେ କାର୍ଯ୍ୟ କରିବା ଲାଗି ତାଙ୍କୁ ସୁଯୋଗ ମିଳିଥିଲା। କଞ୍ଜରଭେଟିଭ୍ ରିସର୍ଚ୍ଚ ଡିପାର୍ଟମେଣ୍ଟର ତତ୍କାଳୀନ ମୁଖ୍ୟ ଆଣ୍ଡ୍ରୁ ଲାନ୍‌ସଲେ ପ୍ରୀତିଙ୍କୁ ସେଠାରେ ନିଯୁକ୍ତ କରିଥିଲେ। ୧୯୯୫ରୁ ୯୭ ଯାଏ ସେ କାର୍ଯ୍ୟ କରିବା ପରେ ସମ୍ପୃକ୍ତ ଅଫିସ୍‌ରୁ ଅପସରି ଯାଇଥିଲେ। ପରେ ସେ ସେହିବର୍ଷ କଞ୍ଜରଭେଟିଭ୍ ପାର୍ଟିରେ ଯୋଗ ଦେଇ ନୂଆ ନେତା ଉଇଲିୟମ୍ ହଗ୍‌ଙ୍କ ପାଇଁ କାର୍ଯ୍ୟ କରିଥିଲେ। ହେଲେ ୨୦୦୦ରେ ପ୍ରୀତି କଞ୍ଜରଭେଟିଭ୍ ପାର୍ଟି କାମ ଛାଡ଼ି ୱେବର ସାଣ୍ଡୱଇକ୍ ନାମକ ଏକ ଜନସମ୍ପର୍କ ପରାମର୍ଶଦାତା ଫାର୍ମରେ ଯୋଗ ଦେଇଥିଲେ। ରାଜନୀତି ଓ ଜନସମ୍ପର୍କ କାର୍ଯ୍ୟ କଲା ଭିତରେ ସେ ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ତେବେ ପ୍ରୀତି ବ୍ରିଟେନ୍‌ର ପ୍ରତ୍ୟକ୍ଷ ରାଜନୀତିରେ ୨୦୦୫ରେ ପାଦ ଥାପିଥିଲେ। ସେ ନଟିଙ୍ଗହାମ୍ ନର୍ଥରୁ କଞ୍ଜରଭେଟିଭ୍ ପାର୍ଟି ପ୍ରାର୍ଥୀ ହୋଇଥିଲେ ହେଁ ଲେବର ପାର୍ଟିର ଏମ୍‌ପି ରହିଥିବା ଗ୍ରାହାମ୍ ଆଲେନ୍‌ଙ୍କଠାରୁ ହାରିଯାଇଥିଲେ। ଏହା ପରେ ସେ ୨୦୦୭ରେ କର୍ପୋରେଟ୍ ଆଣ୍ଡ୍ ପବ୍ଲିକ୍ ଆଫାୟାର୍ସ ପ୍ରାକ୍ଟିସେସ୍‌ରେ ଡାଇରେକ୍ଟର ଭାବେ ଯୋଗଦେଇଥିଲେ। ୨୦୦୫ ନିର୍ବାଚନରେ ପରାଜିତ ହେବା ପରେ ତାଙ୍କୁ ଜଣେ ଉଦୀୟମାନ ସାଂସଦ ପ୍ରାର୍ଥୀ ଭାବେ ଖୋଜି ବାହାର କରିଥିଲେ ଦଳର ନେତା ଡେଭିଡ୍ କାମେରନ୍। ଫଳରେ ୨୦୧୦ରେ ପ୍ରୀତି ଉଇଥାମ୍‌ରେ ନିର୍ବାଚନ ଲଢ଼ି ଜିତିଥିଲେ। ପରବର୍ତ୍ତୀ ସମୟରେ ସେ ୨୦୧୫ରେ କଞ୍ଜରଭେଟିଭ୍ ପାର୍ଟି ପକ୍ଷରୁ ଲଢ଼ି ନିଜ ଆସନ ବଜାୟ ରଖିଥିଲେ। କାମେରନ୍ ସରକାରରେ ସେ ନିଯୁକ୍ତି ସଂକ୍ରାନ୍ତ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ହେଲେ ବ୍ରେକ୍‌ଜିଟ୍‌କୁ ନେଇ କାମେରନ୍ ଇସ୍ତଫା ଦେବା ପରେ ପ୍ରୀତି କଞ୍ଜରଭେଟିଭ୍ ନେତ୍ରୀ ଥେରେସା ମେ'ଙ୍କୁ ସମର୍ଥନ ଦେଇଥିଲେ। ପରେ ଥେରେସା ତାଙ୍କୁ ଅନ୍ତର୍ଜାତୀୟ ବିକାଶ ସଚିବ ରୂପେ ନିଯୁକ୍ତ କରିଥିଲେ। ହେଲେ ୨୦୧୭ରେ ଇସ୍ରାଏଲ ସରକାରଙ୍କ ସହ ଲୁଚାଛପାରେ ବୈଠକ କରି ସେ ବିବାଦ ଘେରକୁ ଆସିଥିଲେ। ଫଳସ୍ୱରୂପ ତାଙ୍କୁ ଉକ୍ତ ସଚିବ ପଦରୁ ଅନ୍ତର କରାଯାଇଥିଲା। ଏବେ ବୋରିସ୍ ଜନ୍‌ସନଙ୍କ ନେତୃତ୍ୱରେ ଗଠିତ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ସଚିବ ଭାବେ ଦାୟିତ୍ୱ ପାଇବା ତାଙ୍କ ଲମ୍ବା ରାଜନୈତିକ ଅଭିଜ୍ଞତାକୁ ଦର୍ଶାଉଛି। ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବେ ବୋଲି ପ୍ରୀତି କହିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦେଶରେ ବେଳେବେଳେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେଉଥିବାବେଳେ ଉତ୍ତରପ୍ରଦେଶର ମିରଟରେ ବାସକରୁଥିବା ଜଣେ ମୁସଲମାନ୍ ମହିଳା ସାମ୍ପ୍ରଦାୟିକ ସଦ୍‌ଭାବର ଉଦାହରଣ ପାଲଟିଛନ୍ତି। ୪୨ ବର୍ଷ ବୟସ୍କା ଶାହିନ୍ ପରଭେଜ୍ ପ୍ରତିଦିନ ହନୁମାନଙ୍କ ପୂଜା କରିବା ସହିତ ହନୁମାନ ଚାଳିଶା ପାଠ କରିଥାନ୍ତି। ଏହା ସହିତ ସେ ଘରେ ସମସ୍ତ ହିନ୍ଦୁ ଦେବଦେବୀଙ୍କୁ ମଧ୍ୟ ପୂଜା କରନ୍ତି। କାରଣ ସେ ସବୁ ଧର୍ମ ଉପରେ ବିଶ୍ୱାସ ରଖୁଥିବା କହିଛନ୍ତି। ମାନବ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ବୋଲି ଶାହିନ୍ କହିଥାନ୍ତି। ସ୍କୁଲରେ ପାଠ ପଢୁଥିବା ସମୟରୁ ସେ ଏଭଳି କରି ଆସୁଛନ୍ତି। ତେବେ ତାଙ୍କର ଏହି କାର୍ଯ୍ୟକୁ ପରିବାରର କୌଣସି ସଦସ୍ୟ ବିରୋଧ କରିନାହାନ୍ତି। ସେ ଜାଣନ୍ତି ଈଶ୍ୱର ଏକ ଏବଂ ଅଦ୍ୱିତୀୟ। ପ୍ରତ୍ୟେକ ମଣିଷକୁ ଭଲପାଇବା ସବୁଠୁ ବଡ ଧର୍ମ ବୋଲି ସେ ବିବେଚନା କରନ୍ତି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ବାସକରନ୍ତି। ବେଳେ ବେଳେ କେତେକ ବ୍ୟକ୍ତି ଅସହିଷ୍ଣୁ ଭାବ ପୋଷଣ କରି ସାମ୍ପ୍ରଦାୟିକ ସଂଘର୍ଷର କାରଣ ହେଉଥିବାବେଳେ ଶାହିନ୍‌ଙ୍କ ହିନ୍ଦୁ ଦେବଦେବୀ ପୂଜନ ତଥାକଥିତ ଲୋକଙ୍କ ପାଇଁ ଭଲ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ।

### ଚିରନ୍ତନୀ

କୋଟି ଚନ୍ଦ୍ର ଗ୍ରହ ତାରା ଜଳିଉଠେ ଯେ ଆଲୋକ ଲାଗି
ଘନ ତମିସ୍ରାର କୋଳେ ଯେ ଆଲୋକଧାରା ଉଠେ ଜାଗି
ଜଳେ ପୁଣି ସିନ୍ଧୁ ବକ୍ଷେ ଗିରି ଚୂଳେ କାଳାନଳ ସମ!
ଜଡ଼ରୂପୀ ହେ ଅନଳ ଅଗ୍ନି! ତବ ପଦେ ନମୋନମ!
(ଜଡ଼-ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବସ୍ତିବାସିନ୍ଦାଙ୍କ ଥଇଥାନ ବେଳେ ସତର୍କତା

ମହାଶୟ,

ଆମ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏପରିକି ରାଜ୍ୟ ବାହାରୁ ମଧ୍ୟ ବହୁ ଲୋକ ରାଜଗାର ପାଇଁ ବା ଅନ୍ୟ କାରଣ ପାଇଁ ସହରକୁ ଚାଲି ଆସୁଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିବା ଶ୍ରମିକ ଶ୍ରେଣୀର ଲୋକ ଭଡ଼ା ଦେଇ ରହିବା ସମ୍ଭବ ନ ହେବାରୁ ସହରାଞ୍ଚଳରେ ଥିବା ଖାଲି ସରକାରୀ ଜାଗାରେ କୁଡ଼ିଆଟିଏ କରି ରହି ଆସୁଥିଲେ ଏବଂ ଏକାଧିକ କୁଡ଼ିଆକୁ ନେଇ ବସ୍ତି ଗଢି ଉଠୁଥିଲା। କିନ୍ତୁ ଏବେ ଆର୍ଥିକ ସ୍ୱଚ୍ଛଳ ବର୍ଗର ଧୂର୍ତ୍ତ ଲୋକମାନେ ସରକାରୀ ଜମି ଜବରଦଖଲ ପୂର୍ବକ ପକ୍କା ଘର ତିଆରି କରି ବସ୍ତି ପ୍ରସାରଣ କରିବାରେ ଲାଗିଛନ୍ତି। ସେହି ବସ୍ତି ଘରକୁ ସେମାନେ ଭଡ଼ା ଦେଇ ଅନ୍ୟତ୍ର ରହୁଛନ୍ତି। ଅନେକ ସ୍ଥାନରେ ଦଲାଲମାନେ ମୋଟା ଅଙ୍କର ଅର୍ଥ ବଦଳରେ ସରକାରୀ ଜମି ଦଖଲ ଦେଇପାରୁଛନ୍ତି। ସେଥିପ୍ରତି ପ୍ରଶାସନର ନିଘା ନ ରହିବା ଉଦ୍‌ବେଗର ବିଷୟ। ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହେଲେ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ସରକାର ପଦକ୍ଷେପ ନେବାବେଳେ ବସ୍ତିରେ ଘର କରିଥିବା ଲୋକଙ୍କ ମୂଳ ବାସସ୍ଥାନର ସମସ୍ତ ବିବରଣୀ ଯାଞ୍ଚ କରିବା ଜରୁରୀ।

ପୁଷ୍ପଲତା ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪

### ହିନ୍ଦୁ କରୁଛନ୍ତି ମସ୍‌ଜିଦର ଦେଖାରଖା

ଧରିତ୍ରୀ(୩୦।୬)ର 'ଏଇ ଭାରତରେ' ସ୍ତମ୍ଭରେ ପ୍ରକାଶିତ ଖବରଟି ମାନବିକ ମୂଲ୍ୟବୋଧର ପରିଚୟ ଦିଏ। ପଞ୍ଜାବର ହେଡ୍ଡୋନେଟ୍ ଗାଁରେ ଗୋଟିଏ ବି ମୁସଲମାନ ପରିବାର ନାହାନ୍ତି। ଭାରତ ପରାଧୀନ ଥିବା ସମୟରେ ଥିଲେ ପଚାଶ ମୁସଲମାନ ପରିବାର। କିନ୍ତୁ ଦେଶ ବିଭାଜନ ପରେ ଜଣେ ବି ନାହାନ୍ତି। ହେଲେ ଆଜି ବି ମସ୍‌ଜିଦରେ ଜଳୁଛି ସଦ୍‌ଭାବନାର ଦୀପ। ପାକିସ୍ତାନରୁ ଆସିଥିବା ୧୫ଟି ହିନ୍ଦୁ ପରିବାର ମସ୍‌ଜିଦର ଦେଖାରଖା କରୁଛନ୍ତି। ଏଇଠାରେ ପ୍ରମାଣିତ ହେଉଛି ମାନବୀୟ ଧର୍ମ। ଅନ୍ୟ ଧର୍ମକୁ ସମ୍ମାନ ଦେବା ହିଁ ମାନବୀୟ ଧର୍ମ। ହିନ୍ଦୁ ଓ ମୁସଲମାନ ଉଭୟ ଏ ଘଟଣାରୁ ଶିକ୍ଷାଲାଭ କରନ୍ତୁ। ଧର୍ମ ଏକ, ଦେବତା ଏକ, ନାମ ଭିନ୍ନ। ମଣିଷ ମଣିଷର ଧର୍ମକୁ ସମ୍ମାନ ଦେଲେ ସେ ଦେବତା ପାଲଟିଯିବ ଓ ତାହା ହିଁ ପ୍ରକୃତରେ ଧର୍ମ।

କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାଶୁଣୀ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ କର୍ନାଟକରେ ଭାଜପା ସରକାରର ଗଠନ ଘୋଡ଼ାବେପାରର ବିଜୟ।
-ସିଦ୍ଧାରାମାୟା,
ବରିଷ୍ଠ କଂଗ୍ରେସ ନେତା

# କଶ୍ମୀର ଗଲେ ୧୦ ହଜାର ଯବାନ

**ନୂଆଦିଲ୍ଲୀ/ଶ୍ରୀନଗର,୨୭।୭(ପି.ଟି.)**



ଜମ୍ମୁ-କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ଅଧିକ ଶକ୍ତିଶାଳୀ କରିବା ସହ ଉପତ୍ୟକାରେ ଆଇନଶୃଙ୍ଖଳା ସ୍ଥିତି ମଜଭୁତ କରିବା ପାଇଁ କେନ୍ଦ୍ର ସରକାର ସେଠାକୁ ୧୦ ହଜାର ଯବାନ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଉପତ୍ୟକା ଏବେ ସେନା ଛାଉଣୀରେ ପରିଣତ ହେବାକୁ ଯାଉଛି। ତତ୍କାଳ ୧୦୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ) ପଠାଇବା ପାଇଁ ୨୫ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା ବେଳେ ଆଉ ୧୦୦ କମ୍ପାନୀ ଖୁବ୍‌ଶୀଘ୍ର ପଠାଯିବେ ବୋଲି କେତେଜଣ ଅଧିକାରୀ ସୂଚନା ଦେଇଛନ୍ତି। ଗୋଟିଏ ସିଏପିଏଫ୍ କମ୍ପାନୀରେ ୧୦୦ ଜଣ ଯବାନ ରହୁଛନ୍ତି। ସିଆରପିଏଫ୍‌ରୁ ୫୦ କମ୍ପାନୀ, ଏସ୍‌ଏସ୍‌ବିରୁ ୩୦, ଆଇଟିବିପି ଏବଂ ବିଏସ୍‌ଏଫ୍‌ରୁ ୧୦ କମ୍ପାନୀ ଲେଖାଏ ଯବାନଙ୍କୁ ଅଣାଯିବ ବୋଲି ଜଣାପଡିଛି।

ଅମରନାଥ ଯାତ୍ରା ଲାଗି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଦୈନନ୍ଦିନ ଆତଙ୍କବାଦ ନିରୋଧୀ ଅଭିଯାନରେ ଏହି ଅତିରିକ୍ତ ସୁରକ୍ଷା ବଳ ସହାୟକ ହେବ। ଉପତ୍ୟକାରେ ସିଆରପିଏଫ୍‌ର ନିୟମିତ ୬୫ ବାଟାଲିୟନ ସହ ୨୦ ଅନ୍ୟ ବାଟାଲିୟନ ସହିତ ଏହି ଅତିରିକ୍ତ ସୁରକ୍ଷା ବଳ ଅଗଷ୍ଟ ୧୫ ପର୍ଯ୍ୟନ୍ତ ମୁତୟନ ରହିବେ। ଚଳିତ ବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ପରିଚାଳନାରେ ଅତିରିକ୍ତ ସୁରକ୍ଷା ବଳ ସହାୟକ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଦୃଢ଼ ନିନ୍ଦା କରିଛନ୍ତି। ଜମ୍ମୁ-କଶ୍ମୀର ଏକ ରାଜନୈତିକ ସମସ୍ୟା, ଯାହାକୁ ସାମରିକ ମାଧ୍ୟମରେ ସମାଧାନ କରାଯାଇପାରିବ ନାହିଁ। କେନ୍ଦ୍ର କଶ୍ମୀର ନୀତିର ପୁନର୍ବିଚାର କରୁ ବୋଲି ମେହବୁବା କହିଛନ୍ତି। କଶ୍ମୀର ଉପତ୍ୟକାକୁ ଏତେସଂଖ୍ୟାରେ ଯବାନ ପଠାଯିବା ଦ୍ୱାରା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବ ବୋଲି ପିଡିପି ନେତ୍ରୀ ଟୁଇଟ୍ କରିଛନ୍ତି। ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ ଦୁଇଦିନିଆ କଶ୍ମୀର ଗସ୍ତରୁ ଫେରିବା ପରେ ସେଠାକୁ ଅତିରିକ୍ତ ଅର୍ଦ୍ଧସାମରିକ ବାହିନୀ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଡୋଭାଲ ତାଙ୍କ ଗସ୍ତ କାଳରେ ରାଷ୍ଟ୍ରପତି ଶାସନାଧୀନ ଥିବା

**ମେହବୁବାଙ୍କ ସମାଲୋଚନା**
**ସେନା ଛାଉଣୀରେ ଉପତ୍ୟକା**
**ଧାରା ୩୭୦, ୩୫ଏ ଉଚ୍ଛେଦ ଆଶଙ୍କା**

କଶ୍ମୀରର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉତ୍ତର କଶ୍ମୀରରେ ଅଧିକ ଯବାନ ମୁତୟନ ଲାଗି କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ କହିଛନ୍ତି।

ହଠାତ୍ ଏତେସଂଖ୍ୟାରେ ଯବାନ ପଠାଯିବାକୁ ନେଇ ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଏବଂ ୩୫ଏ ଉଚ୍ଛେଦ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସମ୍ବିଧାନର ଧାରା ୩୭୦ ଜମ୍ମୁ-କଶ୍ମୀରକୁ ସ୍ୱୟଂଶାସନ ମାନ୍ୟତା ପ୍ରଦାନ କରିଥିବାବେଳେ ଧାରା ୩୫ଏ ସେଠାକାର ସ୍ଥାୟୀ ବାସିନ୍ଦାଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇଦେଉଛି। ରାଜ୍ୟରେ ବର୍ତ୍ତମାନ ଅତ୍ୟଧିକ ସୁରକ୍ଷା ବଳ ନିୟୋଜିତ ଥିବାବେଳେ ଏହାକୁ ପ୍ରତ୍ୟାହାର ନ କରି ପୁଣି ୧୦ ହଜାର ଯବାନଙ୍କୁ ପଠାଇବା ପଛରେ କେନ୍ଦ୍ରର ଉଦ୍ଦେଶ୍ୟ ବୁଝାପଡୁନାହିଁ ବୋଲି ହୁରିୟାତ୍ କନ୍‌ଫରେନ୍ସର ଅଧ୍ୟକ୍ଷ ମିର୍‌ୱେଜ୍ ଉମାର ଫାରୁକ କହିଛନ୍ତି।

## ଭାରତକୁ ମିଳିଲା ୪ ଆପାଚେ ଆଟାକ୍ ହେଲିକପ୍ଟର



**ନୂଆଦିଲ୍ଲୀ,୨୭।୭(ପି.ଟି.)**

ଆମେରିକାର ଏରୋସ୍ପେସ୍ ମେଜର୍ ବୋଇଂ ଶନିବାର ଭାରତକୁ ପ୍ରଥମ ପର୍ଯ୍ୟାୟରେ ୪ଟି ୨୨ଆପାଚେ ଆଟାକ୍ ହେଲିକପ୍ଟର ପ୍ରଦାନ କରିଛି। ଏହା ଭାରତୀୟ ବାୟୁସେନାର ଶକ୍ତିବୃଦ୍ଧି କ୍ଷେତ୍ରରେ ବିଶେଷ ସହାକ ହେବ। ଆଗାମୀ ସପ୍ତାହରେ ପୁଣି ୪ଟି ଏଭଳି ହେଲିକପ୍ଟର ଆମେରିକା ଯୋଗାଇ ଦେବ ବୋଲି କହିଛି। ସମସ୍ତ ୮ଟି ଲଢ଼ିଆ ହେଲିକପ୍ଟରକୁ ପଠାନ୍‌କୋଟ୍ ଏୟାରଫୋର୍ସ ଷ୍ଟେଶନକୁ ନିଆଯିବା ପରେ ଏହାକୁ ବିଧିବଦ୍ଧଭାବେ ବାୟୁସେନାରେ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଏହି ଏଏଚ୍-୬୪ଇ ଆପାଚେ ବିଶ୍ୱର ସବୁଠାରୁ ଆଡଭାନ୍‌ସଡ ମଲ୍ଟିରୋଲ କମ୍ବାଟ୍ ହେଲିକପ୍ଟର ଭାବେ ପରିଚିତ। ଆମେରିକା ସେନା ପକ୍ଷରୁ ଏହାକୁ ବହୁଳ ଭାବାରେ ବ୍ୟବହାର କରାଯାଇଥାଏ। ଭାରତ ଏହି ହେଲିକପ୍ଟରକୁ ହାସଲ କରିବା ପାଇଁ ୨୦୧୫ ସେପ୍ଟେମ୍ବର ମାସରେ ବହୁକୋଟି ଟଙ୍କାର ଚୁକ୍ତି କରିଥିଲା। ୨୦୧୭ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୪,୧୬୮ କୋଟି ଟଙ୍କା ମୂଲ୍ୟରେ ୬ ଆପାଚେ ହେଲିକପ୍ଟର ସହ ଯୁଦ୍ଧାସ୍ତ୍ର କ୍ରୟ ଲାଗି ମଞ୍ଜୁରୀ ପ୍ରଦାନ କରିଥିଲା। ଆପାଚେ ଆଟାକ୍ ହେଲିକପ୍ଟର ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି କରିବା ସହ ଯବାନଙ୍କ ମନୋବଳ ବୃଦ୍ଧିକରିବ ବୋଲି କୁହାଯାଉଛି।

## ଜେଇଏମ୍ କମାଣ୍ଡର ମୁନ୍ନା ନିହତ

**ନୂଆଦିଲ୍ଲୀ,୨୭।୭(ପି.ଟି.)**



ପାକିସ୍ତାନୀ ଆତଙ୍କବାଦୀ ତଥା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସଂଗଠନର ଶୀର୍ଷ କମାଣ୍ଡର ମୁନ୍ନା ଭାଇ ଓରଫ ମୁନ୍ନା ଲାହୋରୀ ଶନିବାର ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଦକ୍ଷିଣ କଶ୍ମୀର ଅଞ୍ଚଳରେ ଅନେକ ଆଇଇଡି ଆକ୍ରମଣରେ ସେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସେ ଗତବର୍ଷ ସୀମା ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ପରେ ଜେଇଏମ୍‌ର ନେତୃତ୍ୱ ନେଉଥିଲେ। ବୋମା ପ୍ରସ୍ତୁତ କରିବା ଓ ଗାଡ଼ିରେ ଖଞ୍ଜିବାରେ ସେ ମାହିର ଥିଲେ। ଶୁକ୍ରବାର ରାତିରୁ ଦକ୍ଷିଣ କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବାହିନୀ ସହ ଆତଙ୍କବାଦୀଙ୍କ ଗୁଳି ବିନିମୟ ଜାରି ରହିଥିବାବେଳେ ଶନିବାର ସକାଳେ ମୁନ୍ନା ଓ ତାଙ୍କ ସହଯୋଗୀ ଉକ୍ତ ଜିଲାର ଜିନତ୍-ଉଲ୍-ଇସ୍‌ଲାମ ନିହତ ହୋଇଛନ୍ତି। ମୁନ୍ନା ଲାହୋରୀ ଛୋଟା ବୁର୍ମି ଭାବେ ମଧ୍ୟ ପରିଚିତ। ସେ କେବଳ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିଲେ ତାହା ନୁହେଁ, ସେ ସ୍ଥାନୀୟ ଆତଙ୍କବାଦୀମାନଙ୍କୁ ତାଲିମ ଦେବା ସହ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଉଥିଲେ। ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ ସଂଗଠନରେ ନିଯୁକ୍ତ କରିବାରେ ମଧ୍ୟ ମୁନ୍ନା ପ୍ରମୁଖ ଭୂମିକା ନେଉଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ବୁର୍କିନା ଫାସୋରେ ଆକ୍ରମଣ: ୧୪ ନିହତ

**ୱାଗାଡୁଗୁ,୨୭।୭(ଏଏଫ୍‌ପି):** ବୁର୍କିନା ଫାସୋର ଅଶାନ୍ତ ଉତ୍ତରାଞ୍ଚଳର ଦିବ୍‌ଲୁ ଗାଁରେ ସଶସ୍ତ୍ର ଜିହାଦୀଙ୍କ ଆକ୍ରମଣରେ ୧୪ ଜଣ ଲୋକ ନିହତ ହୋଇଛନ୍ତି। ସେମାନେ ଏହି ଗାଁରେ ଲୁଟ୍‌ପାଟ କରିବା ସହିତ ଦୋକାନଘର, ମୋଟରବାଇକ୍‌ରେ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ନିରାପତ୍ତା ସଂସ୍ଥା ସୂତ୍ରରୁ ଶନିବାର ସୂଚନା ମିଳିଛି। ଗୁରୁବାର ରାତିରୁ ଶୁକ୍ରବାର ପର୍ଯ୍ୟନ୍ତ ଏଭଳି ଲୁଟ୍‌ପାଟ୍ ଓ ଆକ୍ରମଣ ଜାରି ରହିଥିଲା। ପାଖାପାଖି ୨୦ଜଣ ସଶସ୍ତ୍ର ଜେହାଦୀ ଏହି ଗାଁରେ ଆକ୍ରମଣ କରିଥିଲେ। ଆତଙ୍କବାଦୀମାନେ ଏକ ସ୍ଥାନୀୟ ମାର୍କେଟରେ ଚଢ଼ାଉ କରି ଲୁଟ୍‌ତରାଜ ଚଳାଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା ସୂଚନା ଦେଇଛନ୍ତି।

## ପାଚେରୀ ନିର୍ମାଣରେ ପେଣ୍ଟାଗନ ପାଣ୍ଠି ବ୍ୟବହାର କରିପାରିବେ ଟ୍ରମ୍ପ୍

**ୱାଶିଂଟନ,୨୭।୭:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମେକ୍ସିକୋ ସୀମାରେ ପାଚେରୀ ନିର୍ମାଣ ଲାଗି ପେଣ୍ଟାଗନ ପାଣ୍ଠିରୁ ୨.୫ ବିଲିୟନ ଡଲାର ବ୍ୟୟ କରିପାରିବେ। ଏଥିପାଇଁ ଆମେରିକା ସୁପ୍ରିମକୋର୍ଟ ଅନୁମତି ଦେଇଛି। କୋର୍ଟଙ୍କ ଏହି ନିଷ୍ପତ୍ତି ଫଳରେ ପେଣ୍ଟାଗନ ପାଇଁ କଂଗ୍ରେସ ମଞ୍ଜୁର କରିଥିବା ଅର୍ଥକୁ ପାଚେରୀ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ବେଆଇନ ଅନୁପ୍ରବେଶ ରୋକିବା ଲାଗି ରାଷ୍ଟ୍ରପତି ଟ୍ରମ୍ପ୍ ଦୀର୍ଘଦିନ ହେଲା ପାଚେରୀ ନିର୍ମାଣ ଉଦ୍ୟମ କରିଆସୁଥିଲେ ହେଁ କଂଗ୍ରେସ ଏଥିପାଇଁ ଅର୍ଥ ମଞ୍ଜୁର କରୁ ନ ଥିବାରୁ ତାହା ଅଟକି ରହିଥିଲା।

## ‘କାର୍‌ଗିଲ ବିଜୟ ଭାରତର ଶକ୍ତିର ପ୍ରତୀକ’

**ନୂଆଦିଲ୍ଲୀ,୨୭।୭(ପି.ଟି.)**



କାର୍‌ଗିଲ ଯୁଦ୍ଧ ବିଜୟ ଭାରତର ଶକ୍ତି, ପ୍ରତିବଦ୍ଧତା ଓ ସାମର୍ଥ୍ୟର ପ୍ରତୀକ ଥିଲା। ଏହାର ସଶସ୍ତ୍ର ବାହିନୀର ତ୍ୟାଗ ଏହାକୁ ଦୁର୍ଜେୟ କରି ରଖିଛି ବୋଲି କାର୍‌ଗିଲ ବିଜୟର ୨୦ ବର୍ଷ ପୂର୍ତ୍ତି ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଥିଲେ, ଆତଙ୍କବାଦର ପ୍ରସାର ପାଇଁ କେତେକ ଦେଶ ଛାୟା ଯୁଦ୍ଧର ସହାୟତା ନେଉଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ ଲାଗି ସାରା ବିଶ୍ୱ ପକ୍ଷରୁ ମିଳିତ ଉଦ୍ୟମର ସମୟ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ଉତ୍ସବରେ ବହୁସଂଖ୍ୟାରେ ସେନା ଅଧିକାରୀ, ଯବାନ ଓ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ଯୁଦ୍ଧ ସରକାର ଲଢ଼ନ୍ତି ନାହିଁ, ସମଗ୍ର ଦେଶ ଲଢ଼ିଥାଏ। କାର୍‌ଗିଲ ବିଜୟ ଏବେ ବି ସାରା ଦେଶକୁ ଅନୁପ୍ରାଣିତ କରୁଛି। ଏହି ବିଜୟ ପ୍ରତ୍ୟେକ ଭାରତୀୟଙ୍କର ଥିଲା। ୧୯୯୯ରେ କାର୍‌ଗିଲ ଦୁର୍ଗତି ମାଧ୍ୟମରେ ପାକିସ୍ତାନ ସୀମା ପୁନଃନିର୍ଦ୍ଧାରଣ ଉଦ୍ୟମ କରିଥିଲା। ଏହାର କୁତ୍ସିତ ଉଦ୍ୟମକୁ ଭାରତୀୟ ସୁରକ୍ଷା ବଳ ପଣ୍ଡ କରିଦେଇଥିଲା। ଏହି ଯୁଦ୍ଧ ସମୟରେ ସେ କାର୍‌ଗିଲ ଯାଇଥିଲେ ଏବଂ ତାଙ୍କୁ ତୀର୍ଥଯାତ୍ରା କଲାଭଳି ଲାଗିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶର ସୁରକ୍ଷା ଦୁର୍ଭେଦ୍ୟ ଏବଂ ଏହା ଦୁର୍ଭେଦ୍ୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ଫିଲିପାଇନ୍ସରେ ଭୂକମ୍ପ: ୮ ମୃତ

**ମାନିଲା,୨୭।୭(ଆଇଏଏନ୍‌ଏସ୍)**



ଫିଲିପାଇନ୍ସର ଉତ୍ତର ବାଟାନିସ୍ ଦ୍ୱୀପପୁଞ୍ଜରେ ଲାଗ୍‌ଲାଗ୍ ଭୂକମ୍ପ ଯୋଗୁ ଅନ୍ୟୁନ ୮ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ଜଣ ଆହତ ହୋଇଛନ୍ତି। ଶନିବାର ଭୋର ସମୟରେ ସୃଷ୍ଟି ହୋଇଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୪ରୁ ୫.୯ ମଧ୍ୟରେ ରହିଥିଲା ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଭୂକମ୍ପର ପରବର୍ତ୍ତୀ ଝଟ୍‌କା ଆଶଙ୍କାରେ ଆତଙ୍କିତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ବହୁ ଗିର୍ଜା ଓ ବାସଗୃହ ଭାଙ୍ଗିରୁଜି ଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଥିବା ସୂଚନା ମିଳିଛି।

## ତିନି ତଲାକ୍‌କୁ ରାଜ୍ୟ ସଭାରେ ବିରୋଧ କରିବ ଜେଡିୟୁ

**ନୂଆଦିଲ୍ଲୀ,୨୭।୭(ପି.ଟି.)**

ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଲୋକ ସଭାରେ ତିନି ତଲାକ୍ ବିଲ୍‌କୁ ବିରୋଧ କରିଥିଲାବେଳେ ରାଜ୍ୟ ସଭାରେ ମଧ୍ୟ ଏହାକୁ ବିରୋଧ ଜାରି ରଖିବ ବୋଲି ଶନିବାର କହିଛି। ଫଳରେ ଉକ୍ତ ବିଲ୍‌କୁ ଗୃହୀତ କରାଇନେବାକୁ ଚାହୁଁଥିବା ସରକାରଙ୍କୁ ଶକ୍ତ ଝଟ୍‌କା ଲାଗିଛି। ବିଲ୍‌ରେ ତତ୍କାଳ ତିନି ତଲାକ୍‌କୁ ଅପରାଧ ଭାବେ ଗ୍ରହଣ କରାଯାଇଥିବାବେଳେ ମୁସଲମାନ ସ୍ୱାମୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଏହାକୁ ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ ନିନ୍ଦା କରିଛନ୍ତି। ଏଭଳି ଆଇନ ନିଶ୍ଚୟ ସମାଜରେ ଅବିଶ୍ୱାସର ବାତାବରଣ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ତିନି ତଲାକ୍ ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାରେ ଉପସ୍ଥାପନ କରାଯିବ ବୋଲି ଜଣାପଡିଛି।

## କୋଟିଏ ଟଙ୍କାର ହେରୋଇନ୍ ଜବତ

**ମହାରାଜଗଞ୍ଜ,୨୭।୭(ପି.ଟି.):** ଭାରତ-ନେପାଳ ସୀମାରୁ ଜଣେ ଯୁବକଙ୍କୁ ଗିରଫ କରାଯିବା ସହ ତାଙ୍କ ପାଖରୁ କୋଟିଏ ଟଙ୍କାର ହେରୋଇନ୍ ଜବତ କରାଯାଇଛି। ତାଙ୍କ ନାମ କୁଲଦୀପ ପାଶ୍ୱାନ୍(୧୯) ଓ ଘର ମହାରାଜଗଞ୍ଜସ୍ଥିତ ସୋନୌଲିରେ। ଶୁକ୍ରବାର ରାତିରେ ୧୦୦ ଗ୍ରାମ ହେରୋଇନ୍ ସହ ତାଙ୍କୁ ଗିରଫ କରାଯାଇଥିବା ବିଏସ୍‌ଏଫ ଇନ୍ସପେକ୍ଟର ରବିକୁମାର ପ୍ରକାଶ କରିଛନ୍ତି।

## ଭାଜପାକୁ ସମର୍ଥନ ଦେବାପାଇଁ ଜେଡିଏସ୍ ବିଧାୟକଙ୍କ ପ୍ରସ୍ତାବ

**ବେଙ୍ଗାଲୁରୁ,୨୭।୭(ପି.ଟି.)**

**କୁମାରସ୍ୱାମୀଙ୍କ ହାତରେ ରିମୋଟ୍ କଣ୍ଟ୍ରୋଲ**



ଜି. ଟି. ଦେବେଗୌଡ଼ା

ରାଜନୀତିରେ ସଂଖ୍ୟାର ଖେଳ କେତେବେଳେ ଓଲଟିବ, ତାହା କହିବା ମୁସ୍କିଲ। ମ୍ୟାଜିକ୍ ନମ୍ବର ନ ଥିବା ସତ୍ତ୍ୱେ କର୍ନାଟକରେ ଭାଜପା ନେତା ବି.ଏସ୍. ୟେଦୁରପ୍ପା ଶୁକ୍ରବାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ସୋମବାର ସେ ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ଭାଜପାକୁ ଜେଡିଏସ୍ ସମର୍ଥନ ଦେବାର ସମ୍ଭାବନା ସୃଷ୍ଟିହୋଇଛି। କେତେକ ଜେଡିଏସ୍ ବିଧାୟକ ସରକାରକୁ ବାହାରୁ ସମର୍ଥନ ଦେବାକୁ ଇଚ୍ଛୁକ ଥିବା ପୂର୍ବତନ ମନ୍ତ୍ରୀ ତଥା ଜେଡିଏସ୍ ବିଧାୟକ ଜି. ଟି. ଦେବେଗୌଡ଼ା ପ୍ରକାଶ କରିଛନ୍ତି। ତେବେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନେବେ ବୋଲି ସେ କହିଛନ୍ତି।

ଶୁକ୍ରବାର କୁମାରସ୍ୱାମୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଜେଡିଏସ୍ ନେତାଙ୍କ ବୈଠକରେ ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରାଗଲାବେଳେ ବିଧାୟକଙ୍କ ମଧ୍ୟରେ ଭିନ୍ନମତ ପରିଲକ୍ଷିତ ହୋଇଥିଲା। କେତେକ ବିଧାୟକ ଭାଜପାକୁ ସମର୍ଥନ ଦେବା ଲାଗି କହିଥିବାବେଳେ ଆଉ କେତେକ ବିରୋଧୀ ଆସନରେ ବସିବାକୁ ମତ ଦେଇଥିଲେ। ତେବେ କୁମାରସ୍ୱାମୀ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଦେବେଗୌଡ଼ା କହିଛନ୍ତି। ପ୍ରକାଶଥାଉ କି, ୨୦୦୬ରେ ଭାଜପା ଓ ଜେଡିଏସ୍ ମିଳିତଭାବେ ରାଜ୍ୟରେ ସରକାର ଗଠନ କରିଥିଲାବେଳେ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ଓ ୟେଦୁରପ୍ପା ଉପମୁଖ୍ୟମନ୍ତ୍ରୀ ରହିଥିଲେ।

### ବାଚସ୍ପତିଙ୍କ ବିରୋଧରେ ଆସିପାରେ ଅନାସ୍ଥା ପ୍ରସ୍ତାବ

**ବେଙ୍ଗାଲୁରୁ,୨୭।୭(ପି.ଟି.):** କର୍ନାଟକରେ ଭାଜପା ଗାଦିନସୀନ ହେବା ପରେ ଏବେ ବାଚସ୍ପତି କେ.ଆର୍. ରମେଶଙ୍କୁ ହଟାଇବା ଲାଗି ଅଭିଯାନକୁ ଜୋର୍‌ଦାର କରିଛି। ବାଚସ୍ପତି ଯଦି ଇସ୍ତଫା ନ ଦିଅନ୍ତି, ତେବେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଭାଜପା ବିଚାର କରୁଛି। ଏନେଇ କେତେକ ଭାଜପା ବିଧାୟକ ମୁହଁ ଖୋଲିଛନ୍ତି। ପ୍ରଥମେ ସୋମବାର ଆସ୍ଥାଭୋଟ ଜିତିବା ପରେ ଆମେ ଅର୍ଥ ବିଲ୍‌କୁ ପାସ୍ କରିବୁ ବୋଲି ସେ କହିଛନ୍ତି। ତା’ପରେ ବାଚସ୍ପତିଙ୍କୁ ହଟାଯିବା ଲାଗି ବ୍ୟବସ୍ଥା କରାଯିବ ବୋଲି ସେମାନେ କହିଛନ୍ତି।

## ■ ୪ ଦେଶରେ ବନ୍ୟା ସ୍ଥିତି ସଙ୍ଗିନ
# ୬୦୦ ମୃତ, ୨୫ ନିୟୁତ ପ୍ରଭାବିତ

**ଜାତିସଂଘ,୨୭।୭(ପି.ଟି.)**

ଲଗାଣ ମୌସୁମୀ ବର୍ଷାଜନିତ ବନ୍ୟାରେ ଭାରତ, ନେପାଳ, ବାଂଲାଦେଶ ଓ ମ୍ୟାନ୍‌ମାରରେ ଭୟଙ୍କର ସ୍ଥିତି ଦେଖାଦେଇଛି। ଏଥିଯୋଗୁ ୬୦୦ ଲୋକ ପ୍ରାଣ ହରାଇଥିବାବେଳେ ପ୍ରାୟ ୨୫ ନିୟୁତ ପ୍ରଭାବିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଭାରତରେ ଆସାମ, ବିହାର ଓ ଉତ୍ତରପ୍ରଦେଶ ସ୍ଥିତି ଗମ୍ଭୀର ଥିବାବେଳେ ୟୁନିସେଫ୍ ରାଜ୍ୟ ସରକାରଙ୍କ ସହ ହାତ ମିଳାଇ କାମ କରୁଛି। ବନ୍ୟାରେ ରାସ୍ତାଘାଟ, ପୋଲ, ରେଳଷ୍ଟେଶନ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ଖାଦ୍ୟ, ପାନୀୟଜଳ ସଙ୍କଟ ଦେଖାଦେଇଛି। ଭାରତରେ ୧୦ ନିୟୁତ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଜାତିସଂଘ ଦର୍ଶାଇଛି। ଆସାମରେ ବନ୍ୟା ଯୋଗୁ ୨ ହଜାର ସ୍କୁଲଗୃହ ଭାଙ୍ଗିଯାଇଛି।

ବାଂଲାଦେଶରେ ୪ ନିୟୁତରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଜାତିସଂଘ ପକ୍ଷରୁ ପାନୀୟଜଳ ଓ ପରିମଳ ବ୍ୟବସ୍ଥା ନେଇ ସରକାରଙ୍କୁ ସହଯୋଗ କରାଯାଉଛି। ମ୍ୟାନ୍‌ମାରରେ ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ୟୁନିସେଫ୍ ରିପୋର୍ଟ ଅନୁଯାୟୀ ୫ ନିୟୁତରୁ ଊର୍ଦ୍ଧ୍ୱ ଶିଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଦର୍ଶାଯାଇଛି। ୟୁନିସେଫ୍‌ର ଦକ୍ଷିଣ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଜିନ୍ ଗଫ୍ କହିଛନ୍ତି, ନେପାଳରେ ୬୮,୬୬୬ ସ୍ଥାନାନ୍ତର କରାଯାଇଥିବା ଲୋକଙ୍କ ମଧ୍ୟରେ ୨୮ ହଜାର ଶିଶୁ ଅଛନ୍ତି। ବାଂଲାଦେଶରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୩ ଲକ୍ଷରୁ ଅଧିକ ଘର ଭାଙ୍ଗିଥିବା ଜଣାପଡ଼ିଛି। ଏଭଳି ବନ୍ୟାସ୍ଥିତିରେ ଅପପୁଷ୍ଟି, ମାଲେରିଆ ଓ ଡାଇରିଆ ରୋଗ ବ୍ୟାପିବାର ଆଶଙ୍କା ରହିଥିବା ଦର୍ଶାଯାଇଛି।



### [ଇତିହାସର ଆଇନାରେ]
## ଜୁଲାଇ ୨୮ର ପ୍ରମୁଖ ଘଟଣା

୧୯୬୫ ଜୁଲାଇ ୨୮ରେ ଆମେରିକା ରାଷ୍ଟ୍ରପତି ଲିଣ୍ଡନ୍ ବି. ଜନ୍‌ସନ୍ ଦକ୍ଷିଣ ଭିଏତନାମ୍ ଯୁଦ୍ଧରେ ସୈନ୍ୟ ସଂଖ୍ୟା ୭୫,୦୦୦ରୁ ୧,୨୫,୦୦୦କୁ ବୃଦ୍ଧି କରିଥିଲେ। ଲିଣ୍ଡନ୍ ବେଇନ୍ସ ଜନସନ୍‌ଙ୍କୁ ସଂକ୍ଷେପରେ ଏଲ୍‌ବିଜେ କୁହାଯାଏ। ଏହି ଆମେରିକୀୟ ରାଜନେତା ୧୯୬୩ରୁ ୧୯୬୯ ମଧ୍ୟରେ ଆମେରିକାର ୩୬ତମ ରାଷ୍ଟ୍ରପତି ଥିଲେ। ସେ ମଧ୍ୟ ୧୯୬୧ରୁ ୧୯୬୩ ପର୍ଯ୍ୟନ୍ତ ଆମେରିକାର ୩୭ତମ ଉପରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ।

୧୯୭୬ ଜୁଲାଇ ୨୮ରେ ଚାଇନାର ଟାଙ୍ଗଶାନ୍‌ରେ ୭.୮ରୁ ୮.୨ ତୀବ୍ରତାର ଭୂମିକମ୍ପ ହେବା ଫଳରେ ୨,୪୨,୭୬୯ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧,୬୪,୮୫୧ ଲୋକ ଆହତ ହୋଇଥିଲେ। ଏହା ଗ୍ରେଟ୍ ଟାଙ୍ଗଶାନ୍ ଆର୍ଥକ୍ୱେକ୍ ଭାବେ ଜଣାଶୁଣା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଟାଙ୍ଗଶାନ୍ ଏବଂ ହେବେଇ ଅଞ୍ଚଳ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା।

## ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ରେ ଶ୍ରଦ୍ଧା କପୁର



**ମୁମ୍ବାଇ:** ଅପ୍‌କମିଂ ଫିଲ୍ମ ‘ଷ୍ଟ୍ରିଟ୍ ଡ୍ୟାନ୍‌ସର ୩ଡି’ରେ ଅଭିନୟ କରୁଛନ୍ତି ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର। ସେ ଶୁଟିଂସେଟ୍‌ର ଏକ ଅବିସ୍ମରଣୀୟ ମୁହୂର୍ତ୍ତରେ ବେଶ୍ ଖୁସି ପ୍ରକାଶ କରି ପୂରା ଟିମ୍‌କୁ ଲମ୍ବା ଥ୍ୟାଙ୍କ-ୟୁ ଜଣାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହା ଏକ ଡ୍ୟାନ୍ସ ଡ୍ରାମା। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରେମୋ ଡି’ସୁଜା। ଷ୍ଟ୍ରିଟ୍ ଡ୍ୟାନ୍‌ସରରେ ନୃତ୍ୟ କରିବା ବେଳେ ହୃଦୟ ଆନନ୍ଦରେ ଭରିଯାଇଥିବା ସେ ପ୍ରକାଶ କରିଛନ୍ତି। ଏହା ଏକ ଅବିଶ୍ୱସନୀୟ ଏବଂ ଅବିସ୍ମରଣୀୟ ମୁହୂର୍ତ୍ତ। ଏଥିପାଇଁ ଆମ କ୍ୟାପ୍‌ଟେନ୍ ରେମୋ ସାର୍ ଶ୍ରେୟ ପାଇବାର ଯୋଗ୍ୟ ବୋଲି ଶ୍ରଦ୍ଧା କହିବା ସହିତ ଇନ୍‌ଷ୍ଟାଗ୍ରାମ୍‌ରେ ଏ ସମ୍ପର୍କିତ ଲେଖା ପୋଷ୍ଟ କରିଛନ୍ତି। ସେ ମଧ୍ୟ ସହ-କଳାକାର ବରୁଣ ଧାୱନ, ପ୍ରଭୁ ଦେବା ଏବଂ ନୋରା ଫତେଙ୍କୁ ପ୍ରଶଂସା କରିଛନ୍ତି। ‘ଷ୍ଟ୍ରିଟ୍ ଡ୍ୟାନ୍‌ସର ୩ଡି’ ୨୦୨୦ ଜାନୁୟାରୀ ୨୪ରେ ରିଲିଜ ହେବାକୁ ଯାଉଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଯୌତୁକ ନିର୍ଯାତନା ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

**ଦେବଗଡ଼,୨୭।୭(ଡି.ଏନ.ଏ.):** ଦେବଗଡ଼ ପୁରୁଣାଗଡ଼ ଚଷାସାହିରେ ଜଣେ ମହିଳାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ହେଲେ ମହିଳାଙ୍କ ବାପଘର ଲୋକେ ଝିଅଙ୍କୁ ଯୌତୁକ ନିର୍ଯାତନା ଦେବାସହ ହତ୍ୟା କରାଯାଇଥିବା ନେଇ ଦେବଗଡ଼ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା ରଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜଣେ ଅସ୍ଥାୟୀ କର୍ମଚାରୀ(ୱେଟ ଏଣ୍ଡ ମେଜର ହେଲ୍ପର)ଭାବେ କାର୍ଯ୍ୟରତ ପୁରୁଣାଗଡ଼ ଚଷାସାହିର ବିନୋଦ ସାହୁ ଦେବଗଡ଼ ଥାନା ଅଧୀନ ଗୁଣ୍ଡୁରିପୋଶି ଗ୍ରାମର ନାରାୟଣ ସାହୁଙ୍କ ଝିଅ ଜ୍ୟୋସ୍ନାଙ୍କୁ ବୈଦିକ ରୀତିନୀତିରେ ୮ବର୍ଷ ତଳେ ବିବାହ କରିଥିଲେ। ତେବେ ଶୁକ୍ରବାର ରାତିରେ ଖଟକୁ ଲାଗି ଜ୍ୟୋସ୍ନାଙ୍କ ମୃତଦେହ ଓହଳି ପଡିଥିବା ପଡୋଶୀ ଦେଖି ବାପଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ବାପା ନାରାୟଣ ସାହୁ ଓ ୨ଭାଇ ଏବଂ ଗ୍ରାମର କେତେଜଣ ବ୍ୟକ୍ତି ଝିଅ ଘରେ ପହଞ୍ଚିଥିଲେ। ହେଲେ ଜ୍ୟୋସ୍ନାଙ୍କ ମୃତ୍ୟୁକୁ ସେମାନେ ସହଜରେ ଗ୍ରହଣ କରି ନ ଥିଲେ। ଝିଅଙ୍କୁ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା କରାଯାଇଥିବା ନେଇ ଜ୍ୟୋସ୍ନାଙ୍କ ବଡଭାଇ ଦିଲୀପ ସାହୁ ଦେବଗଡ଼ ଥାନାରେ ଏକ ଏତଲା ଦେଇଥିଲେ। ଦେବଗଡ଼ ଥାନା ପୋଲିସ ସ୍ୱାମୀ ବିନୋଦଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ଶାଶୁ ଦୃତି ଫେରାର ଥିବା ଜଣାପଡିଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଚାରା ରୋପଣ

**ଦେବଗଡ଼,୨୭।୭(ଡି.ଏନ.ଏ.)** ଦେବଗଡ଼ ଜିଲାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦେବଗଡ଼ ମହାବିଦ୍ୟାଳୟରେ ଶନିବାର ଚାରା ରୋପଣ ଏବଂ ସଂଗଠନ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବିଜୟ ପ୍ରଧାନ, ସଂଗ୍ରାମ ନନ୍ଦ, ବିକ୍ରମ ନାୟକ, ଶ୍ରଦ୍ଧାଞ୍ଜଳି ସାହୁ, ଜିଲା ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ସନ୍ତୋଷ ଭୂତିଆ, ସୁରଜ ଘଡେଇ, ତୋଲାମଣି ସୁହାଲା, କୁମାରମଣି ସାହୁ, ବିଜୟ ଦେହୁରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

■ ଅବ୍ୟବସ୍ଥାରେ ସାପ୍ତାହିକ ହାଟ

# ବର୍ଷାରେ ଉବୁଟୁବୁ, ଦୃଷ୍ଟି ଦେଉନି ପ୍ରଶାସନ

**ରେଢାଖୋଲ,୨୭।୭(ଡି.ଏନ.ଏ.)**

ରେଢାଖୋଲ ସହରର ଭୀମ ଭୋଇ କଲେଜ ସମ୍ମୁଖସ୍ଥ ଦିଲ୍‌ଖୁସ ବଗିଚାରେ ପ୍ରତି ଶନିବାର ଓ ବୁଧବାର ସାପ୍ତାହିକ ୨ ଦିନ ହାଟ ବସୁଛି। ପ୍ରାୟ ୩/୪ବର୍ଷ ହେବ ଏହି ହାଟ ବସୁଥିଲେ ମଧ୍ୟ ବ୍ୟବସାୟୀମାନଙ୍କ କୌଣସି ସୁବିଧା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ସାମାନ୍ୟ ବର୍ଷାରେ ହାଟ ଭିତରେ ଆଣ୍ଠୁଏ ପାଣି ଜମି ରହୁଛି। ହାଟ ସାରା ପାଣି ଜମି ରହୁଥିବା ଯୋଗୁଁ ବ୍ୟବସାୟୀମାନେ ବସି ପାରୁ ନାହାନ୍ତି। ଏଥିଯୋଗୁ ବ୍ୟବସାୟୀ ଓ ଖାଉଟି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ବସୁଥିବା ହାଟକୁ ସମ୍ବଲପୁର, ଅନୁଗୋଳ, ଜଲାର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆସିଥାନ୍ତି। ହେଲେ ବର୍ଷାଦିନେ ବ୍ୟବସାୟ ପାଇଁ ବହୁ ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଟରେ କିଛି ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ଅଧିକ ବ୍ୟବସାୟୀ ତଳେ ବସି ବ୍ୟବସାୟ



ହାଟରେ ପାଣି ଭର୍ତ୍ତି ହୋଇ ରହିଛି।

କରିଥାନ୍ତି। ପୂର୍ବରୁ ଏନଏସି ହାଟର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଉଥିବା ବେଳେ ପ୍ରାୟ ୨ ବର୍ଷ ହେବ ନିୟନ୍ତ୍ରିତ ବଜାର କମିଟି ଦାୟିତ୍ୱ ନେଇଛି। ବ୍ୟବସାୟୀମାନେ ଟିକସ ମଧ୍ୟ ଦେଉଛନ୍ତି। ହେଲେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉନାହିଁ। ସାପ୍ତହିକ ବଜାରରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉନାହିଁ। ଶନିବାର ଏଥିଯୋଗୁ ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା। ଆବଶ୍ୟକ ବ୍ୟବସ୍ଥା କରା ନଯିବା ପର୍ଯ୍ୟନ୍ତ ଟିକସ ଆଦାୟ ବନ୍ଦ ରଖିବାକୁ ବ୍ୟବସାୟୀମାନେ ଦାବି କରିଥିଲେ। ଏ ନେଇ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଅଶୋକ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ସହ ବ୍ୟବସାୟୀମାନଙ୍କ ପାଇଁ ଅଧିକ ପିଣ୍ଡି ନିର୍ମାଣ କରାଯିବ ବୋଲି କହିଛନ୍ତି।

୮ବର୍ଷ ପରେ ମାଟିତଳୁ ମହିଳାଙ୍କ ଦେହାବଶେଷ ମିଳିବା ଘଟଣା

# କ୍ରାଇମ୍‌ବ୍ରାଞ୍ଚ ଏଡିଜିଙ୍କୁ ଭେଟିଲେ ମୃତା ମହିଳାଙ୍କ ଝିଅ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ସମ୍ବଲପୁର ନନ୍ଦପଡ଼ାର ଜୟଶ୍ରୀ ମିଶ୍ରଙ୍କ ମୃତ୍ୟୁର ରହସ୍ୟ ୮ବର୍ଷ ପରେ ପଦାକୁ ଆସିଛି। ସୂଚନା ଆଇନ ବଳରେ ତାଙ୍କ ଝିଅ ହତ୍ୟାର ଗୁମର ଖୋଲିଛନ୍ତି। ମା'ଙ୍କ ନିଖୋଜ ସଂକ୍ରାନ୍ତରେ ଡିଜିପି ଅଫିସରୁ ତଥ୍ୟ ମାଗିବା ପରେ ପୋଲିସ ତଦନ୍ତ କରି ଘଟଣାର ପର୍ଦ୍ଦାଫାସ କରିଛି। ଏଥିସହ ଜୟଶ୍ରୀଙ୍କ ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାକୁ ପୋଲିସ ଗିରଫ କରିଛି। ଏହି ଘଟଣାକୁ ନେଇ ମୃତା ଜୟଶ୍ରୀଙ୍କ ଝିଅ ବିଜୟିନୀ ଶନିବାର ସନ୍ଧ୍ୟାରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ଭେଟି ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିବେଦନ କରିଛନ୍ତି। ଏଡିଜି ସଙ୍ଗେ ସଙ୍ଗେ ଏନେଇ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବଡ଼ ଝିଅର ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଜୟଶ୍ରୀ ଯାଇଥିବାବେଳେ ଅଭିଯୁକ୍ତ ବସନ୍ତଙ୍କ ସହ ଧାର ଟଙ୍କାକୁ ନେଇ ବଚସା ହୋଇଥିଲା। ଏଥିରେ ବସନ୍ତ ଉତ୍ତେଜିତ ହୋଇ ଜୟଶ୍ରୀଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ଚୈତନ୍ୟ ନାମକ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଏକ ଗାତଖୋଳି ପୋତି ଦେଇଥିଲେ। ଏହାପରେ ସେ ହରିଦ୍ୱାର ଚାଲିଯାଇ ସେଠାରେ କିଛିବର୍ଷ ରହିଥିଲେ। ସେଠାରୁ ଫେରି ଯୁଯୁମୁରାରେ ଏକ ଘର ଭଡା ନେଇ ଲୁଚି ରହିଥିଲେ ବୋଲି ପୋଲିସ କହିଛି। ପୋଲିସ ଶୁକ୍ରବାର ଉଦ୍ଧାର କରିଥିବା ମୃତଦେହର ଅବଶେଷର ପରୀକ୍ଷା ପାଇଁ ଫରେନ୍ସିକ୍ ଲାବୋରେଟୋରୀକୁ ପଠାଯିବ। ପରେ ଡିଏନ୍‌ଏ ଟେଷ୍ଟ ପ୍ରକ୍ରିୟା ଚାଲିବ ବୋଲି ସମ୍ବଲପୁର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି। ଅନ୍ୟପକ୍ଷରେ ହିନ୍ଦୁ ରୀତିନୀତି ଅନୁଯାୟୀ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିବା ସହ ପୋଲିସର ତଦନ୍ତରେ ସମସ୍ତ ସହଯୋଗ କରିବେ ବୋଲି ବିଜୟିନୀ କହିଛନ୍ତି।





ଜମନକିରା ମହାବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ଅବସରରେ ଚାରା ରୋପଣ କରାଯାଉଛି।

## ଜମନକିରା କଲେଜର ପ୍ରତିଷ୍ଠା ଦିବସରେ ବୃକ୍ଷ ରୋପଣ

**ଜମନକିରା,୨୭।୭ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ମହାବିଦ୍ୟାଳୟରେ ଶନିବାର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କଲେଜର ଯୁକ୍ତ ୨ ଅଧକ୍ଷ ଡ.କୃପାସିନ୍ଧୁ ନାଥ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଖିଣ୍ଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ତ ଡ. ଗୌରୀଦାସ ପ୍ରଧାନ ଯୋଗ ଦେଇଥିଲେ। ମହାବିଦ୍ୟାଳର ଛାତ୍ରଛାତ୍ରୀଙ୍କୁ ସେ ବୃକ୍ଷ ରୋପଣର ଉପକାରିତା ଓ ଏହାର ରକ୍ଷଣା ବେକ୍ଷଣ ଉପରେ କହିଥିଲେ। ଯୁକ୍ତ ୩ ଅଧ କ୍ଷ ଅରୁଣ କୁମାର ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ପ୍ରାଧ୍ୟାପିକା ସୁଶ୍ରୀ ସୁଷମା ପଟ୍ଟନାୟକ ଓ ଡ. ତୃପ୍ତି ମିଶ୍ର ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠା ଦିବସ ଓ ବୃକ୍ଷର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଅଧ୍ୟାପିକା ଅରୁଣା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ପ୍ରାଧ୍ୟାପକ ପ୍ରଶାନ୍ତ ନାୟକ, ରମେଶ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ପଣ୍ଡା, ଡ. ଶିବାନୀ ବେହେରା, ନିବେଦିତା ସାହୁ, ଅର୍ଚ୍ଚନା ରାଉତ, କଲ୍ୟାଣୀ ସାହୁ, ତୃପ୍ତିମୟୀ ମଲ୍ଲିକ, ଚନ୍ଦ୍ରିକା ସାହୁ, ସତ୍ୟନାରାୟଣ ପଟ୍ଟନାୟକ, ରଞ୍ଜନ ମହାକୁଳ, ଶୋଭନ ପତି, ଦୀପ୍ତିମୟୀ ବିଶ୍ୱାଳ, ରୁକ୍ମିଣୀ ବଗର୍ତ୍ତୀ, ପ୍ରଜ୍ଞାପାରମିତା ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବୁଢ଼ାପାଳରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଦେବଗଡ଼,୨୭।୭(ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର, ଦେବଗଡ଼ ଓ ନେତାଜୀ ଯୁବକ ସଂଘ, ସେଣ୍ଟାର ମିଳିତ ସହଯୋଗରେ ବୁଢ଼ାପାଳ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପଲାଶ୍ରୀ ବେହେରା, ବୁଢ଼ାପାଳ ମହାବିଦ୍ୟାଳୟର ଅଧକ୍ଷ ଡ଼ିଲେଶ୍ୱର ପ୍ରଧାନ, ପ୍ରକୃତି ବନ୍ଧୁ ଲଳିତ ମୋହନ ସାହୁ, ରାକେଶ ଦାଶ, ଯୁବକ ସଂଘର ସମ୍ପାଦକ ଓମ୍ ପ୍ରସାଦ ଭୂତିଆ ପ୍ରମୁଖ ଯୋଗଦେଇ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏପରି କି ସମାଜରେ ଯୁବକମାନଙ୍କ ଭୂମିକା, ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ, ରକ୍ତଦାନ ଶିବିର ଆୟୋଜନ, ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହୋଇ ପରିବେଶକୁ ସଫା ରଖିବା ଆଦି ବିଷୟରେ ଆଲୋଚନା କରିଥିଲେ। ସ୍ୱେଚ୍ଛସେବୀ ଚନ୍ଦ୍ରକାନ୍ତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ଯଶୋବନ୍ତ ଭୋଇ, କେଶବ ଚନ୍ଦ୍ର ସାହୁ, ତରୁଣ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ମାନଧାତା ବାବା ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୭।୭ (ବ୍ୟୁରୋ)**

ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ସ୍କୁଲର ୨୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ ସମ୍ମାନିତ ଅତିଥି, ଝାଡେଶ୍ୱରୀ କଲେଜ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିଜ ଚିନ୍ତା ସହ ପରିବାର, ସମାଜ ଓ ଦେଶ କଥା ଚିନ୍ତା କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସଭାପତି ଭାଗୀରଥି ପ୍ରଧାନଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଯତୀନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ଠାକୁର ସ୍ୱାଗତ ଭାଷଣ ଦେଇଥିଲେ। ତୋଷଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ନିରଞ୍ଜନ ସାହୁ ଓ ବବି ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ମାନଧାତା ବାବାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭା ଶେଷରେ ସ୍କୁଲ ଅଧକ୍ଷ ସତ୍ୟନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ମାନେଶ୍ୱର ମାନଧାତା ବାବା ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ।

■ ସ୍ୱାଧୀନତା ଦିବସ ଉପଲକ୍ଷେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ

# ଭଏସ୍ ଜିନିୟସ୍ ସିଜନ-୮ ପ୍ରସ୍ତୁତି ବୈଠକ

**ଦେବଗଡ଼,୨୭।୭(ଡି.ଏନ.ଏ.)**

ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ୍ ଏଣ୍ଡ୍ ସଙ୍ଗମ ପକ୍ଷରୁ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଭଏସ୍ ଜିନିୟସ ସିଜନ-୮ ପ୍ରତିଯୋଗିତା ପାଇଁ ସ୍ଥାନୀୟ ଗୋପବନ୍ଧୁ ଛକସ୍ଥିତ ଏକ ହୋଟେଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର କୁନି କଳାକାରଙ୍କ ପ୍ରତିଭା ଅନ୍ୱେଷଣ କ୍ଲବର ଏକ ପ୍ରୟାସ। ଜନସାଧାରଣ ତଥା ସଙ୍ଗୀତ ପ୍ରେମୀଙ୍କ ରୁଚି ଅନୁଯାୟୀ ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ 'ଅନ୍ତାକ୍ଷରୀ ରିଟର୍ନ୍ସ' କାର୍ଯ୍ୟକ୍ରମ ସାମିଲ କରିବାକୁ ସଦସ୍ୟଙ୍କ ସହମତି କ୍ରମେ ନିଷ୍ପତ୍ତି ନିଆଯାଇଛି। କ୍ଲବ ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗତ ବର୍ଷର ଆୟବ୍ୟୟ ହିସାବ କରାଯିବା ସହ ଅଡିଶନ ଟେଷ୍ଟ ମାଧ୍ୟମରେ ବିଭିନ୍ନ ସ୍କୁଲରୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ପାଇଁ ଚୟନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ସେହିପରି ଚଳିତ ବର୍ଷ କିଛି ନୂତନ କାର୍ଯ୍ୟକ୍ରମ ସହ କେତେକ ନୂତନ ସଦସ୍ୟଙ୍କୁ କ୍ଲବରେ ସାମିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଉମାଶଙ୍କର ସାହୁ, ଉପସଭାପତି ଉମେଶ କୁମାର ନାୟକ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ସହ ସମ୍ପାଦକ ପ୍ରତାପ କୁମାର ପାତ୍ର, କୋଷାଧକ୍ଷ ବିକାଶ ରଞ୍ଜନ ଖଡିରତ୍ନ, ନୃତ୍ୟ ସଂଯୋଜକ ପ୍ରିତମ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଟିକେଶ୍ୱର ଗୁରୁ, ପ୍ରଦୀପ କୁମାର ଛତ୍ରିଆ, ଜନ୍ମେଜୟ ନାୟକ, ରାଧାମାଧବ ମିଶ୍ର, ପ୍ରତାପ କିଶୋର ନାୟକ, ବାସୁଦେବ ମିଶ୍ର, ମନୋରଞ୍ଜନ ନାୟକ, ସୁଜିତ କୁମାର ସାହୁ, କ୍ରିଷ୍ଣା ଯାଦବ, ଆଶିଷ କୁମାର ସାହୁ, ଅଜୟ ପାତ୍ର, ଯୁଗୋଳ କିଶୋର ରାଉତ, ଶିବାଶିଷ ଝାଙ୍କର, ସୌରଭ ନାୟକ, ସୁଜିତ ସୁନାଙ୍କ ସମେତ ଆଇନ ପରାମର୍ଶଦାତା ତାପସ କୁମାର ମହାପାତ୍ର, ବିକାଶ କୁମାର ପ୍ରଧାନ ଏବଂ କ୍ଲବର ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଲବର ସମ୍ପାଦକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଘରପୋଡ଼ି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ବିଧାୟକ

**ଦେବଗଡ,୨୭।୭(ଡ଼ି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଗ୍ରାମରେ ଗତ ୧୯ ତାରିଖ ରାତିରେ ୫ ବଖରା ଘର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଶନିବାର ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସରତ ପ୍ରଧାନ, ଭାଗ୍ୟରଥି ପ୍ରଧାନ, ସନ୍ତୋଷ ଭୂତିଆ, ସରପଞ୍ଚ ବିଦ୍ୟୁତଲତା ଦଳବେହେରା, ସନ୍ତୋଷ ରାଉଲ, ଦିବ୍ୟଶଙ୍କର ଖୁଣ୍ଟିଆ ପ୍ରମୁଖ ନିଆଁରେ ପୋଡ଼ି ଯାଇଥିବା ଘରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏପରି କି କ୍ଷତିଗ୍ରସ୍ତ ପରିବାରଙ୍କୁ କିପରି ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ମିଳିପାରିବ ସେନେଇ ଆଲୋଚନା କରିଥିଲେ।



ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ସିଆରପିଏଫ କ୍ୟାମ୍ପରେ ରକ୍ତଦାନ ଶିବିର

**ସମ୍ବଲପୁର, ୨୭।୭ (ବ୍ୟୁରୋ)**

ସମ୍ବଲପୁର ଲାୟନ୍ସ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଶନିବାର ସିଆରପିଏଫ କ୍ୟାମ୍ପ ପରିସରେ ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫ ଯବାନ, କ୍ଲବ ସଭ୍ୟମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ରକ୍ତବର୍ଗ ଚିହ୍ନଟ ମଧ୍ୟ କରାଯାଇଥିଲା। କ୍ଲବ ଉପସଭାପତି ସଞ୍ଜୟ ଗୁପ୍ତାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜିଲା ସଦର ଡାକ୍ତରଖାନା ରକ୍ତ ଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ମନୋଜ ସିଂଘାନିଆଁ, ସଞ୍ଜୟ ଗୁପ୍ତା, ଦେବେନ୍ଦ୍ର କୁମାର ଲାଠ, ସୁନୀଲ ମସଦ, ସିଦ୍ଧେଶ ଅଗ୍ରୱାଲ, ମହେଶ ସିଂଘାନିଆଁ, ଅନୀଲ ଗୋୟଙ୍କା, ରାଜେଶ ଅଗ୍ରୱାଲ, ଗୋପାଳ ନାରୋଲିଆ, ଶଙ୍କର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଯୁବକ ଦୁରାରୋଗର ଶିକାର**

# ଦୁଃଖ ଯେବେ ଆସେ...

**ଚିପିଲିମା,୨୭।୭ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଠେମରାର ସମୀର ନାଥ। ବୟସ ୩୫। ମା, ବାପା ଆଉ ପାରିରେ। ବଡ ଭାଇ ସରୋଜଙ୍କ ପରଲୋକ ହୋଇସାରିଛି। ଭାଉଜଙ୍କ ଉପରେ ସମୀର ଓ ୧୪ବର୍ଷର ଝିଆରୀ ନିର୍ଭରଶୀଳ। ହେଲେ ସମୀରଙ୍କ ପାଇଁ ଦୁଃଖ ବୋଝ ଉପରେ ନଳିତାବିଡା ପରି ଲଦି ହୋଇପଡିଛି। ଗତ ୫ ବର୍ଷ ହେଲା ସେ ମୋଟର ନିୟୁରୋନ ନାମକ ଏକ ଦୁରାରୋଗରେ ଆକ୍ରାନ୍ତ। ଭୋଜିଭାତରେ ରାନ୍ଧୁଣିଆ ଭାବେ କାମ କରି ନିଜ ପେଟ ପୋଷିବା ସହ ଭାଉଜ ଏବଂ ଝିଆରୀକୁ ସାହା ହୋଇ ରହିଥିବା ସମୀର ଏବେ ଘରେ ପଡି ରହିଛନ୍ତି। ଭାଉଜ ତାଙ୍କ ଚିକିତ୍ସା କଥା ବୁଝୁଥିଲେ। ହେଲେ ଦଇବ ସହିଲାନି। ସେ ଏବେ କ୍ୟାନସରରେ



ସମୀରଙ୍କ ଘରେ ଡାକ୍ତର ଶଙ୍କର ରାମଚନ୍ଦାନୀ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଆକ୍ରାନ୍ତ। ଏଣୁ ଦିଅର ଭାଉଜ ପରସ୍ପରର ଚିକିତ୍ସା ଚିନ୍ତାରେ ଚିନ୍ତିତ। ସେପଟେ ଝିଆରିର ଭବିଷ୍ୟତ ଚିନ୍ତା। ସମୀରଙ୍କ ସମ୍ପର୍କରେ ଖବର ପାଇ ତାଙ୍କୁ ସହାୟତାର ହାତ ବଢାଇଛନ୍ତି ବୁର୍ଲା ଭିମ୍‌ସାରର ସିନିୟର ରେସିଡେଣ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ।

> ■ ମା, ବାପା, ଭାଇ ଆରପାରିରେ
>
> ■ ଭାଉଜ କ୍ୟାନସରରେ ପୀଡିତ
>
> ■ ୧୪ ବର୍ଷର ଝିଆରୀର ଭବିଷ୍ୟତ ଚିନ୍ତା

ସମୀରଙ୍କ ଘରେ ଡାକ୍ତର ରାମଚନ୍ଦାନୀ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଥା ହୋଇଛନ୍ତି। ବୁର୍ଲା ଭିମ୍‌ସାର ଆସି ଭର୍ତ୍ତି ହେବାକୁ ସମୀରଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଯଥା ସମ୍ଭବ ଚିକିତ୍ସା ପାଇଁ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଫଳରେ ଚିନ୍ତାରେ ଥିବା ସମୀର ଏବେ ଟିକିଏ ଚିନ୍ତାମୁକ୍ତ ହୋଇଛନ୍ତି। ସମୀରଙ୍କ ରୋଗ ସମ୍ପର୍କରେ ଡାକ୍ତର ରାମଚନ୍ଦାନୀ କହିଛନ୍ତି, ଏହି ରୋଗ ଏକ ବିରଳ ସ୍ନାୟବିକ ରୋଗ। ଜଣାଶୁଣା ବୈଜ୍ଞାନିକ ଜନ ଷ୍ଟିଫେନସନ ହକିନ୍ସ ଏହି ରୋଗରେ ପୀଡିତ ହୋଇଥିଲେ। ଏହି ରୋଗ ହେଲେ ଖାଇବା ପିଇବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡେ। ମାଂସପେଶୀ ସଙ୍କୁଚିତ ହୋଇପଡେ। ଫଳରେ ଧୀରେ ଧୀରେ ରୋଗୀର ମୃତ୍ୟୁ ସମୟ ପାଖେଇ ଆସେ। ତେବେ ଯଦିଓ ଏହି ରୋଗର ସମ୍ପୂର୍ଣ୍ଣ ଚିକିତ୍ସା ପଦ୍ଧତି ଏ ପର୍ଯ୍ୟନ୍ତ ବାହାରି ନାହିଁ ତଥାପି ଔଷଧ ଦେଇ ଚିକିତ୍ସା କରାଗଲେ କିଛି ଦିନ ରୋଗୀ ବଞ୍ଚିଯିବ। ଏଣୁ ସମୀରଙ୍କୁ ଭିମସାରରେ ଯେଭଳି ସମସ୍ତ ସୁବିଧାସୁଯୋଗ ମାଗଣାରେ ମିଳିବ ତାହା ସେ ଚେଷ୍ଟା କରିବେ ବୋଲି କହିଛନ୍ତି।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍ସିସ୍ ବାକନ

## ସଂକ୍ଷେପରେ

### ବୁର୍ଲାରେ ଆଇନ ସଚେତନତା ଶିବିର

**ସମ୍ବଲପୁର, ୨୭।୭ (ବ୍ୟୁରୋ)-** ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁର୍ଲାସ୍ଥିତ ସରକାରୀ ବାଳକ ହାଇସ୍କୁଲଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଅତିରିକ୍ତ ସିନିୟର ସିଭିଲ ଜଜ୍ ସୁଦୀପ କୁମାର ଦାସ, ବାଳ ଅପରାଧ ବୋର୍ଡ ସଦସ୍ୟ ପ୍ରଶାନ୍ତ ପାଢ଼ୀ, ସ୍କୁଲ ଶିକ୍ଷକ ବିଭୂତିଭୂଷଣ ଭୋଇ ଯୋଗଦେଇ ବାଳ ଅପରାଧ ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ସମ୍ବନ୍ଧୀୟ ଆଇନ ବିଷୟରେ ଆଲୋକପାତ କରିଥିଲେ। ପ୍ରାଧିକରଣ ସଚିବ ଲିଲି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରବନ୍ଧ, ଚିତ୍ରାଙ୍କନରେ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୭।୭ (ବ୍ୟୁରୋ)-** ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । କୋଶଳ ଟାଇମ ପତ୍ରିକା ସମ୍ପାଦକ ସଞ୍ଜୀବ ମହାପାତ୍ରଙ୍କ ପରିଚାଳନାରେ ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏହି ପ୍ରତିଯୋଗିତା ହୋଇଥିଲା । ମହିମା ଧର୍ମ ସନ୍ୟାସୀ ବିଶୁଦ୍ଧାନନ୍ଦ ବୈରାଗୀ, ଡ. ନିମାଇଁ ପଣ୍ଡା, ବୁର୍ଲା ଏନଏସି କଲେଜ ଅଧ୍ୟକ୍ଷା ସଂଯୁକ୍ତା ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବରାଜ ତ୍ରିପାଠୀ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ପଣ୍ଡା, ବୁର୍ଲା ବାଳକ ହାଇସ୍କୁଲ ଶିକ୍ଷକ ରାମକୃଷ୍ଣ ରଥ, ଗର୍ଲ୍ସ ହାଇସ୍କୁଲ ଶିକ୍ଷୟିତ୍ରୀ ଆରତୀ ପାଣିଗ୍ରାହୀ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ ପ୍ରଧାନ, ସରକାରୀ ମୂକ ବଧିର ସ୍କୁଲ ଶିକ୍ଷକ ଅକ୍ଷୟ ମିଶ୍ର, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ଜେନା, ଲେଡି ଲୁଇସ୍ ଗର୍ଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉଜାଗର ପ୍ରଧାନ, ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୋଶବନ୍ତ ସାହୁ, ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଭୁପ୍ରସାଦ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

**ନାକଟିଦେଉଳ,୨୭।୭ (ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଶନିବାର ଆରମ୍ଭ ହୋଇଛି । ଗୋବିନ୍ଦ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ନାକଟିଦେଉଳଠାରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ବ୍ଲକର ସମସ୍ତ ଗ୍ରାମରେ ଅଧିକରୁ ଅଧିକ ଯେପରି ସଭ୍ୟ ସଂଗ୍ରହ କରାଯାଇ ତୃଣମୂଳ ସ୍ତରରୁ ଦଳକୁ ଆହୁରି ମଜଭୁତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ଅପର ପକ୍ଷରେ ଦଳ ଯେପରି ସାଙ୍ଗଠାନିକ କ୍ଷେତ୍ରରେ ଦୃଢ଼ ହୋଇ ଆହୁରି ଆଗକୁ ଯିବ ସେ ନେଇ ଦଳୀୟ କାର୍ଯ୍ୟକର୍ତ୍ତା କାମ କରିବାକୁ ଅଗ୍ରୱାଲା ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁମାରେଶ ସ୍ୱାଇଁ, ହରିହର ସାହୁ, ପ୍ରଫୁଲ୍ଲ ପ୍ରଧାନ, ଅଶୋକ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ପ୍ରମୋଦ ମାଝି, ନିର୍ମଳ ଚନ୍ଦନ, କୃଷ୍ଣଚନ୍ଦ୍ର ମହାନ୍ତି, ସଞ୍ଜୟ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇ ମତାମତ ରଖିଥିଲେ।

ମିର୍ଗାମୁଣ୍ଡା ଗାଁ ନିକଟ ଗାଇଖାଇ ନାଳାରେ ନିର୍ମାଣାଧୀନ ଚେକଡ୍ୟାମ୍

# ଗେଟ୍ ନାହିଁ, ବହିଯାଉଛି ପାଣି

**ସମ୍ବଲପୁର,୨୭।୭ (ବ୍ୟୁରୋ)**

ସରକାର କୃଷି ଓ କୃଷକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି । ମୁଖ୍ୟତଃ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଉଠା ଜଳସସେଚନ, କେନାଲ, ଚେକଡ୍ୟାମ୍ ନିର୍ମାଣ କରି ପାଣି ସଂଗ୍ରହ କରିବାର ଯୋଜନା କରୁଛନ୍ତି । ହେଲେ ବିଭାଗର ଅବହେଳା ଯୋଗୁଁ ଯୋଜନାର ସୁଫଳ ହୋଇ ପାରୁନାହିଁ । ଚଳିତ ବର୍ଷ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକ୍‌ରେ ମୋଟ ୩୨ ଛୋଟ ବଡ ଚେକ୍‌ଡ୍ୟାମ୍ ନିର୍ମାଣ କାମ ହାତକୁ ନିଆ ଯାଇଥିଲା । ସେଥିମଧ୍ୟରୁ ଅଧିକାଂଶ ଚେକଡ୍ୟାମ୍ ନିର୍ମାଣ କାମ ସରିଛି, ହେଲେ ସେଠାରେ ଗେଟ୍ ଲାଗିନି। ତେଣୁ ବର୍ଷା ପାଣି ସଞ୍ଚୟ ହେବା ବଦଳରେ ତଳ ପଟକୁ ବହି ଯାଉଛି। ସମ୍ବଲପୁର ମହାନଗର ନିଗମ ମିର୍ଗାମୁଣ୍ଡା ଗ୍ରାମ ନିକଟରେ ଗାଇଖାଇ ନାଳାରେ ନିର୍ମାଣାଧୀନ ଚେକ୍‌ଡ୍ୟାମ୍‌ରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ଏଠାରେ ଚେକଡ୍ୟାମ୍ ନିର୍ମାଣ ସରିଛି। ହେଲେ ଗେଟ୍ ଲଗା ଯାଉ ନ ଥିବା ଯୋଗୁଁ ବର୍ଷାପାଣି ତଳକୁ ବୋହି ଯାଇ ନଷ୍ଟ ହୋଇଯାଉଛି । ଗେଟ ଖଞ୍ଜା ନ ହେଲେ ଚେକଡ୍ୟାମ ନିର୍ମାଣ କରିବା ଫଳପ୍ରଦ ହେବ ନାହିଁ । ପାଣି ସଂଗ୍ରହ ପାଇଁ ପୁଣି ଆର ବର୍ଷକୁ ଅପେକ୍ଷା କରିବାକୁ ପଡିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଗାଇଖାଇ ନାଳରେ ଚେକଡ୍ୟାମ ନିର୍ମାଣ ପାଇଁ ଦାବି ହୋଇଥିଲା । କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର ପକ୍ରିୟାରେ କାମ ଆରମ୍ଭ କରାଗଲା । କାମ ଆରମ୍ଭରୁ କାମର ମାନକୁ ନେଇ ଅଭିଯୋଗ କରାଯାଉଥିଲା। ବାରମ୍ବାର ବିଭାଗୀୟ ଅଧିକାରୀ ଆସି ତାଗିଦ କରିଥିଲେ । ହେଲେ ଢଳେଇ କାମର ମାନ ଠିକ୍ ଭାବେ ହୋଇ ନ ଥିବାରୁ ଗୋଟିଏ ପଟ ବିମ୍ ଦବି ଯାଇଛି । ଅବଶ୍ୟ ପରେ ତାହା ମରାମତି କରାଯାଇଥିଲା । ହେଲେ ଗେଟ୍ ଲଗା ଯାଉନାହିଁ । ବର୍ଷା ପାଣି ସଞ୍ଚୟ ନ ହେଲେ ଡ୍ୟାମ ଉଭୟ ପାର୍ଶ୍ୱରେ ଚାଷ ଜମି ପ୍ରଭାବିତ ହେବ । ଚାଷ କରିବା ପାଇଁ ଆଶାୟୀ ଚାଷୀ ନିରାଶ ହେବେ। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକଙ୍କୁ ପଚାରିବାରୁ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଗୋଟିଏ ଟେଣ୍ଡର ଓ ଲୁହା ଗେଟ୍ ଲଗାଇବା ପାଇଁ ଅନ୍ୟ ଏକ ଟେଣ୍ଡର କରାଯାଇଛି । ହେଲେ ଠିକାଦାରମାନେ କେତେକ ସ୍ଥାନରେ ବିଳମ୍ବ କରୁଛନ୍ତି । ମୁଖ୍ୟତଃ ନିର୍ବାଚନ ଓ କୋର୍ଟ ବନ୍ଦ ହେବା ଯୋଗୁ କାମରେ ବିଳମ୍ବ ହୋଇଥିବା ସେ ସଫେଇ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷରେ ଗାଇଖାଇ ନାଳାରେ ଚେକ୍‌ଡ୍ୟାମ୍ ନିର୍ମାଣ କାମ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପର ଚୁକ୍ତି ମୂଲ୍ୟ ୨୬ ଲକ୍ଷ ୭୫ ହଜାର ଟଙ୍କା ରହିଛି । କାମ ସମ୍ପୂର୍ଣ୍ଣ କରିବା ଧାର୍ଯ୍ୟ ସମୟ ବର୍ଷା ପୂର୍ବରୁ ଅର୍ଥାତ୍ ମେ ୨୨ ତାରିଖ ପର୍ଯ୍ୟନ୍ତ ଦିଆଯାଇଥିଲା । ହେଲେ ଜୁଲାଇ ମାସ ଶେଷ ହେବାକୁ ବସିଲାଣି କିନ୍ତୁ ସମ୍ପୂର୍ଣ୍ଣ କାମ ସରିନାହିଁ। ଆହୁରି ଗେଟ୍ ଲଗାଇବା କାମ ବାକି ପଡିଛି।



ସମ୍ବଲପୁର ଜିଲା ମିର୍ଗାମୁଣ୍ଡା ଗ୍ରାମରେ ନିର୍ମାଣାଧୀନ ଚେକ୍‌ଡ୍ୟାମ୍ ।

ବ୍ଲକସ୍ତରୀୟ ବିଜ୍ଞାନଭିତ୍ତିକ ନାଟକ ପ୍ରତିଯୋଗିତା

## ୧୩ ହାଇସ୍କୁଲର ୪୮ ଛାତ୍ରୀଛାତ୍ର ଭାଗ ନେଲେ

**ନାକଟିଦେଉଳ,୨୭।୭ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ନୋଡ଼ାଲ ହାଇସ୍କୁଲ ପରିସରରେ ଶନିବାର ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଭିତ୍ତିକ ବିଭିନ୍ନ ପ୍ରସଙ୍ଗକୁ ନେଇ ଏକ ନାଟକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବ୍ଲକର ୧୩ଟି ହାଇସ୍କୁଲର ସମୁଦାୟ ୪୮ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଡଇଁଚା ବାପୁଜୀ ନୋଡ଼ାଲ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ 'ବିପନ୍ନ ବସୁଧା' ଶୀର୍ଷକ ନାଟକ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ସରାପାଲି ନୋଡ଼ାଲ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ 'ପରିବେଶ ପରିଚ୍ଛନ୍ନତା' ଶୀର୍ଷକ ନାଟକ ଦ୍ୱୀତିୟ ଏବଂ ନାକଟିଦେଉଳ ରାଧାଦେବୀ ହେତମ ପୁରିଆ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ 'ଗଛ ଟିଏ ମୁଁ ଗଛ ଟିଏ' ନାଟକ ତୃତୀୟ ସ୍ଥାନ ଅଧିକାର କରିଥିଲା । ଏଥିରେ ବିଚାରକ ଭାବେ ସରାପାଲି ହାଇସ୍କୁଲର ଶିକ୍ଷକ ଦୁଷ୍ମନ୍ତ କୁମାର ପ୍ରଧାନ, କିସିଣ୍ଡା ହାଇସ୍କୁଲର ଶିକ୍ଷୟିତ୍ରୀ ରୁକ୍ମିଣୀ ପ୍ରଧାନ ଏବଂ ଜଗନ୍ନାଥ ପ୍ରସାଦ ହାଇସ୍କୁଲର ଶିକ୍ଷକ ମନୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । କୃତୀ ଛାତ୍ରୀଛାତ୍ର ଆସନ୍ତା ୩୧ ତାରିଖରେ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ତ୍ରିନାଥ ଧଳ ଏବଂ ସରାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଯୋଗ ଦେଇଥିଲେ । ଡଇଁଚା ବାପୁଜୀ ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଜୁଡ଼ି ଗଲାଣି ହୁମା ମନ୍ଦିର ପର୍ଯ୍ୟଟକ ଉଦ୍ୟାନ

**ଧମା, ୨୭।୭ (ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ଶୈବପୀଠ ମାନେଶ୍ୱର ବ୍ଲକ ଅନ୍ତର୍ଗତ ହୁମା ମନ୍ଦିର ନିକଟରେ ନବନିର୍ମିତ ଉଦ୍ୟାନ ଜରାଜୀର୍ଣ୍ଣ ଅବସ୍ଥାକୁ ଯାଇ ବସିଲାଣି । ସିଧାସଳଖ ଏହା ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୭ ସେପ୍ଟେମ୍ବର ୪ ତାରିଖରେ ୬୦ ଲକ୍ଷ ବ୍ୟୟ ଅଟକଳରେ ଏହି ପର୍ଯ୍ୟଟକ ଉଦ୍ୟାନ ତତ୍କାଳୀନ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ଓ ମାନେଶ୍ୱର ବିଡିଓ ପଙ୍କଜ ପଧାନଙ୍କ ତତ୍ତ୍ୱାବଧାନରେ ନିର୍ମାଣ ଆରମ୍ଭ ହୋଇଥିଲା । ୨୦୧୮ ମାର୍ଚ୍ଚ ୪ ତାରିଖରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ଏତେ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଦ୍ୟାନର ଅନେକ ଅଂଶ ରକ୍ଷଣାବେକ୍ଷଣ ଅଭାବରୁ ଭଙ୍ଗା ଦଦରା ହେବାକୁ ବସିଲାଣି । ଉଦ୍ୟାନରେ ଥିବା ଘାସ ପଡିଆରେ ଅନାବନା ଗଛ ଉଠିଲାଣି। ପର୍ଯ୍ୟଟକଙ୍କ ପାଇଁ କରାଯାଇଥିବା ଚଲାପଥରେ ବିଛା ଯାଇଥିବା ଟାଇଲ ଭାଙ୍ଗି ଗଲାଣି। ତେବେ ଏହି ଉଦ୍ୟାନ ପ୍ରତି ଏ ପ୍ରକାର ବୈମାତୃକ ମନୋଭାବ ପ୍ରଦର୍ଶନର କାରଣ ବାବଦରେ ଜାଣିବା ପାଇଁ ହୁମା ସରପଞ୍ଚ ସୁଜିତ ସାହୁଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରା ଯାଇଥିଲା। ହେଲେ ତାଙ୍କସହ ସମ୍ପର୍କ ସ୍ଥାପନ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷେ ମାନେଶ୍ୱର ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।




## ଦାଉ ସାଧୁଛି ଅଲ୍‌ଟ୍ରାଟେକ୍ ଧୁତୁରା ଫାଟକ

**କିର୍ମିରା,୨୭।୭ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଅର୍ଡା ପଞ୍ଚାୟତ ଧୁତୁରାସ୍ଥିତ ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନା ସମ୍ମୁଖ ଧୁତୁରା ରେଲୱେ ଫାଟକ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ଗେଟ ଷ୍ଟେଶନଠାରୁ ୨୦୦ ମିଟର ଓ ଅଲ୍‌ଟ୍ରାଟେକ୍ ମୁଖ୍ୟ ଫାଟକରୁ ୨୦ ମିଟର ଦୂରରେ ଅଛି। ଏହି ରାସ୍ତା କିର୍ମିରା- ଲଇକେରାକୁ ସଂଯୋଗ କରୁଥିବାରୁ ଶହ ଶହ ଲୋକ ପ୍ରତ୍ୟହ ଯାତାୟାତ କରନ୍ତି। ଏହାବ୍ୟତୀତ ଅଲ୍‌ଟ୍ରାଟେକ୍ କର୍ମଚାରୀ ମଧ୍ୟ ଏହି ଗେଟ୍ ଦେଇ କାମକୁ ଯାଇଥାନ୍ତି। ତେବେ ଦୀର୍ଘ ସମୟ ଗେଟ୍ ବନ୍ଦ ରହୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଅଞ୍ଚଳବାସୀ ଅନେକ ଦିନରୁ ଏଠାରେ ଫ୍ଲାଏଓଭର କିମ୍ବା ଅଣ୍ଡର ପାସ୍ ନିର୍ମାଣ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ।

## ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ନାକଟିଦେଉଳ,୨୭।୭ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ପ୍ରଥମ ପର୍ଯ୍ୟାୟ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ବିରଞ୍ଚି ଶଙ୍କର ସାହୁ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟିର ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ବିଦ୍ୟାଳୟର ଶୈକ୍ଷିକ ପକ୍ଷ ଉପରେ ଆଲୋଚନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ଦ୍ୱାରା ଶୈକ୍ଷିକ ସମସ୍ୟାର ସମାଧାନ କରାଯାଇଥିଲା । ବିଦ୍ୟାଳୟର ବ୍ୟବସ୍ଥା ପକ୍ଷ ଉପରେ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ସାହୁ ଆଲୋକପାତ କରିଥିଲେ । ଏହି ଅବସରରେ ଅଭିଭାବକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ମତାମତ ରଖିଥିଲେ । ଗୁରୁମା ମମତା ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ୧୭୦ଜଣ ଅଭିଭାବକ ଯୋଗ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀ ଏବଂ ଅବିଭାବକମାନେ ଶାନ୍ତିମନ୍ତ୍ର ପାଠ କରିଥିଲେ।



ଅଭିଭାବକ ସମ୍ମିଳନୀରେ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଓ ଅଭିଭାବକମାନେ।






ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଶନିବାର ସମ୍ବଲପୁର ସାଇ ଶିକ୍ଷା ପରିଷଦ ପ୍ରତିଷ୍ଠା ଦିବସ ଉତ୍ସବକୁ ଅତିଥିମାନେ ଦୀପ ଜାଳି ଶୁଭାରମ୍ଭ କରୁଛନ୍ତି (ବାମ)। ପରିଷଦ ପ୍ରତିଷ୍ଠା ଦିବସ ଉତ୍ସବରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଉଛି ।

ସାଇ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ ଉତ୍ସବ

# ଶିକ୍ଷା ସହ ସଂସ୍କାର ଆବଶ୍ୟକ

**ସମ୍ବଲପୁର, ୨୭।୭ (ବ୍ୟୁରୋ)**

ସଂପ୍ରତି ଭାରତ ବର୍ଷରେ ଶିକ୍ଷା ମୁଖ୍ୟ ଆହ୍ୱାନ ଭାବେ ଦେଖା ଦେଇଛି । ତେଣୁ ଶିକ୍ଷା ସହ ସଂସ୍କୃତି, ସଂସ୍କାର, ଐତିହ୍ୟ, ସାମାଜିକ ଗୁଣର ଆବଶ୍ୟକତା ରହିଛି । ନ ଚେତ ସମସ୍ତ ଶିକ୍ଷା ମୂଲ୍ୟହୀନ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ଗୁଡିକ ଶିକ୍ଷାସହ ସଂସ୍କୃତି ଓ ସଂସ୍କାର ପ୍ରତି ଗୁରୁତ୍ୱ ଦେବା ଉଚିତ । ଶନିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ସାଇ ଶିକ୍ଷା ପରିଷଦ ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି । ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ ସମ୍ମାନୀତ ଅତିଥି, ନାଟ୍ୟକାର ଓ ସଂଗୀତଜ୍ଞ ବ୍ରଜେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ରାମାଶିଷ ତ୍ରିପାଠୀଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ନନ୍ଦକିଶୋର ସାହୁ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ସମ୍ବଲପୁରୀ, ଓଡିଶୀ, ଆଧୁନିକ, ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟଗୁରୁ ଅସୀମ ପ୍ରଧାନ, ଭଗବତୀ ସାଲମା, ଅଞ୍ଜଳି ପାତ୍ର, ରେଶ୍ମା ବାର୍ଲା, ପ୍ରତି ରୈନା, ଦେବାଶିଷ ପାଢ଼ୀ, ତ୍ରିଲୋଚନ ତ୍ରିପାଠୀ, ସୋନାଲି ସାମରିଆ, ମନିଷ ଦୁବେଙ୍କ ନିର୍ଦ୍ଦେଶନାରେ ନୃତ୍ୟଗୀତ କାର୍ଯ୍ୟକ୍ରମ ହୋଇଥିଲା । ଉତ୍ସବ ପ୍ରାରମ୍ଭରେ ଗୀତାଞ୍ଜଳି ମେହେର, ଶ୍ରେୟାସ୍ମରଣିକା ବେହେରା, ପ୍ରତୀକ୍ଷା ଦାଶ, ଅଦ୍ୱିତା ଦାଶ, ପୂର୍ବା ବେହେରା ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି ଅବସରରେ ଉତ୍ସବ ଆୟୋଜନ କମିଟି ସଭ୍ୟ ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ, ପ୍ରଫୁଲ୍ଲ କୁମାର ଦାଶ, ଅଭିନେତା ଭାରତଗୌରବ ଦାଶ, ଅମନଦୀପ ସାଲୁଜାଙ୍କୁ ସ୍ମୃତିସନ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ଫଟୋରେ ଖବର






ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରେ ୟୁଜିସି ଟିମ୍ ବୁଲି ଦେଖୁଛନ୍ତି (ବାମ)। ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଏପିଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧ ଦିବସରେ ଶନିବାର ବୁର୍ଲାଠାରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।



"ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।" - ଲେନିନ୍

## ସଂକ୍ଷେପରେ

### ଭିତରକନିକାରେ ୬୦ ହଜାରରୁ ଊର୍ଦ୍ଧ୍ୱ ଦେଶୀୟ ପକ୍ଷୀ



ରାଜନଗର, ୨୭।୭ (ଡି.ଏନ୍.ଏ.) : କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ମୌସୁମୀର ଆଗମନରେ ଜୁନ ଦ୍ୱିତୀୟ ସପ୍ତାହ ପରଠାରୁ ଏଠାରେ ଦେଶୀୟ ପକ୍ଷୀମାନେ ଭିଡ ଜମାଇଛନ୍ତି। ରଙ୍ଗବେରଙ୍ଗ ପକ୍ଷୀଙ୍କ କାକଳିରେ ଜାତୀୟ ଉଦ୍ୟାନର ପରିବେଶ ମୁଖରିତ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହେବାର ଦେଖିବାକୁ ମିଳିଛି। ପୂର୍ବରୁ ଜାତୀୟ ଉଦ୍ୟାନର ପକ୍ଷୀବିହାର ରୂପେ ପରିଚିତ ବଗଗହନରେ ପକ୍ଷୀଙ୍କ ଭିଡ ଜମୁଥିବାବେଳେ ଏବେ ଦେଶୀୟ ପକ୍ଷୀମାନେ ମଠଆଡିଆକୁ ନୂଆ ଠିକଣା ଭାବେ ବାଛି ନେଇ ସେଠାରେ ବସା ବାନ୍ଧିବାରେ ଲାଗିଛନ୍ତି। ଏହାମଧ୍ୟରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ବସା ବାନ୍ଧି ସାରିଲେଣି। ଅଧିକାଂଶ ପକ୍ଷୀ ବସା ବାନ୍ଧିବା ପାଇଁ କାଠିକୁଟା ସଂଗ୍ରହ କରି ଫେରିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ବିମୋହିତ କରିଛି। ଦେଶୀୟ ପକ୍ଷୀଙ୍କ ମଧ୍ୟରେ ୮ପ୍ରକାର କିଙ୍ଗଫିଶର, ୧୦ ପ୍ରକାର ବଗ, ଛଞ୍ଚାଣ, ଗେଣ୍ଡାଳିଆ, ଦା'ବେଣ୍ଟିଆ, ହଳଦୀବସନ୍ତ, ଶୁଆ, ଶାରୀ, କପୋତ ପ୍ରଭୃତି ଜାତୀୟ ଉଦ୍ୟାନରେ ଭିଡ ଜମାଇଛନ୍ତି। ଆଗନ୍ତୁକ ପକ୍ଷୀମାନଙ୍କର ଗଣନା କାର୍ଯ୍ୟ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ଗଣନା କାର୍ଯ୍ୟରେ ୮ଟି ଟିମ୍ ସାମିଲ ହେବେ। ଏହାଛଡା ଜାତୀୟ ଉଦ୍ୟାନ ଚତୁଃପାର୍ଶ୍ୱରେ ବସବାସ କରୁଥିବା ପେସାଦାର ଶିକାରୀମାନେ ଯେଭଳି ପକ୍ଷୀମାନଙ୍କୁ ଶିକାର କରି ନ ପାରିବେ ସେଥିପାଇଁ ରାଜନଗର ବନ ବିଭାଗ ସଜାଗ ରହିଛି। ଏହାସତ୍ତ୍ୱେ ଶିକାରୀମାନେ ଅତି ଚତୁରତାର ସହ ପକ୍ଷୀମାନଙ୍କୁ ଶିକାର କରି ଏହାର ମାଂସକୁ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି।

■ ୧୧ ଡ୍ୟାନ୍ସ ବାର୍‌ରେ ଚଢ଼ାଉ, ରାଜ୍ୟ ବାହାରର ୯୬ ଯୁବତୀ ଉଦ୍ଧାର

### କାହିଁକି ତତ୍ପର ହୋଇଉଠିଲା ପୋଲିସ

■ ମାଷ୍ଟରମାଇଣ୍ଡ୍ ପାଖରେ ପହଞ୍ଚିବା ନେଇ ଆଶଙ୍କା
■ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ରାଜଧାନୀରେ ବେଆଇନ ଭାବେ ଚାଲୁଥିବା ଡ୍ୟାନ୍ସ ବାର୍ ଉପରେ ହଠାତ୍ ପୋଲିସ ଚଢ଼ାଉ ଆରମ୍ଭ କରିଥିଲା। ଶୁକ୍ରବାର ରାତିରେ କଟକରୋଡ୍‌ରେ ଥିବା ୧୧ ଡ୍ୟାନ୍ସ ବାରରେ ଚଢାଉ କରି ୯୬ ଜଣ ଯୁବତୀଙ୍କୁ ଉଦ୍ଧାର କରିଥିଲା। ତେବେ ସବୁଠାରୁ ବଡ଼ କଥା ହେଲା ଉଦ୍ଧାର ସମସ୍ତ ଯୁବତୀ ରାଜ୍ୟ ବାହାରର। ଏମାନଙ୍କ ଘର ଉତ୍ତରପ୍ରଦେଶ, ପଞ୍ଜାବ, ହିମାଚଳପ୍ରଦେଶ, ବାଙ୍ଗାଲୋର, ଦିଲ୍ଲୀ, ହରିୟାଣା ଓ ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ ବିଭାଗକୁ ପୋଲିସ ଚିଠି ଲେଖିଥିବା ଜଣାପଡିଛି। ସହରରେ ଡ୍ୟାନ୍ସବାର୍‌ଗୁଡ଼ିକ ଦୀର୍ଘ ଦିନ ହେବ ଚାଲି ଆସୁଛି। ବିଳମ୍ବିତ ରାତିରେ ବାର୍ ଭିତରେ ଓ ସମ୍ମୁଖରେ ମଧ୍ୟ ଅନେକ ସମୟରେ ଗଣ୍ଡଗୋଳ ଘଟୁଛି। ହେଲେ ସବୁକିଛି ଚାପି ଦେଉଥିବା ପୋଲିସ ହଠାତ୍ ଏଭଳି ବଡ଼ଧରଣର ଚଢ଼ାଉକୁ ଲୋକେ ଭିନ୍ନଦୃଷ୍ଟିରେ ଦେଖିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଉଦ୍ଧାର ଯୁବତୀମାନଙ୍କୁ ଛାଡ଼ି ଦିଆଯାଇଥିବାରୁ ପୋଲିସର କାର୍ଯ୍ୟଧାରା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଏହି ଯୁବତୀମାନଙ୍କୁ ରାଜ୍ୟ ବାହାରୁ କିଏ ଆଣୁଥିଲା? ଏହା ପଛରେ ମାଷ୍ଟରମାଇଣ୍ଡ୍ କିଏ? ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ପାରିବ ତ! ଏମିତି ଅନେକ ପ୍ରଶ୍ନ ଏବେ କମିଶନରେଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କଟକରୋଡ୍‌ରେ ଥିବା ବେଆଇନ ବାର୍‌ଗୁଡ଼ିକ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର ଜାଣତରେ ହିଁ ଚାଲିଥିଲା। ବାର୍ ମାଲିକମାନେ ଏଥିପାଇଁ ମାସିକିଆ ଚାନ୍ଦା ଦେଇ ବେଶ୍ ଅନାୟାସରେ ଏହି ବେଆଇନ କାରବାର ଚଳାଇଥିଲେ। ଏହା ବାହାରକୁ ନ ଆସିବା ପାଇଁ ବାର୍ ମାଲିକମାନେ ସାମ୍ବାଦିକମାନଙ୍କୁ ମଧ୍ୟ ମାସିକିଆ ଟଙ୍କା ଦେଉଥିଲେ। ଏନେଇ କମିଶନର ଓ ଡିସିପିଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ପୋଲିସ ଲୋକଦେଖାଣିଆ ପଦକ୍ଷେପ ଆରମ୍ଭ କରିଥିବା କୁହାଯାଉଛି। ମାସିକିଆ ଠିକ୍‌ଭାବେ ନ ମିଳିବାରୁ କମିଶନରଙ୍କ କାନକୁ କଥା ଯାଇଥିବା ଚର୍ଚ୍ଚା ଚାଲିଛି।

# ରାଜ୍ୟରେ ୯ଲକ୍ଷ ୩୭ହଜାର ପଞ୍ଜୀକୃତ ବେକାର

**୨୧୦ ନିଯୁକ୍ତିମେଳାରେ ୧ ଲକ୍ଷ ୧୩ ହଜାରଙ୍କୁ ନିଯୁକ୍ତି**

ଭୁବନେଶ୍ୱର,୨୭।୭(ବ୍ୟୁରୋ)

୯ ଲକ୍ଷ ୩୭ ହଜାର ୨୫୧ଜଣ ବେକାର ଯୁବତୀଯୁବକ ରାଜ୍ୟ ସରକାରଙ୍କ ବିଭିନ୍ନ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଛନ୍ତି। ୨୧୦ ନିଯୁକ୍ତିମେଳା ଆୟୋଜନ କରାଯାଇ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ୨୫୧ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ୮୫ ହଜାର ୬୮୦ଜଣଙ୍କୁ ତାଲିମ ପ୍ରଦାନ କରାଯାଇ ୧୬ ହଜାର ୭୭୭ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ଗତ ୫ ବର୍ଷ ମଧ୍ୟରେ ୧୨ଟି ସୈନ୍ୟବାହିନୀ ନିଯୁକ୍ତି ରାଲି ମାଧ୍ୟମରେ ୫୦୨୭ଜଣ ନିଯୁକ୍ତି ପାଇଛନ୍ତି। ଶନିବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ସୂଚନା ଦେଇଛନ୍ତି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ମୂଳ ପ୍ରଶ୍ନରେ କହିଥିଲେ, ଓଡ଼ିଶାରେ କେତେ ବେକାର ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କୁ ନିଯୁକ୍ତି ଦେବା ସକାଶେ ସରକାରଙ୍କ ପାଖରେ କି ଯୋଜନା ରହିଛି। ୭ଲକ୍ଷ ପିଲାଙ୍କୁ ନିଯୁକ୍ତି ଦେବା ଲାଗି ସରକାର କ'ଣ ବ୍ୟବସ୍ଥା କରିଛନ୍ତି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟ ନାରାୟଣ ପ୍ରଧାନ, ମନୋହର ରନ୍ଧାରୀ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏବଂ ସନ୍ତୋଷ ସିଂ ସାଲୁଜା ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ରାଜ୍ୟ ସରକାର ନିଯୁକ୍ତି ମେଳାରେ କେତେ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି? ଯେଉଁ କମ୍ପାନୀ ପିଲାଙ୍କୁ ନେଇଥିଲେ, ସେମାନେ ବଞ୍ଚିଛନ୍ତି ନା ନାହିଁ? କେବିକେ ଅଞ୍ଚଳରେ ବେକାରି ଦୂର କରିବାକୁ ସରକାର କି ବ୍ୟବସ୍ଥା କରିଛନ୍ତି? ଆଠମଲ୍ଲିକ, ନୟାଗଡ଼, କୋରାପୁଟ ଆଦି ସ୍ଥାନରେ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯିବ କି ବୋଲି ପଚାରିଥିଲେ। ତେବେ ମନ୍ତ୍ରୀ ସେସବୁ ପ୍ରଶ୍ନର ଉତ୍ତର କେବଳ ତଥ୍ୟ ସଂଗ୍ରହ କରି ଦେବେ ବୋଲି କହିଥିଲେ।

# ଏନ୍‌କାଉଣ୍ଟରରେ ୭ ମାଓବାଦୀ ନିହତ

ମାଲକାନଗିରି,୨୭।୭ (ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ୭ମାଓବାଦୀ ନିହତ ହୋଇଛନ୍ତି। ବସ୍ତର ଜିଲା ପିରିୟମକୋଟ ଜଙ୍ଗଲରେ ମାଓବାଦୀଙ୍କ ବୈଠକ ଚାଲିଥିବା ଏବଂ ଶହୀଦ ସପ୍ତାହ ଆରମ୍ଭ ହେଉଥିବାରୁ ଏନେଇ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା ଚାଲିଥିଲା। ଏହି ଖବର ମିଳିବା ପରେ ଏସ୍‌ଟିଏଫ୍ ଏବଂ ସିଆରପିଏଫ ପକ୍ଷରୁ ସ୍ୱତନ୍ତ୍ର କୋମ୍ବିଂ ଅପରେଶନ କରାଯାଇଥିଲା। କୋୟାମକୋର ଜଙ୍ଗଲରେ ପହଞ୍ଚିବା ପରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ପ୍ରାୟ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ୭ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କ ମୃତଦେହ ମିଳିଥିବା ପୋଲିସ ସୂଚନା ଦେଇଛି। ମୃତ ମାଓବାଦୀମାନେ ଦଣ୍ଡକାରଣ୍ୟ ମାଓବାଦୀ ଡିଭିଜନ ଅନ୍ତର୍ଗତ ବସ୍ତର ଆଞ୍ଚଳିକ କମିଟିର ସଦସ୍ୟ। ଘଟଣାସ୍ଥଳରୁ ପୋଲିସ ବିପୁଳ ପରିମାଣର ବିସ୍ଫୋରକ, ମାଓବାଦୀ ବ୍ୟବହୃତ ସାମଗ୍ରୀ, ବନ୍ଧୁକ, ଗୁଳି, ଶହୀଦ ଦିବସ ପାଇଁ ହୋଇଥିବା ବ୍ୟାନର, ପୋଷ୍ଟର ଆଦି ଜବତ କରିଛି ବୋଲି ମାଓବାଦୀ ଅପରେଶନ ଆଇଜି ପି. ସୁନ୍ଦରରାଜ କହିଛନ୍ତି। ରବିବାର ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଓଡିଶା, ଛତିଶଗଡ ଆନ୍ଧ୍ର ପୋଲିସ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଉଛି। ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇଛି।

# ସବୁ ଜିଲାରେ ନିର୍ମାଣ ହେବ ଜରାନିବାସ

**ବରିଷ୍ଠ ନାଗରିକଙ୍କ ଚିନ୍ତା**
■ ପ୍ରଥମ ପର୍ଯ୍ୟାୟରେ ୯ ଜିଲା
■ ଖର୍ଚ୍ଚ ହେବ ୬୨ କୋଟି
■ ମାତାପିତାଙ୍କୁ ଅବହେଳା କରିବାରୁ ପୁତ୍ରକୁ ୨୫ ଦିନ ଜେଲ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ରାଜ୍ୟର ସମସ୍ତ ଜିଲାରେ ଜରାନିବାସ ସ୍ଥାପନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୯ଟି ଜିଲାରେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ହେଲା ଖୋର୍ଦ୍ଧା, ସମ୍ବଲପୁର, କନ୍ଧମାଳ, କଟକ, ପୁରୀ, ଭଦ୍ରକ, ମାଲକାନଗିରି, ଗଞ୍ଜାମ ଏବଂ ନବରଙ୍ଗପୁର। ଏଥିପାଇଁ ୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୫ ଏକର ପରିମିତ ଜମିରେ ଏହା ନିର୍ମାଣ କରାଯିବ। ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ସକାଶେ ଏଭଳି ଜରାନିବାସ ନିର୍ମାଣ କରାଯାଉଛି। ଶନିବାର ପ୍ରଶ୍ନୋତ୍ତର ବେଳେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ମୌଷଧୀ ବାଗ୍ ମୂଳ ପ୍ରଶ୍ନରେ ପଚାରିଥିଲେ, ରାଜ୍ୟର ପ୍ରତ୍ୟେକ ବ୍ଲକରେ ଜରାନିବାସ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି। ମନ୍ତ୍ରୀ କହିଥିଲେ, ମାତାପିତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ର ଧାରା ୧୯ ଏବଂ ଓଡ଼ିଶା ବରିଷ୍ଠ ନାଗରିକ ନୀତି ୨୦୧୬ ଅନୁଯାୟୀ, ରାଜ୍ୟର ପ୍ରତ୍ୟେକ ଜିଲା ସଦର ମହକୁମାରେ ୧୫୦ ଜଣ ବରିଷ୍ଠ ନାଗରିକଙ୍କ ରହିବା ପାଇଁ ଜରାଶ୍ରମ ନିର୍ମାଣ କରାଯିବ। କନ୍ଧମାଳ, ସମ୍ବଲପୁର ଓ ଖୋର୍ଦ୍ଧାରେ ଜରାନିବାସ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ଅନ୍ୟ ଜିଲାଗୁଡ଼ିକରେ ଭିତ୍ତିଭୂମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏଗୁଡ଼ିକ କାର୍ଯ୍ୟକ୍ଷମ ହେବ। ଏଥିସହିତ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଓ ଭରଣପୋଷଣ ଦେବା ଲାଗି ୨୦୦୯ରେ ଏକ ନୀତି ପ୍ରଣୟନ କରାଯାଇଛି। ମାତାପିତାମାନେ ନିଜର ଭରଣପୋଷଣ ପାଇଁ ସବ୍‌ଡିଭିଜନସ୍ତରରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏବଂ ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଆପିଲେଟ୍ ଅଥରିଟିରେ ଆବେଦନ କରିପାରିବେ। ଏଥିପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ଅବହେଳିତ ବରିଷ୍ଠ ନାଗରିକମାନେ ୨୮୬ କେସ୍ ଦାଏର କରିଛନ୍ତି। ଏଥିରୁ ୧୧୯ ମାମଲାର ଫଇସଲା କରାଯାଇଛି। ପୁରୀ ଜିଲାରେ ଆନନ୍ଦ ମହାପାତ୍ରଙ୍କୁ ତାଙ୍କ ପିତାଙ୍କ ଅଭିଯୋଗ କ୍ରମେ ଭରଣପୋଷଣ ଦେଉ ନ ଥିବାରୁ ୨ଟି ପର୍ଯ୍ୟାୟରେ ୨୫ ଦିନ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

ବିଜେଡି ସଭ୍ୟ ଅନନ୍ତ ଦାସ, ସୁଧୀର ସାମଲ, ପ୍ରଦୀପ ଅମାତ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ପ୍ରମୁଖ ଜରାନିବାସ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷିତ ପିଲାମାନେ ଦୂରଦୂରାନ୍ତରକୁ ଚାକିରି ପାଇଁ ଯାଉଥିବାରୁ ମା'ବାପା ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ଜିଲାରେ ଓ ଭୁବନେଶ୍ୱରରେ ଜରାନିବାସ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କେତୋଟି ଜରାନିବାସ ଏନ୍‌ଜିଓ ମାଧ୍ୟମରେ ଚାଲିଛି। ବରିଷ୍ଠ ନାଗରିକଙ୍କ ଯତ୍ନ ପାଇଁ ଡାକ୍ତର, ଖାଦ୍ୟ, ପାନୀୟ ଆଦି ବ୍ୟବସ୍ଥା କରିବାକୁ ସଭ୍ୟମାନେ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ପର୍ଯ୍ୟାୟରେ ୯ଟି ଜିଲାରେ ଜରାନିବାସ ସ୍ଥାପନ କରାଯିବ। ପରବର୍ତ୍ତୀ ସମୟରେ ସମସ୍ତ ଜିଲାରେ ଏହା ନିର୍ମାଣ ହେବ। ଏଥିରେ ୧୫୦ରୁ ୨୦୦ ଲୋକ ରହିପାରିବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ୪୪ଟି ଜରାନିବାସ ଚାଲୁ ରହିଛି ବୋଲି ମନ୍ତ୍ରୀ କହିଥିଲେ।

ପୁରୀ ବସ୍ ପରମିଟ୍ ରଦ୍ଦକୁ ବିରୋଧ

# ଅଗଷ୍ଟ ୧୨ରୁ ବସ୍ ଧର୍ମଘଟ ଚେତାବନୀ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ଅଗଷ୍ଟ ୧୨ ତାରିଖରୁ ରାଜ୍ୟବ୍ୟାପୀ ବସ ଧର୍ମଘଟ କରିବାକୁ ଚେତାବନୀ ଦେଇଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ଶନିବାର ଭୁବନେଶ୍ୱରଠାରେ ସଂଘର ଏକ ଜରୁରୀ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ପୁରୀରେ ବସରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ବସର ଅନୁମତି(ପରମିଟ) ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ରଦ୍ଦ କରି ଦେଇଛନ୍ତି। ତୁରନ୍ତ ସେହି ବସର ପରମିଟ ରଦ୍ଦ ଆଦେଶକୁ ତୁରନ୍ତ ପ୍ରତ୍ୟାହାର ନ କଲେ ରାଜ୍ୟର ସମସ୍ତ ବସ ଚଳାଚଳ ଆସନ୍ତା ୧୨ ତାରିଖରେ ବନ୍ଦ ରହିବ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ରଥଯାତ୍ରା ଦେଖିବାକୁ କେନ୍ଦୁଝରରୁ ପୁରୀ ଆସି ବସ ଭିତରେ ବଳାତ୍କାର ଶିକାର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ବସ କଣ୍ଡକ୍ଟରକୁ ଗିରିଫ କରାଯାଇଥିବାବେଳେ ଉକ୍ତ ବସର ପରମିଟ ରଦ୍ଦ କରାଯାଇଥିଲା। ଏଥିସହିତ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା।

# ୧୦ ଜିଲାରେ ନିର୍ମାଣ ହେବ ବିଜ୍ଞାନ ପାର୍କ

### ବାୟୋଟେକ୍ନୋଲୋଜିରେ ପୁଞ୍ଜିନିବେଶ ପାଇଁ ୪ ସଂସ୍ଥାର ପ୍ରସ୍ତାବ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ରାଜ୍ୟର ୧୦ ଜିଲାରେ ବିଜ୍ଞାନ ପାର୍କ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୩ ଜିଲାରେ ହେବ। ପିଲାମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଉତ୍ସାହିତ କରିବା ସକାଶେ ଏହି ପାର୍କ ସହାୟତା କରିବ। ଏଥିସହିତ ଭୁବନେଶ୍ୱରରେ ଥିବା ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ୨ଟି ନୂଆ ବିଭାଗ ଖୋଲାଯିବ। ଶନିବାର ପ୍ରଶ୍ନୋତ୍ତର ବେଳେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ର ରାଜ୍ୟରେ କେତୋଟି ଏବଂ କେଉଁଠି କି ପ୍ରକାର ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟ କରୁଛି। ଏହାର ଭବିଷ୍ୟତ ଯୋଜନା କ'ଣ ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଛନ୍ତି ଯେ, ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଅନ୍ଧାରୁଆଠାରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଶହୀଦନଗରରେ ଓଡ଼ିଶା ବିଜ୍ଞାନ ଏକାଡେମୀ, ଜୟଦେବ ବିହାରରେ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଓ ପଠାଣିସାମନ୍ତ ପ୍ଲାନେଟାରିୟମ୍, ମଞ୍ଚେଶ୍ୱରଠାରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା, ଜୟଦେବ ବିହାରଠାରେ ବାସ୍ତୁ ଉଦ୍ୟାନ ପ୍ରତିଷ୍ଠା କାର୍ଯ୍ୟକାରୀ ହେଉଛି। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ବିଜ୍ଞାନର ମାନ ବଢ଼ାଇବା ପାଇଁ କାର୍ଯ୍ୟ କରୁଥିବା ବେଳେ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଅଣୁଶକ୍ତି ବିଜ୍ଞାନଭିତ୍ତିକ କାର୍ଯ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଛି। ବିଜେଡି ସଭ୍ୟ ପ୍ରୀତିରଞ୍ଜନ ଘଡ଼ାଇ, ଅମର ଶତପଥୀ ପ୍ରମୁଖ ବାୟୋଟେକ୍ନୋଲୋଜିର ବିକାଶ ପାଇଁ ରାଜ୍ୟରେ କି ବ୍ୟବସ୍ଥା କରାଯାଇଛି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ବାୟୋଟେକ୍ନୋଲୋଜିର ବିକାଶ ପାଇଁ ୨୦୧୬ରେ ଏକ ପଲିସି କରାଯାଇଥିଲା। ୨୦୧୮ରେ ଏହାକୁ ନବୀକରଣ କରାଯାଇଛି। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଇନ୍‌ଭେଷ୍ଟର ମିଟ୍‌ରେ ୪ଟି ସଂସ୍ଥା ପ୍ରସ୍ତାବ ଦେଇଛନ୍ତି। ସେମାନଙ୍କୁ ଭିତ୍ତିଭୂମି ଯୋଗାଇଦେବା ସକାଶେ ୨.୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ବାୟୋଟେକ୍ନୋଲୋଜିକୁ ପ୍ରୋତ୍ସାହନ ଦେବା ସକାଶେ ୨ ବର୍ଷ ପାଇଁ ୨ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ଦିଆଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ ସ୍ତରରେ ୧୨ ଓ ୧୪ ହଜାର ଟଙ୍କା ଦିଆଯାଇଛି। ଏହି କ୍ଷେତ୍ରରେ ଗବେଷଣା ପାଇଁ ୩ ବର୍ଷ ସକାଶେ ୧୦ ଲକ୍ଷ ଟଙ୍କାର ସହାୟତା ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନ୍ସୁନ୍ ସେଲ୍






**ସେଲ୍.. ସେଲ୍.. ସେଲ୍..। ବର୍ତ୍ତମାନ ଛୋଟ ବଡ଼ ଦୋକାନଠୁ ଆରମ୍ଭକରି ମଲ୍‌ଗୁଡ଼ିକ ପର୍ଯ୍ୟନ୍ତ ସବୁଠି ଚାଲିଛି ମନ୍ସୁନ୍ ସେଲ୍। କେଉଁଠି ବିଭିନ୍ନ ସାମଗ୍ରୀରେ ୫ ରୁ ୮୦ % ପର୍ଯ୍ୟନ୍ତ ରିହାତି ରହିଛି ତ କେଉଁଠି ଗୋଟିଏ ସହ ଗୋଟିଏ ଫ୍ରି, ଏକ ନିର୍ଦ୍ଦିଷ୍ଟ ମୂଲ୍ୟ କିଣିବା ପରେ ଲକି ଡ୍ର କୁପନ ଭଳି ମିଳୁଛି ଅନେକ ଆକର୍ଷଣୀୟ ଅଫର। ତେବେ ଏହି ମନ୍ସୁନ୍ ସେଲ୍‌ର ସବୁଠୁ ଅଧିକ ଫାଇଦା ନେଉଛନ୍ତି ଯୁବପିଢ଼ି...**






ଏମିତିରେ ବର୍ଷର ବିଭିନ୍ନ ସମୟରେ କେତେକ ଛୋଟ ବଡ଼ ଦୋକାନଠାରୁ ଆରମ୍ଭକରି ଅନ୍‌ଲାଇନ୍ ଶପିଂ ସାଇଟ୍ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଦେଇଥାନ୍ତି ବିଭିନ୍ନ ଆକର୍ଷଣୀୟ ଅଫର। ଠିକ୍ ଯେମିତି ବର୍ତ୍ତମାନ ସବୁଠି ଦେଖିବାକୁ ମିଳୁଛି ମନ୍ସୁନ୍ ସେଲ୍। ଡ୍ରେସ୍, ଜୋତା ଏବଂ ଅନ୍ୟାନ୍ୟ ସାମଗ୍ରୀଠୁ ଆରମ୍ଭକରି ଇଲେକ୍ଟ୍ରୋନିକ୍ସ ଜିନିଷ ପର୍ଯ୍ୟନ୍ତ ସବୁଥିରେ ରହୁଛି ସ୍ପେଶାଲ ଡିସ୍କାଉଣ୍ଟ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଅଫର ; ଯାହାକି ସବୁ ବର୍ଗର ଗ୍ରାହକଙ୍କ ଲାଗି ଉଦ୍ଦିଷ୍ଟ ଥିଲେ ହେଁ ଏହାର ଫାଇଦା ନେବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ତେବେ ଏହି ସେଲ୍ ସମୟରେ ବିଭିନ୍ନ ଅଫର ପାଇବା ନିଶାରେ କୌଣସି ସାମଗ୍ରୀ କିଣି ଯେପରି ଠକାମିର ଶିକାର ନ ହୁଅନ୍ତି ସେଥିଲାଗି କେତୋଟି କଥା ପ୍ରତି ଧ୍ୟାନଦେବା ଆବଶ୍ୟକ ....

❖ସାଧାରଣତଃ ଯୁବିପିଢ଼ିଙ୍କର ଶପିଂ କ୍ରେଜ୍ ସବୁଠୁ ଅଧିକ। ଏମିତିରେ ସେମାନଙ୍କୁ ଯଦି କେଉଁଠାରେ ସେଲ୍‌ରେ ବିଭିନ୍ନ ଅଫର ବିଷୟରେ ଜାଣିବାକୁ ମିଳେ, ତେବେ ସଙ୍ଗେ ସଙ୍ଗେ କିଣିବାକୁ ପହଞ୍ଚିଯାଆନ୍ତି। ବିଶେଷକରି ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଅଫର ଆଦି ଦେଖିବା ମାତ୍ରେ, ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳ ବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି। ହେଲେ କୌଣସି ବି ସାମଗ୍ରୀ କିଣିବା ବେଳେ ତରବର ଭାବେ ନିଷ୍ପତ୍ତି ନ ନେଇ ପ୍ରଥମେ ବିଚାର କରନ୍ତୁ। କାରଣ ଏହା ପଛରେ ବି ଗ୍ରାହକଙ୍କୁ ଆକୃଷ୍ଟ କରିବାର ବ୍ୟବସାୟିକ ଚାଲ୍ ରହିପାରେ। ତେଣୁ ଆପଣ ଚାହିଁଲେ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନ୍‌ରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

❖ ଦୋକାନ ବା ଶପିଂ ମଲ୍‌ରୁ ହେଉ କିମ୍ବା ଅନ୍‌ଲାଇନରେ ମନ୍ସୁନ୍ ସେଲ୍‌ରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର ଦେଖି ଗ୍ରାହକ ଆକୃଷ୍ଟ ହୋଇଯାନ୍ତି ଏବଂ ଆଗ ପଛ ବିଚାର ନ କରି କିଣିନିଅନ୍ତି। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

❖ମନ୍ସୁନ୍ ସେଲ୍‌ରେ ଅନ୍ୟ ସାମଗ୍ରୀ ତୁଳନାରେ ଫେବ୍ରିକ୍ ଆଇଟମ୍‌ରେ ଅଧିକ ଡିସ୍କାଉଣ୍ଟ କିମ୍ବା ବାଏ ୱାନ୍ ଗେଟ୍ ୱାନ୍ ଫ୍ରି ଭଳି ବିଭିନ୍ନ ଆକର୍ଷଣୀୟ ଅଫର ରହିଥାଏ। ଯେଉଁଥିପାଇଁ ଅଧିକାଂଶ ଯୁବତୀଯୁବକ ଆବଶ୍ୟକରୁ ଅଧିକ ଡ୍ରେସ୍ କିଣିନିଅନ୍ତି ଏବଂ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୁଅନ୍ତି। କାରଣ କେତେକ ବ୍ୟବସାୟିକ ସଂସ୍ଥା ନିଜର ବର୍ଷାଦିନିଆ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି କରିବା ଲାଗି ଏଭଳି ଅଫର ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରିଥାନ୍ତି। ତେଣୁ ମନ୍ସୁନ୍ ସେଲ୍‌ରେ ଡ୍ରେସ୍ କିଣିବା ବେଳେ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ ଠିକ୍ ଅଛି ନା ନାହିଁ ଦେଖନ୍ତୁ। ବେଳେ ବେଳେ ସେଲ୍‌ରେ ନେଇଥିବା ଡ୍ରେସ୍ ଦେଖିବାକୁ ସୁନ୍ଦର ଲାଗିଥାଏ ସତ ହେଲେ ପିନ୍ଧିବା ବେଳକୁ ସିଲେଇ ଖୋଲିଯିବା କିମ୍ବା ଫାଟିଯିବାର ବି ନଜିର ରହିଛି। ତେଣୁ କିଣିବା ପୂର୍ବରୁ ଟ୍ରାଏଲ୍ ରୁମ୍‌ରେ ଚେକ୍ କରିନେବା ଭଲ।

❖ ଅଧିକ ରିହାତି, ଏକ ନିର୍ଦ୍ଦିଷ୍ଟ ରାଶି ଯେପରି ୫୦୦ରୁ ଅଧିକ ଟଙ୍କାର ସାମଗ୍ରୀରେ ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦେଖିବା ମାତ୍ରେ ଅନେକେ ପ୍ରଥମେ ଏହି ସାମଗ୍ରୀ କିଣିବା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ହଠାତ୍ କିଣି ନ ନେଇ ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିନେବା ଦରକାର। କାରଣ ଶୀଘ୍ର ବିକ୍ରି ହେବା ଲାଗି ଅନେକ ସଂସ୍ଥା ନିଜ ସାମଗ୍ରୀ ପ୍ରତି ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିବାକୁ ସାମଗ୍ରୀର ଦାମ୍ ବଢ଼ାଇ ଦେଇ କମ୍ ଦାମ୍‌ରେ ବିକ୍ରି କରିଥାନ୍ତି କିମ୍ବା ସେଥିରେ ଅନ୍ୟ କିଛି ଫ୍ରି ରଖିଥାନ୍ତି। ବାସ୍ତବରେ ଅଫର ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ ଏବଂ ସେହିପରି ଅନ୍ୟପଟେ ଫ୍ରି ଦିଆଯାଉଥିବା ସାମଗ୍ରୀର ଦାମ୍ ମିଶିଥାଏ।

❖ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ମନ୍ସୁନ୍ ସେଲ୍‌ରେ କିଛି ଜିନିଷ କିଣୁଥିଲେ ଯେପରି ଠକାମିର ଶିକାର ନ ହୁଅନ୍ତି ସେଥିପାଇଁ ସତର୍କ ରହିବା ଦରକାର। ପ୍ରଥମେ କିଛି ଟର୍ମ ଆଣ୍ଡ କଣ୍ଡିସନ ଅଛି କି ନାହିଁ ଦେଖନ୍ତୁ, କିଣୁଥିବା ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛି କି ନାହିଁ ଜାଣନ୍ତୁ। ତେବେ ଅନ୍‌ଲାଇନ୍ ଶପିଂ କରୁଥିଲେ ଜିନିଷ ଦେଖିବା ପରେ ପେମେଣ୍ଟ କରିବା ବା କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ।

❖ମନେରଖନ୍ତୁ ସେଲ୍ ସମୟରେ ମିଳୁଥିବା ଅଧିକାଂଶ ସାମଗ୍ରୀରେ ଏକ୍ସଚେଞ୍ଜ ଅଫର ନ ଥାଏ। ତେଣୁ ପ୍ରଥମେ ଏହା ସମ୍ପର୍କରେ ଜାଣିବା ପରେ ସାମଗ୍ରୀ କିଣନ୍ତୁ ନଚେତ୍ ପରବର୍ତ୍ତୀ ସମୟରେ ଅର୍ଥହାନି ସାଙ୍ଗକୁ ମନସ୍ତାପ ଛଡ଼ା ଆଉ କିଛି କରିପାରିବେ ନାହିଁ।



ଫାଲ୍‌ଗୁନୀ



ମିଲି

## କ’ଣ କରନ୍ତି ଏମାନେ...

**ଫାଲ୍‌ଗୁନୀ ପ୍ରସାଦ ମହାନ୍ତି**(କର୍ମଜୀବୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ତ୍ରିନାଥବଜାର, କଟକ)- ସେଲ୍ ଲାଗିଥିବା ସମୟରେ ବିଭିନ୍ନ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ଦେଖିଲେ କିଣିବାକୁ ଇଚ୍ଛା ହେବା ସ୍ୱାଭାବିକ କଥା। ତଥାପି ମଧ୍ୟ ଲୋଭରେ ହଠାତ୍ କିଛି କିଣି ନେବାର ନିଷ୍ପତ୍ତି ନିଏନି। କିଛି ଜିନିଷ ପସନ୍ଦ ହେଲେ ପ୍ରଥମେ ଅନ୍ୟ ସ୍ଥାନରେ ଏହାର ଦାମ୍ କେତେ, ପସନ୍ଦ ନ ହେଲେ ବଦଳାଇଦେବ କି ନାହିଁ ଇତ୍ୟାଦି ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଇଥାଏ।

**ମିଲି ଭୋଇ**( ଯୁକ୍ତ ଦୁଇ ଛାତ୍ରୀ, ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର)- ଶପିଂ କରିବା ମୋର ବହୁତ ପସନ୍ଦ। ତେଣୁ ସେଲ୍ ଲାଗିଥିବା ସମୟରେ ଜିନିଷଗୁଡ଼ିକ ଅପେକ୍ଷାକୃତ ଶସ୍ତାରେ ମିଳୁଥିବାରୁ ମୁଁ କେଉଁ ସମୟରେ କେଉଁଠି ସେଲ୍ ଲାଗୁଛି ଅପେକ୍ଷା କରିଥାଏ। ବିଶେଷକରି ମନ୍ସୁନ୍ ସେଲ୍‌ରେ ଶପିଂ ମଲ୍‌ଗୁଡ଼ିକରେ ଡ୍ରେସ୍ ମ୍ୟାଟେରିଆଲ ଉପରେ ମିଳୁଥିବା ସ୍ପେଶାଲ ଡିସ୍କାଉଣ୍ଟ ଏବଂ ଅଫରର ଫାଇଦା ନେବାରେ ଆଦୌ ହାତଛଡ଼ା କରେନି।

## ଏ ସପ୍ତାହର ପ୍ରଶ୍ନ

୧- ୨୦୧୯ ମିଷ୍ଟର ସାଉଥ୍ ଏସିଆ ଟାଇଟଲ ବିଜୟୀ ହୋଇଥିବା ବଡିବିଲ୍ଡର.......... ?
୨- ଭାରତର ପ୍ରଥମ ସ୍ପେସ୍ ପାର୍କ....... ରାଜ୍ୟରେ ପ୍ରତିଷ୍ଠା କରାଯିବ ?
୩- ଆମ ଦେଶରେ ନେଲ୍‌ସନ ମଣ୍ଡେଲା ଦିବସ......... ତାରିଖରେ ପାଳନ କରାଯାଉଛି ?
୪- କୋଫି ଆନନ୍ ଆଫ୍ରିକୀୟ ଦେଶ........ ଠାରେ ଜନ୍ମ ଗ୍ରହଣ କରିଥିଲେ ?
୫- କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୪ଠାରୁ ............ ଙ୍କ ଜନ୍ମଦିବସକୁ ଗୁଡ୍ ଗଭର୍ନାନ୍ସ ଡେ’ ଭାବେ ପାଳନ କରାଯାଇ ଆସୁଛି ?

## ଗତ ଥରର ଉତ୍ତର

୧ ଅନିଲ ମଣିଭାଇ ନାଏକ
୨ ସମୀର ଅନ୍‌ଜାନ୍
୩ ଦେବିକା ସେଠୀ
୪ ଓଡ଼ିଶା
୫ ହାଇଦ୍ରାବାଦ

## ଉତ୍ତର ଦାତା



ବିନୋଦ ବିହାରୀ ବେହେରା, କଟକ



ପ୍ରଶାନ୍ତ କର ପୁରୀ



ରବୀନ୍ଦ୍ର ନାଥ, ଝାଡ଼ଖଣ୍ଡ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ କଥିତ ଭାଷା




୧- ମାଣ୍ଡାରିନ୍ ଚାଇନିଜ୍.................................................. ୧.୧ ବିଲିଅନ୍
୨- ଇଂଲିଶ.................................................. ୯୮୩ ମିଲିଅନ୍
୩- ହିନ୍ଦୁସ୍ତାନୀ.................................................. ୫୪୪ ମିଲିଅନ୍
୪- ସ୍ପାନିଶ୍.................................................. ୫୨୭ ମିଲିଅନ୍
୫- ଆରବିକ୍.................................................. ୪୨୨ ମିଲିଅନ୍
୬- ମାଳୟ.................................................. ୨୮୧ ମିଲିଅନ୍
୭-ରୁଷିଆ.................................................. ୨୬୭ ମିଲିଅନ୍
୮- ବଙ୍ଗଳା.................................................. ୨୬୧ ମିଲିଅନ୍
୯- ପର୍ତ୍ତୁଗୀଜ୍.................................................. ୨୨୯ ମିଲିଅନ୍
୧୦- ଫ୍ରେଞ୍ଚ.................................................. ୨୨୯ ମିଲିଅନ୍

କଲେଜ ବେଳର ଅନୁଭୂତି

## ସାହାଯ୍ୟରେ ମିଳିଥିଲା ଆତ୍ମସନ୍ତୋଷ



**ସୁଧୀର କୁମାର ଦାସ**
(ଅବସରପ୍ରାପ୍ତ କର୍ମଚାରୀ, ଭାରତୀୟ ଭୂ ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା)

୧୯୭୨ ମସିହାର କଥା। ସେତେବେଳେ ମୁଁ ଥାଏ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଯୁକ୍ତ ୨ର ଛାତ୍ର। ଘର ଠାରୁ ଏକାକୀ ସାଇକେଲରେ କଲେଜ ପର୍ଯ୍ୟନ୍ତ ୬କିମି ଯିବା ବାଟରେ ପଡେ ପୁରୀ ରାଜାଙ୍କର ଏକ ନଅର ବା ଗଡ ଏବଂ ବରୁଣେଇ ପାହାଡ। ଠିକ୍ ପାହାଡ ତଳ ରାସ୍ତା କଡରେ ଥାଏ ଗୋଟେ ବଡ ଝଙ୍କା ଆମ୍ବଗଛ। ଯାହାମୂଳ ଛାଇ ଥାଏ ବାଟୋଇଙ୍କ ବିଶ୍ରାମ ସ୍ଥଳ। ଖରାଦିନ, ଥରେ କଲେଜରୁ ଫେରୁଥାଏ। ଜଣେ ଗୋରୁ ଚରାଳି ମହିଳା ଗଛମୂଳେ ସଂଜ୍ଞାହୀନ ହୋଇ ପଡିଥିବାର ଦେଖିଲି। ସାହାଯ୍ୟ କରିବା ଲାଗି ଚାହିଁଲା ବେଳକୁ ଆଖ ପାଖରେ ଆଉ କେହି ନ ଥାନ୍ତି। ଏଭଳି ଏକ ନିର୍ଜନ ସ୍ଥାନରେ ଅସହାୟ ମହିଳା ଜଣଙ୍କୁ ସାହାଯ୍ୟ ନ କରି ଛାଡି ଚାଲିଯିବାକୁ ବିବେକ ବାଧା ଦେଲା। ହଠାତ୍ ମନେପଡିଲା ରାଜାଙ୍କ ଗଡ ନିକଟରେ ଥିବା ପୋଖରୀ କଥା। ଯାହାର ଦୂରତା ଥିଲା ଉକ୍ତ ଗଛଠାରୁ ୪୦୦ ରୁ ୫୦୦ ମିଟର। କାଳ ବିଳମ୍ବ ନ କରି ପୋଖରୀ ଆଡକୁ ଧାଇଁଲି ସତ ହେଲେ ପାଣି କେଉଁଥିରେ ଆଣିବି ଚିନ୍ତା କରୁଥିଲି। ଏତିକି ବେଳେ ଆଖିପଡିଲା ରାସ୍ତା କଡରେ ପଡିଥିବା ଏକ ମାଟି ସରା ଉପରେ। ତା’କୁ ଉଠାଇ ପୋଖରୀକୁ ନେଇଗଲି। ଏ ସ୍ଥାନରେ ମାଟି ସରା କିପରି ଆସିବ ? ବୋଧହୁଏ ଏହି ସ୍ଥାନ ଶ୍ମଶାନ ହୋଇପାରେ କିମ୍ବା ଏଠାରେ ହାଣ୍ଡି ଦିଆଯାଉଥାଇ ପାରେ ? ଏସବୁ ଭାବିବାକୁ ସେତେବେଳେ ଆଉ ନା ପାଖରେ ଥିଲା ସମୟ ନା ହିଁ ସେ ମାନସିକତା। କେବଳ ଗୋଟିଏ ନିଶାଥିଲା କିପରି ପାଣି ନେଇ ମହିଳାଙ୍କୁ ଜୀବନ ରକ୍ଷା କରିବି। ପୋଖରୀରୁ ପାଣି ଆଣି ମହିଳାଙ୍କ ମୁହଁରେ ଛାଟିଲା ପରେ ସେ ଚେତା ଫେରିପାଇବା ଦେଖି ଏକ ଦୀର୍ଘନିଶ୍ୱାସ ମାରିଲି। ପାଖରେ ଥିବା ଏକ ୨୦ ପଇସାର ବିସ୍କୁଟ୍ ତାଙ୍କୁ ଖାଇବାକୁ ଦେଲି ଏବଂ କଥା ପ୍ରସଙ୍ଗରେ ସେ ପାଖ ଗାଁରୁ ଜଙ୍ଗଲକୁ ଗାଈ ଚରାଇବାକୁ ଯାଉଥିବା ବେଳେ ଏପରି ଘଟିଥିବା ଜାଣିବାକୁ ପାଇଲି। ଘରକୁ ଫେରିବାକୁ ବାହାରିଲା ବେଳକୁ ମହିଳା ଜଣଙ୍କ ଅନ୍ତରରୁ ଯେଉଁ ଧନ୍ୟବାଦ ଜଣାଇଥିଲେ ଏବଂ ଆର୍ଶୀବାଦ କରିଥିଲେ ତାହା ଯେତିକି ଖୁସି ନ ଲାଗୁଥିଲା, ଜଣେ ଅସହାୟ ମହିଳାଙ୍କୁ ସାହାଯ୍ୟ କରିଥିବାରୁ ତା’ଠାରୁ ଅଧିକ ଆତ୍ମସନ୍ତୋଷ ମିଳୁଥିଲା। ଏବେବି କଲେଜ ବେଳର ସେ ଘଟଣା ମୋର ଅଭୁଲା ସ୍ମୃତି ହୋଇ ରହିଛି।

ୟୁଥ୍ ଆଙ୍କର୍

# ଗାଡ଼ି ଚଲାଉଥିଲେ...



**କେବେ କେବେ ଗାଡ଼ି ଚଲାଇବା ବେଳେ ସାମାନ୍ୟ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟିଥାଏ। ଏମିତି କି ଏଥିପାଇଁ ଅନେକଙ୍କର ପ୍ରାଣହାନି ଘଟିଥିବା ବି ନଜିର ରହିଛି। ତେଣୁ ଗାଡ଼ି ଚଲାଇବା ବେଳେ କେଉଁ କଥା ପ୍ରତି ଦୃଷ୍ଟିଦେଲେ ନିରାପଦ ଭାବେ ନିଜ ଯାତ୍ରାର ମଜା ନେଇପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**



■ଜଣେ ଦକ୍ଷ ଚାଳକ ହେବାକୁ ଚାହୁଁଥିଲେ ପ୍ରଥମେ ସୁରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିପାଇଁ ସମସ୍ତ ଟ୍ରାଫିକ୍ ନିୟମ ଜାଣିନ୍ତୁ ଏବଂ ପାଳନ ମଧ୍ୟ କରନ୍ତୁ। ଦୁଇଚକିଆ ଯାନ ଚଲାଉଥିଲେ ହେଲ୍‌ମେଟ୍ ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ। ସେହିପରି ଚାରିଚକିଆ ଯାନରେ ସିଟ୍ ବେଲ୍ଟ ପିନ୍ଧନ୍ତୁ।

■ଅନେକ ଗାଡ଼ି ଚାଳକ ହର୍ନ, ଇଣ୍ଡିକେଟର ଆଦି ବ୍ୟବହାରକରି ନ ଥାନ୍ତି। ଫଳରେ ଅନ୍ୟ ଗାଡ଼ି ଚାଳକଙ୍କୁ ନା କେବଳ ଅସୁବିଧା ହୋଇଥାଏ ବରଂ ଧକ୍କାହେବା ଆଶଙ୍କା ବି ବଢ଼ିଯାଏ। ତେଣୁ ଏପରି ଭୁଲ୍ ଆଦୌ କରନ୍ତୁ ନାହିଁ।

■ଗାଡ଼ି ଚଲାଇବା ସମୟରେ ମନକୁ ସ୍ଥିର ରଖିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଏହି ସମୟରେ ଅନ୍ୟମନସ୍କ ହେବା ହିଁ ଦୁର୍ଘଟଣାର ମୁଖ୍ୟ କାରଣ। ଆଉ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନକରି ଆଦୌ ଗାଡ଼ି ଚଲାନ୍ତୁ ନାହିଁ।

■ଗାଡ଼ିରେ ଆବଶ୍ୟକରୁ ଅଧିକ ମଣିଷ କିମ୍ବା ଅଧିକ ଓଜନିଆ ସାମଗ୍ରୀ ନିଅନ୍ତୁ ନାହିଁ।

■କଥାରେ ଅଛି ଦ୍ରୁତଗତି ମହାବିପତ୍ତି। ହେଲେ ଅଧିକାଂଶ ଯୁବପିଢ଼ି ଏହାର ମଜା ନେବାକୁ ବେଶ୍ ଆଗଭର। ମନେରଖନ୍ତୁ ମଜା ଆଳରେ କରୁଥିବା ଏହି ଭୁଲ୍ ଯୋଗୁ ଦୁର୍ଘଟଣା ଘଟିଥାଏ ; ଯାହାକି ନିଜ ସହ ଅନ୍ୟମାନଙ୍କ ଜୀବନ ପ୍ରତି ବି ବିପଦ ସୃଷ୍ଟି କରିଥାଏ। ତେଣୁ ସର୍ବଦା ଗାଡ଼ିର ସ୍ପିଡ୍‌କୁ ନିୟନ୍ତ୍ରିତ ରଖନ୍ତୁ ଏବଂ ରାସ୍ତାକଡ଼ରେ ଦିଆଯାଇଥିବା ସ୍ପିଡ୍ ଲିମିଟ୍ ଫଲୋ କରନ୍ତୁ। ବିଶେଷକରି ବର୍ତ୍ତମାନ ବର୍ଷା ସମୟରେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। କାରଣ ପାଣିକାଦୁଅରେ ଚକା ଖସିବା କିମ୍ବା ଖାଲ ଜାଗାରେ ପାଣି ଜମି ଜଣା ନ ପଡୁଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଥାଏ।

■ଅନେକ ସମୟରେ ଦେଖିବାକୁ ମିଳେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ବିଳମ୍ବ ହେଉଥିବାରୁ ଅନେକେ ତରତର ହୋଇ ଗାଡ଼ି ଚଲାଇଥାନ୍ତି। ହେଲେ ଏପରି କରିବା ଅର୍ଥ ନିଜ ପାଇଁ ନିଜେ ବିପଦକୁ ଡାକିବା। ତେଣୁ ସବୁବେଳେ ନିର୍ଦ୍ଦିଷ୍ଟ ସମୟରେ ନ ବାହାରି କିଛି ସମୟ ପୂର୍ବରୁ ବାହାରନ୍ତୁ, ଯେପରି ଟ୍ରାଫିକ୍ କିମ୍ବା ଭିଡ଼ ଆଦି ଥିଲେ ସୁଦ୍ଧା ପରେ ତରତର ହେବାକୁ ପଡ଼ିବ ନାହିଁ।

■ପଛରୁ କୌଣସି ଗାଡ଼ି ବାରମ୍ବାର ହର୍ନ ମାରିଲେ କିମ୍ବା ଓଭରଟେକ୍ କରିବାକୁ ଚେଷ୍ଟା କରୁଥିଲେ ତୁରନ୍ତ ତାକୁ ସାଇଡ୍ ଦେଇ ଦିଅନ୍ତୁ। କାରଣ ଏଭଳି କ୍ଷେତ୍ରରେ ଦୁର୍ଘଟଣା ହେବା ଆଶଙ୍କା ବେଶି।

■ରାସ୍ତାରେ ପ୍ରତି ଗାଡ଼ିଠାରୁ କିଛି ଦୂରତ୍ୱ ରକ୍ଷା କରନ୍ତୁ। ଏହାଦ୍ୱାରା ହଠାତ୍ ଆବଶ୍ୟକ ସମୟରେ ଆପଣ ବ୍ରେକ୍ ଲଗାଇଲେ ଆଗ ଗାଡ଼ି ସହିତ ଧକ୍କାହେବାରୁ ବଞ୍ଚିପାରିବେ।

■ଖରାପ ପାଗ ଥିବା ସମୟରେ କିମ୍ବା ରାତିରେ ଗାଡ଼ିରେ ଧୀରେ ଚଲାନ୍ତୁ।

■ଗାଡ଼ି ଚଲାଇବା ସମୟରେ ମୋବାଇଲରେ ଗପିବା, ସେଲ୍‌ଫି ଉଠାଇବା, ଲାଇଭ୍ ଭିଡିଓ କରିବା ଆଦିଠାରୁ ଦୂରେଇ ରୁହନ୍ତୁ। ମୋବାଇଲକୁ ସାଇଲେଣ୍ଟ ମୋଡ୍‌ରେ ରଖନ୍ତୁ କିମ୍ବା ଅର୍ଜେଣ୍ଟ କଲ୍ ଥିଲେ ରାସ୍ତାକଡ଼ରେ ଗାଡ଼ି ଅଟକାଇ କଥା ହୁଅନ୍ତୁ।

■ଗାଡ଼ି ଚଲାଇବା ବେଳେ ଇୟରଫୋନ୍ ଲଗାଇ କଥା ହେବା, ଗୀତ ଶୁଣିବା କିମ୍ବା ଗାଡ଼ି ଭିତରେ ଅଧିକ ଭଲ୍ୟୁମରେ ଗୀତ ବଜାଇବା ଦ୍ୱାରା ବି ଦୁର୍ଘଟଣା ଆଶଙ୍କା ବଢ଼ିଥାଏ।

# SUNDAY classifieds




## BRIDE WANTED

Widower groom CA 45, Clerk 42, Business 36 (Caste-no-bar)- 7873374269. D-67026

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 8917628852, 6370737397. D-66164

Khandayat 35/5'6" working as Electrician in BPCL searching bride. 8338083380. D-13562

## GROOM WANTED

Beautiful Gudia girl 1986 working OPTCL, Bhubaneswar. Caste no bar "Vaisnabi" 9238578590. D-66163

Khadayat girl B.com 22/5, Cuttack, seaching groom (near Cuttack). 8338083380. D-13566

**Very beautiful girl Engineer, fair, 5'4", Kumbha 25/11, Kshetriya, Rourkela settled. Please contact: 8895504388.** D-13624

Teli B.Tech 27/5'5" working as Software Engineer searching groom. 8338083380. D-13565

Brahmin MBBS, 27/5'4", Cuttack, Searching groom (any location). 8338083380, 8480611745. D-13567

Gopal B.com girl 30/5'2" Mayurbhanja, searching groom in Mayurbhanja. 8338083380. D-13563

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

**Gharabari boundary plot Tamando MCL boundary side, direct owner: 8144391451.** D-66739

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**Bhubaneswar Pitapallia BDA plot sqft. 549/-ରେ ମିଳୁଅଛି 9090963952, 9937605788.** D-66737

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67320

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar, 7809525452, 8249851363.** D-66932

Gharabari yellowzone plot with boundarywall electricity 30'road 400mtrs from NH-5 Hanspal near Highway Honda 1730/- p.sqft. 8249533255. D-66162

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

11decimal sthitiban, gharabari corner land plot near Puri Beach available @ 16L/ Decimal. Contact: 9437063744. D-67025

**High commercial building for sale at Bhubaneswar near Kalpana area, constructed 4610sqft. Rs. 1.30 rental income p.m. Contact: 9437068886.** D-13561

Ready 2BHK/3BHK flats sales at Patia and Jaydev Vihar. 7008346486, 9437192512. D-67329

**Book 4BHK triplex, 2100sqft. near Tamando overbridge (Kalinga Vihar) @ 70Lac. 7978584549.** D-67323

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak- 9937329999.** D-66268

**4000 sqft plot sale at Satya Nagar, Bhubaneswar. Directly buyer contact Deepak- 9937329999 (Broker Excuse).** D-66269

**2600 sqft corner plot sale at CET College (Sum Hospital) near Durga Mandap, Bhubaneswar. Contact Deepak- 9937329999.** D-66267

**Yellowzone possession plot at Pahala- 32,00,000/-, Joholo- 21,00,000/-. Contact: 9040059669.** D-67023

4BHK duplex with gated community at Balianta (land- 1400 construction- 2200 @ 55lakh and 2600 @ 65lakh). Contact- mplanets: 9938219397, 9861022055. D-13560

ବ୍ରହ୍ମପୁର ମେଡିକାଲ playground କାନ୍ଥକୁ ଲାଗି plot 2100 ବା 2450sqft @ 2500/- ଦିଆଯିବ। ଆଗକୁ cement road, parkpipe, no broker. Contact: 9776757068. D-66610

Complete house construction with pillar and beam @ 1300/- and interior design @ 1200/-. Contact: 7008550473. D-13605

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040.** D-66746

**Premium approval duplex 90lakhs at Hanspal, Big Bazar, NH side, simplex at Bhingarpur 24 lakhs. 7437998131, 8249795447.** D-66270

**Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)- 9348261173.** D-67331

Hurry up 2 & 3BHK flat and simplex/ duplex or plot sale in Bhubaneswar. Contact: 9853821712, 8249742867. D-67332




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-13607

## GENERAL

## SALE

Sales Ice cream trays 200pcs good conditions. 9777509408, 8917525377. D-13623

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714




Plot- 400- Saheed Nagar, two rooms, cement flooring, 9000/-. Contact: 9861139611. D-13608

2BHK, 2bathroom, drawing, dining, balcony, Gandamunda near ITER, BBSR, rent 9000/-. 8763216428. D-64989.

3BHK & 2RK flats at mainroad, Unit-8, Soubhagya Nagar. 9000004523. D-64990

3BHK 1800 sqft. house near ITER College, Dumduma. Phone- 8179751075. D-66266

Fully AC furnishing 2BHK for two working women / men. 7008054806. D-67205

3BHK room for rent Rs.15,000/- P.M. at Binodini Enclave, near Damana Square, BBSR. Contact: 9439540976. D-13578

3BHK independent house with parking at Santha Vihar, Lingipur. 9439357429, 8114351359. D-61059




Ayurvedic full body massage ladies & gents smart therapist. 9040900385. D-66931

Summer special mesmerizing offer expert therapeutic refreshing massage appointment: 9668374480. D-67322

Rejuvenate and ayurvedic full body massage by smart therapist: 9114402304. D-67324

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Welcome to Seva Care and enjoy sensual massage by smart therapist. 9777989263. D-67027

Ayurvedic herbal full body massage smart lady therapist. 9437453813. D-66271

Kajal ayurvedic massage club fully relaxed by smart lady, home service available. 9937637219. D-66933




ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୁପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ– ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13589

## AFFIDAVIT

By virtue of an affidavit before the Executive Magistrate, Bhubaneswar, I, Suchismita Priyadarsini Jena add my daughter's surname in her Passport from Lekshana to Lekshana Badri Narayanan. Henceforth my daughter is known as Lekshana Badri Narayanan for all purpose. D-13622

I, Rekha Nangalia, D/o M. D. Nangalia, born on 02.01.1984 residing at Gopal Jew Lane, Choudhary Bazar, Cuttack have changed my name to Rekha Agrawal vide affidavit dated 26.07.2019 at Cuttack. D- 13627

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Das, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ୫ମ ଜନ୍ମଦିନ ଶୁଭେଚ୍ଛା



Priyansi Priyadarsini (Barsha)
Akarua, Anandapur, Keonjhar
ଆଜି ପଞ୍ଚମ ଜନ୍ମଦିନ ପାଳନ ଅବସରରେ ସମସ୍ତଙ୍କ ଆଶୀର୍ବାଦ, ସ୍ନେହ ଓ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ପାପା, ମା' ଓ ପରିବାରବର୍ଗ।
ଧ-୬୧୦୭୦

### Happy Birthday



(Jhuma)
**Pranati Barik**
May God fulfill all your dreams.
Happy Birthday
Best wishes from:
**Bapa, Maa, Jeje & Family.**
D-64992

### Happy Birthday



Kritika Mishra (Krishu)
May God fulfill all your dreams with his blessings.
Best wishes:
Papa, Mama and Bou
D-13588

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟୁଷ୍ମାନ୍ ଶ୍ରେୟାଂଶ (କାହ୍ନା)
ଜନ୍ମଦିନ ଅବସରରେ ତୋର ସୁସ୍ଥ, ନିରାମୟ ଦୀର୍ଘଜୀବନ କାମନା କରିବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ମା: ରୋଜାଲିନ, ବାପା: ଶୁଭାଶିଷ, ଜେଜେ, ଜେଜେମା, ବଡ଼ବାପା, ବଡ଼ବୋଉ, ଆଈ, ଅଜା, ମାମୁ, ମାଉସୀ ଓ ଆତ୍ମୀୟସ୍ୱଜନ।
ଧ-୫୬୧୭୭

## ମନେ ପଡ଼ନ୍ତି

### ୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଇଂ କିର୍ତ୍ତନ ସାହୁ**
ଆଚାର୍ଯ୍ୟବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମପାଇଁ ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ମାନେ, ବନ୍ଧୁ ଓ ପରିବାରବର୍ଗ
ଧ-୬୪୯୯୩

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶୈଳବାଳା ବେହେରା**
ଖଣ୍ଡଗିରି ବାରୀ, ଭୁବନେଶ୍ୱର
ଆବିର୍ଭାବ: ୧୩।୧୦।୧୯୫୮
ତିରୋଧାନ: ୧୭।୦୭।୨୦୧୯
ତୁମର ପବିତ୍ର ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୩୬୨୮

### ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୀମାଦ୍ରି ସାହୁ**
ଆବିର୍ଭାବ: ୦୧।୦୫।୧୯୩୬
ତିରୋଧାନ: ୧୭।୦୭।୨୦୧୯
ମାଣିକ୍ୟପୁର, ଧରାକୋଟ, ଗଞ୍ଜାମ
(Ex. Chairman, Dharakote block ଓ ପୂର୍ବତନ ସରପଞ୍ଚ, ମାଣିକ୍ୟପୁର)
ଚାହୁଁ ଚାହୁଁ ବାର ଦିନ ବିତିଗଲା, ତଥାପି ଆପଣ ଆମ ପାଖରେ ଥିଲା ପରି ଲାଗୁଛି। ତଥାପି ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛୁ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଶୈଳବାଳା ସାହୁ, ପୁଅ: ମାନସ ରଞ୍ଜନ, ଜ୍ଞାନରଞ୍ଜନ, ସୁଧୀର ରଞ୍ଜନ, ବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୬୬୬୦୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶରତ କୁମାର ମିଶ୍ର**
ଆବିର୍ଭାବ: ୧୯୩୬
ତିରୋଧାନ: ୨୦୦୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାର ତଥା ଝିଅ, ଜ୍ୱାଇଁ ଓ ନାତି।**
ଧ-୩୫୮୪୬



ଟ୍ରାକ୍ଟର ଉଦ୍ୟୋଗ ଗତ କିଛି ମାସ ହେବ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏସକର୍ଟ୍ସ କୃଷି ଯନ୍ତ୍ରପାତି ନିର୍ମାଣ ଓ ରେଲୱେ ଉପରେ ନିର୍ଭରଶୀଳ ଥିବାରୁ ଏହାର ଲାଭ କମୁଛି।
– ନିଖିଲ ନନ୍ଦ, ଏସକର୍ଟ୍ସ ଲିମିଟେଡ ସିଏମ୍‌ଡି



ଟେଲିକମ ସେକ୍ଟରରେ ପ୍ରତିଯୋଗିତା ହେଉ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି। ଏକଚାଟିଆ କାରବାରକୁ ପ୍ରୋତ୍ସାହିତ କରାଯିବ ନାହିଁ।
– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ

## ସଂକ୍ଷେପରେ

### କମ୍ପୋଜିଶନ ସ୍କିମ୍ ଚୟନ ଅବଧି ବୃଦ୍ଧି

**ନୂଆଦିଲ୍ଲୀ,୨୭-୭:** କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ଜିଏସ୍‌ଟି କାଉନସିଲ୍ କମ୍ପୋଜିଶନ ସ୍କିମ୍‌କୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଣିକି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ କାରବାର କରୁଥିବା ସର୍ଭିସ୍ ପ୍ରୋଭାଇଡର(ସେବା ପ୍ରଦାନକାରୀ) ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ସ୍କିମ୍ ଚୟନ ନେଇ ନିଷ୍ପତ୍ତି ନେଇପାରିବେ। ବର୍ତ୍ତମାନ ଏହି ଅବଧି ଜୁଲାଇ ୩୧ ପର୍ଯ୍ୟନ୍ତ ରହିଛି। ଏହାକୁ ସେପ୍ଟେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ଅର୍ଥାତ୍ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ସେବା ପ୍ରଦାନକାରୀ ସେପ୍ଟେମ୍ବର ୩୧ ପର୍ଯ୍ୟନ୍ତ ନିଜକୁ କମ୍ପୋଜିଶନ ସ୍କିମ୍‌ରେ ପଞ୍ଜୀକୃତ କରିବା ନେଇ ନିଷ୍ପତ୍ତି ନେଇପାରିବେ। ଜିଏସ୍‌ଟି କମ୍ପୋଜିଶନ ସ୍କିମ୍‌ରେ ସେବା ପ୍ରଦାନକାରୀ ପଞ୍ଜୀକୃତ ହୋଇଯିବା ପରେ ୬% ହାରରେ ଜିଏସ୍‌ଟି ଦେବେ। ବର୍ତ୍ତମାନ ସେମାନଙ୍କଠାରୁ ୧୨ରୁ ୧୮ ପ୍ରତିଶତ ହାରରେ ଜିଏସ୍‌ଟି ଆଦାୟ କରାଯାଉଛି।

### ସୋମବାରଠାରୁ ୭ମ ଅର୍ଥନୈତିକ ଜନଗଣନା

**ନୂଆଦିଲ୍ଲୀ,୨୭-୭:** କେନ୍ଦ୍ର ସରକାର ସୋମବାର ଠାରୁ ସାରାଦେଶରେ ୭ମ ଅର୍ଥନୈତିକ ଜନଗଣନା ଆରମ୍ଭ କରିବେ। ଉତ୍ତର-ପୂର୍ବ ରାଜ୍ୟ ତ୍ରିପୁରାରୁ ଏହି ଜଣଗଣନା କାର୍ଯ୍ୟ ଆରମ୍ଭ ହେବ। ଦେଶରେ କେତେ ସଂଖ୍ୟାରେ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି, କିଏ କେଉଁପ୍ରକାର ବ୍ୟବସାୟ କରୁଛନ୍ତି ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଦୀର୍ଘ ୫ ବର୍ଷ ପରେ ପରିସଂଖ୍ୟାନ ଏବଂ ଯୋଜନା କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ଗଣନା କରାଯିବ। ଏଥିପାଇଁ ମନ୍ତ୍ରଣାଳୟ ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡକୁ ପାର୍ଟନର କରିଛି। ତ୍ରିପୁରା ଏକ ଛୋଟ ରାଜ୍ୟ ହୋଇଥିବାରୁ ସେଠାରୁ ଅର୍ଥନୈତିକ ଜନଗଣନା ଆରମ୍ଭ କରିବାକୁ ସିଏସ୍‌ସି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ଜଣେ ଅଧିକାରୀ କହିଛନ୍ତି। ତ୍ରିପୁରା ପରେ ପୁଡୁଚେରୀ ପାଳି ପଡିବ। ଘରକୁ ଘର ବୁଲି ସର୍ଭେ କରାଯିବା ସହିତ ତଥ୍ୟ ସଂଗ୍ରହ କରାଯିବ। କଲେକ୍ସନ ଅଫ୍ ଷ୍ଟାଟିଷ୍ଟିକ୍ସ ଆଇନ, ୨୦୦୮ ଅଧୀନରେ କେତେ ବାଣିଜ୍ୟ ପ୍ରତିଷ୍ଠାନ ରହିଛି, ତାହାର ତଥ୍ୟ ନିଆଯିବ। ଡିସେମ୍ବର ସୁଦ୍ଧା ସର୍ଭେ କାର୍ଯ୍ୟକୁ ଶେଷ କରାଯିବ ଏବଂ ଜାତୀୟ ସ୍ତରରେ ସର୍ଭେର ଫଳାଫଳ ୨୦୨୦ ମାର୍ଚ୍ଚ ସୁଦ୍ଧା ପ୍ରକାଶ କରାଯିବ ବୋଲି ସେ କହିଛନ୍ତି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ଫିଲ୍ଡ ସର୍ଭେ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୩ରେ ଶେଷ ଥରପାଇଁ କରାଯାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ଦେଶରେ ୫୮.୫ ମିଲିୟନ ବ୍ୟବସାୟିକ ପ୍ରତିଷ୍ଠାନ ଥିବା ବେଳେ ଏଥିରେ ୧୩୧ ମିଲିୟନ କର୍ମଚାରୀ କାର୍ଯ୍ୟ କରୁଥିଲେ।

### ବିଶ୍ୱ ଅର୍ଥନୀତି ଅସ୍ଥିରତା ଆଡ଼କୁ ଗତି କରୁଛି: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୨୭-୭:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ବିଶ୍ୱ ଅର୍ଥନୀତିକୁ ନେଇ ନିଜର ମତପୋଷଣ କରିଛନ୍ତି। ଭି.ଶ୍ରୀନିବାସଙ୍କ ଦ୍ୱାରା ଲିଖିତ 'ଇଣ୍ଡିଆଜ ରିଲେଶନ୍ସ ୱିଥ୍ ଇଣ୍ଟରନ୍ୟାଶନାଲ ମନିଟାରୀ ଫଣ୍ଡ' ଶୀର୍ଷକ ଏକ ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ବିଶ୍ୱ ଅର୍ଥନୀତି ଏକ ନୂଆ ତଥା ଅନିଶ୍ଚିତତା ଆଡକୁ ଠେଲି ହୋଇଯାଉଛି। ଏହି କାରଣରୁ ସମସ୍ୟାର ସମାଧାନ ହେବା କଠିନ ହୋଇଯିବ। ସେ କହିଛନ୍ତି ଯେ, ମୁକାବିଲା ମନୋଭାବ ବୃଦ୍ଧି ପାଇବା ଯୋଗୁ ଏବଂ ସୀମିତ ନୀତି ନିର୍ଦ୍ଧାରଣ ଭିତରେ ବିଶ୍ୱ ଏବେ ଉତ୍ତେଜନାପୂର୍ଣ୍ଣ ସମାଧାନ ନେଇ ଅନିଶ୍ଚିତତା ମଧ୍ୟକୁ ଗତି କରୁଛି। ବିକଶିତ ରାଷ୍ଟ୍ରଙ୍କ ମୋଟ ଋଣ ଜିଡିପିର ୧୦୦ ପ୍ରତିଶତ ଟପିଯାଇଛି। ବହୁ ବିକଶିତ ତଥା ବିକାଶଶୀଳ ଦେଶର ଅର୍ଥନୀତି ସଙ୍କୁଚିତ ହେବାରେ ଲାଗିଛି ବୋଲି ଗଭର୍ନର ଦାସ କହିଛନ୍ତି।

## ଜିଏସ୍‌ଟି କାଉନସିଲ୍‌ରେ ନିଷ୍ପତ୍ତି

# ୮୦ ହଜାର ପର୍ଯ୍ୟନ୍ତ ଶସ୍ତା ହେବ ଇ-ଯାନ

- ଜିଏସ୍‌ଟି ୧୨ରୁ ୫%କୁ ହ୍ରାସ
- ଚାର୍ଜର ଜିଏସ୍‌ଟି ହାର ୧୮ରୁ ୫%କୁ କମିଲା
- ବଜେଟରେ ୧.୫ ଲକ୍ଷ ପର୍ଯ୍ୟନ୍ତ ସୁଧ ଉପରେ ଛାଡ଼ ଘୋଷଣା
- ୧୨ ସିଟ୍ ଥିବା ବସ୍ ଭଡା ନେଲେ ସ୍ଥାନୀୟ ଅଧିକାରୀଙ୍କୁ ଜିଏସ୍‌ଟି ଛାଡ଼
- ଅଗଷ୍ଟ ପହିଲାରୁ କାର୍ଯ୍ୟକାରୀ ହେବ



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ) ୨୭-୭

ପେଟ୍ରୋଲ ଓ ଡିଜେଲ ଗାଡ଼ି ଯୋଗୁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଏବେ ଇଲେକ୍ଟ୍ରିକ ଯାନ ପ୍ରଚଳନ ଉପରେ ଜୋର୍ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଏସ୍‌ଟି କାଉନ୍‌ସିଲ୍ ଶନିବାର ଇ-ଯାନ ଉପରେ ଆଦାୟ ହେଉଥିବା ଜିଏସ୍‌ଟିକୁ ହ୍ରାସ କରିଛନ୍ତି। ଏଣିକି ଇଲେକ୍ଟ୍ରିକ ଗାଡି ଉପରେ ୧୨ ବଦଳରେ ୫% ଜିଏସ୍‌ଟି ନିଆଯିବ। ସେହିଭଳି ଇ-ଯାନରେ ବ୍ୟବହୃତ ଚାର୍ଜର ଉପରେ ଜିଏସ୍‌ଟିକୁ ୧୮ରୁ ୫%କୁ ହ୍ରାସ କରାଯାଇଛି। ନୂଆ ହାର ଅଗଷ୍ଟ ପହିଲାରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଇଲେକ୍ଟ୍ରିକ ଗାଡ଼ି କିଣିବା ପ୍ରାୟ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଶସ୍ତା ହେବ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି କାଉନସିଲ୍‌ର ୩୬ତମ ବୈଠକ ବସି ଉକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅଂଶଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ୧୨ ସିଟ୍ ଥିବା ଇଲେକ୍ଟ୍ରିକ ବସ୍‌କୁ ଭଡ଼ାରେ ନେଉଥିବା ସ୍ଥାନୀୟ ଅଧିକାରୀଙ୍କୁ ଜିଏସ୍‌ଟି ଛାଡ଼ ସୁବିଧା ମିଳିବ। ବିଶେଷଜ୍ଞଙ୍କ କହିବାନୁଯାୟୀ, ଜଣେ ବ୍ୟକ୍ତି ୧୦ ଲକ୍ଷ ଟଙ୍କା ମୂଲ୍ୟର ଇଲେକ୍ଟ୍ରିକ କାର୍ କିଣିଲେ ଅଗଷ୍ଟ ପହିଲା ପରେ ୭ ପ୍ରତିଶତ କମ୍ ମୂଲ୍ୟରେ ତାଙ୍କୁ ଗାଡି ମିଳିଯିବ। ଅର୍ଥାତ୍ ସେ ୭୦ ହଜାର ଟଙ୍କା ଶସ୍ତାରେ ଗାଡ଼ି କିଣିବେ। ସେହିପରି ୧ ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ି ଉପରେ ୭ ହଜାର ଟଙ୍କା କମ ଖର୍ଚ୍ଚ କରିବାକୁ ହେବ। ଅନୁରୂପ ଭାବେ ଚାର୍ଜର ମୂଲ୍ୟ ଉପରେ ଜିଏସ୍‌ଟି ୧୮ରୁ ୫%କୁ ହ୍ରାସ ପାଇବା ଫଳରେ ଏହାର ଦର ମଧ୍ୟ ଯଥେଷ୍ଟ ହ୍ରାସ ପାଇବ।

ଦେଶରେ ପେଟ୍ରୋଲ ଓ ଡିଜେଲ ଯାନ ଚଳାଚଳକୁ କମ୍ କରି ଇଲେକ୍ଟ୍ରିକ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇଚାଲିଛନ୍ତି। ଦେଶରେ ଇ-ଯାନ ନେଇ ସରକାରଙ୍କ ସ୍ପଷ୍ଟନୀତି ନ ଥିବା କାରଣରୁ ଗାଡ଼ି ନିର୍ମାତାମାନେ ଏ କ୍ଷେତ୍ରରେ ନିବେଶ ପାଇଁ ଆଗେଇ ଆସୁନାହାନ୍ତି। ସେହିପରି ବିଦେଶରେ ପୂର୍ବରୁ ଇ-ଯାନ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକ ନୀତି ଅସ୍ପଷ୍ଟ ଯୋଗୁ ଭାରତରେ ପ୍ରବେଶ କରିବାକୁ ରାଜି ହେଉନାହାନ୍ତି। ଇଲେକ୍ଟ୍ରିକ ଗାଡ଼ି ନିର୍ମାତା ଜିଏସ୍‌ଟି ହାର ହ୍ରାସ କରିବା ଲାଗି ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ତେବେ ଦେଶରେ ଇଲେକ୍ଟ୍ରିକ ଯାନ ପ୍ରଚଳନ ନେଇ ନୀତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ପର୍ଯ୍ୟାୟକ୍ରମେ ଦେଶରେ ଇ-ଯାନ ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଇ-ଯାନ ଓ ବ୍ୟାଟେରି କାରଖାନା ନିର୍ମାଣ ନେଇ ଆୟୋଗ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ, ୨୦୨୩ ସୁଦ୍ଧା କେବଳ ଇଲେକ୍ଟ୍ରିକ ଥ୍ରି ହ୍ୱିଲର ଓ ୨୦୨୫ ସୁଦ୍ଧା କେବଳ ଟୁ-ହ୍ୱିଲର ଗାଡ଼ି(୧୫୦ସିସିରୁ କମ୍ କ୍ଷମତାଯୁକ୍ତ) ବିକ୍ରି କରାଯିବାର ବ୍ୟବସ୍ଥା ହେବ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଇ-ଯାନ କ୍ରୟକୁ ପ୍ରୋତ୍ସାହିତ କରିବାକୁ ଯାଇ ବଜେଟରେ କେତେକ ପ୍ରସ୍ତାବ ଦେଇଛନ୍ତି। ଇଲେକ୍ଟ୍ରିକ ଗାଡ଼ି କିଣିବା ଲାଗି ନିଆଯାଇଥିବା ଋଣ ଉପରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟକର ଛାଡ଼ ମିଳିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କ ବଜେଟ ଭାଷଣରେ ଉଲ୍ଲେଖ କରିସାରିଛନ୍ତି। ସେହିପରି ଇଲେକ୍ଟ୍ରିକ ଗାଡ଼ି ଓ ବ୍ୟାଟେରି ଉପରେ ମଧ୍ୟ ସହାୟତା ଘୋଷଣା କରାଯାଇଛି। ଫେମ୍-୨ ଯୋଜନା (ଫାଷ୍ଟର ଆଡପ୍ସନ ଆଣ୍ଡ ମ୍ୟାନୁଫାକ୍ଚରିଂ ଅଫ୍ ହାଇବ୍ରିଡ ଆଣ୍ଡ ଇଲେକ୍ଟ୍ରିକ ଭେହିକିଲ୍ସ) ଅଧୀନରେ ଏହି ରିହାତି ମିଳିବ।

### ଇ-ଯାନ ନିର୍ମାତାଙ୍କ ସ୍ୱାଗତ

ଜିଏସ୍‌ଟି କାଉନସିଲ୍ ଇଲେକ୍ଟ୍ରିକ ଯାନ ଓ ଚାର୍ଜର ଉପରେ ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିବାକୁ ଶନିବାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସୋସାଇଟି ଅଫ୍ ମ୍ୟାନୁଫାକ୍ଚରର୍ସ ଅଫ୍ ଇଲେକ୍ଟ୍ରିକ ଭେହିକିଲ୍ସ(ଏସ୍‌ଏମ୍‌ଇଭି) ସ୍ୱାଗତ କରିଛି। ସରକାର ପରିବେଶ ସହାୟକ ଚଳାଚଳକୁ ପ୍ରୋତ୍ସାହନ ଦେଉଥିବା ଏହି ନିଷ୍ପତ୍ତିରୁ ପ୍ରମାଣ ମିଳୁଥିବା ଏହାର ମହାନିର୍ଦ୍ଦେଶକ ସୋହିନ୍ଦର ଗିଲ୍ କହିଛନ୍ତି। ଏହାଦ୍ୱାରା ଇ-ଯାନ ଏବଂ ପେଟ୍ରୋଲ ଓ ଡିଜେଲ ଗାଡ଼ି ମୂଲ୍ୟ ତାରତମ୍ୟ କମିବ। ଫଳରେ ଲୋକେ ଇଲେକ୍ଟ୍ରିକ ଗାଡ଼ି କିଣିବାକୁ ଆଗ୍ରହୀ ହେବେ। ସେ କହିଛନ୍ତି ଯେ, ସରକାରଙ୍କ ଫେମ୍-୨ ଯୋଜନା ନିରୁତ୍ସାହଜନକ ଥିବା ବେଳେ ଜିଏସ୍‌ଟି ହ୍ରାସ ଉତ୍ସାହଜନକ ହୋଇଛି। ଏବେ ବ୍ୟାଟେରି ଉପରେ ୧୮% ଜିଏସ୍‌ଟି ଆଦାୟ ହେଉଛି। ଏହି ହାର କମିବା ଅପେକ୍ଷାରେ ରହିଛୁ ବୋଲି ଗିଲ୍ କହିଛନ୍ତି। ସେ କହିଛନ୍ତି ଯେ, କାଉନସିଲ୍‌ର ନିଷ୍ପତ୍ତି ଯୋଗୁ ଇ-ଯାନ ପରିଚାଳନା ଖର୍ଚ୍ଚ ଅନେକାଂଶରେ କମିବ। ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି ଯେ, ଜିଏସ୍‌ଟି ହ୍ରାସ ଯୋଗୁ ଇଲେକ୍ଟ୍ରିକ ଗାଡ଼ିର ଇକୋସିଷ୍ଟମ ତିଆରି କରିବାରେ ସହାୟତା ମିଳିବ। ସେହିପରି ଇ-ଗାଡି କିଣିବା ଲାଗି କ୍ରେତାଙ୍କ ମଧ୍ୟରେ ଭରସା ବଢ଼ିବ।

### ରାଜ୍ୟସ୍ତରରେ ଇ-ଯାନକୁ ପ୍ରୋତ୍ସାହନ ମିଳୁ



ପରିବେଶ ସୁରକ୍ଷା ପାଇଁ ଜିଏସ୍‌ଟି କାଉନ୍‌ସିଲ୍ ନେଇଥିବା ଏହି ପଦକ୍ଷେପ ବେଶ୍ ପ୍ରଶଂସାଯୋଗ୍ୟ। ସରକାର ଇ-ଯାନକୁ ପ୍ରୋତ୍ସାହିତ କରୁଥିବାରୁ ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ଇ-ଯାନ ଧାରାକୁ ଆଗକୁ ଆଉ ଗୋଟିଏ ସୋପାନକୁ ନେଇଯିବ ବୋଲି ଆଶା। ରାଜ୍ୟ ସ୍ତରରେ ଇ-ଯାନ ବ୍ୟବହାର ବୃଦ୍ଧି ଲାଗି ସରକାର ପଦକ୍ଷେପ ନେବା ଆବଶ୍ୟକ। ଏ କ୍ଷେତ୍ରରେ ରାଜ୍ୟ ସରକାର ଆଗେଇ ଆସିବାକୁ ଅନୁରୋଧ।
– ଜୟ ପ୍ରକାଶ ଦିଦ୍ୱାନିଆ, ନିର୍ଦ୍ଦେଶକ, ଓମ୍‌ଜୟ ଇଭି ଲିମିଟେଡ

### ଇ-ଯାନ ପ୍ରୋତ୍ସାହନକୁ ଆଗକୁ ବଢାଇବ



ସରକାର ଇ-ଯାନକୁ ପ୍ରାଥମିକତା ଦେଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଇ-ଯାନ ଲୋକଙ୍କୁ ସଞ୍ଚୟ କରିବାରେ ସହାୟତା କରିବ। ଟିକସ କମିବା ଦ୍ୱାରା ଅଧିକରୁ ଅଧିକ ଲୋକ ଇ-ଯାନ କ୍ରୟ କରିବା ଲାଗି ଉତ୍ସାହିତ ହେବେ। ସରକାରଙ୍କ ଇ-ଯାନ ପ୍ରୋତ୍ସାହନ ପଦକ୍ଷେପକୁ ଏହା ଆଗକୁ ନେବ ବୋଲି ଆଶା। ଏହି ନିଷ୍ପତ୍ତି ଲୋକଙ୍କ ଲାଗି ଲାଭକାରୀ।
– ଅମିତାଭ ପାଇକୋଷୀ, ନିର୍ଦ୍ଦେଶକ ଓରିନୋକୋ ଇଭି

## ବଜାଜ୍ ବାଣିଜ୍ୟିକ ଯାନର ନୂଆ ଡିଲରଶିପ



ଭୁବନେଶ୍ୱର,୨୭-୭(ବ୍ୟୁରୋ)

ବଜାଜ୍ ଅଟୋ ପକ୍ଷରୁ ବାଣିଜ୍ୟିକ ଯାନର ନୂଆ ଡିଲରଶିପ 'ଅର୍ମାନ' ମୋଟର୍ସ କଟକ ମଧୁପାଟଣାଠାରେ ଶୁଭାରମ୍ଭ ହୋଇଛି। ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ଆର୍.ଏଲ୍. ମୀନା ଏହାକୁ ଶୁଭାରମ୍ଭ କରିଥିଲେ। ଏହାର ସ୍ୱତନ୍ତ୍ର ୱାର୍କଶପ ନେତାଜୀ ନଗରଠାରେ ରହିଛି। ଏହି ଅବସରରେ ଗ୍ରାହକଙ୍କୁ ନୂଆ ବଜାଜ 'କ୍ୟୁଟ' ଯାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶୋ'ରୁମ ସ୍ୱତ୍ୱାଧିକାରୀ ଶୁକଦେବ ମହାରଣା, ଅର୍ମାନ ବଜାଜ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାରଣା, ବଜାଜ୍ ଅଟୋ କମ୍ପାନୀ ପକ୍ଷରୁ ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ହରିଶ କୌଶିକ, ବଜାଜ୍ ଅଟୋ ଏରିଆ ବିକ୍ରି ପ୍ରବନ୍ଧକ ଅନନ୍ତ ପଣ୍ଡା, ଏଏସ୍‌ଏମ୍ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆମେଜ୍ କମ୍ପାନୀ ପକ୍ଷରୁ ଡିଲରମିଟ୍



ଭୁବନେଶ୍ୱର,୨୭-୭(ବ୍ୟୁରୋ)

ଆମେଜ୍ ଇନଭର୍ଟର ବ୍ୟାଟେରି କମ୍ପାନୀ ପକ୍ଷରୁ ଡିଲରମିଟ କଟକ ଅରୁଣୋଦୟ ମାର୍କେଟଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଡ ଅଟୋ ଉଦ୍ୟୋଗର ଏମ୍‌ଡି ତଥା ବିତରକ ନବୀନ ମହାନ୍ତି, ଆମେଜ୍‌ର ବରିଷ୍ଠ ଉପସଭାପତି ଅମୀତ ଶୁକ୍ଳା, ଜେନେରାଲ ମ୍ୟାନେଜର ମନୀଶ ଶର୍ମା, ରାଜ୍ୟ ମୁଖ୍ୟ ରାଜେଶ ବସ୍ତିଆ ଏବଂ ଆଞ୍ଚଳିକ ମୁଖ୍ୟ ଭିକି ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଡିଶାରେ କମ୍ପାନୀର ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଏଠାରେ ଆଲୋଚନା ହୋଇଥିଲା। ଆମେଜ୍ ଇନଭର୍ଟର ବ୍ୟାଟେରି ସ୍ନାଇଡର ଇଲେକ୍ଟ୍ରିକ ଗ୍ରୁପ କମ୍ପାନୀର ଏକ ବ୍ରାଣ୍ଡ। ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ଯୋଗାଣ ନେଇ ଏହା କାର୍ଯ୍ୟ କରୁଥିବା କହିଛି। କମ୍ପାନୀର ପ୍ରଡକ୍ଟ ଶୃଙ୍ଖଳାରେ ଇନଭର୍ଟର, ଇନଭର୍ଟର ବ୍ୟାଟେରି ଷ୍ଟାବିଲାଇଜର, ଇ-ଯାନ ବ୍ୟାଟେରି, ସୋଲାର ପ୍ୟାନେଲ ବ୍ୟାଟେରି ଭଳି ପ୍ରଡକ୍ଟ ସାମିଲ ରହିଛି। କାର୍ଯ୍ୟକ୍ରମ ଅବସରରେ ଡିଲରଙ୍କୁ ସମ୍ମାନିତ କରାଯାଇଥିଲା।

## ବିକାଶଶୀଳ ରାଷ୍ଟ୍ର କିଏ: ନିରୂପଣ କରିବେ ଟ୍ରମ୍ପ

ୱାଶିଂଟନ,୨୭-୭



**ଆମେରିକା ଦେବନି ଅନୁଚିତ ଫାଇଦା**

ଭାରତ ସମେତ ବିକାଶଶୀଳ ରାଷ୍ଟ୍ର ପଛରେ ପଡିଯାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିକାଶଶୀଳ ରାଷ୍ଟ୍ରର ଦ୍ୱାହି ଦେଇ ଆମେରିକାଠାରୁ ଅନୁଚିତ ଫାଇଦା ନେଉଥିବା ଭାରତ ସମେତ ସମସ୍ତ ବିକାଶଶୀଳ ରାଷ୍ଟ୍ରକୁ ଆଉ କୌଣସି ପ୍ରକାର ସୁବିଧାସୁଯୋଗ ଦେବାକୁ ସେ ଚାହୁଁନାହାନ୍ତି। ଏହି ଆତ୍ମଘୋଷିତ ଦେଶଗୁଡ଼ିକ ଯେପରି ଆମେରିକା ଠାରୁ ଅଯଥା ସହାୟତା ନେଇ ନ ପାରିବେ ସେଥିଲାଗି ନିୟମରେ ପରିବର୍ତ୍ତନ ପାଇଁ ଟ୍ରମ୍ପ ତାଙ୍କ ପ୍ରଶାସନକୁ ୯୦ ଦିନ ସମୟ ଦେଇଛନ୍ତି। କେଉଁମାନେ ବିକାଶଶୀଳ ରାଷ୍ଟ୍ର ତାହା ଏବେ ଟ୍ରମ୍ପ ପ୍ରଶାସନ ସ୍ଥିର କରିବାକୁ ଯାଉଛି।

ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ର ପ୍ରାୟ ଦୁଇତୃତୀୟାଂଶ ସଦସ୍ୟ ରାଷ୍ଟ୍ର ନିଜକୁ ବିକାଶଶୀଳ ରାଷ୍ଟ୍ର ଭାବେ ଉଲ୍ଲେଖ କରି ଆମେରିକାଠାରୁ ସ୍ୱତନ୍ତ୍ର ସହାୟତା ନେଉଛନ୍ତି। ସେ କହିଛନ୍ତି ଯେ, ବିଶ୍ୱର ଧନୀ ରାଷ୍ଟ୍ରଗୁଡ଼ିକ ନିଜକୁ ବିକାଶଶୀଳ ଦେଶ ଭାବେ ଉଲ୍ଲେଖ କରୁଥିବାରୁ ଏବେ ଡବ୍ଲ୍ୟୁଟିଓ ଭାଙ୍ଗିଯାଇଛି। କାରଣ ସେମାନେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଆଳରେ ନିଜ ପାଇଁ ଛାଡ଼ ଗୋଟାଇବାରେ ଲାଗିଛନ୍ତି। ଏଣିକି ଆଉ ତାହା ହେବ ନାହିଁ। ବ୍ୟବସ୍ଥାର ଫାଇଦା ଉଠାଇ ଏଣିକି ଏହି ଦେଶଗୁଡ଼ିକ ଆଉ ଆମେରିକାକୁ ଠକି ପାରିବେ ନାହିଁ। ସେଥିଲାଗି ସେ ଆମେରିକାର ବାଣିଜ୍ୟ ପ୍ରତିନିଧିଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଟ୍ରମ୍ପ ପ୍ରକାଶ କରିଛନ୍ତି। ସମସ୍ତ ପ୍ରକାର ନିୟମ ପ୍ରୟୋଗ କରି ଡବ୍ଲ୍ୟୁଟିଓରେ ପରିବର୍ତ୍ତନ କରିବାକୁ ସେ ତାଙ୍କର ବାଣିଜ୍ୟ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି। ଏହାଦ୍ୱାରା ସେହି ତଥାକଥିତ ବିକାଶଶୀଳ ଦେଶଗୁଡ଼ିକ ଆଉ ଆମେରିକାଠାରୁ ଫାଇଦା ନେଇପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଡବ୍ଲ୍ୟୁଟିଓରେ ପ୍ରସ୍ତାବ ଦେବା ବଦଳରେ ଆମେରିକା ଏକତରଫା ଭାବେ ବିକାଶଶୀଳ ଦେଶର ସଂଜ୍ଞା ନିରୂପଣ କରିବା ବିପଦପୂର୍ଣ୍ଣ ଓ ଅଭୂତପୂର୍ବ।

## ଜିଓ ଦେଶର ସବୁଠୁ ବଡ଼ ଟେଲିକମ କମ୍ପାନୀ

ନୂଆଦିଲ୍ଲୀ,୨୭-୭

ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓ ଲଞ୍ଚ ହେବାର ମାତ୍ର ୩ ବର୍ଷ ମଧ୍ୟରେ ଦେଶର ସର୍ବବୃହତ ଟେଲିକମ କମ୍ପାନୀ ହୋଇପାରିଛି। କମ୍ପାନୀର ଉପଭୋକ୍ତା ସଂଖ୍ୟା ଏବେ ୩୩.୧୩ କୋଟିରେ ପହଞ୍ଚିଛି। ଅନ୍ୟପକ୍ଷରେ ଭୋଡାଫୋନ-ଆଇଡିଆର ଗ୍ରାହକ ସଂଖ୍ୟା ହ୍ରାସ ପାଇ ୩୨ କୋଟିରେ ପହଞ୍ଚିଛି। ଭାରତୀୟ ଟେଲିକମ ନିୟନ୍ତ୍ରକ ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ମେ'ର ଏୟାରଟେଲକୁ ପଛରେ ପକାଇ ଜିଓ ଦ୍ୱିତୀୟ ସର୍ବବୃହତ କମ୍ପାନୀ ହୋଇଥିଲା। ସେତେବେଳେ ଭୋଡାଫୋନ-ଆଇଡିଆ ଏକ ନମ୍ବର ସ୍ଥାନରେ ଥିଲା। ଭୋଡାଫୋନର ଗ୍ରାହକ ସଂଖ୍ୟା ସେତେବେଳେ ୩୯.୭୫ କୋଟି ଥିଲା। ତେବେ ଜୁନ୍ ୩୦ ସୁଦ୍ଧା ଏହା ୩୨ କୋଟିକୁ ହ୍ରାସ ପାଇଛି।

ଓଡିଶା ବନ ଉନ୍ନୟନ ନିଗମ ଲିଃ
Odisha Forest Development Corporation Limited
(A Government of Odisha Undertaking)
CIN-U020050R1962SGC000446
Regd.Off: Plot No.A/84 Kharavel Nagar, Unit-III, Bhubaneswar, Odisha, PIN-751001, Telephone:-0674-2534086,2534269
Fax:0674-2535934, [website: www.odishafdc.com, E-mail ID:general@odishafdc.com]

Notice No. 13853/Estt.(Misc) 05/14/2019.
Dated: Bhubaneswar, the 27th July 2019.

This is notified for information of all concerned that in pursuance of the Advertisement No.11826/Estt(Misc) 05/04/2019 dated 26.06.2019 it has been decided to hold Personal Interview of the short-listed candidates applying for re-engagement on 5th and 6th August, 2019 in the Board Room of Corporate Office commencing from 10.30 AM on each day as per programme below.

| Name of the Post applied | Date fixed for Personal Interview |
|---|---|
| A) Jr. Stenographer, U.D.Asst., Jr. Acct./Auditor | 05/08/2019 |
| B) Private Secretary, Section Officer (Gen), Section Officer (Accts)/(Audit), Asst.Accounts Officer/Asst.Audit Officer. | 06/08/2019 |

The details of short-listed candidates can be seen from our website www.odishafdc.com. The said short-listed candidates are informed through this paper publication to attend the Personal Interview on the scheduled date and time along with relevant original documents. No T.A. and D.A. will be allowed by OFDC for such interview.

For O.F.D.C. Ltd.,
Sd/-
MANAGING DIRECTOR

ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ
ନୋଟିସ୍
ପି.ଆର୍.ନଂ.8136
ମିଶ୍ କେସ୍ ନଂ.
ତାରିଖ: 24.07.19

ଏତଦ୍ୱାରା ସର୍ବସାଧାରଣ ଓ ଶ୍ରୀମନ୍ଦିର ସମସ୍ତ ସେବାୟତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ବସନ୍ତ କୁମାର ପୁଷ୍ପାଳକ, ବୟସ : ୬୩ବର୍ଷ, ପି: ସ୍ୱର୍ଗତ ଲିଙ୍ଗରାଜ ପୁଷ୍ପାଳକ, ସା: କାଚେରା ଲେନ୍, ଥାନା: ପୁରୀ ଟାଉନ୍, ଜି: ପୁରୀ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖିତ ପ୍ଲଟ ନଂ.୪୫ରେ ଅବସ୍ଥିତ କୋଣାର୍କ ସୂର୍ଯ୍ୟନାରାୟଣ ମନ୍ଦିରର ସେବକ ତାଲିକାରେ ଭୁଲ୍‌କ୍ରମେ ତାଙ୍କ ପରିବାରର କେବଳ ବଡ଼ ଜେଜେବାପା ଶ୍ରୀ ବାମନ ପୁଷ୍ପାଳକଙ୍କ ନାମ ଉଲ୍ଲେଖ ଅଛି ବୋଲି ଦର୍ଶାଇଛନ୍ତି। ଉଭୟ ବାମନ ପୁଷ୍ପାଳକ ଓ ଦରଖାସ୍ତକାରୀଙ୍କ ପିତା ଲିଙ୍ଗରାଜ ପୁଷ୍ପାଳକଙ୍କ ପିତା ହାଡ଼ିବନ୍ଧୁ ପୁଷ୍ପାଳକ ଅଟନ୍ତି। ହାଡ଼ିବନ୍ଧୁ ପୁଷ୍ପାଳକଙ୍କ ମୃତ୍ୟୁପରେ ଭୁଲ୍ କ୍ରମେ ତାଙ୍କ ପିତା ଲିଙ୍ଗରାଜ ପୁଷ୍ପାଳକଙ୍କ ନାମ ଲିପିବଦ୍ଧ ହୋଇପାରି ନ ଥିଲା ଓ ବର୍ତ୍ତମାନ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଯାଇଥିବା ଦର୍ଶାଇ ଦରଖାସ୍ତକାରୀ ତାଙ୍କନାମ ଉଲ୍ଲେଖ/ଯୋଗ କରାଯିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୪୫ର ୧୫(ଖ) ଧାରାନୁଯାୟୀ ଆବଶ୍ୟକ ସଂଶୋଧନ ନିମନ୍ତେ ଦରଖାସ୍ତ କରିଛନ୍ତି।

ଏଣୁ ଉକ୍ତ ସଂଶୋଧନ ପ୍ରସ୍ତାବ ଉପରେ କାହାର କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶନର ଏକମାସ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଲିଖିତ ଭାବେ ଦାଖଲ କରିବେ। ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣକରା ନ ଯାଇ ଆଇନାନୁମୋଦିତ ଆଦେଶ ପ୍ରଦାନ କରାଯିବ।

ସ୍ୱା./- ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

## ମହଙ୍ଗା ହେବ ପେଟ୍ରୋଲ, ଡିଜେଲ ଗାଡ଼ି କ୍ରୟ

# ପଞ୍ଜୀକରଣ, ନବୀକରଣ ବହୁଗୁଣା ବୃଦ୍ଧି

ନୂଆଦିଲ୍ଲୀ,୨୭-୭

କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଗାଡ଼ି କିଣାକୁ ନିରୁତ୍ସାହିତ କରିବା ତଥା ପୁରୁଣା ଗାଡ଼ିଗୁଡ଼ିକୁ ପର୍ଯ୍ୟାୟକ୍ରମେ ସଡ଼କରୁ ହଟାଇବାକୁ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପାରମ୍ପରିକ ଇନ୍ଧନରେ ଚାଲୁଥିବା ଗାଡ଼ିର ନୂଆ ପଞ୍ଜୀକରଣ ଓ ପୁରୁଣାର ନବୀକରଣ ଚାର୍ଜକୁ ବହୁଗୁଣ ବଢ଼ାଇ ଦେବା ଲାଗି ଚିଠା ବିଜ୍ଞପ୍ତି ଜାରି କରି ପ୍ରସ୍ତାବ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ନୂଆ ଦୁଇ ଚକିଆ ଯାନ ଲାଗି ପଞ୍ଜୀକରଣ ଚାର୍ଜ ବର୍ତ୍ତମାନର ୫୦ ଟଙ୍କା ବଦଳରେ ୧୦୦୦ ଟଙ୍କା,୩ଚକିଆ ପାଇଁ ୫ହଜାର ଟଙ୍କା(ପୂର୍ବରୁ ୩୦୦ ଟଙ୍କା), ଏଲ୍‌ଏମ୍‌ଭି ବ୍ୟକ୍ତିଗତ(କାର୍/ଜିପ୍) ୫ ହଜାର ଟଙ୍କା(ପୂର୍ବରୁ ୬ଶହ ଟଙ୍କା), ଏଲ୍‌ଏମ୍‌ଭି କମର୍ସିଆଲ ପାଇଁ ୧୦ହଜାର ଟଙ୍କା(ପୂର୍ବରୁ ୧ ହଜାର ଟଙ୍କା), ମିଡିୟମ ଏବଂ ହେଭି ଭେହିକିଲ୍(ଗୁଡ୍ସ ଏବଂ ପାସେଞ୍ଜର) ପାଇଁ ୨୦ ହଜାର ଟଙ୍କା(ପୂର୍ବରୁ ୧୫୦୦ଟଙ୍କା) ଶୁଳ୍କ ଆଦାୟ କରାଯିବ। ୧୫ ବର୍ଷ ପୁରୁଣା ଗାଡ଼ିର ନବୀକରଣକୁ ନିରୁତ୍ସାହିତ କରିବାକୁ ଯାଇ ୨ ଚକିଆ ଗାଡ଼ି ଲାଗି ଶୁଳ୍କ ୨୦୦୦ ଟଙ୍କା(ପୂର୍ବରୁ ୫୦ଟଙ୍କା),୩ଚକିଆ ପାଇଁ ୧୦ ହଜାର ଟଙ୍କା(ପୂର୍ବରୁ ୩୦୦ ଟଙ୍କା), କାର୍/ଜିପ ପାଇଁ ୧୫ ହଜାର ଟଙ୍କା(ପୂର୍ବରୁ ୬୦୦ଟଙ୍କା), କମର୍ସିଆଲ ଗାଡିରୁ ୨୦ ହଜାର ଟଙ୍କା(ପୂର୍ବରୁ ୧ହଜାର ଟଙ୍କା), ମିଡିୟମ ଏବଂ ହେଭି ଗାଡି ପାଇଁ ୪୦ ହଜାର ଟଙ୍କା(ପୂର୍ବରୁ ୧୫୦୦ଟଙ୍କା) ଆଦାୟ କରାଯିବ। ସେହିପରି ୧୫ ବର୍ଷ ପୁରୁଣା ଗାଡ଼ି ଲାଗି ପ୍ରତି ୬ ମାସରେ ଫିଟ୍‌ନେସ୍ ସାର୍ଟିଫିକେଟ ନେବାକୁ ବାଧ୍ୟତାମୂଳକ କରାଯିବ। ପୂର୍ବରୁ ବର୍ଷକରେ ଥରେ ଫିଟ୍‌ନେସ୍ ସାର୍ଟିଫିକେଟ ନେବାକୁ ପଡୁଥିଲା। ପ୍ରସ୍ତାବ ଅନୁଯାୟୀ, କ୍ୟାବ୍‌ର ପଞ୍ଜୀକରଣ ତଥା ନବୀକରଣ ଚାର୍ଜ କ୍ରମଶଃ ୧୦ ହଜାର ଏବଂ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ପୂର୍ବରୁ ୧ ହଜାର ଟଙ୍କା ଥିଲା। ଚିଠା ବିଜ୍ଞପ୍ତି ଅନୁଯାୟୀ ଆମଦାନୀ ହେଉଥିବା ଗାଡ଼ିର ପଞ୍ଜୀକରଣ ଚାର୍ଜ ୫ ହଜାର ଟଙ୍କାରୁ ବୃଦ୍ଧି କରି ୪୦ ହଜାର ଟଙ୍କା କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଆମଦାନୀ ହେଉଥିବା ଦୁଇଚକିଆ ଗାଡ଼ିର ପଞ୍ଜୀକରଣ ଚାର୍ଜକୁ ବର୍ତ୍ତମାନର ୨୫୦୦ ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଆସନ୍ତା ୪୦ରୁ ୪୫ ଦିନ ଭିତରେ ଚୂଡାନ୍ତ ନିୟମ ଘୋଷଣା କରାଯିବ। ଏଥିପୂର୍ବରୁ ସମସ୍ତ ହିତାଧିକାରୀଙ୍କ ଠାରୁ ସେମାନଙ୍କର ମତାମତ ଲୋଡାଯାଇଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ, କମର୍ସିଆଲ ଗାଡ଼ି ବିଶେଷକରି ବସ୍,ଟ୍ରକ ତଥା ଅନ୍ୟ ଗାଡ଼ିର ନବୀକରଣ ଚାର୍ଜକୁ ୨୭ ଗୁଣା ବଢ଼ାଇ ଦିଆଯାଇଛି। ଏହାଦ୍ୱାରା ୧୫ ବର୍ଷ ପୁରୁଣା ଗାଡ଼ିକୁ ଏହାର ମାଲିକଙ୍କ ଦ୍ୱାରା କବାଡି ବାଲାକୁ ବିକ୍ରି କରିବାକୁ ବାଧ କରାଯିବ।

“ଲକ୍ଷ୍ନୌରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସରେ ଶ୍ରେଷ୍ଠ ମହିଳା ବକ୍ସରଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ।

–କୁଲଦୀପ ମଲିକ, ଜାତୀୟ କୋଚ୍



“ଆମ କ୍ୟାରିୟର ଆରମ୍ଭରେ ଖେଳାଳିମାନଙ୍କ ଲାଗି ବିଶେଷ ସୁବିଧା ସୁଯୋଗ ନ ଥିଲା। ବର୍ତ୍ତମାନ ଆଉ ସେ ପରିସ୍ଥିତି ନାହିଁ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



## ସଂକ୍ଷେପରେ

### ଜାପାନ ଓପନ: ଶେଷ ହେଲା ଭାରତର ଅଭିଯାନ

**ଟୋକିଓ,୨୭।୭(ପି.ଟି.):** ଚଳିତ ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ସାଢ଼େ ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଇଭେଣ୍ଟର ସେମିଫାଇନାଲରେ ବି. ସାଇ ପ୍ରଣୀଥ ବିଶ୍ୱର ନଂ ୧ ର୍‍ୟାଙ୍କ୍ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଣୀଥ ୧୮-୨୧, ୧୨-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଏକତରଫା ମ୍ୟାଚ୍ ୪୫ ମିନିଟ୍ ଧରି ଚାଲିଥିଲା। ମ୍ୟାଚ୍ ଆରମ୍ଭରୁ ଅଣସିଡ୍ ଭାରତୀୟ ଖେଳାଳି ଭଲ ଖେଳ ଦେଖାଇଥିଲେ। ହେଲେ ସେ ମ୍ୟାଚ୍‌ର ପରବର୍ତ୍ତୀ ସମୟରେ ଜାପାନିଜ ଷ୍ଟାରଙ୍କ ସମ୍ମୁଖୀନ ହୋଇପାରିଥିଲେ। ଜାନ ଓ ଜର୍ଗେସେନ ଓ ଜୋନାଥନ କ୍ରିଷ୍ଟିଙ୍କ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲ ବିଜେତା ଫାଇନାଲରେ ମୋମୋଟାଙ୍କୁ ଭେଟିବେ।

### ଧୋନୀଙ୍କୁ ଗମ୍ଭୀରଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୭।୭:** ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀର ଭେଟେରାନ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ଭାରତୀୟ ଆର୍ମିରେ କାର୍ଯ୍ୟ କରିବାକୁ ପ୍ରଶଂସା କରିଛନ୍ତି। ଗମ୍ଭୀରଙ୍କ ଅନୁଯାୟୀ, ଧୋନୀଙ୍କ ନିଷ୍ପତ୍ତି ଦେଶର ବହୁ ଯୁବକଙ୍କୁ ଆର୍ମିରେ ଯୋଗଦେବାକୁ ଅନୁପ୍ରାଣିତ କରିବ। ତେଣୁ ପୂର୍ବତନ ଭାରତୀୟ ଅଧିନାୟକ ଧୋନୀ ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରିଯାଇଛନ୍ତି। ଏବେ ସେ ଜଣେ ସେନା ଯବାନ ଭାବେ ଦେଶର ସେବା କରିବେ। ଏହି ଭେଟେରାନ କ୍ରିକେଟର କଶ୍ମୀର ଭ୍ୟାଲିଠାରେ ଭିକ୍ଟରି ଫୋର୍ସ ଅଂଶ ହୋଇ ଯବାନଙ୍କ ସହ ରହିବେ। ଦେଶର ଅନ୍ୟତମ ଲୋକପ୍ରିୟ କ୍ରିକେଟରଙ୍କୁ ପାଟ୍ରୋଲିଂ କରୁଥିବାର ଦେଖିବାକୁ ମିଳିବ। ଏହାକୁ ପ୍ରଶଂସାକରି ଗମ୍ଭୀର କହିଛନ୍ତି, ଧୋନୀଙ୍କ ନିଷ୍ପତ୍ତି ପ୍ରଶଂସନୀୟ। ଏହା ଦ୍ୱାରା ସେ ନିଜର ଦେଶପ୍ରେମ ପ୍ରଦର୍ଶନ କରିଛନ୍ତି। ମୁଁ ବହୁ ଥର କହିଛି, ଯଦି ଧୋନୀଙ୍କୁ ଭାରତୀୟ ସେନା ୟୁନିଫର୍ମ ପିନ୍ଧିବାର ଅଛି, ତେବେ ସେନା ଯବାନଙ୍କ ସହ ସମୟ ବିତାଇବା ଦରକାର।

### ଅନ୍ତର୍ଜାତୀୟ ପଦକଧାରୀ ତୀରନ୍ଦାଜଙ୍କୁ ବିଦା କଲା ସାଇ

**ନୂଆଦିଲ୍ଲୀ,୨୭।୭(ପିଟି):** ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜେତା ତୀରନ୍ଦାଜଙ୍କୁ ଶନିବାର ହରିୟାଣାର ରୋହତକସ୍ଥିତ ସାଇ କେନ୍ଦ୍ର ନ୍ୟାଶନାଲ ଜୁନିୟର କ୍ୟାମ୍ପରୁ ବିଦା କରାଯାଇଛି। କୌଣସି ଅଫିସିଆଲ ଅନୁମତି ବିନା ସେ କ୍ୟାମ୍ପରୁ ଘରକୁ ଚାଲିଯାଇଥିବା ଜଣାପଡ଼ିବା ପରେ ସାଇ ଏଭଳି ନିଷ୍ପତ୍ତି ନେଇଛି। ଏସିଆନ୍ ଗେମ୍ସ ରୌପ୍ୟ ପଦକ ଜିତିଥିବା ଉକ୍ତ ତୀରନ୍ଦାଜ ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପରେ ଅନୁପସ୍ଥିତ ଥିଲେ। ସେହି କ୍ୟାମ୍ପରେ ଅଫିସିଆଲ ସୂଚନା ନ ଦେଇ ଅନୁପସ୍ଥିତ ରହିଥିବା ଜଣେ କୋଚଙ୍କୁ ମଧ୍ୟ ସମାନ ଅବସ୍ଥା ଭୋଗ କରିବାକୁ ପଡ଼ିଛି। ଭାରତୀ କ୍ରୀଡ଼ା ପ୍ରାଧିକରଣ (ସାଇ) ଏହି ଘଟଣାର କ୍ୟାମ୍ପର କୋଚଙ୍କଠାରୁ ରିପୋର୍ଟ ତଲବ କରିଛି।

### ଉମେଶ ମେମୋରିଆଲ୍ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୨୭।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଶନିବାରଠାରୁ ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ୍ ଚେସ୍ ଟୁର୍ନାମେଣ୍ଟର ୭ମ ସଂସ୍କରଣ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ମୋଟ୍ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସ ଶେଷ ସୁଦ୍ଧା ୨ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୬ ଜଣ ପ୍ରତିଯୋଗୀ ୨ ପଏଣ୍ଟ ଲେଖାଏ ହାସଲ କରିଥିବାବେଳେ ୪ ଜଣ ୧.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ପ୍ରଦର୍ଶନ ଭିତ୍ତିରେ ମୋଟ ୨୫ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫,୦୦୦, ୪୦୦୦ ଓ ୩୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ। ଏହାବ୍ୟତୀତ ୧୦, ୧୪ ଓ ୧୬ ବର୍ଷରୁ କମ୍ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ଭେଟେରାନ ଏବଂ ମହିଳା ଖେଳାଳିଙ୍କୁ ମଧ୍ୟ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

# ଇଂଲଣ୍ଡ ଆସେସ୍ ଦଳରେ ଆର୍ଚର

**ଲଣ୍ଡନ,୨୭।୭**

ଆସନ୍ତା ସପ୍ତାହରୁ ଏଜବାଷ୍ଟନ୍‌ଠାରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଐତିହାସିକ ଆସେସ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଶନିବାର ଘରୋଇ ଇଂଲଣ୍ଡ ଦଳ ଘୋଷଣା ହୋଇଛି। ପ୍ରତିଭା ସମ୍ପନ୍ନ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ଦଳରେ ସ୍ଥାନ ପାଇଛନ୍ତି। ଗତ ବିଶ୍ୱକପ୍ ଫାଇନାଲର ସୁପର ଓଭରରେ ସେ ଚମତ୍କାର ବୋଲିଂ କରିଥିଲେ। ଏପର୍ଯ୍ୟନ୍ତ ସେ କ୍ରିକେଟର ଲମ୍ବା ଫର୍ମାଟରେ ପଦାର୍ପଣ କରିନାହାନ୍ତି। ସେହିଭଳି ବେନ୍ ଷ୍ଟୋକ୍ସ ଓ ଜସ୍ ବଟଲର ଦଳକୁ ଫେରିଛନ୍ତି। ଉଭୟଙ୍କୁ ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇଥିଲା। ଷ୍ଟୋକ୍ସଙ୍କୁ ପୁଣିଥରେ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିବା ଲୁଇସ ଗ୍ରେଗୋରି ଓ ଜ୍ୟାକ ଲିଚ୍ ଦଳରେ ସ୍ଥାନ ପାଇନାହାନ୍ତି। ଅନ୍ୟପକ୍ଷରେ ଆର୍ଚର ବର୍ମିଂହାମଠାରେ ଟେଷ୍ଟ ପଦାର୍ପଣ କରିବା ନେଇ ଅନିଶ୍ଚିତତା ଜାରି ରହିଛି। ସେ ଏବେ ମାଂସପେଶୀ ଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ତାଙ୍କ ବ୍ୟତୀତ ଜେମ୍ସ ଆଣ୍ଡରସନ ଆହତ ସମସ୍ୟା ସତ୍ତ୍ୱେ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟ ବୋଲରଙ୍କ ମଧ୍ୟରେ ଷ୍ଟୁଆର୍ଟ ବ୍ରଡ୍, ଓଲି ଷ୍ଟୋନ ଓ ସାମ କୁରାନ ରହିଛନ୍ତି। ମୋଏନ ଅଲି ଏକମାତ୍ର ସ୍ପିନର ଭାବେ ଦଳରେ ମନୋନୀତ ହୋଇଛନ୍ତି। ଗତ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳ ୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯିବା ସତ୍ତ୍ୱେ ଦଳର ବ୍ୟାଟିଂ ଲାଇନ୍‌ଅପ୍‌ରେ କୌଣସି ବଡ଼ ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ମୁଖ୍ୟ ଚୟନକର୍ତ୍ତା ଏଡ୍ ସ୍ମିଥ କହିଛନ୍ତି।



ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ।

**ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ**

ଜୋ ରୁଟ୍ (ଅଧିନାୟକ), ମୋଇନ୍ ଅଲି, ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ୍, ରୋରି ବର୍ନ୍ସ, ଜୋସ୍ ବଟଲର, ସାମ୍ କୁରାନ, ଜୋଏ ଡେନ୍‌ଲୀ, ଜାସନ ରଏ, ବେନ୍ ଷ୍ଟୋକ୍ସ, କ୍ରିସ ୱୋକ୍ସ ଓ ଓଲୀ ଷ୍ଟୋନ୍।

# କାରେ ବାଦ୍ ପଡିବା ନେଇ ପୂର୍ବତନ କ୍ରିକେଟରଙ୍କ ଅସନ୍ତୋଷ

**ସିଡନୀ,୨୭।୭(ଏଏଫ୍‌ପି)**

ଆସେସ୍ ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳରୁ ଆଲେକ୍ସ କାରେଙ୍କୁ ବାଦ୍ ଦିଆଯାଇଛି। ତେବେ ଏହାକୁ କେତେକ ପୂର୍ବତନ କ୍ରିକେଟର ନାପସନ୍ଦ କରିଛନ୍ତି। ପୂର୍ବତନ କ୍ରିକେଟର ମାର୍କ ୱ, ସେନ୍ ୱାର୍ନ କାରେ ବାଦ୍ ପଡିବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଅନ୍ୟପଟେ ଜୋ ବର୍ନସ ଓ କୁର୍ଟିସ ପାଟରସନ ଆସେସରୁ ବାଦ୍

**ଆସେସ୍ ସିରିଜ**

ପଡିବା ନେଇ ପୂର୍ବତନ ଅଧିନାୟକ ମାର୍କ ଟେଲର ମଧ୍ୟ ଚକିତ ହୋଇଛନ୍ତି।

୫ ଟେଷ୍ଟବିଶିଷ୍ଟ ଆସେସ୍ ସିରିଜ ପାଇଁ ଅଷ୍ଟ୍ରେଲିଆ ଏକ ୧୭ଜଣିଆ ଦଳ ଘୋଷଣା କରିଛି। ଏହି ଦଳକୁ ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍, ଓପନର ଡେଭିଡ ୱାର୍ନର ଓ କାମେରନ ବ୍ୟାଙ୍କ୍ରଫ୍ଟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତବର୍ଷ ଦକ୍ଷିଣ ଆଫ୍ରିକା ବିପକ୍ଷରେ କେପ୍‌ଟାଉନ ଟେଷ୍ଟ ଖେଳିବା ଅବସରରେ ଏହି ୩ କ୍ରିକେଟର ବଲ୍ ଟ୍ୟାମ୍ପରିଂ କରି ଦୋଷୀ ସାବ୍ୟସ୍ତ ହେବା ପରେ ବାସନ୍ଦ ହୋଇଥିଲେ। ଗତ ଦୁଇବର୍ଷ ହେବ ଟେଷ୍ଟ ଖେଳି ନ ଥିବା ମାଥ୍ୟୁ ୱେଡ୍ ଦଳରେ ସ୍ଥାନ ପାଇଛନ୍ତି।



ଘରୋଇ କ୍ରିକେଟରେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଧିନାୟକ ଟିମ ପେନ୍‌ଙ୍କ ବ୍ୟାକ୍ ଉଇକେଟକିପର ଭାବେ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବେ। ଫଳରେ ଗତ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା କାରେଙ୍କୁ ଅଣଦେଖା କରାଯାଇଛି।

ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ କାରେଙ୍କୁ ବାଦ୍ ଦେବା ମୋତେ ଆଶ୍ଚର୍ଯ୍ୟ କରିଛି ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ଟୁଇଟ୍ କରିଛନ୍ତି। ପେନ୍‌ଙ୍କ ପରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ଶ୍ରେଷ୍ଠ ଉଇକେଟକିପର ବ୍ୟାଟ୍ସମ୍ୟାନ। ୱାର୍ନ ମଧ୍ୟ ଏ ନେଇ ସମାନ ମତ ପୋଷଣ କରିଛନ୍ତି। ସେହିପରି ଜୋ ବର୍ନ୍ସ ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ପାଟରସନ ଦଳରେ ସ୍ଥାନ ପାଇ ନ ଥିବାରୁ ପୂର୍ବତନ ଅଧିନାୟକ ଅସନ୍ତୋଷ ଜାହିର କରିଛନ୍ତି।



ଥାଇଲାଣ୍ଡ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତର ଆଶିଷ କୁମାର (ମଝି)।

# ଆଶିଷଙ୍କୁ ସ୍ୱର୍ଣ୍ଣ, ଭାରତକୁ ୮ ପଦକ

**ନୂଆଦିଲ୍ଲୀ, ୨୭।୭ (ପି.ଟି.)**

**ଥାଇଲାଣ୍ଡ ଓପନ୍**

ଏସିଆନ୍ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଆଶିଷ କୁମାର କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ଠାରେ ଶନିବାର ଶେଷ ହୋଇଥିବା ଥାଇଲାଣ୍ଡ୍ ଓପନ୍ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ଆଶିଷ ଏହି ସଫଳତା ପାଇଛନ୍ତି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୮ ପଦକ ସହ ଅଭିଯାନ ଶେଷ କରିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି।

ଶନିବାର ଅନ୍ତିମ ଦିବସରେ ପୁରୁଷ ୭୫ କିଗ୍ରା ବିଭାଗରେ ଆଶିଷ ୫-୦ରେ କୋରିଆର କିମ୍ ଜିନ୍‌ଜାଏଙ୍କୁ ପରାସ୍ତ କରିଥିଲେ। ସେହିଭଳି ଭାରତୀୟ ବକ୍ସର ଶନିବାର ୪ ରୌପ୍ୟ ପଦକ ମଧ୍ୟ ଜିତିଥିଲେ। ବିଶ୍ୱ ଜୁନିୟର ଚାମ୍ପିୟନ ନିଖାତ୍ ଜରୀନ୍ (୫୧ କିଗ୍ରା), ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଦୀପକ (୪୯ କିଗ୍ରା), ଗିବି ବକ୍ସିଂ ରୌପ୍ୟ ପଦକ ବିଜେତା ମହମ୍ମଦ ହସମୁଦ୍ଦିନ (୫୬ କିଗ୍ରା) ଓ ଇଣ୍ଡିଆ ଓପନ୍ ରୌପ୍ୟ ପଦକ ହାସଲକାରୀ ବ୍ରଜେଶ ଯାଦବ (୮୧) ଫାଇନାଲରେ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏଥିପୂର୍ବରୁ ଷ୍ଟ୍ରାଣ୍ଡଜା କପ୍ ରୌପ୍ୟ ପଦକ ବିଜେତା ମଞ୍ଜୁ ରାଣୀ (୪୮ କିଗ୍ରା) ସେମିଫାଇନାଲରୁ ବିଦାୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ୬୯ କିଗ୍ରା ବର୍ଗରେ ଆଶିଷ ଓ ମହିଳା ୭୫ କିଗ୍ରାରେ ଭାଗ୍ୟବତୀ କଚାରି ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ଟାଇଟଲ ବଜାୟ ରଖିଲେ ଭକ୍ତି କୁଲକର୍ଣ୍ଣୀ

**କାରାଇକୁଡି, ୨୭।୭ (ପି.ଟି.):** ଗତଥରର ଚାମ୍ପିୟନ ତଥା ଏୟାର ଇଣ୍ଡିଆର ଭକ୍ତି କୁଲକର୍ଣ୍ଣୀ ଏଠାରେ ଚାଲିଥିବା ୪୬ତମ ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ତାଙ୍କ ଟାଇଟଲ ବଜାୟ ରଖିଛନ୍ତି। ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବା ସହ ୧୧ରାଉଣ୍ଡ ଖେଳରୁ ୧୦ ପଏଣ୍ଟ ଅର୍ଜନ କରିଥିଲେ। ଫାଇନାଲ ରାଉଣ୍ଡରେ ସେ ଆନ୍ଧ୍ର ପ୍ରଦେଶର ମହିଳା ଇଣ୍ଟରନ୍ୟାଶନାଲ ମାଷ୍ଟର ପ୍ରତ୍ୟୁଶା ବୋଡାଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଥିଲେ। ଟାଇଟଲ ଜିତିବା ଦ୍ୱାରା ମହିଳା ଗ୍ରାଣ୍ଡମାଷ୍ଟର କୁଲକର୍ଣ୍ଣୀ ପୁରସ୍କାର ବାବଦରେ ୪ ଲକ୍ଷ ଟଙ୍କା ପକେଟସ୍ଥ କରିଛନ୍ତି। ଏହାଛଡ଼ା ସେ ୮.୫ ପଏଣ୍ଟ ହାସଲ କରିଛନ୍ତି। ଦିଲ୍ଲୀର ଭନ୍ତିକା ଅଗ୍ରୱାଲ ଫାଇନାଲ ରାଉଣ୍ଡରେ ମହାରାଷ୍ଟ୍ରର ମୃଦୁଲ ଦେହାନ୍‌କରଙ୍କ ସହିତ ପଏଣ୍ଟ ବଣ୍ଟୁଆରା କରିବା ସହ ପ୍ରଥମ ରନର୍ସଅପ୍ ହୋଇଛନ୍ତି। ତୃତୀୟ ସିଡ୍ ତଥା ମହାରାଷ୍ଟ୍ରର ଦିବ୍ୟା ଦେଶମୁଖ ତାମିଲନାଡୁର ପି.ଭି. ନନ୍ଦିଧାଙ୍କୁ ପରାସ୍ତ କରି ଭନ୍ତିକାଙ୍କ ସହ ସମାନ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ବ୍ରେକ୍ ସ୍କୋର ଭିତ୍ତିରେ ଦ୍ୱିତୀୟ ରନର୍ସଅପ୍ ପୋଜିଶନ ହାସଲ କରିଛନ୍ତି। ଭନ୍ତିକା ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା ପାଇଥିବାବେଳେ ଦିବ୍ୟା ୨ଲକ୍ଷ ଟଙ୍କା ପାଇଛନ୍ତି।

## ବିଶ୍ୱ ସନ୍ତରଣରେ ଅଘଟଣ, ୨ ମୃତ

**ଗ୍ୱାଙ୍ଗଜୁ(ଦକ୍ଷିଣ କୋରିଆ), ୨୭।୭ (ଏଏଫ୍‌ପି):** ଏଠାରେ ଚାଲିଥିବା ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ଘଟିଛି ଅଘଟଣ। ଏକ ନାଇଟ୍ କ୍ଲବ୍‌ର ବାଲ୍‌କୋନି ଭାଙ୍ଗିପଡ଼ିବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଆଥ୍‌ଲେଟ୍ ମଧ୍ୟ ଅଛନ୍ତି। ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଆଥ୍‌ଲେଟ୍‌ଙ୍କ ରହଣିସ୍ଥଳ ନିକଟରେ ଥିବା କୋୟୋଟ ଅଗଲି କ୍ଲବ୍‌ର ପ୍ରାୟ ୫ ମିଟର ବ୍ୟାସର ବାଲ୍‌କୋନି ତଳେ ଥିବା ଲୋକ ଓ ଆଥ୍‌ଲେଟଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ୧୬ ଆହତଙ୍କ ମଧ୍ୟରେ ୧୦ ବିଦେଶୀ ରହିଛନ୍ତି। ସେହିପରି ରିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକଧାରୀ ଓ ୟୁଏସ୍ ୱାଟର ପୋଲୋ ଖେଳାଳି କାଲେଗ ଗିଲ୍‌କ୍ରିଷ୍ଟଙ୍କ ସମେତ ୮ ଆଥ୍‌ଲେଟ ଏହି ଅଘଟଣର ଶିକାର ହୋଇଛନ୍ତି। ଏଠାରେ ଚାଲିଥିବା ଚାମ୍ପିୟନଶିପ୍‌ରେ ଏହି ୮ ଆଥ୍‌ଲେଟ୍ ଅଂଗ୍ରହଣ କରୁଛନ୍ତି ବୋଲି ସ୍ଥାନୀୟ ମେଟ୍ରୋପଲିଟାନ ପୋଲିସ ଏଜେନ୍ସି ତଦନ୍ତକାରୀ ସଙ୍ଗ ଗି-ଜି ସୂଚନା ଦେଇଛନ୍ତି। ମୃତ୍ୟୁବରଣ କରିଥିବା ଦୁଇ ଜଣ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଜଣଙ୍କ ବୟସ ୩୮ ଓ ଅନ୍ୟଜଣଙ୍କର ବୟସ ୨୭ ବର୍ଷ। ଅଘଟଣ ପରେ ଉଭୟଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ଚାମ୍ପିୟନଶିପ୍ ସହ ଏହି ଦୁଇଜଣ ଜଡ଼ିତ ନ ଥିଲେ। ବାଲ୍‌କୋନି ଭୁଶୁଡ଼ିବାର କାରଣ ବେଆଇନ ନିର୍ମାଣ ହୋଇପାରେ ବୋଲି ଅଧିକାରୀ ଜଣଙ୍କ କହିବା ସହ ଏହାର ତଦନ୍ତ ଆରମ୍ଭ କରାଯାଇଛି। ଅଘଟଣ ସମୟରେ ଏହି କ୍ଲବ୍‌ରେ ୩୦୦ରୁ ଅଧିକ ବ୍ୟକ୍ତି ଥିବା କୁହାଯାଉଛି। ଆହତ ୮ ଆଥ୍‌ଲେଟଙ୍କ ମଧ୍ୟରେ ଆମେରିକାର ୩, ନ୍ୟୁଜିଲାଣ୍ଡ ୨, ନେଦରଲାଣ୍ଡର ୧, ବ୍ରାଜିଲ ଓ ଇଟାଲୀର ଜଣେ ଲେଖାଏଁ ରହିଛନ୍ତି। ଏ ସମ୍ପର୍କରେ ବିଶ୍ୱ ଚାମ୍ପିୟନଶିପ ଆୟୋଜକ କମିଟି ପକ୍ଷରୁ କୁହାଯାଇଛି, ଆଥ୍‌ଲେଟ୍‌ମାନେ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ପରେ ରହଣିସ୍ଥଳକୁ ପଠାଇ ଦିଆଯାଇଛି।

# ଟେନିସ କ୍ରିକେଟ୍‌ର ଉନ୍ନତି ପାଇଁ କ୍ରିକ୍‌ଦୋସ୍ତ-ଟିସିଏଆଇ ମଧ୍ୟରେ ଚୁକ୍ତି

**ଭୁବନେଶ୍ୱର, ୨୭।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଦେଶରେ ଟେନିସ କ୍ରିକେଟ୍‌ର ଉନ୍ନତି କରିବା ପାଇଁ କ୍ରିକେଟ୍ ଆପ୍ 'କ୍ରିକ୍‌ଦୋସ୍ତ' ଓ ଟେନିସ କ୍ରିକେଟ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିସିଏଆଇ) ମଧ୍ୟରେ ଚୁକ୍ତି ହୋଇଛି। କ୍ରିକ୍‌ଦୋସ୍ତ ଆପ୍‌ରେ କେବଳ ଲାଇଭ୍ କ୍ରିକେଟ୍ ମ୍ୟାଚ୍‌ର ସ୍କୋର ଅପ୍‌ଡେଟ୍ ହୋଇ ନ ଥାଏ ବରଂ ଏହା ଗଳି କ୍ରିକେଟ୍‌କୁ ମଧ୍ୟ କଭର୍ କରିଥାଏ। ଦେଶରେ ସୁବିଧା ସୁଯୋଗରୁ ବଞ୍ଚିତ ଖେଳାଳିଙ୍କୁ ସହଯୋଗ କରିବା ଟିସିଏଆଇର ଲକ୍ଷ୍ୟ ହୋଇଥିବାରୁ କ୍ରିକ୍‌ଦୋସ୍ତ ସହ ଏହାର ଟେକ୍‌ନୋଲୋଜିକାଲ ପାର୍ଟନର ଭାବେ ଚୁକ୍ତି କରିଛି। ଫଳରେ ଭାରତ ସମେତ ବିଶ୍ୱବ୍ୟାପୀ ଟେନିସ କ୍ରିକେଟ୍‌ର ଉନ୍ନତି ପାଇଁ ଟିସିଏଆଇ ଓ କ୍ରିକ୍‌ଦୋସ୍ତ ଏକାଠି କାମ କରିବେ। କ୍ରିକ୍‌ଦୋସ୍ତ ସିଇଓ ଜିତ୍ ଗୋଏଲ୍ ଓ ଟିସିଏଆଇ ସାଧାରଣ ସମ୍ପାଦକ କହ୍ନେୟା ଗୁଜ୍ଜରଙ୍କ ସମେତ ଟିସିଏଆଇର ଟେକ୍ନିକାଲ ଚେୟାରମ୍ୟାନ ତଥା ଅନ୍ତର୍ଜାତୀୟ ଟେନିସ କ୍ରିକେଟ୍ ଫେଡେରେଶନର ଉପସଭାପତି ରିଣ୍ଟୁ ମିତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏହି ଚୁକ୍ତି ଅବସରରେ ଉପସ୍ଥିତ ରହିଥିଲେ।



ଟେନିସ କ୍ରିକେଟ୍ ଆସୋସିଏଶନ ଅଫ୍ ଇଣ୍ଡିଆ ଓ କ୍ରିକ୍‌ଦୋସ୍ତର କର୍ମକର୍ତ୍ତାମାନେ।

# ସର୍ବଭାରତୀୟ ସ୍ନୁକର ଟୁର୍ନାମେଣ୍ଟ: ଅନୁପମାଙ୍କ ସହଜ ବିଜୟ

**ଚେନ୍ନାଇ,୨୭।୭(ପି.ଟି.)**

ୱାର୍ଲ୍ଡ ୧୬ ବର୍ଷରୁ କମ୍ ମହିଳା ସ୍ନୁକର ଚାମ୍ପିୟନଶିପ ବ୍ରୋଞ୍ଜ ମେଡାଲିଷ୍ଟ ଆର୍. ଅନୁପମା ଏଠାରେ ଚାଲିଥିବା ସର୍ବଭାରତୀୟ ସ୍ନୁକର ଟୁର୍ନାମେଣ୍ଟରେ ସହଜ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟର ୪ର୍ଥ ରାଉଣ୍ଡ ମ୍ୟାଚ୍ ଅନୁପମା ଓ ଆନ୍ଧ୍ରପ୍ରଦେଶର ଶେଖ ସୋହାଇଲଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଅନୁପମା ମ୍ୟାଚ୍‌କୁ ୩-୦ ଫ୍ରେମ୍‌ରେ ଜିତି ନେଇଥିଲେ। ଚେନ୍ନାଇର ଅନୁପମା ସୁରକ୍ଷିତ ଖେଳ ପ୍ରଦର୍ଶନ କରି ସହଜରେ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖି ପାରିଥିଲେ। ପ୍ରତିଯୋଗିତାର ଅନ୍ୟ ମ୍ୟାଚରେ ସୋଏବ ଅଜେଶଙ୍କୁ ୩-୦ ଫ୍ରେମ୍‌ରେ, ଦିଲୀପ ୩-୦ ଫ୍ରେମରେ ରଞ୍ଜନଙ୍କୁ, ରିୟାଜ ୩-୨ ଫ୍ରେମ୍‌ରେ ଇମ୍ରାନଙ୍କୁ, ନାଜିର ୩-୨ ଫ୍ରେମ୍‌ରେ ମନୋଜଙ୍କୁ, ସନ୍ତୋଷ ୩-୨ ଫ୍ରେମ୍‌ରେ ଅବଦୁଲ ରହମାନଙ୍କୁ ପରାସ୍ତ କରିଥିବାବେଳେ ପଞ୍ଚମ ରାଉଣ୍ଡ ମ୍ୟାଚରେ ଯଶୋବନ୍ତ ୩-୦ ଫ୍ରେମ୍‌ରେ ରାଜମୋହନଙ୍କୁ, ୟାସିର ୩-୨ ଫ୍ରେମ୍‌ରେ ନରେଶଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# କିଟ୍-ସିକ୍କିମ କ୍ରିକେଟ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର,୨୭।୭(ସ୍ପୋର୍ଟ୍ସ ବ୍ୟୁରୋ)**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଓ ସିକ୍କିମ କ୍ରିକେଟ ଆସୋସିଏଶନ (ଏସ୍‌ଆଇସିଏ) ମଧ୍ୟରେ ଏକ ବୁଝାମଣା ପତ୍ର ବା ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଶନିବାର କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କ କାର୍ଯ୍ୟାଳୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। କିଟ୍ ତରଫରୁ ଗଗନେନ୍ଦୁ ଓ ସିକ୍କିମ କ୍ରିକେଟ ଆସୋସିଏଶନ ତରଫରୁ ଅଧ୍ୟକ୍ଷ ଲୋମଜାଙ୍ଗ ଜି ତେନ୍‌ଜିଙ୍ଗ୍ ଓ ସମ୍ପାଦକ ସୋନମ ପାଲଡେନ ଭୂଟିଆ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଗତ ୨୦୧୮-୧୯ ଘରୋଇ ସେସନରେ କିଟ୍ ସିକ୍କିମର ଘରୋଇ ଗ୍ରାଉଣ୍ଡ ରୂପେ ବ୍ୟବହୃତ ହୋଇଥିଲା। ବିସିସିଆଇର ନିର୍ଦ୍ଦେଶ ଅନୁସାରେ କିଟ୍ ସିକ୍କିମ୍‌ର ଘରୋଇ ଗ୍ରାଉଣ୍ଡ ରୂପେ କାର୍ଯ୍ୟକାରୀ ହୋଇଥିଲା। ବର୍ତ୍ତମାନ ଆଗାମୀ ୨୦୧୯-୨୦ ସେସନରେ କିଟ୍ ସିକ୍କିମର ମହିଳା ଓ ପୁରୁଷ ବିଭାଗର ସବୁ ବର୍ଗ ପାଇଁ ଘରୋଇ ଗ୍ରାଉଣ୍ଡ ରୂପେ ବ୍ୟବହୃତ ହେବ ବୋଲି ଏମ୍‌ଓୟୁରେ ଉଲ୍ଲେଖ କରାଯାଇଛି। କିଟ୍ ପରିସରରେ ସିକ୍କିମର କ୍ରିକେଟ ଦଳଗୁଡିକ ପାଇଁ ରହିବା ଓ ଖାଇବାର ବନ୍ଦୋବସ୍ତ କରାଯିବ। ସିକ୍କିମ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ହେବାକୁ ଥିବା ମ୍ୟାଚ୍‌ଗୁଡିକ କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯିବା ସ୍ପଷ୍ଟ ହୋଇଛି। ପୁଣି ଯଦି ଆବଶ୍ୟକ ହୁଏ ତେବେ ଆସୋସିଏଶନ ତା'ର ମ୍ୟାଚ୍‌ଗୁଡିକ ଡ୍ରିମ୍ସ ଓ ବିକାଶ ଗ୍ରାଉଣ୍ଡରେ ମଧ୍ୟ ଆୟୋଜନ କରିପାରିବ ବୋଲି ଏମ୍‌ଓୟୁରେ ଉଲ୍ଲେଖ କରାଯାଇଛି। ଆସୋସିଏଶନ ନିଜର କ୍ରିକେଟ ଗ୍ରାଉଣ୍ଡ ପ୍ରସ୍ତୁତ ନ କରିବା ପର୍ଯ୍ୟନ୍ତ ପ୍ରତିବର୍ଷ ଏହି ଏମ୍‌ଓୟୁର ନବୀକରଣ ହେବ। କିଟ୍‌ରେ ଥିବା ଆନୁଷଙ୍ଗିକ ସୁବିଧାସୁଯୋଗ ନେଇ ଆସୋସିଏଶନର ଅଧ୍ୟକ୍ଷ ଓ ସମ୍ପାଦକ ସନ୍ତୋଷ ପ୍ରକଟ କରିଛନ୍ତି। ନିଜର ଘରୋଇ ଗ୍ରାଉଣ୍ଡ ରୂପେ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥବାରୁ ଏଥିପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏହି ଦୁଇ ଅଧିକାରୀ ଧନ୍ୟବାଦ ଜଣାଇଛନ୍ତି।



ସିକ୍କିମ କ୍ରିକେଟ ଆସୋସିଏଶନର ଦୁଇ କର୍ମକର୍ତ୍ତାଙ୍କ ସହ ଗଗନେନ୍ଦୁ ଦାସ (ଡାହାଣ)।

## ସଂକ୍ଷେପରେ

### ବିସିସିଆଇ ହସ୍ତକ୍ଷେପ ପରେ ସାମିଙ୍କୁ ମିଳିଲା ୟୁଏସ୍ଏ ଭିଜା



ଟୋକିଓ,୨୭।୭(ପି.ଟି.): ଖରାପ ପୋଲିସ ରେକର୍ଡ ଯୋଗୁ ଭାରତୀୟ ପେସର ମହମ୍ମଦ ସାମିଙ୍କ ଆମେରିକା ଭିଜାକୁ ପ୍ରାଥମିକ ଭାବେ ରଦ୍ଦ କରାଯାଇଥିଲା। ଫଳରେ ସାମି ଭାରତୀୟ ଦଳ ସହ ଆମେରିକା ଗସ୍ତ ନ କରି ପାରନ୍ତି ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହସ୍ତକ୍ଷେପ ଯୋଗୁ ସାମି ଲଜ୍ଜିତ ହେବାରୁ ବଞ୍ଚିଯାଇଛନ୍ତି। ତାଙ୍କ ଭିଜା ଆବେଦନ ପତ୍ରରେ ପୋଲିସ ରିପୋର୍ଟ ସମ୍ପୂର୍ଣ୍ଣ ନ ଥିବାରୁ ପ୍ରାଥମିକ ଭାବେ ମୁମ୍ବାଇସ୍ଥିତ ଆମେରିକା ଦୂତାବାସ ନାକଚ କରିଦେଇଥିଲା। ସାମିଙ୍କ ନାମରେ ଯୌତୁକ ନିର୍ଯାତନା (୪୯୮ଏ) ଓ ଯୌନ ଉତ୍ପୀଡ଼ନା (୩୫୪ଏ) ମାମଲା ରହିଛି। ଏଥିଯୋଗୁ ବିସିସିଆଇକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ବିସିସିଆଇ କାର୍ଯ୍ୟାଳୟ ପକ୍ଷରୁ ଦେଶ ପାଇଁ ସାମିଙ୍କ ସଫଳତାର ତାଲିକା ପ୍ରଦାନ କରାଯିବା ସହ ସମ୍ପୂର୍ଣ୍ଣ ପୋଲିସ ରିପୋର୍ଟ ଦିଆଯାଇଥିଲା। ଏହାପରେ ସାମିଙ୍କ ଭିଜାକୁ ସ୍ୱୀକୃତି ମିଳିଛି। ଭାରତୀୟ କ୍ରିକେଟ ଦଳ ଆସନ୍ତା ୨୯ ତାରିଖରେ ମୁମ୍ବାଇରୁ ଆମେରିକା ଯାତ୍ରା କରିବ। ସେଠାରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇଟି ଟି୨୦ ମ୍ୟାଚ୍ ଖେଳିବ। ପ୍ରଥମଟି ଲୌଡେରହିଲ୍ ଓ ଦ୍ୱିତୀୟ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ। ତେବେ ଭାରତୀୟ ଟି୨୦ ଦଳରେ ସାମିଙ୍କୁ ସ୍ଥାନ ମିଳିନାହିଁ। ହେଲେ ଟିମ୍ ଇଣ୍ଡିଆ ଜାମାଇକାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ଆମେରିକା ଦେଇ ଭାରତ ଫେରିବ। ଏଥିଯୋଗୁ ତାଙ୍କୁ ଆମେରିକା ଭିଜା ଦରକାର।



"ଲସିଥ ମାଲିଙ୍ଗା ଯଦିଓ ଇତିମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେଇ ଯାଇଛନ୍ତି, ତଥାପି ମୁଁ ତାଙ୍କର ଜଣେ ପ୍ରଶଂସକ ହୋଇ ରହିବି।
–ଯଶପ୍ରୀତ୍ ବୁମ୍ରା, ଭାରତୀୟ ପେସ୍ ବୋଲର



"ମହମ୍ମଦ ଅମୀର ମାତ୍ର ୨୭ ବର୍ଷରେ ଅବସର ନେବା ଠିକ୍ ହୋଇନି। ପାକିସ୍ତାନ ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ଏବଂ ଇଂଲଣ୍ଡ ବିପକ୍ଷରେ ତିନି ଟେଷ୍ଟ ମ୍ୟାଚ ଖେଳାଇବା ଉଚିତ ଥିଲା।
–ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନୀ କ୍ରିକେଟର

# ଭାରତ ଏ' ୬ ଉଇକେଟ୍‌ରେ ବିଜୟୀ

ନର୍ଥ ସାଉଣ୍ଡ,୨୭।୭

ଦିନିକିଆ ସିରିଜ୍‌କୁ ୪-୧ରେ ଜିତି ନେଇଥିବା ଭାରତ ଏ' ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟରେ ମଧ୍ୟ ସହଜ ବିଜୟ ହାସଲ କରିଛି। ଭାରତ ଏ'କୁ ବିଜୟ ଲାଗି ଦ୍ୱିତୀୟ ଇନିଂସରେ ୯୭ରନ ଆବଶ୍ୟକତା ଥିଲା। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଏ' ଗୋଟିଏ ଉଇକେଟ୍ ହରାଇ ୨୯ରନ




କରିଥିଲା। ଚତୁର୍ଥ ତଥା ଅନ୍ତିମ ଦିନରେ ଭ୍ରମଣକାରୀ ଭାରତ ଏ'କୁ ବିଜୟ ଲାଗି ୬୮ରନ ଆବଶ୍ୟକତା ଥିଲା। ତେବେ ଭାରତ ଏ' ଆଉ ୩ଟି ଉଇକେଟ୍ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଶ୍ରୀକର ଭରତ ସର୍ବାଧିକ ୨୮ରନ କରିଥିଲେ। ସେହିପରି ଅଭିମନ୍ୟୁ ଈଶ୍ୱରନ୍ ୨୭, ହନୁମା ବିହାରୀ ୧୯ରନ୍‌ର ଇନିଂସ ଖେଳିଥିବାବେଳେ ରିଦ୍ଧିମାନ ଶାହା ୯ ଓ ଶୁଭମ ଦୁବେ ୬ରନ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ଏ' ପକ୍ଷରୁ ରାହକିମ୍ କର୍ନୱାଲ ୨ଟି ଉଇକେଟ୍ ନେଇଥିଲେ। ଏଥିସହିତ ଭାରତ ଏ' ୩ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀଲାଭ କରିଛି। ଉଭୟଦଳ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୩୧ତାରିଖରୁ ଆରମ୍ଭ ହେବ।




ମ୍ୟାଚ୍‌ରେ ମୋଟ୍ ୧୦ ଉଇକେଟ୍ ନେଇଥିବା ଶାହାବାଜ ନଦିମ

ବୁଧବାର ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଦଳ ପ୍ରଥମ ଇନିଂସରେ ୨୨୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିବାବେଳେ ଭାରତ ଏ' ପ୍ରଥମ ଇନିଂସରେ ୩୧୨ରନ ସଂଗ୍ରହ କରି ୮୪ରନର ଅଗ୍ରଣୀ ଲାଭ କରିଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ଶାହାବାଜ ନଦିମ ପୁଣି ଘାତକ ବୋଲିଂ କରି ୫ ଉଇକେଟ୍ ଅକ୍ତିଆର କରିବା ଫଳରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୮୦ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ନଦିମ ମ୍ୟାଚରେ ୧୦ ଉଇକେଟ୍ ଅକ୍ତିଆର କରିପାରିଥିଲେ। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ଏ' ପକ୍ଷରୁ ଶମାର ବ୍ରୁକ୍ସ ସର୍ବାଧିକ ୫୩ରନ କରିଥିବାବେଳେ ଓପନର ମଣ୍ଟସିନ ହଜ୍ ୩୬ରନ କରିଥିଲେ। ଭାରତ ଏ' ପକ୍ଷରୁ ନଦିମଙ୍କ ବ୍ୟତୀତ ମହମ୍ମଦ ସିରାଜ ୩ଟି ଓ ଶୁଭମ ଦୁବେ ଗୋଟିଏ ଉଇକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ୱେଷ୍ଟଇଣ୍ଡିଜ ଏ' ଇନିଂସ: ୨୨୮/୧୦ ଓ ୧୮୦/୧୦(ବ୍ରୁକ୍ସ ୫୩, ହଜ୍ ୩୬, ଚେଜ୍ ୩୨, ନଦିମ ୫/୪୭।
- ଭାରତ ଏ' ଇନିଂସ: ୩୧୨/୧୦ ଓ ୯୭/୪(ଭରତ ୨୮, ଈଶ୍ୱରନ୍ ୨୭, ବିହାରୀ ୧୯, କର୍ନୱାଲ ୨/୧୮।

# ଧର୍ମସେନାଙ୍କ ସପକ୍ଷରେ ଆଇସିସି

ନୂଆଦିଲ୍ଲୀ, ୨୭।୭ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶେଷରେ ମୁହଁ ଖୋଲିଛି। ଗତ ଆଇସିସି ବିଶ୍ୱକପ୍ ଫାଇନାଲରେ ଅମ୍ପାୟର କୁମାର ଧର୍ମସେନାଙ୍କ ବିବାଦୀୟ ନିଷ୍ପତ୍ତିକୁ ଯଥାର୍ଥ ବୋଲି କହିଛି। ଜୁଲାଇ ୧୪ରେ ଇଂଲଣ୍ଡର ଲର୍ଡ୍ସଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କ୍ରିକେଟ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଇଂଲଣ୍ଡ ଇନିଂସର ଫାଇନାଲ ଓଭରରେ ନ୍ୟୁଜିଲାଣ୍ଡ ମିଡ୍ ଫିଲ୍ଡର ମାର୍ଟିନ ଗୁପ୍‌ଟିଲଙ୍କ ଏକ ଥ୍ରୋ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜି ବାଉଣ୍ଡାରୀ ଲାଇନ୍ ଆଡକୁ ଚାଲିଯାଇଥିଲା। ଆୟୋଜକ ଦଳକୁ ଅମ୍ପାୟର ୬ ରନ ପ୍ରଦାନ କରିଥିଲେ। ଫଳରେ ମ୍ୟାଚ ଟାଇ ରହିବାରୁ ସୁପର ଓଭର ପର୍ଯ୍ୟାୟକୁ ଚାଲିଯାଇଥିଲା। ମ୍ୟାଚରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ଟିଭି ରିପ୍ଲେରେ ଦେଖିବାକୁ ମିଳିଥିଲା ଗୁପ୍ଟିଲ ଡିପ୍ ଅଞ୍ଚଳରୁ ବଲ୍ ରିଲିଜ କରୁଥିବାବେଳେ ଆଡିଲ ରଶିଦ ଏବଂ ଷ୍ଟୋକ୍ସ ସେମାନଙ୍କ ୨ୟ ରନ ପୂରଣ କରିସାରି ନ ଥିଲେ। ବିଶେଷଜ୍ଞଙ୍କ ମତରେ ଏ କ୍ଷେତ୍ରରେ ଇଂଲଣ୍ଡକୁ ୫ ରନ ଦିଆଯିବା ଉଚିତ ଥିଲା। ତେବେ ଦୁଇ ଫିଲ୍ଡ ଅମ୍ପାୟର ଧର୍ମସେନା ଏବଂ ମାରେସ୍ ଇରାସମସ୍ ଆଲୋଚନା କରି ଇଂଲଣ୍ଡ ସପକ୍ଷରେ ୬ ରନ ଦେଇଥିଲେ। ବଲ୍ ବାଉଣ୍ଡାରୀ ଲାଇନରେ ପହଞ୍ଚିବା ପାଇଁ ୪ ରନ ଏବଂ ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ରନିଂ ବିଟୁଇନ୍ ଦ ଉଇକେଟ ଲାଗି ଆହୁରି ଦୁଇ ରନ ଦେଇଥିଲେ। ଆଇସିସି ଜେନେରାଲ ମ୍ୟାନେଜର କ୍ରିକେଟ ଜେଫ୍ ଅଲାରଡିସ୍ ଅମ୍ପାୟର ଦ୍ୱୟ ନିୟମାନୁସାରେ କାର୍ଯ୍ୟ କରିଛନ୍ତି। ମ୍ୟାଚ ବେଳେ ପ୍ଲେଇଂ କଣ୍ଡିଶନ ଯାହା ଥିଲା ତୃତୀୟ ଅମ୍ପାୟର କିମ୍ବା ମ୍ୟାଚ ରେଫରିଙ୍କ ହସ୍ତକ୍ଷେପର ଆବଶ୍ୟକତା ପଡି ନ ଥିଲା। ଯେଉଁଠି ଦୁଇ ଅମ୍ପାୟର ମିଳିତ ଆଲୋଚନା ଜରିଆରେ ନିଷ୍ପତ୍ତି ନେବେ ସେ କ୍ଷେତ୍ରରେ ମ୍ୟାଚ ରେଫରି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଅଲାରଡିସ୍ କହିଛନ୍ତି। ସେ କହିଛନ୍ତି, ଏହି ବିଷୟ ଭାରତର ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେଙ୍କ ନେତୃତ୍ୱାଧୀନ ଆଇସିସିର କ୍ରିକେଟ କମିଟିରେ ବିଚାର କରାଯାଇ ପାରିଥାନ୍ତା। ମାତ୍ର ୨୦୨୦ ପ୍ରଥମ କ୍ୱାର୍ଟର ପର୍ଯ୍ୟନ୍ତ ଏହି ପ୍ୟାନେଲର ବୈଠକ ବସିପାରିବ ନାହିଁ। ଫାଇନାଲ ମ୍ୟାଚ୍ ଦୁଇଥର ଟାଇ ଭାବେ ଶେଷ ହୋଇଥିଲା। ପ୍ରଥମେ ନିର୍ଦ୍ଧାରିତ ସମୟ ଖେଳ ଏବଂ ପରେ ସୁପର ଓଭର। ଏ କ୍ଷେତ୍ରରେ ଉଭୟ ଦଳକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରିବା ଉଚିତ୍ ଥିଲା ବୋଲି କେତେକେ ମତ ଦିଅନ୍ତି। ଅଲାରଡିସ୍ ଏହାର ଜବାବରେ କହିଥିଲେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱକପ୍ ବିଜେତା କେବଳ ଗୋଟିଏ ଦେଶ ହୋଇପାରିବ। ଅନ୍ୟପକ୍ଷରେ ଆଇସିସି ସୀମିତ ଓଭର କ୍ରିକେଟରେ ସ୍ଲୋ-ଓଭର ରେଟ୍ ସମସ୍ୟାକୁ ମୁକାବିଲା ପାଇଁ ଷ୍ଟପ୍ ୱାଚ୍ ବ୍ୟବହାରକୁ ସବୁଜ ସଙ୍କେତ ଦେଇଛି। ଏକ ଟି୨୦ ମ୍ୟାଚ୍‌ରେ ପ୍ରଥମ ବଲ୍ ପଡ଼ିବାପରଠାରୁ ୮୫ ମିନିଟ୍‌ରୁ '୦' ପର୍ଯ୍ୟନ୍ତ ଗଣତି ଚାଲିବ। ଏହି ପ୍ରକ୍ରିୟାକୁ ଖେଳାଳି, ଅମ୍ପାୟର ଏବଂ ଖେଳପ୍ରେମୀମାନେ ଦେଖିପାରିବେ। ମ୍ୟାଚ ଯଦି ଇଞ୍ଜୁରି କିମ୍ବା ଏକ ଡିଆରଏସ୍ ରିଭ୍ୟୁ ପାଇଁ ବିଳମ୍ବ ହୁଏ ତେବେ ଅମ୍ପାୟର ଏକ ଟାଇମରରେ ଏକ ବଟନ ଦବାଇବେ। ଏହି ସମୟକୁ ପରେ ଯୋଡ଼ାଯିବ।

# ଗୁଆହାଟୀରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ନୂଆଦିଲ୍ଲୀ, ୨୭।୭: ଆସନ୍ତା ବର୍ଷ ଜାନୁୟାରୀରେ ଖେଲୋ ଇଣ୍ଡିଆର ତୃତୀୟ ସଂସ୍କରଣ ଗୁଆହାଟୀରେ ଅନୁଷ୍ଠିତ ହେବ ବୋଲି ଶନିବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରନ ରିଜିଜୁ ଘୋଷଣା କରିଛନ୍ତି। କ୍ରୀଡ଼ା ମନ୍ତ୍ରୀ ନିଜ ଟୁଇଟର ଜରିଆରେ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ଜାନୁୟାରୀ ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏଥିରେ ଦେଶର ପ୍ରାୟ ୧୦ହଜାର ଯୁବ ଆଥଲେଟ୍ ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ ବୋଲି ରିଜିଜୁ ଟୁଇଟ୍ କରିଛନ୍ତି। ଭାରତୀୟ ଅଲିମ୍ପିକ ସଂଘ ଓ ଭାରତୀୟ ସ୍କୁଲ୍ ଗେମ୍ସ ଫେଡରେଶନ ସହଭାଗିତାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତା ୧୭ ବର୍ଷରୁ କମ୍ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ୨୧ ବର୍ଷରୁ କମ୍ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ନିକଟରେ କ୍ରୀଡ଼ା ମନ୍ତ୍ରୀ ରିଜିଜୁ କହିଥିଲେ ଯେ, ସରକାର ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରିବା ଲାଗି ଖେଲୋ ଇଣ୍ଡିଆ ଭଳି ବିଭିନ୍ନ ପଦକ୍ଷେପ ନେଉଛନ୍ତି।




ପ୍ରୋ କବାଡ଼ି ଲିଗ୍‌ରେ ଶନିବାର ୟୁ ମୁମ୍ବା ଓ ପୁନେରୀ ପଲ୍‌ଟନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। ଏଥିରେ ୟୁ ମୁମ୍ବା ୩୩-୨୩ ପଏଣ୍ଟରେ ବିଜୟୀ ହୋଇଛି।

# ଅମୀରଙ୍କ ଅବସରକୁ ସମାଲୋଚନା

କରାଚୀ,୨୭।୭(ପି.ଟି.)

ପାକିସ୍ତାନ ତାରକା ଦ୍ରୁତ ବୋଲର ମହମ୍ମଦ ଅମୀର ମାତ୍ର ୨୭ ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ତେବେ ଏହା ଅନେକଙ୍କର ହଜମ ହୋଇନାହିଁ। ପୂର୍ବତନ ପାକିସ୍ତାନ ମହାନ୍ ଦ୍ରୁତ ବୋଲର ୱାସିମ ଆକ୍ରମ ଓ ସୋଏବ ଅଖତର ଅମୀରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି।

୨୭-୨୮ ବର୍ଷରେ ଜଣେ ବୋଲର କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥାଏ। ତେବେ ଏହି ବୟସରେ ଅମୀରଙ୍କ ଅବସର ନିଷ୍ପତ୍ତି ମୋତ ଆଶ୍ଚର୍ଯ୍ୟ କରିଛି ବୋଲି ଆକ୍ରମ କହିଛନ୍ତି। ଏହି ବୟସରେ ଜଣେ ବୋଲର ଶ୍ରେଷ୍ଠ ଦଳଗୁଡିକ ବିପକ୍ଷରେ ଭଲ ପ୍ରଦର୍ଶନ କରିବାର ସୁଯୋଗ ହାସଲ କରିଥାଏ। ଟେଷ୍ଟ ହେଉଛି କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଫର୍ମାଟ। ତେଣୁ ଜଣେ ବୋଲର ଏହି ଫର୍ମାଟରେ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ହାସଲ କରିଥାଏ। ପାକିସ୍ତାନ ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଦୁଇଟି ଓ ଇଂଲଣ୍ଡ ଗସ୍ତରେ ୩ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏପରିସ୍ଥଳେ ପାକିସ୍ତାନ ଅମୀରଙ୍କୁ ଆବଶ୍ୟକ କରୁଛି। କିନ୍ତୁ ତାଙ୍କର ଏହି ଅବସର ନିଷ୍ପତ୍ତି ଆମକୁ ନିରାଶ କରିଛି ବୋଲି ଆକ୍ରମ ଟୁଇଟ କରି ଉଲ୍ଲେଖ କରିଛନ୍ତି।




ସ୍ପଟ୍ ଫିକ୍ସିଂରେ ସମ୍ପୃକ୍ତ ହୋଇ ଅମୀର ବାସନ୍ଦ ହୋଇଥିଲେ ଓ ସେ କ୍ୟାରିୟରରେ ମାତ୍ର ୩୬ଟି ଟେଷ୍ଟ ଖେଳିଛନ୍ତି। ପାକିସ୍ତାନ କ୍ରିକେଟକୁ ଯେତେବେଳେ କିଛି ଦେବାର ବେଳ ଆସିଲା ସେତେବେଳେ ଅମୀର ଟେଷ୍ଟରୁ ଅବସର ନେଲେ। ମୋତେ ୨୭ ବର୍ଷ ହୋଇଥିଲେ ମୁଁ ଆହୁରି ୫୦ ଟେଷ୍ଟ ଖେଳିଥାନ୍ତି ବୋଲି ଅଖତର କହିଛନ୍ତି। ଟେଷ୍ଟ ଫର୍ମାଟରେ ପାକିସ୍ତାନର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ ଓ ଏଥିରେ ପାକିସ୍ତାନ ସଂଘର୍ଷ କରୁଛି। ତେଣୁ ଅମୀରଙ୍କ ଆବଶ୍ୟକତା ରହିଥିବା ବେଳେ ତାଙ୍କର ଏହି ନିଷ୍ପତ୍ତି ମୋତେ ନିରାଶ କରିଛି। ତେବେ ପୂର୍ବତନ ଦ୍ରୁତ ବୋଲର ୱାକର ୟୁନିସ୍ ଅମୀରଙ୍କୁ ହ୍ୱାଇଟ୍ ବଲ୍ କ୍ରିକେଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେ ନୈରାଶ୍ୟବ୍ୟକ୍ତ କରିନାହାନ୍ତି। ପୂର୍ବତନ ଓପନର ତଥା ଅଧିନାୟକ ରମିଜ ରାଜା ମଧ୍ୟ ଏ ନେଇ ନୈରାଶ୍ୟବ୍ୟକ୍ତ କରିଛନ୍ତି। ଏତେ କମ୍ ବୟସରେ ଅମୀର ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଉଥିବାରୁ ଆମେ ନିରାଶ ହୋଇଛୁ। ଟେଷ୍ଟ ପାଇଁ ପାକିସ୍ତାନ ତାଙ୍କୁ ଆବଶ୍ୟକ କରୁଥିଲା। ଏବେ ସେ ପାକିସ୍ତାନ କ୍ରିକେଟକୁ କିଛି ଦେବାର ସମୟ ଆସି ପହଞ୍ଚିଥିଲା। କିନ୍ତୁ ଅମୀରଙ୍କ ନିଷ୍ପତ୍ତି ଆମକୁ ଆଶ୍ଚର୍ଯ୍ୟ କରିଛି ବୋଲି ରାଜା କହିଛନ୍ତି।

# ରିୟଲ ମାଡ୍ରିଡ୍‌କୁ ହରାଇଲା ଆଟ୍‌ଲେଟିକୋ

ନ୍ୟୁୟର୍କ, ୨୭।୭ (ଏଏଫ୍‌ପି)

ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମରେ ଏକ ପ୍ରାକ୍ ସିଜନ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚରେ ଡିଏଗୋ କୋଷ୍ଟାଙ୍କ ୪ ଗୋଲ ସହାୟତାରେ ଆଟ୍‌ଲେଟିକୋ ମାଡ୍ରିଡ୍ ଏହାର ଲା ଲିଗା ପ୍ରତିଦ୍ୱନ୍ଦ୍ୱୀ ରିୟଲ ମାଡ୍ରିଡକୁ ୭-୩ ଗୋଲରେ ପରାସ୍ତ କରିଛି। ଖେଳର ୬୩ତମ ମିନିଟ୍‌ରେ ରେଡ୍‌କାର୍ଡ ପାଇ ପଡ଼ିଆ ଛାଡ଼ିଥିବା କୋଷ୍ଟା ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ତାଙ୍କ ହ୍ୟାଟ୍ରିକ ଗୋଲ ସ୍କୋର କରିସାରିଥିଲେ। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା ଯେ, ଫାଉଲ ଖେଳ ପାଇଁ ଏକଦା ଦୁଇ ଦଳକୁ ୧୦ଖେଳାଳିଙ୍କୁ ନେଇ ଖେଳିବାକୁ ହୋଇଥିଲା। ୧୯ ବର୍ଷୀୟ ପର୍ତ୍ତୁଗିଜ୍ ଖେଳାଳି ଜୋଆଓ ଫେଲିକ୍ସ ଆଟଲେଟିକୋ ତରଫରୁ ଗୋଟିଏ ଗୋଲ ଦେଇଥିବା ବେଳେ ଅନ୍ୟ ଦୁଇଟି ଗୋଲ ସ୍କୋର ବେଳେ ସହାୟକ ହୋଇଥିଲେ। ସୂଚନାଯୋଗ୍ୟ, ଫେଲିକ୍ସ ୧୨୬ ନିୟୁତ ୟୁରୋ (୧୪୨ ନିୟୁତ ଡଲାର) ବିନିମୟରେ ବେନିଫିକାରୁ ଆସି ଦଳରେ ଯୋଗ ଦେଇଛନ୍ତି। ଆଟ୍‌ଲେଟିକୋ ତରଫରୁ ଆଞ୍ଜେଲ କୋରିଆ ମଧ୍ୟ ଏକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବିଜୟୀ ଦଳ ୫-୦ରେ ଅଗ୍ରଣୀ ରହିଥିଲା। ୫୯ତମ ମିନିଟ୍‌ରେ ଇଡେନ ହାଜାର୍ଡ ନାଚୋଙ୍କ କ୍ରସ୍ ଜରିଆରେ ରିୟଲ ମାଡ୍ରିଡ ଏହାର ପ୍ରଥମ ଗୋଲ ସ୍କୋର କରିବା ପୂର୍ବରୁ ଆଟଲେଟିକୋ ୬ଟି ଗୋଲ ସ୍କୋର ଦେଇ ସାରିଥିଲା। ଆଟଲେଟିକୋ ଏହାର ୭ମ ଗୋଲ ୭୦ ତମ ଦେଇଥିଲା। ଭିଟୋଲୋ ଏକାକି ଚମତ୍କାର ଭାବେ ବଲ୍‌କୁ କ୍ୟାରି କରି ଏହି ଗୋଲଟିକୁ ସ୍କୋର କରିଥିଲେ। ରିୟଲ ମାଡ୍ରିଡ ପକ୍ଷରୁ କରିମ ବେଞ୍ଜିମା ୮୫ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ। ହାଭି ହର୍ନାଣ୍ଡେଜ ୮୯ତମ ମିନିଟ୍‌ରେ ସ୍କୋର କରି ଗୋଲ ବ୍ୟବଧାନକୁ ହ୍ରାସ କରିଥିଲେ।




ଆଟ୍‌ଲେଟିକୋ ମାଡ୍ରିଡ୍ ଓ ରିୟଲ ମାଡ୍ରିଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବହୁମୂଲ୍ୟ ଚୁକ୍ତି କରିବାକୁ ଯାଉଛନ୍ତି ବାଲେ

ପ୍ୟାରିସ୍, ୨୭।୭(ଏଏଫ୍‌ପି)

ରିୟଲ ମାଡ୍ରିଡ ଫରୱାର୍ଡ ଗ୍ୟାରେଥ ବାଲେ ଏକ ବହୁମୂଲ୍ୟ ଚୁକ୍ତି କରିବାକୁ ଯାଉଛନ୍ତି। ସେ ଚାଇନିଜ ସୁପର ଲିଗ୍ କ୍ଲବ୍ ଜିଆଙ୍ଗସୁ ସୁନିଙ୍ଗ ସହ ଏକ ହାଇପ୍ରୋଫାଇଲ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଗୋଟିଏ ସପ୍ତାହକୁ ସେ ୧ ମିଲିୟନ ପାଉଣ୍ଡ ବିନିୟମରେ ଏହି ଚୁକ୍ତି କରିବେ ବୋଲି ଏକ ରିପୋର୍ଟରୁ ଜଣାପଡିଛି। ୩୦ ବର୍ଷୀୟ ଏହି ୱେଲ୍ସ ଫୁଟବଲରଙ୍କୁ ରିୟଲ ମାଡ୍ରିଡ କୋଚ୍ ଜିନେଡାଇନ ଜିଡାନ ମଧ୍ୟ ତାଙ୍କ ଆଭିମୁଖ୍ୟ ଜଣାଇସାରିଛନ୍ତି। ମାଡ୍ରିଡର ଭବିଷ୍ୟତ ଯୋଜନାରେ ବାଲେ ସାମିଲ ନୁହନ୍ତି ବୋଲି ଜିଡାନ ସ୍ପଷ୍ଟ କରିସାରିଛନ୍ତି। ୨୦୧୩ରୁ ବାଲେ ରିୟଲ ମାଡ୍ରିଡ ସହ ଜଡିତ ରହିଆସିଛନ୍ତି। ତେବେ ସେ ଏହାପୂର୍ବରୁ ଟୋଟେନହାମ୍ ପାଇଁ ଖେଳିଆସୁଥିଲେ। ଏବେ ସେ ଚାଇନାରେ ସେସନ ପିଛା ୨୨ ମିଲିୟନ ଅର୍ଥ ରୋଜଗାର କରିବେ ଓ ଏହି ଚୁକ୍ତି ପ୍ରାୟତଃ ଅନ୍ତିମ ରୂପ ନେଇ ସାରିଛି।




ଗାରେଥ ବାଲେ।

ଅନ୍ୟପଟେ ବାଲେ ଯେତେଶୀଘ୍ର ରିୟଲ ମାଡ୍ରିଡ ଛାଡିବେ ସମସ୍ତଙ୍କ ପାଇଁ ସେତେ ଭଲ ହେବ ବୋଲି କୋଚ୍ ଜିଡାନ କହିଛନ୍ତି। ତେବେ ଏହାକୁ ବାଲେଙ୍କ ପ୍ରତିନିଧି ଜୋନାଥନ ବାର୍ନେଟ୍ଟ ନାପସନ୍ଦ କରିଛନ୍ତି। ଏଭଳି ଉକ୍ତି ବାଲେଙ୍କ ପ୍ରତି ଅସମ୍ମାନ ବୋଲି ସେ କହିଛନ୍ତି। ଗତ ୬ ବର୍ଷ ମଧ୍ୟରେ ବାଲେ ରିୟଲ ମାଡ୍ରିଡକୁ ୪ଥରେ ସ୍ପାନିସ ଲିଗ୍ ଟାଇଟଲ ଓ ୪ଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତେବେ ବାଲେଙ୍କୁ ଆମେ ଅସମ୍ମାନ କରିନାହୁଁ ବୋଲି ଜିଡାନ ସ୍ପଷ୍ଟ କରିଛନ୍ତି। ବାଲେଙ୍କ ପାଇଁ ମୁଁ ବେଶ୍ ଖୁସି। ବାଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲର ଭାବେ ବିବେଚିତ ହୁଅନ୍ତି। ଏହି ଚୁକ୍ତି ତାଙ୍କ କ୍ୟାରିୟରକୁ ନୂଆ ମୋଡ ଦେବ ଓ ସେ ଆହୁରି ସଫଳ ହେବେ ବୋଲି ବାର୍ନେଟ କହିଛନ୍ତି। ଉଲ୍ଲେଖଥାଉ କି, ୬ ଫୁଟ୍ ୧ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ବାଲେ ସାଉଥାମ୍ପଟନ, ଟୋଟେନହାମ ଓ ରିୟଲ ମାଡ୍ରିଡ ପାଇଁ ଫୁଟବଲ ଖେଳିଛନ୍ତି। ସେ ୱେଲ୍ସ ତରଫରୁ ୧୭, ୧୯ ଓ ୨୧ ବର୍ଷରୁ କମ୍ ବର୍ଗରେ ଫୁଟବଲ ଖେଳି ବେଶ୍ ସଫଳ ରହିଥିଲେ। ୱେଲ୍ସ ସିନିୟର ଦଳ ପାଇଁ ବାଲେ ୭୭ଟି ମ୍ୟାଚ୍ ଖେଳି ୩୧ଟି ଆନ୍ତର୍ଜାତିକ ଗୋଲ ସ୍କୋର କରିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଜୁଲାଇ ୨୮/୨୦୧୯ Sambalpur, Sunday, July 28 / 2019







# ଶିଶୁକନ୍ୟାଙ୍କୁ ବଳାତ୍କାର

## ସମ୍ପର୍କୀୟ ଭାଇ ଗିରଫ

**ସରଣ୍ଡା,୨୭।୭(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଅଞ୍ଚଳରେ ଜଣେ ଶିଶୁକନ୍ୟା (୪ବର୍ଷ)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ଅତାବିରା ଥାନା ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ବଡ଼ଭାଇ ସୁଧାଂଶୁ ପ୍ରଧାନଙ୍କୁ ଗିରଫ କରିଛି। ଡାକ୍ତରୀ ମାଇନା ପରେ ତାଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ କ୍ଷୀରସାଗର ନାଏକ କହିଛନ୍ତି । ଏ ନେଇ ଥାନାରେ ଦଫା ୩୭୬(ଏ), (ବି) ଓ ୫ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୫୫/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ୨୩ ତାରିଖ ସକାଳେ ଶିଶୁକନ୍ୟା ଜଣକ ଘରେ ଖେଳୁଥିବାବେଳେ ଅଭିଯୁକ୍ତ ସୁଧାଂଶୁ ତାଙ୍କୁ ଡାକି ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ଝିଅଠାରୁ ଜାଣିବା ପରେ ପରିବାର ଲୋକେ ଏ ନେଇ ପୋଲିସରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।








ସମ୍ବଲପୁର ଜିଲା ଭବାନୀପାଲିରେ ଦୁର୍ଘଟଣାଗ୍ରସ୍ତ ବସ୍।



ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତ ଯାତ୍ରୀମାନେ।

# ଯାତ୍ରୀବାହୀ ବସ୍ ଓଲଟିଲା, ୧୪ ଆହତ

ସମ୍ବଲପୁର,୨୭।୭(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ଭବାନୀପାଲି ଗାଁ ନିକଟରେ 'ଦିଲ୍‌ଖୁସ' ନାମକ ଏକ ଘରୋଇ ବସ୍ (ନଂ. ଓଡି-୦୨-ଭି- ୪୫୮୭) ଶନିବାରେ ଭୋର୍ ୫ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ବ୍ରଜରାଜନଗର ଯାଉଥିବା ଏହି ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ବସ୍‌ରେ ଥିବା ୨୮ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ବସ ଭିତରୁ ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । କଟକର ଆଶିଷ କୁମାର ଟାଇଟଲ (୨୬), ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ସୁଜାତା ରାଓ (୨୭), ସପନ ଭରଦ୍ୱାଜ (୨୩), ପ୍ରଶାନ୍ତ କୁମାର ଦାସ (୪୯), ବେଲପାହାଡର ଶର୍ମିଷ୍ଠା ମହାନ୍ତି (୫୨), ଝାରସୁଗୁଡ଼ାର ସୁଚିତ୍ରା ନାଏକ ପ୍ରମୁଖ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ୨ ଜଣଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଛନ୍ତି। ଅନ୍ୟ ୮ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଯୁଯୁମୁରା ଥାନା ଅଧିକାରୀ ରୀନା ବେହେରା କହିଛନ୍ତି, ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କେତେଜଣ ଯାତ୍ରୀ ଅଭିଯୋଗ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରାଯାଇ ଏକ ମାମଲା (ନଂ.୯୮/୧୯)ରୁଜୁ କରାଯାଇଛି।

# ଖାଉଟି ଅଦାଲତରେ ବ୍ୟାଙ୍କ ଦଣ୍ଡିତ

ସମ୍ବଲପୁର୨୭।୭(ବ୍ୟୁରୋ)

ସମ୍ବଲପୁର ଖାଉଟି ଅଦାଲତ ଭାରତୀୟ ଷ୍ଟେଟ ବ୍ୟାଙ୍କ ବିରୋଧରେ ହୋଇଥିବା ଏକ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ସମ୍ବଲପୁର ଏନ. ଗୁହାଲେନର ଗ୍ରାହକ ମୋହନ ରାମା ରାଓଙ୍କ ଅଜାଣତରେ ତାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଉଠା ଯାଇ ଥିବା କୋର୍ଟରେ ପ୍ରମାଣିତ ହୋଇଛି। ୯ ପ୍ରତିଶତ ସୁଧ ସହ ୯୦ ହଜାର ଟଙ୍କା ମାସେ ଭିତରେ ଗ୍ରାହକଙ୍କୁ ଫେରାଇବା ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ବ୍ୟାଙ୍କକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୋହନଙ୍କ ଜମା ଖାତାରୁ ୨୦୧୬ ଅଗଷ୍ଟ ୮ ତାରିଖରେ ୯୦ ହଜାର ଟଙ୍କା ଉଠାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ସେ ବ୍ୟାଙ୍କର ବୁଢାରଜା ଶାଖାରେ ଅଭିଯୋଗ କରିଥିଲେ । ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ନ ଥିଲେ । ପରେ ଏହାକୁ ନେଇ ମୋହନ ଖାଉଟି ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ। ମୋହନଙ୍କ ପକ୍ଷରୁ ଓକିଲ ରମେଶ ଚନ୍ଦ୍ର ଦାସ ମାମଲା ଲଢୁଥିଲେ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### କଚେରି ପରିସରରେ ବୃକ୍ଷରୋପଣ

ପଦ୍ମପୁର, ୨୭।୭ (ଡି.ଏନ.ଏ)
ପଦ୍ମପୁର କୋର୍ଟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଲିଗାଲ ସର୍ଭିସ ସମିତିରେ କାର୍ଯ୍ୟରତ ପାରାଲିଗାଲ ଭଲ୍ୟୁଣ୍ଟିୟର ରମେଶ ଜାଲ, ହରେକୃଷ୍ଣ କୁମ୍ଭାର, ପ୍ରସନ୍ନ ମହାନନ୍ଦ, କୈଳାଶ କୁମ୍ଭାର, ଜଗନ୍ନାଥ ଲୁହାର, ଗୋପ ତାନ୍ତି, ସାକାରାମ କୁମ୍ଭାର ଓ ଅନ୍ୟମାନେ ଜାମୁ, କରଞ୍ଜ, ରାଧାଚୁଡା, ଦେବଦାରୁ, ଅଁଳା ଆଦି ବୃକ୍ଷଚାରା ରୋପଣ କରିଥିଲେ ।

### ନୂତନ ଆର୍ଆଇ ଅଫିସ୍ ଗୃହ ଉଦଘାଟିତ

ଝାରବନ୍ଧ, ୨୭।୭ (ଡି.ଏନ.ଏ)
ଝାରବନ୍ଧ ସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ ନୂତନ ଅଫିସ୍ ଉଦଘାଟିତ ହୋଇଛି । ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୋଇ କର୍ତ୍ତା ଭାବେ ଗୃହ ପ୍ରତିଷ୍ଠା ପୂଜା କରିଥିଲେ । ପରେ ଅତିରିକ୍ତ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡା ଫିତା କାଟି ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ସରପଞ୍ଚ ଧନମତୀ ପାଣ୍ଡେ, ତହସିଲ ଅଫିସର ମୁଖ୍ୟ କିରାଣୀ କ୍ଷେତ୍ରୀ ଲୁହାର, ସୁପରଭାଇଜର ନବୀନ ରାଉତ, ଅମିନ ହେମାନନ୍ଦ ବାରିକ, ଲିଙ୍କନ ସରାଫ, ରମେଶ ସିଦାର, ଗଦାଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### କୃଷିବୀମା ସମୟ ସୀମା ବୃଦ୍ଧି ପାଇଁ ଦାବି

ପଦ୍ମପୁର, ୨୭।୭ (ଡି.ଏନ.ଏ)
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଥିବା ସମୟ ସୀମାକୁ ବୃଦ୍ଧି କରିବାକୁ ରାଜବୋଡାସମ୍ବର କୃଷକ ସଙ୍ଗଠନ ଦାବି କରିଛି । ସରକାର ଜୁଲାଇ ଶେଷ ପର୍ଯ୍ୟନ୍ତ ଚାଷୀମାନେ ବୀମାଭୁକ୍ତ ହେବେ ବୋଲି ସମୟ ସୀମା ନିର୍ଦ୍ଧାରଣ କରିଥିଲେ । କିନ୍ତୁ ଏହି ସମୟ ମଧରେ ସମସ୍ତ ଚାଷୀ ବୀମା ଭୁକ୍ତ ହୋଇ ପାରିନାହାନ୍ତି । ତେଣୁ ଆଉ ୧୫ ଦିନ ବୃଦ୍ଧି କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ବର୍ଷାର ଅନିୟମିତତାକୁ ଲକ୍ଷ୍ୟ କରି ପ୍ରାୟ ସମସ୍ତ ଚାଷୀ ବୀମାଭୁକ୍ତ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ବୀମାଭୁକ୍ତ ହେବା ପାଇଁ ସମସ୍ତ କାଗଜପତ୍ର କରିବା ସମୟ ସାପେକ୍ଷ ହୋଇଛି ବୋଲି ଚାଷୀ ସଙ୍ଗଠନର ଅଶୋକ ସାହୁ, ପ୍ରଶାନ୍ତ ପ୍ରଧାନ, କୈଳାଶ ବାରିକ, ରୋହିତ ପ୍ରଧାନ ପ୍ରମୁଖ କହିଛନ୍ତି ।

### ଶଗଡା ସିଦ୍ଧେଶ୍ୱର ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ମନମୁଣ୍ଡା, ୨୭।୭ (ଡି.ଏନ.ଏ)
ବୌଦ୍ଧ ଜିଲା ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ୧୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି । ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପଲସାଗୋରା ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଶଗଡା ବିଦ୍ୟାଳୟ କମିଟି ସମ୍ପାଦକ ସୁରଥ କୁମାର ମିଶ୍ର, ଉପସଭାପତି ସନ୍ତୋଷ କୁମାର ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପକ ବିଭିଷଣ ବସ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗତ ୨୦୧୮-୧୯ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଆର୍ଟ୍ସ ବାର୍ଷିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଅଧାପକ ସୁଶୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

■ ଚାଷୀମୃତ୍ୟୁ ଘଟଣା

# ସହାୟତା ଦାବିରେ ସ୍ମାରକପତ୍ର ପ୍ରଦାନ






ଭାଜପା ପ୍ରତିନିଧି ମଣ୍ଡଳୀ ମୃତଚାଷୀଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି (ବାମ) । ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ଜିଲା ବୀରମାଲ ନିକଟ ପୋଢ଼ମୁଣ୍ଡା ଗ୍ରାମର ମୃତଚାଷୀ ବୈଷ୍ଣବ ଭୁଏଁଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଶୁକ୍ରବାର କଂଗ୍ରେସ ଏସ୍‌ସି ସେଲ ପକ୍ଷରୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲା ଏସସି ସେଲର ଚେୟାରମ୍ୟାନ ସୁରେଶ ମହାନନ୍ଦଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀ ମୃତଚାଷୀଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଗୃହ ଯୋଗାଇବା, କୃଷିଋଣ ଛାଡ଼ କରିବା, ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ହରଦୀପ୍ ସିଂ, ଅନନ୍ତ ଶୟନ ପାଢ଼ୀ, ରବିନ ଦାଶ, ବିରେନ୍ଦ୍ର ହାତୀ, ଆନନ୍ଦ ପ୍ରଧାନ, ବିମଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଏହାପୂର୍ବରୁ ମୃତ ଚାଷୀଙ୍କ ପରିବାର ଲୋକଙ୍କୁ କଂଗ୍ରେସର ଏକ ପ୍ରତିନିଧି ଦଳ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ସରୋଜ କୁମାର ଷଡ଼ଙ୍ଗୀ, ସଞ୍ଜୀବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷେ ମୃତ ଚାଷୀ ବୈଷ୍ଣବ ଭୁଏଁଙ୍କ ପରିବାର ଲୋକଙ୍କୁ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଭେଟି ସମବେଦନା ଜଣାଇଥିଲେ । ଏହି ପ୍ରତିନିଧି ଦଳରେ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ପ୍ରୀତମ ସିଂ, ସୁବ୍ରତ ହୋତା, ଅକ୍ରୁର ମଲ୍ଲିକ ପ୍ରମୁଖ ସାମିଲ ଥିଲେ । ମୃତଚାଷୀଙ୍କ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି । ରାଜ୍ୟ ସରକାର ଏହି ଦାବି ପୂରଣ ନ କଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

### ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ସ୍ୱାସ୍ଥ୍ୟ ସଚେତନତା ଶିବିର

ବୌଦ୍ଧ, ୨୭।୭ (ସ୍ୱ.ପ୍ର)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ରୋଗ ନିରାକରଣ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜନ କିଶୋର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏଡିଏମଓ ମେଡିକାଲ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଡ. ମଳୟ କୁମାର ସାହୁ, ଡ. ସୌମ୍ୟକାନ୍ତ ସତ୍ୟସୁନ୍ଦର ପ୍ରମୁଖ ଏହି ଶିବିରରେ ଯୋଗଦେଇ ଯକ୍ଷ୍ମା, କୁଷ୍ଠ, ଏଚଆଇଭି ଓ ମ୍ୟାଲେରିଆ ରୋଗର ପରୀକ୍ଷା କରାଇଥିଲେ। କାରାଗାରରେ ଥିବା ୨୭୮ ଜଣ ଅନ୍ତେବାସୀଙ୍କୁ ବିଭିନ୍ନ ରୋଗ ବିଷୟରେ ସଚେତନ କରାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୮ ଜଣଙ୍କ ଯକ୍ଷ୍ମା, କୁଷ୍ଠ ଓ ମ୍ୟାଲେରିଆ ରୋଗର ପରୀକ୍ଷା କରାଯାଇଥିଲା । ଜିଲା କାର୍ଯ୍ୟକ୍ରମ ସଂଯୋଜକ ଆଇଏନଟିସିପି ଜ୍ଞାନ ରଞ୍ଜନ ମହାନ୍ତି, ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଆଲୋକ କୁମାର ମିଶ୍ର, ଜିଲା ଇଏମଟିଟି ସଂଯୋଜକ ଦୀପକ କୁମାର ସାହୁ, ମନୋଜ କୁମାର ପ୍ରଧାନ ଓ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

■ କଲ୍ୟାଣ ମଣ୍ଡପ ଅଧାପନ୍ତରିଆ

## ଅସାମାଜିକଙ୍କ ଆଡ୍ଡା ପାଲଟିଲାଣି କୋଠା

ପୁରୁଣାକଟକ, ୨୭।୭ (ଡି.ଏନ.ଏ)

ବୌଦ୍ଧ ଜିଲା ରଭଙ୍ଗା ବ୍ଲକ ପୁରୁଣାକଟକରେ କଲ୍ୟାଣ ପଣ୍ଡପ କାମ ଅଧାପନ୍ତରିଆ ଭାବେ ପଡି ରହିଛି। ଫଳରେ ଏହା ଏବେ ଅସାମାଜିକ ଲୋକମାନଙ୍କ ଆଡ୍ଡାସ୍ଥଳ ପାଲଟିଛି ।

ସୂଚନା ଅନୁସାରେ, ଗତ ଦୁଇବର୍ଷ ତଳେ ୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଲ୍ୟାଣ ମଣ୍ଡପ କାମ ଆରମ୍ଭ ହୋଇଥିଲା । ବିବାହ ଓ ବିଭିନ୍ନ ସଭା ସମିତି କରିବା ପାଇଁ ସରକାରୀ ମୂଲ୍ୟରେ ଲୋକଙ୍କୁ ସେବା ଯୋଗାଇବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଏହି କୋଠାଟି ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି । ଠିକାଦାରଙ୍କ କହିବା ମୁତାବକ, ୩୨ ଲକ୍ଷ ଟଙ୍କାରୁ ସେ ୨୫ ଲକ୍ଷ ଟଙ୍କା ପାଇଛନ୍ତି ଏବଂ ଏଥିରେ କୋଠାର ୮୦ ଭାଗ କାମ ସରିଯାଇଛି । କବାଟ, ଝରକା ଗ୍ରୀଲ, ତଳ ଟାଇଲ ଓ ରଙ୍ଗ କାମ ବାକି ରହିଛି । ଆଉ ୭ ଲକ୍ଷ ମିଳିଲେ ତାହା ସମ୍ପୂର୍ଣ୍ଣ ହେବ। କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ପୁରୁଣାକଟକ ବ୍ୟବସାୟୀ ସଂଘ ତରଫରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ମଣ୍ଡପ କାମ ଶୀଘ୍ର ନ ସରିଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସଭାପତି ସମରେନ୍ଦ୍ର ବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଉପ ଜିଲାପାଳ ଏନ. ସି ଜ୍ୟୋତିରଞ୍ଜନ ନାଏକଙ୍କୁ ପଚରାଯିବାରୁ ହରଭଙ୍ଗା ବିଡିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଜ୍ଞାନବିଜ୍ଞାନ ମେଳା

ମନମୁଣ୍ଡା, ୨୭।୭ (ଡି.ଏନ.ଏ)

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଲି ଅତିଥି ପରିଚୟ, ବ୍ରଜମୋହନ କର୍ମୀ କାର୍ଯ୍ୟକ୍ରମ ସଂଯୋଜନା ଓ ଶକୁନ୍ତଳା ପଧାନ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ମୋଟ ୩୫ଟି ବିଜ୍ଞାନ ଏଥିରେ ସ୍ଥାନ ପାଇଥିଲା। ବିଜ୍ଞାନ ପ୍ରଶ୍ନମଞ୍ଚକୁ ସିନ୍ଧୁସୂତା ମହାନ୍ତି, ଅନୁସୂୟା ନାଏକ, ଗଣିତ ପ୍ରଶ୍ନମଞ୍ଚକୁ ପ୍ରମୋଦ କୁମାର ମେହେର, ବ୍ରଜମୋହନ କର୍ମୀ ଓ ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚକୁ ମମତା ମେହେର, ବାସୁଦେବ ପାଢ଼ୀ ପରିଚାଳନା କରିଥିଲେ । ଆଚାର୍ଯ୍ୟା ଅଞ୍ଜଳି ପାତ୍ର, ରାଜଲକ୍ଷ୍ମୀ ମିଶ୍ର, ଝରଣା ମିଶ୍ର ସହଯୋଗ କରିଥିଲେ। ପ୍ରମୋଦ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

■ ସାମାଜିକ ବାସନ୍ଦ, ଗାଁରୁ ଚାଲିଯିବାକୁ ଧମକ

## ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ, ୨୭।୭ (ସ୍ୱ.ପ୍ର)

ଅସୁସ୍ଥତା ଯୋଗୁ ଗ୍ରାମ କମିଟି ବୈଠକରେ ଯୋଗ ଦେଇ ନ ପାରିବାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୁକେଶିଙ୍ଗା ଗ୍ରାମର ପରମେଶ୍ୱର ଗୁରୁଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି । ଏପରିକି ସେମାନଙ୍କୁ ଗାଁ ଛାଡି ଚାଲିଯିବାକୁ ଧମକ ଦିଆଯାଇଥିବା ଅଭିଯୋଗ କରି ଉକ୍ତ ପରିବାର ଲୋକେ ନ୍ୟାୟ ପାଇଁ ଶନିବାର ବୌଦ୍ଧ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ସୂଚନା ଅନୁସାରେ, ଗତ ତା୨୭।୩।୧୯ରିଖରେ ଗ୍ରାମ କମିଟି ବୈଠକରେ ପରମେଶ୍ୱରଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଥିଲା । ମାତ୍ର ଦେହ ଖରାପ ଥିବାରୁ ସେ ଉକ୍ତ ବୈଠକରେ ଯୋଗ ଦେଇପାରି ନ ଥିଲେ । ସେହି ଦିନଠାରୁ ତାଙ୍କ ପରିବାରକୁ ଗ୍ରାମବାସୀ ବାସନ୍ଦ କରିଥିଲେ ଏବଂ ଦୀର୍ଘ ୧୦ ବର୍ଷ ଧରି ରହିଆସୁଥିବା ଏକ ଅନାବାଦୀ ଜାଗା ଛାଡି ଯିବାକୁ କହିଥିଲେ । ଗତ ଗୁରୁବାର ଗ୍ରାମବାସୀ ଆସି ୩ ଦିନ ମଧ୍ୟରେ ଉକ୍ତ ଜାଗା ଛାଡି ନ ଗଲେ ହଇରାଣ କରିବାକୁ ଚେତାବନୀ ଦେଇଥିଲେ । ଏଣୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ପରମେଶ୍ୱର ନିଜର ୪ ପ୍ରାଣୀ କୁଟୁମ୍ବ ସହ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ନ୍ୟାୟ ଲିଖିତ ଭାବେ ଜଣାଇଛନ୍ତି ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପରମେଶ୍ୱର ଓ ତାଙ୍କ ପରିବାର ଲୋକେ ।

## ବୃକ୍ଷରୋପଣ କରି କାରଗିଲ୍ ବିଜୟ ଦିବସ ପାଳିତ

ବୌଦ୍ଧ, ୨୭।୭ (ସ୍ୱ.ପ୍ର)

ବୌଦ୍ଧ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାର ବିଭିନ୍ନ ମହାବିଦ୍ୟାଳୟ ପରିସରରେ କାରଗିଲ୍ ବିଜୟ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟତା ପ୍ରମୁଖ ଇରାଶିଷ ଆଚାର୍ଯ୍ୟ, ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ କର୍ମୀ, ଉପ ସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ବାଉଁଶୁଣୀ ମାହେଶ୍ୱରୀ ମହାବିଦ୍ୟାଳୟରେ ଯୁବମୋର୍ଚ୍ଚା ସଦସ୍ୟ ଯିଶୁ ପ୍ରଧାନଙ୍କ ନେତୃତ୍ୱରେ ବୃକ୍ଷରୋପଣ ହୋଇଥିଲା ।



କଲେଜ ଛାତ୍ରୀଛାତ୍ର ବୃକ୍ଷରୋପଣ କରୁଛନ୍ତି ।

■ ଗାଁବାସୀଙ୍କୁ ଘାରୁଛେ କିଡ଼୍‌ନୀ ରୋଗ୍ ଭଏ

## ୫ ବଛରରେ ନେଲାନ ୯ ଜୀବନ୍, ୨୩ ଆକ୍ରାଁତ

ମନମୁଣ୍ଡା, ୨୭।୭ (ଡି.ଏନ୍.ଏ):

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଗୁଡ଼ଭେଲିପଦର ଗାଁର କିଡ଼୍‌ନୀ ରୁଗୀ ହରିବୋଲ ମହଲା(୫୫)କଁର ଗୁରୁବାର ମୁରତ୍ତୁ ହେଇଯାଇଛେ। ସେ ଗଲା ୩ ବଛର ହେଲା ଇ ରୋଗ୍‌ରେ ପୀଡ଼ିତ ଥିଲେ। ଏହେଦେ ପରିବାରରେ ବିଧବା ମାଏକିନା ସମେତ ୨ ପୁଓ ୨ ଝିଁ ରହିଛନ୍।

ସୂଚନା ଅନ୍‌ସାରେ ଗୁଡ଼ଭେଲିପଦର ଗାଁରେ ଗଲା ୫ ବଛର ଭିତରେ କିଡ଼୍‌ନୀ ରୋଗ୍‌ରେ ୯ ଝନ୍‌କର ମୁରତ୍ତୁ ହେଇଛେ। ସେନ୍‌ତା ଇ ରୋଗ୍‌ରେ ଗାଁର ୨୩ ଝନ୍ ଆକ୍ରାଁତ ଥିବାର ଖବର ପାଇ ବୌଦ୍ଧ ସିଡିଏମ୍‌ଓ ଘଟନାର ତଦଁତ୍ ଲାଗି ଗାଁକେ ଆସିଥିଲେ। ତାକର କହେବାର ହିସାବେ ହରିବୋଲ ବୌଦ୍ଧ ଡାକ୍‌ତରଖାନାରୁ ୨ଥର ଉଷୋ ଆନି ଖାଇଥିଲେ। ହେଲେ ତୁରତୀଅ ଥର ସେ ଯେତେବେଳେ ଉଷୋ ଆନିଗଲେ ତାହାକୁ ଆର ନାଇଁ ଅଏବାକେ କୁହାଯାଇଥିଲା ବଲି ପରିବାର ଲୋକ୍ କହିଛନ୍। ପାଖାପାଖି ମାସେ ହେଲା ସେ ଘରେ ଗୁରୁତର ଅବସ୍‌ତାରେ ପଡ଼ି ରହିଥିଲେ। ସେନ୍‌ତା ଗଲା ବଛର ତାକର ଭାଇ ନରେନ୍ଦ୍ର ମହଲାକଁର କିଡ଼୍‌ନୀ ରୋଗ୍‌ରେ ମୁରତ୍ତୁ ହେଇଥିଲାବେଳେ ଆର ଗୁଟେ ଭାଇ ମାଧିଆ ମହଲା କିଡ଼୍‌ନୀ ରୋଗ୍‌ରେ ଯୁଝୁଥିବାର ଜନାଯାଇଛେ। ଏହେଦେ ଗୁଡ଼ଭେଲିପଦର ଗାଁର ଶ୍ରଦ୍ଧାକର ବାରିକ, ମୁରଲୀ ବାରିକକଁର ସମେତ ପାଖାପାଖି ୨୩ ଝନ୍ କିଡ଼୍‌ନୀ ରୋଗ୍‌ରେ ଆକ୍ରାଁତ ହେଇଥିବାର ଜନାଯାଇଛେ। ଦିନୁଦିନ୍‌କେ ଇ ରୋଗ୍ ଗାଁରେ ବହପିବାରେ ଲାଗିଛେ, ହେଲେ କାଏଁଥିର ଲାଗି ଇ ରୋଗ୍ ବହପୁଛେ ଗାଁବାସୀ ଜାନି ନାଇଁପାରବାର। ଇ ଦିଗେ ପରଶାସନ ତରଫୁ ବି ହେନ୍‌ତା କିଛି ପରତିକାର ବେବସ୍‌ତା ନାଇଁ କରାଯାଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଘଟନାକେ ନେଇ ଗାଁବାସୀକର ଭିତରେ ଗୁଟେ ଭଏର ବାତାବରନ୍ ଦେଖିବାକେ ମିଲିଛେ। ରୋଗ୍‌ର ଦମନ ଲାଗି ପରଶାସନ ଯେତେ ଜଲଦି ହେବା ପଦକ୍ଷେପ ନେଉ ବଲି ଗାଁର ମୋହନ ପାତ୍ର, ପବିତ୍ର ମୋହନ ଗଙ୍ଗାସାଗର, ରାମଚନ୍ଦ୍ର ପାଣିଗ୍ରାହୀ ପରମୁଖ ଦାବି କରିଛନ୍। ଘଟନା ବାବ୍‌ଦେ ସିଡିଏମ୍‌ଓ ବିଜନ ମହାନ୍ତିକୁଁ ପଚରାଲାରୁ ୨ ମାସ ତଲେ ଗାଁରେ ସ୍ୱାସ୍ଥ୍ୟ ବିଭାଗ ତରଫୁ ରୋଗ୍ ଚିନ୍‌ହଁଟ କରାଯାଇ ରୁଗୀମାନକୁ ଉଷୋ ଆର ଚିକିତ୍ସା ସେବା ଯୁଗେଇ ଦିଆଯାଉଛେ। ଯେନ୍‌ମାନକର ଟ୍ରିମିନାଲ ଷ୍ଟେଜ ହେଇଥିବା ହୁଏତ ସେମାନକର ମୁରତ୍ତୁ ହେଇପାରେ, ଇଥିରେ କିଛି କହି ନାଇଁହୁଏ। ହେଲେ ଘଟନା ଉପରେ ନଜର ରଖାଯାଇଛେ ଆର କାଣା ଭଲ କରାଯାଇ ପାରବା ସେ ଦିଗେ ଚେଷ୍ଟା ଚାଲିଛେ ବଲି ସେ କହିଥିଲେ।

## ମଠରୁ ମୋବାଇଲ ଚୋରି

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ସଦର ଥାନା ଅନ୍ତର୍ଗତ ବୀରମାଲର ଏକ ମଠରୁ ଶୁକ୍ରବାର ରାତ୍ରିରେ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଶୁକ୍ରବାର ଭଜନ, କୀର୍ତ୍ତନ ପରେ ମଠରେ ଶ୍ରଦ୍ଧାଳୁମାନେ ଶୋଇଥିଲେ । ସେମାନେ ଶୋଇଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ସେଠାକୁ ପହଞ୍ଚି ଜଣେ ଶ୍ରଦ୍ଧାଳୁଙ୍କ ମୋବାଇଲ ନେଇ ଖସି ପଳାଇଥିଲେ । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଛି । ସନ୍ଦେହରେ ଜଣଙ୍କୁ ଅଟକ ରଖି ପୋଲିସ ଅଧିକ ପଚରାଉଚୁରା ଜାରି ରଖିଛି ।

## ପୋଲିସର ଅବକାରୀ ଚଢ଼ାଉ

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ଟାଉନ ଥାନା ପୋଲିସ ଶନିବାର ସ୍ଥାନୀୟ ହାଟପଦାରେ ଚାଲିଥିବା ଏକ ଚୋରାମଦ କାରବାର ଆଡ୍ଡା ଉପରେ ଚଢ଼ାଉ କରିଥିଲା । ଚଢ଼ାଉରେ ୪୩ଟି ବିଦେଶୀ ମଦ ଜବତ ହୋଇଛି । ତେବେ ଅଭିଯୁକ୍ତ ଖସିଯାଇ ଥିବାବେଳେ ତାଙ୍କୁ ମଧ୍ୟ ଗିରଫ କରିବା ପାଇଁ ତନାଘନା ଚାଲିଥବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

ସମସିଆ ଘେରରେ ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ବିପଦ୍ ଅବସ୍‌ତାରେ ୩ ପଢ଼ାକୁଠି, ବାରନ୍‌ଡ଼ାରେ ଛାତ୍ରୀଛାତ୍ର

ମନମୁଣ୍ଡା, ୨୭।୭ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହେଦେ ୧୩୮ ବଛର୍‌ରେ ପୁହୁଁଚିଛେ। ଦିନ୍ ଥିଲା ଇ ସ୍କୁଲର ବହୁତ ନାଁ ଥିଲା। ଦୂରିଆ ଗାଁଗଁଡ଼ାରୁ ଛାତ୍ରୀଛାତ୍ର ଇ ସ୍କୁଲକେ ପାଠ୍ ପଢ଼ବାର ଲାଗି ଆସୁଥିଲେ। ହେଲେ ଏହେଦେ ସ୍କୁଲଟା ନାନା ସମସିଆ ଘେରରେ ରହିଛେ।

ସୂଚନା ହିସାବେ ସ୍କୁଲଟା ରାଜାଡ଼ି ଅମଲରେ ୧୮୮୧ ସାଲେ ଥାପନା ହେଇଥିଲା। ଅଂଚଲର ଅନେକ ଛାତ୍ରୀଛାତ୍ର ଇ ସ୍କୁଲରେ ପାଠ୍‌ପଢ଼ି ଭଲ ମୁନୁଷ୍ ହେଇପାରିଛନ୍। ଏହେଦେ ସ୍କୁଲରେ ୮ଟା ଶ୍ରେଣୀରେ ୧୪୪ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଛାତ୍ରୀଛାତ୍ରକର ଲାଗି ୬ଟା ପଢ଼ାକୁଠି ରହିଥିଲାବେଳେ ସେଥିରୁ ୩ଟା ପୂରା ଦଦ୍‌ରା ହେଇ ପଡ଼ିଛେ, ବାକି ୩ଟା କୁଠିରେ ପାଠ୍‌ପଢ଼ା ହେଉଛେ। ଯେନ୍ ୩ଟା କୁଠିଥି ପିଲା ପାଠ୍ ପଢୁଛନ୍ ସେ କୁଠିମାନକର ଛାତୁ ବି ସିମେଟ ଛାଡ଼ି ଲୁହା ଛଡ୍ ଦିଶୁଛେ। ଅଲପ ବରଷାରେ ଦରୋ ଦରୋ ପାଏନ୍ ଗଲୁଥିବାର ଶିକ୍ଷକ ବିଶ୍ୱାମିତ୍ର ଭୋଇ କହିଛନ୍। ଜାଗାଠାନ୍ ଅଭାବୁ ୮ମ ଶ୍ରେଣୀର ଛାତ୍ରୀଛାତ୍ର ପାସେ ଥିବାର ଆଞ୍ଚଳିକ ସାଧନକେନ୍ଦ୍ର କୁଠିଥି ବସି ପାଠ୍ ପଢୁଥିଲାବେଳେ ବାକି ଛାତ୍ରୀଛାତ୍ର ବାରନ୍‌ଡ଼ାରେ ବସି ପାଠ୍ ପଢୁଛନ୍। ସ୍କୁଲର ଇ ଅବସ୍‌ତା ଦେଖି ଅନେକ ଅଭିଭାବକ ନିଜର ଛୁଆପିଲାକର ନାଁ ଉନିଆଁ ସ୍କୁଲମାନକେ ଲେଖଉଛନ୍। ସୂଚନା ହିସାବେ ସ୍କୁଲଟା ୨ ଏକର ୫୨ ଡେସିମିଲ ଜାଗାରେ ରହିଛେ। ହେଲେ ଦୁଖର କଥା ସ୍କୁଲର ଏତେ ବଡ଼ ଜାଗା ଥିଲେ ବି ପିଲାକର ଖେଲବାର ଲାଗି ଇଁଚେ ମେଲା ଜାଗା ନାଁଇଁନ। ସବୁଆଡ଼େ ଭଂଗା ଦଦ୍‌ରା ପୁରନା ପଢ଼ାକୁଠିମାନ ଲଟାବୁଟା ହେଇ ପଡ଼ି ରହିଛେ। ସ୍କୁଲର ଚାର୍‌ହିକୁତି ଶତାଧିକ୍ ପୁରନା ଶାଗୁଆନ ଗଛ ଥିଲା, ହେଲେ ଏହେଦେ ସେଥିରୁ ୭୫ ଭାଗ୍ ଗଛ୍ ନାଁଇଁନ। ସ୍କୁଲରେ ଝନେ ପିଅନ ରହୁଥିଲେ ବି ବାହାରିଆ ଲୋକ୍ ପରିସର ଭିତରେ ଗାଡ଼ିମଟର ରଖୁଛନ୍। ସେନ୍‌ତା ରାତିରେ ବାହାରିଆ ଲୋକ ସ୍କୁଲ ପରିସରରେ ମଦ୍‌ପାଏନ୍ ପିଇବାର ସଂଗେ ଝାଡ଼ାଝପଟ ଯାଇ ପରିବେଶକେ ଅସକଟିଆ କରୁଛନ୍। ସ୍କୁଲର ଦକ୍ଷିଣ, ପଶ୍ଚିମ ଆର ପୂର୍ବ ଦିଗେ କେତେ ଜାଗାରେ ବାଡ଼ା ନାଁଇଁନ, ଯେନ୍‌ଥିରଲାଗି ଗାଈଗୋରୁ, ଘୁଷ୍‌ରି ସ୍କୁଲ ପରିସରରେ ହରମେଶା ବୁଲୁଛନ୍। ଅଂଚଲର ଇ ପୁରାତନ ଶିକ୍ଷାନୁଷ୍ଠାନର ଉନ୍‌ନତି ଲାଗି ଶିକ୍ଷକ ପଦବୀ ପୂରନ, ଚାର୍‌ହିକୁତି ବାଡ଼ା, ଭଂଗା ଦଦ୍‌ରା କୁଠିମାନକର ଜାଗାରେ ନୂତନକୁଠି ତିଆର, ସ୍କୁଲ ପରିସର ସଫାସୁତର କରି ଛାତ୍ରୀଛାତ୍ରକଁର ଲାଗି ଖେଲପଡ଼ିଆ ତିଆର କରବାକେ ପୁରାତନ ଛାତ୍ର ଗରିବ ଲୋଇ, କୁଶଧ୍ୱଜ ସାହୁ, ପଦ୍ମମୁଖ ସାହୁ, ବଜରଙ୍ଗ ଅଗ୍ରୱାଲ, ସରପଁଚ୍ ମିନାକ୍ଷୀ ସାହୁ ପରମୁଖ ଦାବି କରିଛନ୍। ଇ ବାବ୍‌ଦେ କଣ୍ଟାମାଳ ବିଡିଓ ଦଶରଥ ମେହେରକୁଁ ପଚରାଲରୁ ସ୍କୁଲ ସମସିଆ ବାବ୍‌ଦେ ସରକାରକୁଁ ଜନେଇଁ ଦେଇଛେଁ ଆର ପଞ୍ଚାୟତିରାଜ ବିଭାଗ ସ୍କୁଲରେ ପଢ଼ାକୁଠି ତିଆର କରବାର ଯୋଜନା କରୁଛେ ବଲି ସେ କହିଥିଲେ।



ଏ ଜଗତରେ ଆଖିଥିବା ବହୁ ଲୋକ ଅନ୍ଧ, କାରଣ ସେମାନଙ୍କ ଅନ୍ତର୍ଦୃଷ୍ଟି ନାହିଁ । - ସେନେକା



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ

ବରପାଲି, ୨୭।୭ (ଡି.ଏନ.ଏ)

ବରପାଲି ଥାନାର ଜୁଲଟ ସ୍ଥିତ ଲକ୍ଷ୍ମୀନଗର ଛକରେ ରୀତିମତ ଜୁଆଖେଳ ଚାଲିଥିବା ପୋଲିସ ପାଖରେ ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ସ୍ଥାନୀୟ ଥାନା ଅଧିକାରୀ ରୋଜାଲିନ ପଟେଲ ସଦଳବଳ ଶୁକ୍ରବାର ଚାଲିଥିବା ଜୁଆଖେଳ ଉପରେ ଚଢ଼ାଉ କରି ତାସ ଓ ପ୍ରାୟ ୭ ହଜାର ଟଙ୍କା ଜବତ କରିଥିଲେ । ଏହାସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା (ନଂ.୧୬୭/୧୯) ରୁଜୁ ହୋଇଛି ।

### ପଞ୍ଚାୟତ କଲେଜରେ କାବ୍ୟମଞ୍ଚ

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ପଞ୍ଚାୟତ କଲେଜରେ ଶନିବାର ରାଷ୍ଟ୍ରୀୟ ମହିଳା କାବ୍ୟମଞ୍ଚ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା କମଳପ୍ରଭା କପାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା କପାନୀଙ୍କ ସମେତ ସୁନୀତା ବେହେରା, ରାଜଶ୍ରୀ ଭଞ୍ଜ, ଏସ. ସିକନ୍ଦର, ବେନାଜିର ଖାତୁନ, ଦିଲରାଜ ପୁଆଲା, ବନୁଜା ମେହେର, ଶେଷନ ବିଶି, ସଜନ କୁମାର ପାଳ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷନ ବିଶି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଜାଲିନ ଦାସ, ସୈରେନ୍ଦ୍ରୀ ମହାରଣା, ସୁଜାତା ବେହେରା, ରୋଶିନୀ ତିର୍କୀ, ଅନିନ୍ଦିତା ନନ୍ଦ, ମାନସ ରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ସୁରେଶ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜନ୍ମାଷ୍ଟମୀ ପାଳନ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍, ୨୭।୭

ଜନ୍ମାଷ୍ଟମୀ ମହୋତ୍ସବ ପାଳନ ପାଇଁ ବରଗଡ଼ ତଳିପଡ଼ାରେ ଯାଦବ ସମାଜର ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବ୍ଲକ ସଭାପତି ଜଗଦିଶ ବଗାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଯାଦବ ସମାଜର ସଭାପତି ଲମ୍ବୋଦର ମଲ୍ଲିକ, ରାଜ୍ୟ ସମ୍ପାଦକ ପ୍ରଦୀପକୁ ଷାଣ୍ଡ, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ଭୋଇ, ପୌରାଞ୍ଚଳ ସମ୍ପାଦକ ସନକ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନ୍ମାଷ୍ଟମୀ ମହୋତ୍ସବ ସମାରୋହରେ ପାଳନ କରିବା ପାଇଁ ଆଲୋଚନା କରିଥିଲେ । ଏଥର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଶୁଭେନ୍ଦୁ ବଗାର, ଗୌରହରି ଥପା, ଜୀବର୍ଦ୍ଧନ ବାଙ୍କ, ପୁରୁଷୋତ୍ତମ ବାଗ, ଆନନ୍ଦ ବାଗ, ଶ୍ରୀକାନ୍ତ ବଗାର, ରାଧେଶ୍ୟାମ ପୋଢ଼, ଆଶିଷ ନିଆଲଙ୍କ ସମେତ ଶତାଧିକ ଯାଦବ ଉପସ୍ଥିତ ଥିଲେ ।

# ଚାଷ ପାଇଁ ନିଅଣ୍ଟିଆ ବର୍ଷା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍, ୨୭।୭

ବର୍ଷାଭାବ ଯୋଗୁ ବରଗଡ଼ ଜିଲାରେ ଖରିଫ ଚାଷ ବିଳମ୍ବିତ ହୋଇଛି । ଜିଲାର ଅଣଜଳସେଚିତ ଅଞ୍ଚଳର ଯେଉଁ କେତେକ ସ୍ଥାନରେ ଧାନ ବୁଣାବୁଣି ହୋଇଛି, ତାହା ମଧ୍ୟ ପାଣି ଅଭାବରୁ ଉଜୁଡ଼ି ଗଲାଣି । ଗତ ଦୁଇଦିନ ହେଲା କିଛି ସମୟ ଧରି ଜିଲାର କେତେକାଞ୍ଚଳରେ ବୃଷ୍ଟିପାତ ହୋଇଛି । ମାତ୍ର ତାହା ମଧ୍ୟ ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନୁହେଁ । ଖରିଫ ଫସଲ ପାଇଁ ଏବେ ମଧ୍ୟ ବର୍ଷା ନିଅଣ୍ଟ ରହିଛି । ଚଳିତମାସ ହୋଇଥିବା ବୃଷ୍ଟିପାତ ସ୍ୱାଭାବିକ ପରିମାଣକୁ ମଧ୍ୟ ଏଯାଏ ଛୁଇଁ ପାରି ନାହିଁ । ଏବେ ମଧ୍ୟ ଜିଲାରେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଟଳି ନାହିଁ ଏବଂ ଏହାକୁ ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଛି ।

ବରଗଡ଼ ଜିଲାରେ ସାଧାରଣତଃ ଜୁନ ଦ୍ୱିତୀୟ ସପ୍ତାହରୁ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ । ତେବେ ଜୁନ ମାସରୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଣଜଳସେଚିତ ଅଞ୍ଚଳରେ ଚାଷକାର୍ଯ୍ୟ ଆରମ୍ଭରୁ ବାଧାପ୍ରାପ୍ତ ହୋଇଛି। ଜୁନ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୬ ମି.ମି ରହିଥିବାବେଳେ ସେତେବେଳେ ମାତ୍ର ୧୩୫.୫୩ ମି.ମି ବର୍ଷା ହୋଇଥିଲା। ସେହିପରି ଜୁଲାଇ ମାସ ସରିବାକୁ ଆଉ ମାତ୍ର ୩ଦିନ ବାକିଥିବାବେଳେ ଏହି ମାସର ବୃଷ୍ଟିପାତ ଜିଲାର ସ୍ୱାଭାବିକ ପରିମାଣକୁ ଛୁଇଁ ପାରିବ କି ନାହିଁ, ତାକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । ଜୁଲାଇରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨୦ ରହିଛି। ମାତ୍ର ଶନିବାର ସୁଦ୍ଧା ହୋଇଥିବା ବୃଷ୍ଟିପାତ ସ୍ୱାଭାବିକ ପରିମାଣର ନିକଟତର ହୋଇଥିଲେ ହେଁ ଚାଷକାର୍ଯ୍ୟ ପାଇଁ ଯଥେଷ୍ଟ ହୋଇନାହିଁ। ଚଳିତ ମାସ ଶନିବାର ସୁଦ୍ଧା ଜିଲାରେ ହାରାହାରି ୩୨୩.୫୩ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି ।

ଯେଉଁଭଳି ବ୍ୟବଧାନ ଓ ପରିମାଣରେ ବର୍ଷା ହେଉଛି, ତାହା ମଧ୍ୟ ଚାଷ ପାଇଁ ଅନୁକୂଳ ହେଉନାହିଁ ବୋଲି ଚାଷୀମାନେ କହୁଛନ୍ତି । ଜିଲାରେ ଜୁଲାଇ ପ୍ରଥମ ସପ୍ତାହରେ ଅର୍ଥାତ୍ ୨ତାରିଖ ୫୩.୭୫, ୬ତାରିଖ ୪୪.୨୭ ଏବଂ ୭ତାରିଖ ୩୦.୦୫ ମି.ମି ହାରାହାରି ବୃଷ୍ଟିପାତ ରେକର୍ଡ଼ କରାଯାଇଥିଲା । ଏହା ପରଠାରୁ ବର୍ଷା ଦେଖିବାକୁ ମିଳି ନ ଥିଲା । କାଁ ଭାଁ କେତେବେଳେ ଅଳ୍ପ କେତେକ ସ୍ଥାନରେ ଝିପିଝିପି ବର୍ଷା ହୋଇଥିଲା । ଅନ୍ୟପଟେ ମାସର ଶେଷ ସପ୍ତାହ ଅର୍ଥାତ୍ ଗତ ୩ଦିନ ମଧ୍ୟରେ ୨୫ତାରିଖରେ ୨୦.୬୨ ଓ ୨୭ତାରିଖରେ ୪୪.୨୬ମି.ମି ହାରାହାରି ବୃଷ୍ଟିପାତ ରେକର୍ଡ଼ ହୋଇଛି । କୋତନାର ଚାଷୀ ଦିନେଶ ପ୍ରଧାନ କହିଛନ୍ତି, ଯେଉଁ ବର୍ଷା ହୋଇଛି, ତାହା ଯଥେଷ୍ଟ ନୁହେଁ । ଚାଷକାର୍ଯ୍ୟ ପାଇଁ ଆହୁରି ବର୍ଷା ଦରକାର । ଏବେ ମଧ୍ୟ ଜମି ଶୁଖିଲା ପଡ଼ିଛି ଓ ଏଭଳି ସ୍ୱଳ୍ପ ବୃଷ୍ଟିପାତ ଲାଗି ରହିଲେ ଏଥର ମଧ୍ୟ ଫସଲ ଉଜୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ଭଲ ଅସରାଏ ବର୍ଷା ହୋଇଛି । ଏହାପରେ ଚାଷକାର୍ଯ୍ୟକୁ ଚାଷୀମାନେ ଆଗେଇ ନେଉଛନ୍ତି। ଆଉ ୧୦/୧୫ଦିନ ବର୍ଷା ନ ହେଲେ ମଧ୍ୟ ଚାଷ ପ୍ରଭାବିତ ହେବ ନାହିଁ । ମାତ୍ର ବର୍ଷା ବ୍ୟବଧାନ ଅଧିକ ଦିନ ରହିଲେ ଫସଲ ପ୍ରଭାବିତ ହେବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।



ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ଜଣେ ଚାଷୀ ଜମି ହଳ କରୁଛନ୍ତି ।

## ଛାତ୍ରୀଛାତ୍ର ପାଳିଲେ କାରଗିଲ୍ ବିଜୟ ଦିବସ

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆରମ୍ଭରେ କାରଗିଲରେ ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ମନୋରମା ଷଡ଼ଙ୍ଗୀ କାରଗିଲ ବିଜୟ ଦିବସ ପାଳନର ଯଥାର୍ଥତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ଶିକ୍ଷକ ସୁଧାଂଶୁ ଶେଖର ସାହୁ, ତପସ୍ୱିନୀ ତ୍ରିପାଠୀ, ଜ୍ୟୋତ୍ସ୍ନା ସାହୁ, ଭାବନା ସାହୁ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



କାରଗିଲ୍ ବିଜୟ ଦିବସ ପାଳନରେ ମଞ୍ଚାସୀନ ଶିକ୍ଷୟିତ୍ରୀ, ଶିକ୍ଷକ ।



କାରଗିଲ୍ ବିଜୟ ଦିବସ ପାଳନରେ ଉପସ୍ଥିତ ଛାତ୍ରୀଛାତ୍ର ।

## ପ୍ରଥମ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ




କବ୍ ବୁଲ୍‌ବୁଲ୍ ଉତ୍ସବର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍, ୨୭।୭

ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ଆନୁକୂଲ୍ୟରେ ବରଗଡ଼ ଜର୍ଜ ହାଇସ୍କୁଲରେ ଶନିବାର ଜିଲାର ପ୍ରଥମ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭ ଉଦଘାଟନ କରିଥିଲେ । ସ୍କାଉଟ ମାଷ୍ଟର ମନସୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସ୍କାଉଟ୍ ଗାଇଡ୍ ମୁଖ୍ୟ କାର୍ଯ୍ୟାଳୟ ଅଧିକାରୀ ଦୀପ୍ତିମୟୀ ଲେଙ୍କା, ରାଜ୍ୟ ଟ୍ରେନିଂ କମିଶନର ସୁରଜିତ ସେନ, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ଜିଲା ସ୍କାଉଟ ସହ ସମ୍ପାଦକ ପ୍ରଶାନ୍ତ କୁମାର ଭୋଇ ଯୋଗଦେଇ ବରଗଡ଼ ଜିଲା କବ୍ ବୁଲବୁଲ୍ କ୍ଷେତ୍ରରେ ରାଜ୍ୟରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବାବେଳେ ଏଥିରେ ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲ । ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ଜିଲା ସ୍କାଉଟ୍ ଆଣ୍ଡ ଗାଇଡ୍ ସମ୍ପାଦକ ତ୍ରୈଲୋକ୍ୟ ନାଏକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ୁଥିବା ୪୦୦ କବ୍ ବୁଲ୍‌ବୁଲ୍ ଯୋଗଦାନ କରିଛନ୍ତି। ଭାରତ ସ୍କାଉଟ୍ ଗାଇଡ୍ ତରଫରୁ ୭ଜଣ ରିସୋର୍ସ ପର୍ସନଙ୍କ ସମେତ ବରଗଡ଼ ଜିଲାର କବ୍ ମାଷ୍ଟର ଓ ବୁଲବୁଲ୍ ଗାଇଡ୍‌ମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। ଆଦିକନ୍ଦ ସ୍ୱାଇଁ, ସଦାନନ୍ଦ ଜାଲ, ଭୁବନ ମହାକୁର, ଲବ ସାହୁ, ଭାଗିରଥୀ ମହାରଣା, ଡଃ ଡୋଲାମଣି ଶତପଥି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ ଚୋରି, ଅଭିଯୁକ୍ତ ଗିରଫ

ଭଟଲି, ୨୭।୭(ଡି.ଏନ.ଏ)

ଭଟଲି ଥାନା କମଗାଁ ପଞ୍ଚାୟତର ଭିଏଲଡବ୍ଲ୍ୟୁ ସୌଭାଗ୍ୟ ପଧାନଙ୍କ ବାଇକ ଚୋରି ଅଭିଯୋଗରେ ଭଟଲି ପୋଲିସ ଶନିବାର ଚଣା ଦୀପ(୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି । ୪ ଦିନ ତଳେ ଭିଏଲଡବ୍ଲ୍ୟୁ ପଧାନ କମଗାଁରେ କାମ କରୁଥିବା ବେଳେ ତାଙ୍କ ବାଇକ୍ ଚୋରି ହୋଇ ଯାଇଥିବା ଭଟଲି ଥାନାରେ ଅଭିଯୋଗ ହୋଇଥିଲା ।

## ଫେରାର ଅଭିଯୁକ୍ତ ଗିରଫ

ଭଟଲି, ୨୭।୭(ଡି.ଏନ.ଏ)

ଭଟଲି ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଲଟିପାଲି ଗ୍ରାମର ଟିକେଶ୍ୱର ବରିହା(୩୮) । ଟିକେଶ୍ୱରଙ୍କ ନାମରେ ପୂର୍ବରୁ ବିଭିନ୍ନ ପ୍ରକାର ଚୋରି ମାମଲା ରହିଥିଲା ।

## ସଂସ୍କାର ସ୍କୁଲରେ ସ୍ୱାଗତ ସମାରୋହ

ବରଗଡ଼ ଅଫିସ୍, ୨୭।୭

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶନିବାର ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଚଳିତ ଶିକ୍ଷାବର୍ଷରେ ବଲାଙ୍ଗୀର, କଣ୍ଟାବାଞ୍ଜି, କଳାହାଣ୍ଡି, କୋରାପୁଟ, ସୋନପୁର ସମେତ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଟାଟା ଆଦି ଅଞ୍ଚଳର ଛାତ୍ରୀଛାତ୍ର ଉକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଛନ୍ତି। ଏହି ସମାରୋହରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟକ୍ଷ କରନ ସାହୁ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ । ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଶିକ୍ଷାନୁଷ୍ଠାନର ଉନ୍ନତ ଶିକ୍ଷାପ୍ରଣାଳୀ ଉପରେ ସୂଚନା ଦେଇଥିଲେ । ଶିକ୍ଷୟିତ୍ରୀ ପ୍ରୀତିଶା ସିଲ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଗତ ସମାରୋହରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ଦିବସରେ ବୃକ୍ଷରୋପଣ

ବରଗଡ଼ ଅଫିସ୍, ୨୭।୭

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଉଚ୍ଚ ନ୍ୟାୟାଳୟ, ଓଡ଼ିଶାର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ), ବିଶିପଡ଼ା ହରିଜନ ପ୍ରାଥମିକ ସ୍କୁଲ ଭଟଲି ଦଧିବାମନ ମହାବିଦ୍ୟାଳୟ ଆଦି ସ୍ଥାନରେ ୧୫ଶହ ବୃକ୍ଷଚାରା ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିଳିମା ପଣ୍ଡା, ବନବିଭାଗର ରେଞ୍ଜର ମହେନ୍ଦ୍ର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷକ ରୂପେଶ କୁମାର ଶତପଥୀ, ଦଧିବାମନ କଲେଜର ଅଧ୍ୟକ୍ଷ ଆଯୁଷ୍ମାନ୍ତ ଷଡ଼ଙ୍ଗୀ, ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ, ଦୟାନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

■ ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଫାଟକରେ ତାଲା

# ପ୍ରଶାସନର ପ୍ରତିଶ୍ରୁତି ପରେ ତାଲା ଫିଟିଲା

ଘେଁସ, ୨୭।୭(ଡି.ଏନ.ଏ)

ବରଗଡ ଜିଲା ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଅଭିଭାବକମାନେ ତାଲା ପକାଇ ଦେଇଥିଲେ । ଖବର ପାଇ ପଦ୍ମପୁର ଅତିରିକ୍ତ ତହସିଲଦାର ସରିତା ଗୁପ୍ତା ଘଟଣାସ୍ଥଳକୁ ପହଞ୍ଚି ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା ଖୋଲାଯାଇଥିଲା ।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୪୭୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ଦୀର୍ଘ ବର୍ଷ ହେବ ଏଠାରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି । ଆଜକୁ ୨ବର୍ଷ ହେଲା ହିନ୍ଦି ଶିକ୍ଷକ ପଦ ଏବଂ ଗତ କିଛି ମାସ ହେଲା ବିଜ୍ଞାନ ଶିକ୍ଷକ ପଦ ଖାଲି ପଡିଥିବାରୁ ଅଦ୍ୟାବଧି ବିଜ୍ଞାନ ଶିକ୍ଷାଦାନ ଆରମ୍ଭ ହୋଇନାହିଁ। ଏଠାରେ ନିଯୁକ୍ତ ଜଣେ କିରାଣୀଙ୍କୁ ଦୁଇବର୍ଷ ତଳେ ବିଇଓଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ନିଆଯାଇଛି । ସେହିଭଳି ନିକଟ ଅତୀତରେ ଏଠାରୁ ୨ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଶିକ୍ଷକ ସାଙ୍ଗକୁ ଶିକ୍ଷାଦାନ ଲାଗି ଶ୍ରେଣୀ କୋଠାର ମଧ୍ୟ ଆବଶ୍ୟକତା ରହିଛି । ବିଦ୍ୟାଳୟର ଏଭଳି ସମସ୍ୟା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ଅବିଭାବକ ଡିଇଓ, ଜିଲାପାଳଙ୍କୁ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା । ଶେଷରେ ବାଧ୍ୟହୋଇ ଶୁକ୍ରବାର ଅବିଭାବକ ଏବଂ ପରିଚାଳନା ସମିତି ସଭ୍ୟାସଭ୍ୟ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ ।



ପଦ୍ମପୁର ଅତିରିକ୍ତ ତହସିଲଦାର ସ୍କୁଲ ପରିଚାଳନା ସମିତି ଏବଂ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି ।

■ ପ୍ରଶିକ୍ଷଣ ଶିବିରରେ ମତ

# ମାଛଚାଷରୁ ମିଳିବ ଆତ୍ମନିଯୁକ୍ତି

ବରଗଡ଼ ଅଫିସ୍, ୨୭।୭

ଗ୍ରାମୀଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ର ସଦସ୍ୟମାନଙ୍କୁ ସଶକ୍ତ, ରୋଜଗାରକ୍ଷମ ତଥା ପୁଷ୍ଟିହୀନତା ଦୂରୀକରଣ ଲକ୍ଷ୍ୟରେ ମାଛଚାଷକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମପଞ୍ଚାୟତ ପୋଖରୀରେ ମାଛଚାଷ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ପ୍ରଶିକ୍ଷଣ ଦେବା ପାଇଁ ବରଗଡ଼ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏଥିରେ ଜିଲାର ୨ଟି ବ୍ଲକ ବିଜେପୁର ଏବଂ ବରପାଲିର ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ଜଣ ସଦସ୍ୟା ଯୋଗ ଦେଇଥିଲେ । ଜିଲା ମତ୍ସ୍ୟ ଅଧିକାରୀ ଫିଲିସିତା ଲାକ୍ରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଆର୍ଥିକ ଉନ୍ନତି ଏବଂ ସେମାନେ କିଭଳି ଆତ୍ମନିଯୁକ୍ତି ପାଇ ପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମତ୍ସ୍ୟ ବିଭାଗର ସମ୍ବଲପୁର ଉପନିର୍ଦ୍ଦେଶକ ତଥା ମଣ୍ଡଳ ଅଧିକାରୀ ପବିତ୍ର କୁମାର ବେହେରା ସମାଜରେ ଦେଖାଯାଉଥିବା ପୁଷ୍ଟିହୀନତାର ଦୂରୀକରଣ ନିମନ୍ତେ ମହୁରାଳି ମାଛର ଉପାଦେୟତା ଉପରେ ସୂଚନା ଦେଇଥିଲେ ।

ଜିଲା ମିଶନ ଶକ୍ତି ବିଭାଗର ମୁଖ୍ୟ ନଳିନୀ ବଳବନ୍ତରାୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ବିଭିନ୍ନ ବିଭାଗରେ ରହିଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ନନ୍ଦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଚାୟତ ପୋଖରୀ ଗୁଡ଼ିକ ଲିଜ୍ ସୂତ୍ରରେ ଦେବାର ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିମଳେନ୍ଦୁ ମେହେର ଏବଂ ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଶୁକଦେବ ଦେବତା ସରକାରଙ୍କ ତରଫରୁ ମାଛଚାଷ କରିବା ପାଇଁ ରହିଥିବା ବିଭିନ୍ନ ଯୋଜନା ତଥା ପୋଖରୀ ପ୍ରସ୍ତୁତି ଓ ପରିଚାଳନା ଆଦି ଉପରେ କହିଥିଲେ। ମାଛଚାଷ କରିବା ଦ୍ୱାରା ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ୬୦ପ୍ରତିଶତ ରିହାତି ଉପରେ ସେ ଅବଗତ କରାଇଥିଲେ। ଏହାଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ଆଗ୍ରହ ବଢ଼ିବା ସହିତ ପଞ୍ଚାୟତର ପୋଖରୀ ଗୁଡ଼ିକ ମଧ୍ୟ ବ୍ୟବହାର ଓ ଉପଯୋଗୀ ହୋଇପାରୁଛି ବୋଲି ସେ କହିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମସ୍ତ ସଦସ୍ୟା ପିପଲମୁଣ୍ଡାସ୍ଥିତ ସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ କ୍ଷେତ୍ର ଭ୍ରମଣରେ ଯାଇ ବୈଷୟିକ ଜ୍ଞାନ ଆହରଣ କରିଥିଲେ। ବିଜେପୁରର ସହକାରୀ ମତ୍ସ୍ୟ ଅଧିକାରୀ ମଧୁସ୍ମିତା ସେଠୀ ଏବଂ ସୋହେଲାର ସହକାରୀ ମତ୍ସ୍ୟ ଅଧିକାରୀ କିରଣ ଦାସଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ ।



ମାଛଚାଷ ଉପରେ ଅନୁଷ୍ଠିତ କର୍ମଶାଳାରେ ବିଭାଗୀୟ ଅଧିକାରୀ, ଏସ୍ଏଚ୍‌ଜି ଗ୍ରୁପର ସଭ୍ୟାବୃନ୍ଦ ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବିନିକା,୨୭।୭(ଡି.ଏନ୍.ଏ.):** ବିନିକା ବ୍ଲକର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ବାବୁପାଲି ହାଇସ୍କୁଲର ୭୪ଜଣ ଏବଂ ରେଙ୍ଗାଲଭଦ୍ରି ସ୍କୁଲର ୨୩ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜନ୍ମରୁ ୧୮ବର୍ଷ ପର୍ଯ୍ୟନ୍ତ ବାଳିକା ଓ ବାଳକଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଶିବିରରେ ଆର୍‌ବିଏସ୍‌କେ ଟିମ୍‌ର ଡଃ ଉମାକାନ୍ତ ମହାନନ୍ଦ, ଏଏନ୍‌ଏମ୍ ମୀନାକ୍ଷି ନାୟକ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ରଘୁନାଥ ମହାପାତ୍ର, ସୁଧାଂଶୁ ଶେଖର ପଣ୍ଡା ଏବଂ ଅଙ୍କିତା ପଣ୍ଡା ଏଥିରେ ସହଯୋଗ କରିଥିଲେ। ଏଥିପୂର୍ବରୁ ଅଁଏଲାମୁଣ୍ଡା, ତାଳମୁଣ୍ଡା, ତିଲେଇମାଳ, ଅସୁରଗଡ, ବାଗଡିଆ, ଫିଙ୍ଗ୍‌ଟିକ୍ରା, ବାବୁପାଲି, ରେଙ୍ଗାଲଭଦ୍ରି, ବାଗଡିଆ ଆଦି ଶିଶୁମନ୍ଦିରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

# ୯୮ କିଲୋ ଗଞ୍ଜେଇ, ସ୍କର୍ପିଓ ଜବତ

**ସୋନପୁର,୨୭।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ତେଲନଦୀ ବ୍ରିଜ୍ ପାର୍ଶ୍ୱରେ ଶନିବାର ଚଢାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ନୂଆ ସ୍କର୍ପିଓ ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ବ୍ୟବସାୟୀ ଛତିଶଗଡର ଜଞ୍ଜଗିରଚମ୍ପା ଜିଲା ମାଲଖୋରୋଦା ଗ୍ରାମର ଭୋଜରାମ ପଙ୍କେଇ(୩୨)ଙ୍କୁ ଗିରଫ କରାଯାଇଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ତେବେ ସ୍କର୍ପିଓ ଡ୍ରାଇଭର ଛତିଶଗଡ ରାୟଗଡର ରାଜୁ ଯାଦବ ଫେରାର ହୋଇଯାଇଛନ୍ତି। ସେହିଭଳି ଗଞ୍ଜେଇ ଗାଡିକୁ ଆଗରେ ଏସକର୍ଟ ଦେଇ ଯାଉଥିବା ଅନ୍ୟ ଏକ ଗାଡି ଖସି ଯିବାରେ ସକ୍ଷମ ହୋଇଛି। ଅବକାରୀ ବିଭାଗର ତନଖି ସମୟରେ ସ୍କର୍ପିଓରୁ ୧୦୦ଟିପ୍ୟାକେଟ୍‌ରେ ଥିବା ୯୮ କିଲୋ ଗଞ୍ଜେଇ ମିଳିଛି। ଗଞ୍ଜେଇ ବୌଦ୍ଧ ଜିଲା ଶଗଡାରୁ ଛତିଶଗଡର ବିଳାସପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ବାଉଁଶୁଣୀ ଥାନା ବାଉଁଶୁଣୀ-ବହିରା ଅଞ୍ଚଳର ଜଣେ ବ୍ୟବସାୟୀ ଏହି ଗଞ୍ଜେଇ ବିକ୍ରି କରିଥିବା ତଦନ୍ତରୁ ଜଣାପଡିଛି । ଅନ୍ୟପକ୍ଷେ ସ୍କର୍ପିଓର ନମ୍ବର ନକଲି। ଗାଡିରେ ଲାଗିଥିବା ନମ୍ବର ପ୍ଲେଟ୍‌ରେ ଓଡିଶାର ନମ୍ବର ଓଡି୧୭ଏମ-୯୧୬୦ ଲେଖାଥିବା ବେଳେ ଗାଡି ଭିତରୁ ଛତିଶଗଡର ନମ୍ବର ପ୍ଲେଟ ସିଜି୧୨ଏଏକ୍ସ-୬୫୦୪ ମିଳିଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କା ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହି ଚଢାଉ ନିର୍ଦ୍ଦେଶ ଦେଇଥିଲେ। ଡିଏସ୍‌ପି ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନେତୃତ୍ୱରେ ଏସଆଇ ରମ୍ଭା ବାଗ, ଏଏସଆଇ ପ୍ରଦୀପ କୁମାର ରଥ, କନଷ୍ଟେବଳ ଡୋଲାମଣି ପଧାନ, ପୃଥ୍ୱୀରାଜ କହଁର, ପିଣ୍ଟୁ ସାହୁ, ନନ୍ଦି କର୍ମୀ ଓ ରବି ମାଝୀ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ପ୍ରକାଶ ଯେ, କନ୍ଧମାଳ ଓ ବୌଦ୍ଧ ଜିଲାରୁ ଗଞ୍ଜେଇ ସୁବର୍ଣ୍ଣପୁର ଜିଲା ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ ହୋଇଥାଏ। କୌଣସି କାରଣରୁ ଗତ ୬ମାସ ଧରି ସୁବର୍ଣ୍ଣପୁର ଜିଲାର ପୋଲିସ ଓ ଅବକାରୀ ବିଭାଗ ଗଞ୍ଜେଇ ଧରପଗଡ ବନ୍ଦ କରିଥିଲେ। ନୂଆ ଅବକାରୀ ଅଧିକ୍ଷକ ଜିଲାରେ ଯୋଗ ଦେବା ପରେ ଅବକାରୀ ବିଭାଗ ଏବେ ସକ୍ରିୟ ହୋଇଛି ।





ଜବତ ସ୍କର୍ପିଓ ଓ ଗଞ୍ଜେଇ ପ୍ୟାକେଟ ।



ଗିରଫ ଛତିଶଗଡର ବ୍ୟବସାୟୀ।

- ଛତିଶଗଡର ବ୍ୟବସାୟୀ ଗିରଫ, ଡ୍ରାଇଭର ଫେରାର
- ଶଗଡାରୁ ବିଳାସପୁରକୁ ଚାଲାଣ ହେଉଥିଲା ଗଞ୍ଜେଇ

## ପରିବହନ ବିଭାଗ, ପୋଲିସର ମିଳିତ ଯାନବାହନ ଯାଞ୍ଚ

**ବିନିକା,୨୭।୭(ଡି.ଏନ୍.ଏ.)**

ସୋନପୁର-ବିନିକା ମଧ୍ୟବର୍ତ୍ତୀ ଫୁଲମୁଠୀ ଛକରେ ଶନିବାର ଜିଲା ପରିବହନ ବିଭାଗ ଓ ବିନିକା ପୋଲିସ୍ ମିଳିତ ଭାବେ ଯାନବାହାନ ଯାଞ୍ଚ କରିଥିଲେ । ୨୯ ଚାଳକଙ୍କର ଯାନବାହନ ଚାଳନାରେ ତ୍ରୁଟି ପରିଲକ୍ଷିତ କରି ୩୮୪୨୦ଟଙ୍କା ଜରିମାନା ଆଦାୟ ପାଇଁ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ସେହିପରି ୨ ବାଇକ୍ ଚାଳକ ନିଶାଶକ୍ତ ହୋଇ ଗାଡି ଚଳାଉଥିବା ପ୍ରମାଣ ନିଶାସୂଚକ ଯନ୍ତ୍ରରୁ ଜଣା ପଡିଥିଲା। ମୋବାଇଲ୍‌ରେ କଥାହୋଇ ବାଇକ୍ ଚଳାଉଥିବା ଅଭିଯୋଗରେ ଅନ୍ୟ ଜଣେ ଧରା ପଡିଥିଲେ। ଯାଞ୍ଚରେ କନିଷ୍ଠ ପରିବହନ ଅଧିକାରୀ ଜେ.ପି.କୁଲୁ ଏବଂ ବିନିକା ପୋଲିସ୍ ପକ୍ଷରୁ ଏସ୍‌ଆଇ ଟଙ୍କଧର ଛତ୍ରିଆ, ଏସ୍‌ଆଇ ଶଙ୍କର କୁମ୍ଭାର ପ୍ରମୁଖ ସାମିଲ ଥିଲେ।

## ସବୁଜ ମହାନଦୀ ଅଭିଯାନ ସଚେତନତା ଯାତ୍ରା

**ଡୁଙ୍ଗୁରିପାଲି, ୨୭।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ସବୁଜ ମହାନଦୀ ଅଭିଯାନ ସଚେତନତା ଯାତ୍ରା ଶୁକ୍ରବାର ଜାତୀୟ ରାଜପଥ ପାର୍ଶ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ଆଧାର କାର୍ଡର ନକଲ ଦେଇ ୧୦ଟି ଲେଖାଏଁ ଚାରା ନେଇ ଲଗାଇବା ପାଇଁ ଏହି ଅଭିଯାନ କାଳରେ ସଚେତନତା କରାଯାଇଥିଲା। ଶୁକ୍ରବାରଠାରୁ ଡୁଙ୍ଗୁରିପାଲି ବନ ବିଭାଗ ପକ୍ଷରୁ ଲୋକମାନେ ଚାରା ନେଇ ନିଜ ବାଡିରେ ଜଙ୍ଗଲ ସୃଷ୍ଟି କରିପାରିବେ ବୋଲି ସ୍ଥାନୀୟ ଫରେଷ୍ଟର କୃତ୍ତିବାସ ସେଠ୍ ପ୍ରକାଶ କରିଥିଲେ। ପ୍ରଥମ ଦିନରେ ୧୨ହଜାରରୁ ଊର୍ଦ୍ଧ୍ୱ ଚାରା ଲୋକଙ୍କୁ ବଣ୍ଟନ କରାଯାଇଛି।





ଡୁଙ୍ଗୁରିପାଲି ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

## ଜିଲାସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ସହ ବର୍ତ୍ତମାନର ଶିକ୍ଷକ ଓ ସଂଘ କର୍ମକର୍ତ୍ତା।

**ଅମରପାଲି, ୨୭।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକମାନଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଓଷ୍ଟା ଜିଲା ସମ୍ପାଦକ ପ୍ରମୋଦ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଶଙ୍କରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ନାଏକ, ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର, ଏସଟିଏଫଓ ଜିଲା ସଭାପତି ପ୍ରଦୀପ କୁମାର ପୁରୋହିତ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଉକ୍ତ ସଭାରେ ସୁବର୍ଣ୍ଣପୁର ଜିଲାର ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା, ଭବାନୀଶଙ୍କର ପାଣିଗ୍ରାହୀ, ରମାବଲ୍ଲଭ ବାରିକ, ଦୌଲତ ଅମାତ, ଧବଳେଶ୍ୱର ଅମାତ, ଦୀନବନ୍ଧୁ ନାଏକଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଖଣ୍ଡହତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଖୋଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ଗତିକୃଷ୍ଣ ମିଶ୍ର, ସୁଶୀଲ କୁମାର ବିଶି, ଅମୀୟ ମହାନ୍ତି, ଚନ୍ଦ୍ରଶେଖର ମହାପାତ୍ର, ପ୍ରହଲ୍ଲାଦ ସାହୁ, ତ୍ରିପୁରାରୀ ରଥ, ନବୀନ ପାଢ଼ୀଙ୍କ ସମେତ ଜିଲାର ସମସ୍ତ ୬ଟି ବ୍ଲକର ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ପ୍ରିମିୟର ଫୁଟବଲ ଲିଗ୍

## ଯତୀନ ଫାଇଟର ବିଜୟୀ

**ସୋନପୁର,୨୭।୭(ନି.ପ୍ର.)**

ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ପ୍ରିମିୟର ଫୁଟବଲ ଲିଗ୍‌ର ଶନିବାର ଚତୁର୍ଥ ଦିବସରେ ଯତୀନ ଫାଇଟର ବିଜୟୀ ହୋଇଛି। ମ୍ୟାଚ୍ ରିୟା ଫାଇଗର ଓ ଜତିନ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଜତିନ ଫାଇଟର ୩-୨ ଗୋଲରେ ବିଜୟୀ ହେଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଜତିନ ଫାଇଟରର ସୁରେଶ ମୁଖିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାଜେଶ ଥନାପତି, ସୁଦାମ ଜଗଦଲା, ପ୍ରମୋଦ କୁମାର ପୁଟେଲ ଓ ପ୍ରଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ। ସବ୍ୟସାଚୀ ମିଶ୍ର ସ୍କୋରର ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡାବିତ୍ ରାଜେନ୍ଦ୍ର ସାହୁ, ଫୁଟବଲ ଖେଳାଳି ଆଦିତ୍ୟ କିଶୋର ଦାନୀ ଓ ସୁବର୍ଣ୍ଣପୁର ଜିଲା କନଷ୍ଟେବଳ ହାବିଲଦାର ସଂଘର ସମ୍ପାଦକ ଦୀନେଶ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।



ଜତିନ ଫାଇଟରର ସୁରେଶ ମୁଖିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଭାଜପା ଯୁବମୋର୍ଚ୍ଚାର ବନ ମହୋତ୍ସବ

**ଟିକ୍ରାପଡା, ୨୭।୭(ଡି.ଏନ.ଏ.)**

ସଇଁତଳା ବ୍ଲକ ଦାବଜୋରିରେ ଭାଜପା ଯୁବମୋର୍ଚ୍ଚା ଆନୁକୂଲ୍ୟରେ ବନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଟୁକୁନୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପପୁନ ବକୁଲ ସଭା ସଂଯୋଜନା କରିଥିଲେ। ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଚନ୍ଦ୍ରଭାନୁ ପଧାନ ଅତିଥିଭାବେ ଯୋଗଦେଇଥିଲେ। ବିଘ୍ନରାଜ ମହାକୁର, ଅଜିତ ଚାଉଳିଆ, ଅବିନାଶ କର୍ମୀ ଉପସ୍ଥିତ ଥିଲେ । ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ । ପରେ ବୃକ୍ଷରୋପଣ କରାଯାଇଥିଲା ।



ବିଦ୍ୟୁତ୍ ଆଘାତରେ ମରି ପଡ଼ିଥିବା ଛେଳି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଛେଳି ମୃତ

**ବିନିକା,୨୭।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଗ୍ରାମ ନିକଟ ପିପଳ ପଡିଆରେ ଶନିବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚରୁଥିବା ୨ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଉକ୍ତ ପଡିଆ ଦେଇ ୧୧କେଭି ବିଦ୍ୟୁତ୍ ତାର ପ୍ରବାହିତ ହେଉଛି। ପଡିଆରେ ଥିବା ଖୁଣ୍ଟ କୌଣସି କାରଣରୁ ଶର୍ଟ ହୋଇ ଯାଇଥିଲା। ଛେଳି ନେଇ ପଡିଆକୁ ଚରାଇବାକୁ ଯାଇଥିବା ଗାଁର ଦାମୋଦର ଚିରଗୁଣଙ୍କ ସ୍ତ୍ରୀ ସୁରୁନନୀ ଏହା ଜାଣି ପାରି ନ ଥିଲେ। ଚରିବା ବେଳେ ଛେଳି ଦୁଇଟି ଉକ୍ତ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ମରି ଯାଇଥିଲେ । ଛେଳି ପାଳି ପରିବାର ପ୍ରତିପୋଷଣ କରୁଥିବା ଦାମୋଦରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ
ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଭାଜପା ଯୁବମୋର୍ଚ୍ଚାର ବନ ମହୋତ୍ସବ

**ଟିକ୍ରାପଡା, ୨୭।୭(ଡି.ଏନ.ଏ.):** ସଇଁତଳା ବ୍ଲକ ଦାବଜୋରିରେ ଭାଜପା ଯୁବମୋର୍ଚ୍ଚା ଆନୁକୂଲ୍ୟରେ ବନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟୁକୁନୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପପୁନ ବକୁଲ ସଭା ସଂଯୋଜନା କରିଥିଲେ। ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଚନ୍ଦ୍ରଭାନୁ ପଧାନ ଅତିଥିଭାବେ ଯୋଗଦେଇଥିଲେ। ବିଘ୍ନରାଜ ମହାକୁର, ଅଜିତ ଚାଉଳିଆ, ଅବିନାଶ କର୍ମୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ପରେ ବୃକ୍ଷରୋପଣ କରାଯାଇଥିଲା । ନିଶାମଣି ପଧାନ, ଚତୁର୍ଭୁଜ ବକୁଲ, ଜିତେନ୍ଦ୍ର ଠେଲା, ପ୍ରଦୀପ ଖଣ୍ଡଗିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏକଲବ୍ୟ କ୍ଲବର ନୂତନ କର୍ମକର୍ତ୍ତା

**ଲୋଇସିଂହା,୨୭।୭(ଡି.ଏନ.ଏ.):** ଲୋଇସିଂହା ବ୍ଲକ ନୂଆପଡାସ୍ଥିତ ଏକଲବ୍ୟ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ମାଗିରାମ ବଗର୍ତ୍ତା ବୈଠକରେ ସଭାପତିତ୍ୱ କରିଥିଲେ। ଉତ୍ତମ କବାଟ ସଭାପତି, ରମେଶ ଭୋଇ କୋଷାଧ୍ୟକ୍ଷ, ସରୋଜ ମହାକୁର ସାଂସ୍କୃତିକ ସମ୍ପାଦକ ମନୋନୀତ ହୋଇଛନ୍ତି। ଆସନ୍ତା ଗଣେଶ ପୂଜା ଓ ନୂଆଖାଁଇ ଭେଟଘାଟ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା।

ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା

# ବାଗ୍ମିତାର ବିକୃତୀକରଣ ପାଇଁ ଆମେ ଦାୟୀ

**ବଲାଙ୍ଗୀର ଅଫିସ, ୨୭।୭**



କବି ରାଜେନ୍ଦ୍ର କିଶୋର ପଣ୍ଡା ବଲାଙ୍ଗୀରରେ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ପ୍ରଦାନ କରୁଛନ୍ତି।

ବାଗ୍ମିତାର ବିକୃତୀକରଣ ପାଇଁ ଆମେ ସମସ୍ତେ ଦାୟୀ । ସବୁଠୁ ଅଧିକ ଉତ୍ତରଦାୟୀ ରାଜନୈତିକ ସମ୍ଭାଷକମାନେ ଏବଂ ଆତ୍ମ ନିଯୁକ୍ତ ପ୍ରଲମ୍ବଗ୍ରାହୀ ଧର୍ମ ପ୍ରବଚକମାନେ । ରାଜନୈତିକ ବାଗ୍ମୀମାନେ ବହୁମାତ୍ରାରେ ଅତିରଞ୍ଜନ କରନ୍ତି ଓ ଅସତ୍ୟ କଥା କହନ୍ତି । ସେ ନରେନ୍ଦ୍ର ମୋଦୀ ହୁଅନ୍ତୁ ବା ରାହୁଲ ଗାନ୍ଧୀ, ଆଶାରାମ ବାପୁ ବା ସାରଥୀ ବାବା ସମସ୍ତେ ଲୋକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି । ତେବେ ସେଭଳି ଆକର୍ଷଣକୁ ବାଗ୍ମିତା କୁହାଯାଇପାରିବ ନାହିଁ ବୋଲି କବି ରାଜେନ୍ଦ୍ର କିଶୋର ପଣ୍ଡା ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତାରେ କହିଛନ୍ତି। ରଚନା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଆଲୋଚକଭାବେ ଯୋଗଦେଇ କବି ପଣ୍ଡା ବାଗ୍ମିତା ଶୀର୍ଷକରେ ଆଲୋଚନା କରିଥିଲେ । ପଣ୍ଡା କହିଥିଲେ ଯେ, କିଛି ବ୍ୟତିକ୍ରମ ବି ରହିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ବାଗ୍ମିତା ଥିଲା ଭିନ୍ନ ପ୍ରକାରର । ଆଧ୍ୟାତ୍ମିକତାରେ ବାଗ୍ମିତାକୁ ସେ ସରଳ ଭାବେ ବୁଝାଇ ଦେଇଥିଲେ। ତାଙ୍କ ଭାଷଣ ପଢ଼ିଲେ ବାଗ୍ମିତା କ'ଣ ବୁଝିହୁଏ । ତେବେ ବିବେକାନନ୍ଦଙ୍କ ଭଳି ବ୍ୟକ୍ତି ବିରଳ । ବାଗ୍ମିତା ପାଇଁ ସବୁଠୁ ଅଧିକ ଅନିବାର୍ଯ୍ୟ ଆବଶ୍ୟକତା କ'ଣ ଅନର୍ଗଳ କହି ପାରିବା ଶକ୍ତି ନାଁ, ମୌଳିକ ଗୁଣଟି ହେଉଛି ମୁକ୍ତ ମନ, ମୁକ୍ତ ମନନ, ପୂର୍ବାଗ୍ରହହୀନତାଦାୟିକା ଶକ୍ତି ଓ ସହୃଦୟତା । ପ୍ରତିବାଗ୍ମୀ ପ୍ରତି ସମ୍ମାନ ହିଁ ବାଗ୍ମିତା । ଏବେ ପ୍ରତିସ୍ପର୍ଦ୍ଧି ଓ ପ୍ରତିବାଗ୍ମୀ ପ୍ରତି ସମ୍ମାନ ରହୁନାହିଁ । ଏଥିରୁ ଆମେ ବାଗ୍ମିତାର ବିକୃତୀକରଣକୁ ଅନୁଭବ କରିପାରିବା ବୋଲି କହିଥିଲେ। କବି ପଣ୍ଡାଙ୍କ ବକ୍ତବ୍ୟ ଶ୍ରୋତାମଣ୍ଡଳୀକୁ ବିମୁଗ୍ଧ କରିଥିଲା । କବି ପ୍ରହ୍ଲାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ର ପ୍ରାରମ୍ଭରେ କବି ରାଜୀବ ଲୋଚନା ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାପତୀୟ ଅଭିଭାଷଣରେ ଶତପଥୀ ଭାଷା ଓ ଭାବ ଭିତରେ କ୍ରମଶଃ ବୃଦ୍ଧି ପାଉଥିବା ଦୂରତ୍ୱ ଉପରେ କହିଥିଲେ । ବାଗ୍ମିତା କିଭଳି ଦିନକୁ ଦିନ ତାର ଗୁରୁତ୍ୱ ହରାଉଛି କହିଥିଲେ । ଆଲୋଚନା ପରେ ସ୍ୱର୍ଗତ ଗଗନ ସ୍ୱାଇଁଙ୍କ ସାରସ୍ୱତ ସୃଷ୍ଟିରୁ କିଛି କବିତା ଓ ପ୍ରବନ୍ଧ ପାଠ କରାଯାଇଥିଲା। ବନ୍ଦନା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସସ୍ମିତା ନେପାକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଗଣେଶ ବାରିକ, ସୌମ୍ୟ ମଧୁପର୍ଣ୍ଣା ତ୍ରିପାଠୀ, ରାଜୀବ ଲୋଚନ ଆଚାର୍ଯ୍ୟ କବିତା ପାଠ କରିଥିଲେ। ଡ. ଲକ୍ଷ୍ମଣ ମେହେର ଓ ସଂସ୍କୃତି ପଟ୍ଟନାୟକ ଗଳ୍ପ ପାଠ କରିଥିଲେ।



ରାଜୀବନଗରରେ ଜଣେ ମହିଳାଙ୍କ ଘରେ ବର୍ଷା ପାଣି ଭରିଯାଇଛି।

## ଡ୍ରେନ୍ ନାହିଁ, ଘରେ ପଶୁଛି ବର୍ଷା ପାଣି

**ବଲାଙ୍ଗୀର ଅଫିସ, ୨୭।୭**

ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ରାଜୀବ ନଗର ଅଞ୍ଚଳରେ ନାହିଁ ନ ଥିବା ସମସ୍ୟା ଦେଖାଦେଇଛି । ଡ୍ରେନ୍ ନଥିବାରୁ ସାମାନ୍ୟ ବର୍ଷା ହେଲେ ଘର ଭିତରକୁ ପାଣି ପଶିଯାଉଛି । ଶୁକ୍ରବାର ଗୋଟିଏ ରାତିର ବର୍ଷାରେ ପରିସ୍ଥିତି ଅସମ୍ଭାଳ ହୋଇପଡିଛି । ବିଭିନ୍ନ ଲୋକଙ୍କ ଘରକୁ ବର୍ଷା ପାଣି ପଶିଯିବା ଫଳରେ ସେମାନେ ରାତିସାରା ଅନିଦ୍ରା ରହିଥିଲେ। ଶନିବାର ସକାଳୁ ସେମାନଙ୍କ ଘରେ ଆଣ୍ଠୁଏ ଲେଖା ପାଣି ରହିଥିବା ଦେଖାଯାଇଥିଲା । ପଡାରେ ତିଆରି ହୋଇଥିବା ରାସ୍ତା ଅଧପନ୍ତରିଆ ହୋଇ ପଡିରହିଛି । ଡ୍ରେନ୍ ନଥିବାରୁ ଘର ଭିତରୁ ବାହାରୁଥିବା ପାଣି ଓ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ । ଏ ନେଇ ପଡାବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କେହି ଶୁଣୁନାହାନ୍ତି । ମ୍ୟୁନିସିପାଲିଟିର କୌଣସି ଯନ୍ତ୍ରୀ ବା ଅଧିକାରୀ ଏଠାରେ ଚାଲିଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ ଦିଗରେ ଆଦୌ ଆନ୍ତରିକତା ପ୍ରକାଶ କରୁ ନ ଥିବା ପଡାବାସୀ କହିଛନ୍ତି । ବର୍ଷା ପୂର୍ବରୁ ଏଠାକାର ସମସ୍ୟାର ସମାଧାନ କରାଯିବାକୁ ପଡାବାସୀ ଅନୁରୋଧ କରିଥିଲେ ମଧ କେହି ଶୁଣି ନ ଥିଲେ। ଆଗକୁ ପ୍ରବଳ ବର୍ଷା ହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡିବ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ବାଧ୍ୟତାମୂଳକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ସଇଁତଲା, ୨୭।୭(ଡି.ଏନ.ଏ.)**

ତାଲୁକସ୍ତରୀୟ ଆଇନ ପ୍ରାଧିକରଣ ସଇଁତଲା ଶାଖା ତରଫରୁ ଶନିବାର ଢ଼େଙ୍ଗ ନୋଡ଼ାଲ ସ୍କୁଲ ପରିସରରେ କିଶୋର ନ୍ୟାୟ-୨୦୧୫, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତାଲୁକ ଆଇନ ପ୍ରାଧିକରଣ ସଇଁତଲା ଶାଖା ଅଧ୍ୟକ୍ଷା ତଥା ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉପସ୍ଥିତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବାଧ୍ୟତାମୂଳକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଓକିଲ ହିଜକ୍ଷ ତାଣ୍ଡି, ଦେବରାଜ ପଣ୍ଡା, ମାନଭଞ୍ଜନ ପାଣିଗ୍ରାହୀ, ଭୀମରାଜ ବାଗ, ଦ୍ରୋପଦୀ ପାତ୍ର, ମାନସ ରଣା ଓ ଶିବପ୍ରସାଦ ବାରିକଙ୍କ ସହ ସଇଁତଲା ଥାନା ଅଧିକାରୀ ବାରେଣୀ ଦାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସ୍କୁଲର ପ୍ରଧାନଶିକ୍ଷକ ବିଶ୍ୱନାଥ ମେହେର ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇନଜୀବୀ ସୁବୋଧ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରାମନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ରେଣୁକା ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ରଣା, ସଇଁତଲା କୋର୍ଟର ସିଦ୍ଧେଶ୍ୱର ଦୋରା ଏବଂ ପଞ୍ଚାନନ କାଲୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ବାଧ୍ୟତାମୂଳକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପଞ୍ଚାୟତସ୍ତରୀୟ ଛାତ୍ରୀଛାତ୍ରଙ୍କ ଗଣିତ ମେଳା

## ଚତୁର୍ଥରେ ଲକ୍ଷ୍ମୀକାନ୍ତ, ପଞ୍ଚମ ଶ୍ରେଣୀରେ ଚନ୍ଦନ ପ୍ରଥମ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଲୋଇସିଂହା,୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ନୁନିଆଁପାଲି ପାଟଣେଶ୍ୱରୀ ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କଠାରେ ଗଣିତ ଧାରଣାରେ ଶିକ୍ଷଣୀୟ ବିକାଶ ପାଇଁ ପଞ୍ଚାୟତସ୍ତରୀୟ ଗଣିତ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚତୁର୍ଥ ଶ୍ରେଣୀ ପ୍ରତିଯୋଗିତାରେ ଲକ୍ଷ୍ମୀକାନ୍ତ ବରିହା, ରିତେଶ ସାହୁ, ଲିପସା ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ପଞ୍ଚମ ଶ୍ରେଣୀ ପ୍ରତିଯୋଗିତାରେ ଚନ୍ଦନ ନାଗ, ଜୀବନପ୍ରକାଶ ନାଗ, ପିଙ୍କୁ ବଗର୍ତ୍ତୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୁନିଆଁପାଲି ପଞ୍ଚାୟତ ଆନୁକୂଲ୍ୟ, ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଓ ଅକ୍ଷରା ଫାଉଣ୍ଡେଶନର ମିଳିତ ସହାୟତାରେ ଅନୁଷ୍ଠିତ ଗଣିତ ମେଳାରେ ଖ୍ରୀଷ୍ଟୋଫର ଦୀପ ପୌରୋହିତ୍ୟ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟଅତିଥି, ସମ୍ମାନୀତ ଅତିଥିଭାବେ ସରପଞ୍ଚ ସହଦେବ ସାହୁ, ପ୍ରଧାନଶିକ୍ଷକ ଦେବରାଜ ଭୋଇ, ବିଦେଶୀ ମେହେର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ଯୁବଗୋଷ୍ଠୀ, ଗ୍ରାମବାସୀ ଏବଂ ଶିକ୍ଷକଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ସମଦୂରତା ରହିଥିବା ଆଲୋଚନା ବେଳେ ଜଣାପଡିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ, ପ୍ରଶାନ୍ତ କୋଦଣ୍ଡ, ପଦ୍ମଲୋଚନ ଶୀତଳ, ରଶ୍ମିତା ସୌମ୍ୟ ପ୍ରମୁଖ ସହଯୋଗ କରିଥିଲେ ।

ଗୁଡ୍ ଗଭର୍ନାନ୍ସ ସଚେତନତା କାର୍ଯ୍ୟକ୍ରମ

## ତ୍ୱରିତ ସେବା ଯୋଗାଇ ଦେବାକୁ ସଂକଳ୍ପ

**ଖପ୍ରାଖୋଲ, ୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହଠାରେ ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଗୁଡ୍ ଗଭର୍ନାନ୍ସ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଜନସାଧାରଣଙ୍କୁ ଠିକ୍ ସମୟରେ ଉଚିତ ସେବା ଯୋଗାଇ ଦେବାକୁ ପ୍ରାଥମିକତା ଦେଉଛନ୍ତି। ପ୍ରତି ମାସର ଚତୁର୍ଥ ଶନିବାର ମାନସ ମନ୍ଥନ କାର୍ଯ୍ୟକ୍ରମ ରଖିବାକୁ କୁହାଯାଇଛି। ଏହାକୁ କ୍ରିୟାଶୀଳ କରିବା ପାଇଁ ବ୍ଲକସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବାକୁ ସଂକଳ୍ପ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁ, ଏପିଇଓ ସୁଶାନ୍ତ କୁମାର ପାଣି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଡା. ନନ୍ଦିକିଶୋର ତାଣ୍ଡି, ମୁଖ୍ୟ କିରାଣୀ ବ୍ରଜବନ୍ଧୁ ଠାକୁର ପ୍ରମୁଖ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।



ଗୁଡ୍ ଗଭର୍ନାନ୍ସ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାର ନବଗଠିତ ମାହେଶ୍ୱରୀ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରାମ ଏବଂ ଅସହାୟଙ୍କୁ ମାଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଦେବାଶିଷ ବିଶୋଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜ୍ୟୋତି ପ୍ରକାଶ ସାହୁ, ନିତ୍ୟାନନ୍ଦ ଜୁଏଡ, ରବିନ୍ଦ୍ର ନାଏକ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅସହାୟ ବୁଢୀବୁଢାଙ୍କୁ ବର୍ଷାଋତୁରେ ମଶା, ମାଛି ପ୍ରାଦୁର୍ଭାବରେ ହେଉଥିବା ସଂକ୍ରମିତ ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ଅସହାୟମାନଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ବନୀତା ପଧାନ, କୁନି ମହାଣା, ପଦ୍ମାଳୟା ଶର୍ମା, ଜୟନ୍ତୀ ଗୁରୁ, ଯଶୋବନ୍ତ ମାହାଣା, ରମେଶ ଭୂଏ, ରଜତ କୁମାର ଭୋଇ, ପ୍ରଶାନ୍ତ ବିଶି, ଦେବୀପ୍ରସାଦ ରଣା, ଉଜଳ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଲୋଇସିଂହା,୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ଶିଶୁବାଟିକା ବିଭାଗର ମାତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବୁର୍ଡା ତଳିପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଶିଶୁର ବିକାଶରେ ମା'ର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ । ପରିଚାଳନା ସମିତି ସଦସ୍ୟ ବିମଳଚରଣ ହୋତା, କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ବାଟିକା ପ୍ରମୁଖ ବବିତା ମାହାଣା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଗୁରୁଜୀ ସରୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସାଲେଭଟା ଶିଶୁ ମନ୍ଦିରଠାରେ ଲୋଇସିଂହା ସଂକୁଳ ଅଧାରଭୂତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସଂକୁଳ ସଂଯୋଜକ ସନାତନ ମିଶ୍ରଙ୍କ ସଂଯୋଜନା ତଥା ସ୍ଥାନୀୟ ପ୍ରଧାନ ଅଚାର୍ଯ୍ୟ ହେମନ୍ତ କୁମାର ମେହେରଙ୍କ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା। ସୁଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ୭ଟି ବିଦ୍ୟାଳୟର ଗୁରୁମାଗୁରୁଜୀ ଅଂଶଗ୍ରହଣ କରିଥିଲେ।

ସିଏନ୍‌ସି କଲେଜରେ ଗ୍ରାଜୁଏଶନ୍ ଉତ୍ସବ

## ଗଭୀର ନିଷ୍ଠା ସଫଳତାର ବାଟ ଦେଖାଏ

**ବଲାଙ୍ଗୀର ଅଫିସ, ୨୭।୭**



ସିଏନ୍‌ସି ଗ୍ରାଜୁଏଶନ୍ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ସିଏନ୍‌ସି କଲେଜ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରାଜୁଏସନ୍ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସିଏନ୍‌ସି କଲେଜ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତ ଏବଂ ପ୍ରଦୀପ ସାହୁଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଦୋହାସ୍ଥିତ ଅଲ୍‌ଜଜିରା ମିଡିଆ ନେଟୱର୍କ ଅନୁଷ୍ଠାନ ଉନ୍ନୟନ ମୁଖ୍ୟ ବଳଭଦ୍ର ପଟ୍ଟନାୟକ ଓ ଓଭୋ ଫାର୍ମର ନିର୍ଦ୍ଦେଶକ ସମରେନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ଗଭୀର ନିଷ୍ଠା ଓ ଆତ୍ମପ୍ରତ୍ୟୟ ହିଁ ମଣିଷକୁ ସଫଳତାର ବାଟ ଦେଖାଇଥାଏ ବୋଲି ଅତିଥିମାନେ କହିଥିଲେ। ଅତିଥି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଆତ୍ମବିଶ୍ୱାସ ହିଁ ଛାତ୍ରୀଛାତ୍ରଙ୍କୁ ନୂଆ କିଛି କରିବା ପାଇଁ ପ୍ରେରଣା ଯୋଗାଏ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଯେତେ ଭଲ ପାଠ ପଢ଼ିଲେ ମଧ ଯଦି ସେମାନଙ୍କ ଭିତରେ ଆତ୍ମବିଶ୍ୱାସ କମିଯିବ ସେମାନେ ନିଜର ଅର୍ଜିତ ଜ୍ଞାନକୁ ଠିକ୍ ଭାବେ ଉପଯୋଗ କରିପାରିବେ ନାହିଁ ବୋଲି କହିଥିଲେ। ଏଣୁ ପାଠ ପଢ଼ିବା ହେଉ କି ଅନ୍ୟ ଯେକୌଣସି କାର୍ଯ୍ୟରେ ଆତ୍ମବିଶ୍ୱାସୀ ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ଭିଜନ୍ ଓ ମିଶନ୍ ନିର୍ଦ୍ଧାରିତ ଓ ସ୍ୱଷ୍ଟ ନହେଲେ ସଫଳତା ମିଳିବ ନାହିଁ ବୋଲି କହିଥିଲେ। ଏଣୁ କ୍ୟାରିଅର ଚୟନ କରିବା ପୂର୍ବରୁ ପାଠ ପଢ଼ିଲା ବେଳେ ହିଁ ନିଜର ଭିଜନ୍ ଓ ମିଶନ୍ ସ୍ୱଷ୍ଟ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ । ଆଜିର ପ୍ରତିଯୋଗିତାମୂଳକ ସମାଜରେ ସଫଳ ହେବାକୁ ହେଲେ ବିଭିନ୍ନ ବିଷୟରେ ନିଜକୁ ପ୍ରତିପାଦିତ କରିବାକୁ ହେବ ବୋଲି ସେ କହିଥିଲେ । ସିଏନ୍‌ସି କଲେଜ ନିର୍ଦ୍ଦେଶକ ପୁରୋହିତ ସଭା ପ୍ରାରମ୍ଭରେ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା ଉପରେ ସୂଚନା ଦେଇଥିଲେ । ଅନ୍ୟତମ ନିର୍ଦ୍ଦେଶକ ସାହୁ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଉତ୍ସବରେ ବିକମ୍ ଗ୍ରାଜୁଏଟ୍ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ ଯୁକ୍ତଦୁଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇଥିବା ଏହି କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିକମ୍ ଟପ୍ପର ନ୍ୟାନସି ପୁରୋହିତ ଓ ଯୁକ୍ତଦୁଇ କୃତୀ ଛାତ୍ରୀ ଶ୍ରଦ୍ଧା ଜୈନଙ୍କୁ ହେମଲତା ପଟ୍ଟନାୟକ ସ୍ମୃତି ବୃତ୍ତି ଓ ଡାଇରେକଟର୍ସ ବୃତ୍ତି ପ୍ରଦାନ କରାଯାଇଥିଲା। ଉତ୍ସବରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁଚିସ୍ମିତା ମହାନ୍ତି ସଂଯୋଜନା କରିଥିଲେ । ଶେଷରେ ଅଧ୍ୟାପିକା ସ୍ନେହା ଚୌହାନ ଧନ୍ୟବାଦ ଦେଇଥିଲେ ।

## ଅବକାରୀ ଚଢାଉ, ୩ ଗିରଫ

**କଣ୍ଟାବାଞ୍ଜି, ୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ବିଭିନ୍ନ ସ୍ଥାନରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ରେଳ ଷ୍ଟେଶନ ଓ କେ.ଭି. କଲେଜ ନିକଟରେ ଥିବା ଏକ ଢାବା ଉପରେ ଚଢାଉ କରାଯାଇଛି। ବିଭାଗ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଷ୍ଟେଶନ ଅନତି ଦୂରରେ କୁଚିଆ ମଦ ବେପାରୀ ରାଜୁ ବାଗଙ୍କଠାରୁ ୧୨ ଲିଟର, ହେମନ୍ତ ନାଏକଙ୍କଠାରୁ ୫ଲିଟରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ ହୋଇଛି। ସେହିପରି କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ନଂ ରାଜ୍ୟ ରାଜପଥର କେ.ଭି.କଲେଜ ନିକଟରେ ଥିବା ଢାବାରେ ଚଢାଉ କରାଯାଇ ୨୦ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରାଯାଇଛି। ଢାବା ମାଲିକ ରାକେଶ ବେହେରାଙ୍କୁ ଗିରଫ କରାଯାଇଛି। ଚଢାଉ ପରେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ଜେଲହାଜତକୁ ପଠାଇ ଦିଆଯାଇଛି। ଏହି ଚଢାଉରେ ସ୍ଥାନୀୟ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ ମାଝୀଙ୍କ ସହ କଣ୍ଟାବାଞ୍ଜି ଅବକାରୀ ରେଞ୍ଜ ଇନ୍ସପେକ୍ଟର ଜ୍ଞାନରଞ୍ଜନ ପଣ୍ଡା, ଏସଆଇ ବି.ଆର.ପରିଡା, ଟିଟିଲାଗଡ ସବଇନ୍ସପେକ୍ଟର ଜି.ରଣା, ଏଏସଆଇ ଅଲେକ ପୁଟେଲଙ୍କ ସହ ପୋଲିସ ବଳ ସାମିଲ ଥିଲେ। ଅବକାରୀ ବିଭାଗ ପକ୍ଷରୁ ୩ଟି ପୃଥକ ମାମଲା ରୁଜୁ ହୋଇଛି।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ




### ଏସ୍ଏଚ୍‌ଜି ମହିଳାଙ୍କୁ ତାଲିମ ପ୍ରଦାନ

**ଜୁନାଗଡ,୨୭।୭ (ଡି.ଏନ୍.ଏ.)**- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡ଼ାଠାରେ ଶନିବାର ଉନ୍ନତ ମାନର ଚାରା ଓ ଫଳ ଗଛ ଉତ୍ପାଦନ ଉପରେ ସ୍ଥାନୀୟ ଏସ୍ଏଚ୍‌ଜି ମହିଳାଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ଇଣ୍ଡିଆର ତରିନା ପ୍ରକଳ୍ପ ପକ୍ଷରୁ ଅନୁଷ୍ଠିତ ଶିବିରରେ ଧର୍ମଗଡ଼ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଟଙ୍କଧର କାଲୋ, ଜୁନାଗଡ଼ ଓଭରସିଅର ଅଙ୍ଗଦ ନାଏକ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଧାଂଶୁ ଶେଖର ନାଏକ ପରିଚାଳନା କରିଥିଲେ। ତ୍ରିପତି ଖୁରା ସହଯୋଗ କରିଥିଲେ। ବିପ୍ଳବ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ପିଇଲା ପାଏନ୍ ସମସିଆରେ ଯୁଝୁଛନ୍ କୁଟ୍ରୁ ଗାଁବାସୀ

# ଏକା ଝରନ୍ ପାଏନ୍ ସାହାଭରସା

**କୋକସରା,୨୭।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଁଚେତ୍ ଆଦିବାସୀ ବହୁଲ ହେଇଥିଲାବେଲେ ପଁଚେତ୍‌ର ଅନେକ ଗାଁ ଜଂଗଲ ଭିତରେ ରହିଛେ। ସେନ୍ତା ସାହାଜଖୋଲ ସଂରକ୍ଷିତ ଜଂଗଲ ଭିତରେ ପଁଚେତ୍‌ର ରାଜସ୍ୱ ଗାଁ କୁଟ୍ରୁ ରହିଛେ। ହେଲେ ଇ ଗାଁରେ ବରଷା ଦିନେ ବି ପିଇଲା ପାଏନ୍‌ର ବଡ଼ଭାରି ଅସବିଧା ଦେଖାଦେଇଛେ।

ସୂଚନା ଅନ୍‌ସାରେ ଜାତୀୟ ରାଜପଥ ୨୬ ଆମପାଣି ଘାଟି ବିରିମୁହାଣ ଛକ୍‌ରୁ ୧୨ କି.ମି. ଅତଡ଼ିଆ ଜଂଗ୍‌ଲି ରାସ୍‌ତା ପାର ହେଲେ ପଡ଼ସି କୁଟ୍ରୁ ଗାଁ। ଗାଁକେ ଯିବାର ଲାଗି ଫିଦିନଆଁ ରାସ୍‌ତା ନାଁଇଁନ। ବଡ଼ା କଷ୍‌ଟେ ଗାଁବାସୀ ଜଂଗଲ ଭିତରେ ଚାଲତି ରାସ୍‌ତାରେ ଯିବାର ଆଏବାର କରୁଛନ୍। ଇ ଗାଁରେ ଆଦିବାସୀ ଆର ହରିଜନ ସମାଜର ୬୨ଟା ପରିବାରର ପାଖାପାଖି ୫ଶହ ଲୋକ ବାସ୍ କରୁଛନ୍। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଦୁଇଟା ଇନଟେକ ୱେଲ ରହିଛେ, ହେଲେ ସେଟା ଗାଁବାସୀକର ଶୋଷ ମେଟେଇ ନାଇଁପାରବାର। ଇଆଡ଼େ ରାସ୍‌ତା ଅଭାବୁ ଗାଁକେ ନଲ୍‌ଚୁଆଁ କୁଡ଼ା କାଡ଼ି ତୁକି ନାଇଁପାରବାର। ଯେନ୍‌ଥିରଲାଗି ଗାଁରେ ଆଏଜ୍ ବି ଗୁଟେ ନଲ୍‌ଚୁଆଁ ନାଁଇଁନ। ଏନ୍‌ତାଥି ଗାଁବାସୀ ଉପେ ଶୁଇନ୍ ହେଇ ଗାଁ ପାସେ ଥିବାର ଗୁଟେ ଛୁଟିଆ ଝରନାର ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଛନ୍। ହେଲେ ଗାଁବାସୀକର ଗଧାବୁଡ଼ା ଲାଗି ପାଏନ୍‌ର ବଡ଼ଭାରି ଅଭାବ ରହିଛେ। ଖରା, ବରଷା, ଶୀତ ସବୁ ମାସେ ଝରନା ପାଏନ୍ ଗାଁବାସୀକର ଶୋଷ୍ ମେଟଉଛେ। ମାସ୍‌କେତେ ତଲେ ଅନୁଷ୍ଠିତ ସାଧାରନ୍ ନିରବାଚନ ବେଲେ ଗାଁବାସୀ ଗାଁରେ ରହିଥିବାର ମଉଲିକ ସମସିଆର ସମାଧାନ ଦାବି କରି ଭୋଟ ବରଜନ କରିଥିଲେ। ଜଂଗଲ ଭିତରେ ଅତଡ଼ିଆ ଅଂଚଲରେ ରହୁଥିବାର ଇ ଅଧିବାସୀମାନଙ୍କୁ ପରଶାସନ ଆଏଜ୍ ବି ଅନ୍‌ଦେଖା କରୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ସେନ୍ତା ଗାଁବାସୀ ସମସିଆ ବାବ୍‌ଦେ ଜିଲାପାଲଙ୍କଁର ଅଭିଯୋଗ ଶୁନାନିରେ ବି ଲିଖିତ ଅଭିଯୋଗ କରିଥିବାର ଗାଁର ଉଛବ ଠାକୁର, ଗଗନେଶ୍ୱର ଠାକୁର, ସତ୍ୟବତୀ ଦୁର୍ଗା, ମୁଗେ ମାଝୀ, ବୁଦେ ଜାନି, ଧମନତୀ ସୁନାନୀ, ଜଗନ୍ନାଥ ପୁଝାରୀ, ରଘୁମଣୀ ପୁଝାରୀ, ରାମ ମାଝୀ ପରମୁଖ କହିଛନ୍। ଇ ବାବ୍‌ଦେ କୋକସରା ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଅଜିତ ସେଠୀଙ୍କୁଁ ପଚରାଲାରୁ ଏହେଦେ ବରଷା ଦିନର ଲାଗି ଗାଡ଼ି ଯିବାର ସମ୍ଭବ ନୁହେ। ବରଷା ଦିନ ପରେ ଗାଁରେ ନଲ୍‌ଚୁଆଁ କୁଡ଼ବାର ଲାଗି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଗାଁର ମହିଳାମାନେ ଝରନ୍‌ରୁ ପିଇଲା ପାଏନ୍ ଛିନୁଛନ୍।

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ

**ଭବାନୀପାଟଣା,୨୭।୭ (ଡି.ଏନ୍.ଏ.)**

ସରକାର ଗରିବ, ଅସହାୟ, ଦିବ୍ୟାଙ୍ଗମାନଙ୍କ ପାଇଁ ଇନ୍ଦିରା ଆବାସ ଭଳି ଯୋଜନା କରିଛନ୍ତି। କେହି ଖୋଲା ଆକାଶ ତଳେ ରହିବେ ନାହିଁ ବୋଲି ଡିଣ୍ଡିମ ପିଟୁଛନ୍ତି । ହେଲେ ବାସ୍ତବରେ ଏହି ଯୋଜନା ଫେଲ ମାରିଛି । ଘର ଖଣ୍ଡେ ନ ଥିବାରୁ ଦିବ୍ୟାଙ୍ଗ ଦମ୍ପତି ଏକ ଭଙ୍ଗା କୁଡିଆରେ ଜୀବନ ବିତାଉଛନ୍ତି। ଅନ୍ୟ ଋତୁରେ ଦମ୍ପତି ଯେନତେନ ପ୍ରକାରେ ଚଳିଯାଉଥିବା ବେଳେ ବର୍ତ୍ତମାନ ବର୍ଷା ଋତୁରେ କେଉଁଠି ଗଛ ମୂଳେ ତ କାହା ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜୁଛନ୍ତି। ଘର ଖଣ୍ଡେ ପାଇବା ନେଇ ସେମାନେ ବାରମ୍ବାର ଆବେଦନ କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀୟ ସରପଞ୍ଚଙ୍କୁ ଭେଟି ଗୁହାରି କରିଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ଶେଷରେ ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ଦମ୍ପତି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ। ଦିବ୍ୟାଙ୍ଗ ଦମ୍ପତି ଚୈତନ୍ୟ ଭୋଇ ଓ ଅଞ୍ଜନା ଭୋଇ ମୁଣ୍ଡ ଗୁଞ୍ଜିବା ପାଇଁ ବହୁବାର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ପରେ ଦିବ୍ୟାଙ୍ଗ ଭତ୍ତା ପାଇଥିଲେ। ହେଲେ ଏସ୍ଇସିସି ତାଲିକା ପ୍ରତିବନ୍ଧକ ସାଜିଥିବାରୁ ଦମ୍ପତିଙ୍କୁ ଆବାସ ଯୋଜନା ନିମନ୍ତେ ସହାୟତା ମିଳିପାରି ନାହିଁ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏନେଇ ସୋନପୁର ଜିଲାର ସାମାଜିକ କର୍ମୀ ଶ୍ରୀମନ୍ତ କୁମାର ମହନ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦିବ୍ୟାଙ୍ଗ ଦମ୍ପତିଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ଯୋଗାଇ ଦେବାନେଇ ଅନୁରୋଧ କରିଥିଲେ। ସାମାଜିକ କର୍ମୀ ମହନ୍ତଙ୍କ ଆବେଦନକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇ ତୁରନ୍ତ କଳାହାଣ୍ଡି ଜିଲାପାଳଙ୍କୁ ଦମ୍ପତିଙ୍କୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମ୍ୟାଲେରିଆ ନିରାକରଣ, ସଚେତନତା କାର୍ଯ୍ୟକ୍ରମ

**କୋକସରା,୨୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆମପାଣି ପଞ୍ଚାୟତର ଦୁର୍ଗମ ଓ ଅପହଞ୍ଚ କୁଟ୍ରୁ ଗ୍ରାମରେ ମ୍ୟାଲେରିଆ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଟ୍ରୁ ଗ୍ରାମ ଓ ଏହାର ଆଖପାଖରେ ଥିବା ସର୍ଗିପାନି, ଗିରିଲିମାଲ, ଶାନ୍ତିପଡ଼ା ଗ୍ରାମର ଶତାଧିକ ମହିଳା, ପୁରୁଷଙ୍କ ସହ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ୧୧୫ଜଣ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ୯ ଜଣଙ୍କଠାରେ ମ୍ୟାଲେରିଆ ଚିହ୍ନଟ ହୋଇଥିବା ଜଣାପଡିଛି। ମୋବାଇଲ ହେଲଥ ୟୁନିଟ ସ୍ୱାସ୍ଥ୍ୟ କର୍ମୀମାନେ ଗର୍ଭବତୀ ମହିଳା, ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ମଶାରିର ବ୍ୟବହାର ଓ ପରିବେଶ ସଫା ରଖିବାକୁ ସଚେତନ କରାଯିବା ସହ ମଶାରି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭିବିଟିଏସ୍ ସୁଦେଶ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ନୟନା ପଟ୍ଟନାୟକ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ କୃଷ୍ଣ କାଣ୍ଡ, ସୁପରଭାଇଜର ଧର୍ମୁ ମାଝି, କୋକସରା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ରାଜ ଶେଖର ସହଯୋଗ କରିଥିଲେ ।




ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ମହିଳା ଓ ଶିଶୁ।

### କଲେଜ ଛାତ୍ରୀଙ୍କୁ ବଳାତ୍କାର, ଜଣେ ଅଟକ

**ଭବାନୀପାଟଣା,୨୭।୭ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଦିନକୁ ଦିନ ବଳାତ୍କାର ଅଭିଯାଗ ବଢିବାରେ ଲାଗିଛି। ଶନିବାର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ନେଇ କଳାହାଣ୍ଡି ଜିଲା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଛାତ୍ରୀ ଜଣକ କିଛି ମାସ ହେଲା ଜୟପାଟଣା ଥାନା ମୁଖୀଗୁଡ଼ା ଅଞ୍ଚଳର ଜଣେ ସମ୍ପର୍କୀୟ ମଉସାଙ୍କ ଘରେ ରହି ସ୍ଥାନୀୟ ଏକ କଲେଜରେ ପଢୁଥିଲେ। ଗତ ୨୫ ତାରିଖ ରାତିରେ ନାବାଳିକା ଜଣକ ମାଉସୀଙ୍କ ସହ ଶୋଇଥିଲେ। ପରେ ମାଉସୀ ଜଣକ କୌଣସି କାରଣରୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ମଉସା ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଛାତ୍ରୀ ଜଣକ ଶୁକ୍ରବାର ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୮୮/୧୯) ରୁଜୁ କରି ଘଟଣାରେ ସମ୍ପୃକ୍ତ ମଉସାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।




ଅତିଥିମାନେ କଳାହାଣ୍ଡି ଜିଲା ସଙ୍ଗମ ଅନୁଷ୍ଠାନର କଳାକାରମାନଙ୍କୁ ପୁରସ୍କୃତ କରୁଛନ୍ତି।

### ସର୍ବଭାରତୀୟ ସାଂସ୍କୃତିକ ମହୋତ୍ସବ କଳାହୀରା-୨୦୧୯

# କଳାହାଣ୍ଡି ସଙ୍ଗମ କଳାକାରଙ୍କ କମାଲ

**ଭବାନୀପାଟଣା,୨୭।୭ (ଡି.ଏନ.ଏ.)**

ଝାଡ଼ଖଣ୍ଡର ଧାନବାଦ୍‌ଠାରେ ଅଲ୍ ଇଣ୍ଡିଆ ଥିଏଟର୍ କାଉନ୍‌ସିଲ୍ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ସାଂସ୍କୃତିକ ମହୋତ୍ସବ 'କଳାହୀରା-୨୦୧୯'ରେ କଳାହାଣ୍ଡିର ସଙ୍ଗମ ଅନୁଷ୍ଠାନର କଳାକାରମାନେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଏଥିରେ ସଙ୍ଗମ ପ୍ରଯୋଜିତ ତଥା ନାଟ୍ୟକାର ରାଜେନ୍ଦ୍ର ପାଢ଼ୀଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଖରତପ୍' ପୁରସ୍କାର ଲାଭ କରିଛି। ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୨୮ଟି ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ 'ଖରତପ୍' ଦ୍ୱିତୀୟ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିବା ବେଳେ ରାଜେନ୍ଦ୍ର ପାଢ଼ୀ ଶ୍ରେଷ୍ଠ ନିର୍ଦ୍ଦେଶକ ତଥା ଶ୍ରେଷ୍ଠ ଅଭିନେତା, ଅନ୍ନପୂର୍ଣ୍ଣା ପଣ୍ଡା ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ସଙ୍ଗୀତ ପରିଚାଳନା ପାଇଁ ଚକ୍ରଧର ମହାରଣା ଏବଂ ଶ୍ରେଷ୍ଠ ରୂପସଜ୍ଜା ଏବଂ ମଞ୍ଚ ସଜ୍ଜା ପାଇଁ ଯୋଗେନ୍ଦ୍ର ରଣାଙ୍କୁ ପୁରସ୍କୃତ କରାଯାଇଥିଲା। ନାଟକରେ ଶୁଭ୍ରାଂଶୁ ନନ୍ଦ, ସୁଧୀର ଧଙ୍ଗଡ଼ାମାଝି, ଡିଲେଶ୍ୱର ରଣା, ଦକ୍ଷ ସାହୁ, ଭୋଳାପ୍ରସାଦ ନାଗ, ଆଶାରାଣୀ ପଣ୍ଡା, ସୁଜାତା ମଲ୍ଲିକ, ଝୁନୁ ମଲ୍ଲିକ, ବିଷ୍ଣୁ ବଇଶାଳ, ଜୟନ୍ତ ଦାସ ପ୍ରମୁଖ ଅଭିନୟ କରିଥିବା ବେଳେ ଉପସ୍ଥିତା କରୁଆଁ ଓ ଗୌରୀ ବାଗ ସହଯୋଗ କରିଥିଲେ। ସଙ୍ଗୀତରେ ସହଯୋଗ କରିଥିଲେ ଲିପ୍‌ସା ମହାରଣା, ରାକେଶ ବାଗ, ଶମ୍ଭୁ ହରିଜନ ଓ ଖଗପତି ହରିଜନ। ସଙ୍ଗମର ଏହି ସଫଳତାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡି ଯୁବ ଲେଖକ ସମାବେଶ, କଳାହାଣ୍ଡି ଥିଏଟର୍ ତଥା ଜିଲାର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି।

# ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଭବାନୀପାଟଣା,୨୭।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ସରକାରୀ ଚିକିତ୍ସାଳୟ ଆନୁକୂଲ୍ୟରେ ଏଡିଏମ୍‌ଓ ଡା. ଜଗୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୦ଜଣ ବରିଷ୍ଠ ନାଗରିକଙ୍କ ରକ୍ତ ଚାପ, ମଧୁମେହ, ଇସିଜି, ଚକ୍ଷୁ ପରୀକ୍ଷା କରାଯାଇଥିଲା। ସ୍ଥାନୀୟ ବରିଷ୍ଠ ନାଗରିକ ସଂଘର ଉଦ୍ୟମକ୍ରମେ ଏହା ଅନୁଷ୍ଠିତ ହୋଇଥିଲା। ଶିବିର ପରିଚାଳନାରେ ବରିଷ୍ଠ ନାଗରିକ ସଂଘର ସଭାପତି ବିଜୟ ହୋତା, ଉପସଭାପତି ମଳୟ ମୁଣ୍ଡ, ସାଧାରଣ ସମ୍ପାଦକ ଭାଗିରଥି ଭୋଇ, ସଭ୍ୟ ଶାନ୍ତନୁ କୁମାର ମୁଣ୍ଡ, ସୁନୀଲ କୁମାର ବେହେରା, ବିଦ୍ୟାଧର ପଣ୍ଡା, ସନ୍ତୋଷ ଦାସ, ଭରତ ଚଲାନଙ୍କ ସହ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦେଶୀ ମଦ ରନ୍ଧା ବେଳେ ପୋଲିସର ଚଢ଼ାଉ: ୨ ଗିରଫ

**ଜୁନାଗଡ,୨୭।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ସୁର୍ଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଦେଶୀ ମଦ ରନ୍ଧା ଯାଉଥିବା ଖବର ପାଇଁ ଜୁନାଗଡ଼ ପୋଲିସ ଚଢାଉ କରିଥିଲା। ସେତିକିବେଳେ ମଦ ରାନ୍ଧୁ ଥିବା କିଛି ଯୁବକ ପୋଲିସକୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ହେଲେ ପୋଲିସ କୌଶଳ କ୍ରମେ ଘଟଣାସ୍ଥଳରୁ ୨ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ଭବାନୀପାଟଣା ସଦର ଥାନା ଅଧୀନ ବଡଫୁଣ୍ଡା ଗ୍ରାମର ହଳଧର ଜାନୀ ଏବଂ ସୁର୍ଲି ଗ୍ରାମର ଦିନେଶ ଜାନି। ପୋଲିସ ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗିରଫ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ଘଟଣାସ୍ଥଳରୁ ୪ଜଣ ଫେରାର ହୋଇଯାଇଥିବା ଜଣାପଡିଛି। ଫେରାର ଯୁବକମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କେଟିଏମ୍ ନୂଆ ଶୋ'ରୁମ୍ ଉଦ୍‌ଘାଟିତ

**ଭବାନୀପାଟଣା,୨୭।୭ (ଡି.ଏନ୍.ଏ.)**

ଭବାନୀପାଟଣା ଠାରେ କେଟିଏମ୍‌ର ନୂଆ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ନୂଆ ବାଇକ୍ ଆର୍‌ସି-୧୨୫ର ବଜାର ପ୍ରବେଶ ହୋଇଛି। ସାମାଜିକ କର୍ମକର୍ତ୍ତା ଗୀତାଶ୍ରୀ ସିଂଦେଓ ଶୋ'ରୁମ୍‌ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଠି ଯୋଗଦେଇ ନଆ ବାଇକ୍‌ର ଶୁଭ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଶୋ'ରୁମ୍‌ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସଞ୍ଜୟ ସିଂଦେଓ, ସନ୍ତୋଷ କୁମାର ସିଂଦେଓ, ସୁରେଶ କୁମାର, ଶୋ'ରୁମ୍ ମ୍ୟାନେଜର ଅନୁପ ଗଡତିଆ, ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂଆ ବାଇକ୍‌ର ଦାମ ୧ ଲକ୍ଷ ୬୪ ହଜାର ରହିଛି। ଆଗାମୀ ଦିନରେ କେଟିଏମ୍ ପକ୍ଷରୁ ୭୯୦ ନୂତନ ବାଇକ୍ ବଜାର ପ୍ରବେଶ କରିବ ବୋଲି ଶୋ'ରୁମ୍‌ର ଡାଇରେକ୍ଟର ସିଂଦେଓ ପ୍ରକାଶ କରିଛନ୍ତି। ବଜାରକୁ ଆସିଥିବା ଆର୍‌ସି-୧୨୫ ବାଇକ୍ ଲିଟର୍ ପିଛା ୪୫ କି.ମି. ଯାଉଥିବା ସେ ପ୍ରକାଶ କରିଛନ୍ତି।



କେଟିଏମ୍‌ର ଶୋ'ରୁମ୍‌ର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

# ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା

**ଜୁନାଗଡ଼,୨୭।୭ (ଡି.ଏନ୍.ଏ.)**

କେନ୍ଦ୍ର ସରକାର ପରିବେଶକୁ ସଫାସୁତୁରା ରଖିବା ନେଇ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିଛନ୍ତି। ଏହି ମିଶନ ଜରିଆରେ ପ୍ରତି ପରିବାରକୁ ପାଇଖାନା ନିର୍ମାଣ କରିବା ପାଇଁ ୧୨ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଫଳରେ ଲୋକେ ଖୋଲାରେ ଶୌଚ ନ କରି ପାଇଖାନା ବ୍ୟବହାର କରିବେ। ତେବେ ଅଧିକାଂଶ ଲୋକ ପାଇଖାନା ନିର୍ମାଣ କରିବାକୁ କୁଣ୍ଠାବୋଧ କରୁଥିବା ବେଳେ ଆଉ କେତେକ ଲୋକ ଆର୍ଥିକ ଅଭାବରୁ ପାଇଖାନା ନିର୍ମାଣ କରିପାରୁ ନ ଥିଲେ। ଫଳରେ ପ୍ରତି ପରିବାର ଯେମିତି ପାଇଖାନା ନିର୍ମାଣ କରିପାରିବେ ସେ ନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ପାଇଖାନା ନିର୍ମାଣ କରିବା ପାଇଁ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଠିକାଦାରମାନେ ଗ୍ରାମଗୁଡିକରେ ପାଇଖାନା ନିର୍ମାଣ କରୁଛନ୍ତି। ତେବେ ବିଭାଗ ପକ୍ଷରୁ ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଜଣାପଡିଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ଗ୍ରାମରେ।

ଗ୍ରାମରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜଣେ ଠିକାଦାର ଅର୍ଥ ଲୋଭରେ ଏଷ୍ଟିମେଣ୍ଟ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁ ନ ଥିବା ଜଣାପଡିଛି। ଗ୍ରାମର ଘନଶ୍ୟାମ ରଣାଙ୍କ ପାଇଖାନା ନିର୍ମାଣ ଶେଷ ହୋଇଥିବା ବେଳେ ୩ ମାସ ହେଲା ପାଇଖାନା ଟାଙ୍କିର ଢାଙ୍କୁଣୀ ଲଗାଯାଇନାହିଁ। ଫଳରେ ସେ ପାଇଖାନା ବ୍ୟବହାର କରୁ ନ ଥିବା ଅଭିଯୋଗ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ପାଇଖାନା ପାଇଁ ୩ ଫୁଟର ୨ଟି ଟାଙ୍କି ନିର୍ମାଣ ହେବା କଥା। ହେଲେ ଗୋଟିଏ ୩ ଫୁଟର ଟାଙ୍କି ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଗ୍ରାମର ଯୁଧିଷ୍ଠିର ରଣା ଓ ପଦ୍ମନ ରଣାଙ୍କ ପାଇଖାନା ପାଇଁ ଗୋଟିଏ ମାତ୍ର ଟାଙ୍କି କରାଯାଇଛି। ଗ୍ରାମର ଭାସ୍କର ରଣାଙ୍କ ପାଇଖାନା ଅଧପନ୍ତରିଆ ହୋଇଥିବା ବେଳେ ପରିବାର ଲୋକ ଏହାକୁ ଷ୍ଟୋର ରୁମ୍ କରିଥିବା ଜଣାପଡିଛି। ଗ୍ରାମର ଅଧିକାଂଶ ଲୋକଙ୍କ ଘରେ ପାଇଖାନା ନିର୍ମାଣ ହୋଇଛି। ହେଲେ ଏହା ଠିକ୍ ଭାବେ କାମ ହୋଇ ନ ଥିବାରୁ ଲୋକେ ପାଇଖାନା ବ୍ୟବହାର କରୁ ନ ଥିବା ଜଣାପଡିଛି। ଏଠାରେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଛି।






ଜଣେ ହିତାଧିକାରୀଙ୍କ ପାଇଖାନା ଟାଙ୍କିର ଢାଙ୍କୁଣୀ ଲଗାଯାଇନାହିଁ (ବାମ)। ପାଇଖାନାକୁ ବ୍ୟବହାର ନ କରି ଜଣେ ହିତାଧିକାରୀ ଷ୍ଟୋରରୁମ କରିଛନ୍ତି।

**କଳିଆକୁଣ୍ଡଲ ଗ୍ରାମ**

- ୨ ଟାଙ୍କି ବଦଳରେ ନିର୍ମାଣ କରାଯାଉଛି ଗୋଟିଏ ଟାଙ୍କି
- ୩ମାସ ପରେ ବି ଟାଙ୍କିର ଢାଙ୍କୁଣୀ ଲଗାଯାଉ ନାହିଁ
- କାମରେ ଆସୁନି ପାଇଖାନା
- ପାଇଖାନା ପାଲଟିଛି ଷ୍ଟୋର ରୁମ

ଅନ୍ୟପକ୍ଷେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିଲେ ମଧ୍ୟ ତଦାରଖ କରୁଥିବା ଯନ୍ତ୍ରୀ, କର୍ମଚାରୀ କିପରି ଜାଣିପାରୁ ନାହାନ୍ତି ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିପ୍ରତି କଳାହାଣ୍ଡି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍ସିସ୍ ବାକନ

## ସଂକ୍ଷେପରେ

### ଗୁରୁକୁଳ ସ୍କୁଲରେ କାର୍‌ଗିଲ ବିଜୟ ଦିବସ ପାଳିତ

**ଭବାନୀପାଟଣା, ୨୭।୭ (ଡି.ଏନ୍.ଏ.)-** ସ୍ଥାନୀୟ ଟାଇମ୍ସ ଏକାଡେମୀ ଗୁରୁକୁଳ ସ୍କୁଲରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ ଶହୀଦ୍ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ଯଶୋବନ୍ତି ମେହେରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସ୍କୁଲରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଆମ୍ବେଡ଼କର ଛକ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ କାରଗିଲ ଦିବସ ଉପଲକ୍ଷେ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଗୋଏଲପାଣି ଗାଁ ନାଳା ପୋଲ

# ଭାଙ୍ଗିବାର ବର୍ଷେ ପରେ ବି ନିର୍ମାଣ ହେଉନି

**ସିନାପାଲି, ୨୬।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତବର୍ତ୍ତି ଗୋଏଲପାଣି ଗାଁ ନାଳା ପୋଲ ଭାଙ୍ଗିବାର ଇତି ମଧ୍ୟରେ ବର୍ଷେ ବିତିଯାଇଛି। ହେଲେ ପୋଲ ନିର୍ମାଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇରେ ନାଳା ପୋଲ ଭାଙ୍ଗି ଯାଇଥିଲା। ଏନେଇ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ପ୍ରଶାସନିକ ଏକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରି ଫେରିବା ସହ ଯଥାଶୀଘ୍ର ପୋଲି ନିର୍ମାଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ପୋଲ ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବର୍ଷା ଋତୁରେ ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି । ଏପରି କି ଉକ୍ତ ନାଳ ପାରହୋଇ ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଜଣାପଡିଛି। ଅନ୍ୟପକ୍ଷେ ନିକଟସ୍ଥ ଗୋଏଲ ଜଙ୍ଗଲରୁ ବର୍ଷା ପାଣି ଏହି ନାଲ ଦେଇ ପ୍ରବାହିତ ହୋଇଥାଏ । ଫଳରେ ଗାଁ ଲୋକେ କୁଆଡେ ଯାଇ ନ ପାରି ଜଳବନ୍ଦୀ ଜୀବନ ବିତାଉଛନ୍ତି । ନୂଆପଡା ପଞ୍ଚାୟତ ଅଧୀନରେ ଏହି ଗାଁ ରହିଥିବା ବେଳେ ଗୋଏଲ ପାଣି ଏକ ରାଜସ୍ୱ ଗାଁ । ଏଠାକାର ଜନସଂଖ୍ୟା ପ୍ରାୟ ୫ଶହ । ଏଠାରେ ପହରିଆ ଓ ଗଉଡ ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ଜନସାଧାରଣ ମୁଖ୍ୟତଃ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ଗାଁର ଚାରିଆଡେ ଘଞ୍ଚ ଜଙ୍ଗଲ ଲାଗି ରହିଥିବା ବେଳେ ପଞ୍ଚାୟତକୁ ଯିବା ପାଇଁ ଲୋକଙ୍କୁ ୨ କି.ମି. ଦୂର ଚାଲିବାକୁ ପଡିଥାଏ। ଫଳରେ ପିଡିଏସ୍ ସାମଗ୍ରୀ ସହ ଅନ୍ୟାନ୍ୟ କାମ ପାଇଁ ଯିବାବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଯଥାଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ଯଥାଶୀଘ୍ର ପୋଲ ନିର୍ମାଣ କାମ କରାଯି। ଏପରି କି ଗ୍ରାମର ସମସ୍ୟା ନେଇ ସେ ଅବଗତ ଅଛନ୍ତି। ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଥିଲେ।

**ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ**



ଭାଙ୍ଗି ପଡ଼ିଥିବା ଗୋଏଲପାଣି ଗାଁ ନାଳା ପୋଲ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣିଆ ରୂପେ ଝାଡ଼େ
ଡାହାଣୀ ରୂପେ ଖାଏ ।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେ ପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି କରି ସେ ନିଜର ପାରିବାପଣିଆ ଜାହିର କରିବା ସହ ବାହାଦୁରି ଦେଖେଇ ହେବାର ଚେଷ୍ଟା କରିଥାଏ। ଦୁଇପ୍ରକାର ମିଛ ଅଭିନୟ କରି ଭୂଆଁ ବୁଲାଉଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଛରେ ଚଢ଼ିଛି ମରିବା ପାଇଁ
ଜାମିନ ହୋଇଛି ଶୁଝିବା ପେଇଁ ।**

ସାଧାରଣତଃ ଜାମିନଦାରମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକଙ୍କୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଧାଁଦଉଡ଼ କରିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଥାନା ସମ୍ମୁଖରେ ଟ୍ରକ ତଳକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡା ଅଫିସ, ୨୭।୭**

ନୂଆପଡା ଜିଲା ସଦରମହକୁମା ଥାନା ସମ୍ମୁଖରେ ଶନିବାର ଅପରାହ୍ଣ ୫ଟାବେଳେ ରାଜୁ ଶବର (୪୦)ନାମକ ଜନୈକ ଯୁବକ ଯୋଜନାବଦ୍ଧ ଭାବେ ଏକଟ୍ରକ ପଛ ଚକ ଭିତରେ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏହି ଦୃଶ୍ୟ ଥାନାରେ ଥିବା ସିସିଟିଭିରେ କଏଦ ହୋଇଥିବାରୁ ସ୍ପଷ୍ଟ ଜଣାପଡିଛି । ତାଙ୍କ ଘର ସ୍ଥାନୀୟ ମହୁଲଭଟା ଗାଁରେ। ସମୟ ଠିକ ୫ଟା ବେଳର କଥା । ରାଜୁ ଥାନା ସମ୍ମୁଖରେ ପ୍ରସ୍ତୁତି କରି ଜଗି ରହିଥିଲେ। ନୂଆପଡା ପଟୁ ଖରିଆରରୋଡ ଅଭିମୁଖେ ଯାଉଥିବା ଏକ ଟ୍ରକ ଏପି ୩୯-୪୫୭୯ ତାଙ୍କ ସମ୍ମୁଖରେ ଗଡିଯିବାବେଳକୁ ଠିକ ପଛଚକ ଭିତରକୁ ଡେଇଁ ପଡିଥିଲେ। କ୍ଷଣକରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ସମସ୍ତ ଲୋକ ରୁଣ୍ଡ ହୋଇଯାଇଥିବାବେଳେ ପୋଲିସ ଟିମ ଦୌଡିଥିଲା। ଟ୍ରକକୁ ପିଛା କରି ଖରିଆରରୋଡ ନିକଟରେ ପୋଲିସ ଧରିଥିଲା। ଟ୍ରକକୁ ପୋଲିସ ଜବତ କରିଛି। ମୃତ ଦେହକୁ ଜବତ କରି ଏକ ମାମଲା (ନଂ.୭୯/୧୯)ରୁଜୁ କରି ତଦନ୍ତ ଜାରି ରଖିଛି।

**ସିସିଟିଭିରେ କଏଦ ହେଲା ଦୃଶ୍ୟ**



ନୂଆପଡା-ଖରିଆରରୋଡ ରାସ୍ତାର ଡାହାଣ ପଟରୁ ବାମ ପଟକୁ ଯୁବକ ଆସୁଛନ୍ତି(ବାମ)। ନୂଆପଡା ସହର ପଟୁଆସୁଥିବା ଟ୍ରକକୁ ଜଗି ରହିଛନ୍ତି (ମଝି)। ଟ୍ରକ୍ ଭିତରକୁ ଲମ୍ଫ ଦେଉଛନ୍ତି।

# ଦାଦନ ଖଟିବାକୁ ଯାଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**କୋମନା, ୨୭।୭ (ଡି.ଏନ.ଏ)**

ପରିବାର ଭରଣ ପୋଷଣ ନିମନ୍ତେ ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ଯାଇ ଗୁରୁବାର ଜଣେ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଦାଦନ ଶ୍ରମିକ ହେଉଛନ୍ତି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବରପଦର ଗାଁର ସୁନାଧର ସବର (୫୦)। ମିଳିଥିବା ସୂଚନା ଅନୁସାରେ ସୁନାଧର ଆନ୍ଧ୍ର ପ୍ରଦେଶର ଏକ ଇଟା ଭାଟିରେ କିଛି ଦିନ ହେଲା କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା। ଇଟାଭାଟି ମାଲିକ ସୁନାଧରଙ୍କ ଚିକିତ୍ସା ଲାଗି ଧ୍ୟାନ ଦେଲେ ନାହିଁ । ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୁନାଧରଙ୍କ ଜମି ବାଡି ନ ଥବାରୁ ପରିବାର ଭରଣପୋଷଣ ପାଇଁ ବିଭିନ୍ନ ସମୟରେ ବାହାର ରାଜ୍ୟକୁ ରୋଜଗାର କରିବାକୁ ଯାଉଥିଲେ। ତାଙ୍କର ପରିବାର କହିଲେ ସ୍ତ୍ରୀ ଉର୍ମିଳା ଓ ନବମରେ ପାଠ ପଢୁଥିବା ଝିଅ ସବିତା। ସବିତା ମଧ୍ୟ ପିତାଙ୍କ ଅନୁପସ୍ଥିତିରେ କୁଲି ମଜୁରି କାମ କରି ପାଠ ପଢିବାକୁ ଯାଉଥିଲେ। ପରିବାର ଲୋକଙ୍କ କହିବାନୁସାରେ ସ୍ଥାନୀୟ ଏକ ଦଲାଲ ଠାରୁ ୫ ହଜାର ଟଙ୍କା ଅଗ୍ରୀମ ନେଇ ଗତ ୧୬ ତାରିଖରେ ପଲସିପାଣି ଗାଁର କିଛି ଲୋକଙ୍କ ସହ ମିଶି ଦାଦନ ଖଟିବାକୁ ଯାଇଥିଲେ। କାମ କରୁଥିବା ସମୟରେ ସେ ଅସୁସ୍ଥ ହୋଇଥିଲେ। ତାଙ୍କ ସାଙ୍ଗରେ ଥିବା ପରିଚିତ ଲୋକମାନେ ସ୍ଥାନୀୟ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ଅତି ଗୁରୁତର ଅବସ୍ଥା ହେବାରୁ ଗୁରୁବାର ସକାଳେ ସୁନାଧରଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁପରେ ଗାଁକୁ ଖବର ଆସିଲା ଶବ ନେବା ପାଇଁ, ହେଲେ ଅର୍ଥାଭାବରୁ ଶବ ଆଣିବା ସମ୍ଭବ ହେଲା ନାହିଁ। ବର୍ତ୍ତମାନ ମା, ଝିଅ କାନ୍ଦିକାନ୍ଦି କେମିତି ଚଳିବେ, ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି।



ମୃତ ସୁନାଧର ଶବରଙ୍କ ପରିବାର ସଦସ୍ୟ।

### ପ୍ରଗତି ସିବିଏସ୍‌ଇ କଲେଜର ସ୍ୱାଗତ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୭।୭ (ଡି.ଏନ୍.ଏ.)**

ଭବାନୀପାଟଣା ପ୍ରଗତି ସିବିଏସ୍‌ଇ କଲେଜର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଇଂ. ଅଜୟ କୁମାର ପଣ୍ଡା, ସମ୍ପାଦିକା ସଂଗୀତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। କଲେଜ ଅଧକ୍ଷ ବିଶ୍ୱଜିତ୍ ମହାନ୍ତି ଉତ୍ସବରେ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନୂତନ ଭାବେ ଯୋଗ ଦେଇଥିବା ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସିବାଙ୍ଗୀ ଏବଂ ଆରୟାନ୍ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୁଶୁଡିଲା କାନ୍ଥ: ଅଳ୍ପକେ ବର୍ତ୍ତିଲେ ଷ୍ଟାଫ ନର୍ସ

**ଭବାନୀପାଟଣା, ୨୭।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରାତି ପ୍ରାୟ ୨ଟାରେ ଏକ ଅଭାବନୀୟ ଘଟଣା ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଏକ ନବ ନିର୍ମିତ କୋଠରି କାନ୍ଥ ଭୁଶୁଡି ପଡିଥିଲା। ଏଥିରେ ଜଣେ ଷ୍ଟାଫ ନର୍ସ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ଆସବାବପତ୍ର କାନ୍ଥ ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି। ଜିଲା ପ୍ରଶାସନ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା। ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଭାଲୁଲତାରେ ଏନ୍‌ଡିଆର୍‌ଏଫ୍‌ର ପ୍ରଶିକ୍ଷଣ ଶିବିର

ବିଶ୍ରା, ୨୭।୭ (ଡି.ଏନ.ଏ)

ବିଶ୍ରା ବ୍ଲକ ଅନ୍ତର୍ଗତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଭାଲୁଲତା ସରକାରୀ ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ମଣ୍ଡଳୀରେ ଅବସ୍ଥାପିତ ତୃତୀୟ ଏନଡିଆରଏଫ ଇନ୍ସପେକ୍ଟର ସୁନୀଲ କୁମାର ଶାନ୍ତି ଓ ସବ୍‌ଇନ୍ସପେକ୍ଟର ଟିକେ ବେହେରା ପ୍ରମୁଖ ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅରୁନ୍ଧତୀ ରାଉତ ଏହି ତାଲିମ ତଥା ପ୍ରଶିକ୍ଷଣ ଶିବିରରେ ଉପଦେୟତା ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏନଡିଆରଏଫ ସଦସ୍ୟ ଲୋକନାଥ ସେଠ, ପିଆର ବାରିକ ଯୋଗଦେଇଥିବା ବେଳେ ଇନ୍ସପେକ୍ଟର ଶାନ୍ତି ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରାଥମିକ ସେବା ତଥା ଆଶୁ ଚିକିତ୍ସା କିପରି କରାଯାଇ ପାରିବ ସେ ବିଷୟରେ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ସରକାରୀ ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଲତା ଷଡଙ୍ଗୀ, ସୀମା ମଞ୍ଜୁରୀ ପଟେଲ, ବରିଷ୍ଠ କିରାଣୀ ଲିପିକା ନାୟକ ଓ ବିଦ୍ୟାଳୟ ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ପଞ୍ଚାୟତ ଗଠନର ପୁରୋଧା ତଥା ପୂର୍ବତନ ଶିକ୍ଷକଙ୍କ ପରଲୋକ

ନୂଆଗାଁ, ୨୭।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ପୂର୍ବତନ ଶିକ୍ଷକ ତଥା ଉର୍ମେଇ ପଞ୍ଚାୟତ ଗଠନର ମୁଖ୍ୟ ପୁରଧା କୁହାଯାଉଥିବା ବୃନ୍ଦାବନ ପଣ୍ଡା ଆଉ ନାହାନ୍ତି । ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୃଦରୋଗ ଯୋଗୁ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ତାଙ୍କ ଘର ନୂଆଗାଁ ବ୍ଲକ ଅନ୍ତର୍ଗତ ଉର୍ମେଇ ଗ୍ରାମରେ । ତାଙ୍କ ମୃତ ଶରୀରକୁ ଶୁକ୍ରବାର ତାଙ୍କ ଜନ୍ମମାଟି ଉର୍ମେଇ ଗ୍ରାମକୁ ଆଣି ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ନୂଆଗାଁ ବ୍ଲକ ଅଧକ୍ଷ ମଖଲୁ ଏକ୍କା, ବରିଷ୍ଠ ନେତା ତଥା ସମାଜସେବୀ ଗଜେନ୍ଦ୍ର ସାହୁ, ନୂଆଗାଁ ବ୍ଲକ ଶିକ୍ଷକ ସଂଘ ପ୍ରମୁଖ ଶୋକପ୍ରକଟ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ପଣ୍ଡା କେବଳ ବୃତ୍ତିରେ ଜଣେ ଶିକ୍ଷକ ନଥିଲେ ସେ ନିଜଗାଁର ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରିଆସୁଥିଲେ । ଗତ ୨୦୦୧–୨୦୦୨ ମସିହାରେ ନୂଆଗାଁ ବ୍ଲକରେ ନୂତନ ପଞ୍ଚାୟତ ଗଠନ ସମୟରେ ତାଙ୍କ ନିଜସ୍ୱ ଗ୍ରାମ ଉର୍ମେଇ ଗ୍ରାମକୁ ପଞ୍ଚାୟତ କରିବାକୁ ବର୍ତ୍ତମାନର ବ୍ଲକ ଅଧକ୍ଷ ମଖଲୁ ଏକ୍କା ଓ ଗଜେନ୍ଦ୍ର ସାହୁଙ୍କୁ ଅନୁରୋଧ କରି ସଫଳ ମଧ୍ୟ ହୋଇଥିଲେ ।

୨ବର୍ଷ ହେଲା କିରେଇ ସୂତାକଳରେ ତାଲା ଝୁଲୁଛି

# ୫୦୦ କର୍ମଚାରୀ ପରିବାର ଭୋକ ଉପାସରେ

## ■ ସୂତାକଳ କାର୍ଯ୍ୟକ୍ଷମ ପାଇଁ ସରକାର ପଦକ୍ଷେପ ନେବାକୁ ମଜଦୁର ସଂଘ ପକ୍ଷରୁ ଦାବି

ସୁନ୍ଦରଗଡ଼, ୨୭।୭ (ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ସୁନ୍ଦରଗଡ କିରେଇସ୍ଥିତ ଅଶୋକା ସିନ୍ଥେଟିକ୍ସ ସୂତାକଳରେ ଗତ ୨ବର୍ଷ ହେବ ତାଲା ଝୁଲୁଥିବା ବେଳେ ଏଠାରେ କାର୍ଯ୍ୟରତ ୫୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଦରମା ନ ପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ରାଜ୍ୟ ସରକାର ଏହି ସୂତାକଳର ପରିଚାଳନା ଦାୟିତ୍ୱ ନେଇ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଶୋକା ସିନ୍ଥେଟିକ୍ସ ମଜଦୁର ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଆଡଭୋକେଟ ଶ୍ୟାମସୁନ୍ଦର ମିଶ୍ର ସୁନ୍ଦରଗଡର ଏହି ଶ୍ରମିକମାନଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ସେମାନଙ୍କର ବକେୟା ଦରମା ପ୍ରଦାନ ସାଙ୍ଗକୁ କର୍ମନିଯୁକ୍ତି ସକାଶେ ସରକାର ଯଥାଶିଘ୍ର ଏହି ସୂତାକଳର ପରିଚାଳନା ଦାୟିତ୍ୱ ନେବା ଜରୁରୀ ହୋଇପଡିଥିବା କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟର ତତ୍କାଳୀନ କଂଗ୍ରେସ ସରକାର ଅମଳରେ ହଜାରେ ଦିନରେ ହଜାରେ ଶିଳ୍ପ ନାରାରେ ସୁନ୍ଦରଗଡ ଜିଲା ସଦର ମହକୁମା କିରେଇ ଠାରେ ୧୯୮୧ –୮୨ ମସିହାରେ ଆରମ୍ଭ ହୋଇଥିଲା ଗାଙ୍ଗପୁର ବୁଣାକାର ସମବାୟ ସମିତି ସୂତାକଳ। ରାଜ୍ୟ ବୟନଶିଳ୍ପ ବିଭାଗ ପରିଚାଳନା ବୋର୍ଡ ମାଧ୍ୟମରେ ପାଖାପାଖି ୬୦ ଏକର ପରିମିତ ଜମିରେ ପ୍ରତିଷ୍ଠା ହୋଇଥିଲା ଏହି ସୂତାକଳ। ଏଥିରେ ୧୨ଶହରୁ ଉର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ନିୟୋଜିତ ହୋଇ ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ । ପରବର୍ତ୍ତୀ ସମୟରେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ଏହି ୟୁନିଟଟି ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇ ବନ୍ଦ ହୋଇଯାଇଥିଲା। ଏହା ପରେ ୧୯୯୩–୯୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ସୂତାକଳକୁ ଘରୋଇ ଉଦ୍ୟୋଗୀକରଣ ମାଧ୍ୟମରେ ପୁନଃ କାର୍ଯ୍ୟକ୍ଷମ ସକାଶେ ନିଷ୍ପତ୍ତି ନେଇଥିଲେ। ଏହାପରେ କୋଲକତାର ଜଣେ ବ୍ୟବସାୟୀ ଅଶୋକା ସିନ୍ଥେଟିକ୍ସ ପ୍ରାଇଭେଟ ଲିମିଟେଡ ନାମରେ ଏହି ସୂତାକଳରୁ ୫୦୦ କର୍ମଚାରୀଙ୍କୁ ନେଇ ୧୯୯୪–୯୫ ମସିହାରୁ ଉତ୍ପାଦନ ଆରମ୍ଭ କରିଥିଲେ। ଏହି ସୂତାକଳ କାର୍ଯ୍ୟକ୍ଷମ ହେବା ପରେ ୫ଶହ କର୍ମଚାରୀ ଓ ଶ୍ରମିକଙ୍କ ପରିବାର ସମେତ ୩ରୁ ୪ହଜାର ଜଣ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପରିଚାଳନା ନିର୍ଦ୍ଦେଶକ ଥିବା ପବନ ପାଟୋଡିଆ ଏହି ସୂତାକଳ ପରିଚାଳନା ନିର୍ଦ୍ଦେଶକ ଭାବେ ତାଙ୍କ ପୁଅ ମୋଇନ ପାଟୋଡିଆଙ୍କୁ ନିଯୁକ୍ତ କରି ସୂତାକଳର ନାମ ଆଶୋକାମଲ୍ଟିୟାର୍ନ ମିଲ ଲିମିଟେଡ ନାମରେ ନାମିତ କରି ଉତ୍ପାଦନ କରି ଆସୁଥିଲେ । ଫେବୃଆରୀ ୨୦୧୭ରୁ ଏହି ସୂତାକଳ ପୁଣି ବନ୍ଦ ହୋଇ ଉତ୍ପାଦନ ବନ୍ଦ ହେବାରୁ ଏଠାରେ କାର୍ଯ୍ୟରତ ୫ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ପରିବାର ଏବେ ଦରମା ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ଏପରିକି ସୂତାକଳ ପରିଚାଳନା କର୍ତ୍ତୃପକ୍ଷ ୨୦୧୪ ମସିହାରୁ ଶ୍ରମିକଙ୍କ ଇପିଏଫ୍ ବାବଦ ଅଂଶ ଟଙ୍କା ପଇଠ କରି ନଥିବାରୁ ଶ୍ରମିକ କର୍ମଚାରୀମାନେ ସେମାନଙ୍କ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବକେୟା ଦରମା ନେଇ ସୂତାକଳର ଅଶୋକା ସିନ୍ଥେଟିକ୍ସ ମଜଦୁର ସଂଘ ଜରିଆରେ କର୍ମଚାରୀ ମାନେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ ପରେ ଗତ ୨୦୧୭ ଅଗଷ୍ଟ ୨ ତାରିଖରେ ପ୍ରଶାସନ ତଥା ଶ୍ରମବିଭାଗ ପକ୍ଷରୁ ଏହି ସୂତାକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ବକେୟା ଦରମା, ବୋନସ ପ୍ରଦାନ ସହ ଇପିଏଫ୍ ଟଙ୍କା ପଇଠ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ପରିଚାଳନା କର୍ତ୍ତୃପକ୍ଷ ସୂତାକଳରେ ତାଲା ପକାଇ ନିଶ୍ଚିନ୍ତ ହୋଇରହିଛନ୍ତି। ଫଳରେ ଏଠାରେ ଥିବା କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ପନ୍ଥା ଅବଲମ୍ବନ କରୁଥିବା ବେଳେ ଆଉ କେତେକ ସୁରଟ ସୂତାକଳରେ ଯାଇ କାର୍ଯ୍ୟ କରୁଛନ୍ତି। ଏଣୁ ଏହି ସୂତାକଳ ପୁନଃ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ସକାଶେ ଅଶୋକା ସିନ୍ଥେଟିକ୍ସ ମଜଦୁର ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି କୁନୁ ପଶାୟତ, ସାଧାରଣ ସମ୍ପାଦକ କେଦାର ଚନ୍ଦ୍ର ପଟେଲ ଉପସଭାପତି ଗଣେଶ ରାମ ନାଏକ, ହେମନ୍ତ କୁମାର ପଟେଲ, ସହକାରୀ ସମ୍ପାଦକ ଭେଷଜ ରଥ, ନିତ୍ୟାନନ୍ଦ ପଟେଲ, କୋଷାଧ୍ୟକ୍ଷ ପରମେଶ୍ୱର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧୁକ ମୁନରେ ପେଟ୍ରୋଲ ପମ୍ପରୁ ଡକାୟତି

#### ୪୧ହଜାର ଟଙ୍କା ସମେତ ୫ ମୋବାଇଲ ଲୁଟିନେଲେ

ବଣାଇ,୨୭।୭(ସ୍ୱ.ପ୍ର.) –ବଣାଇଁ ଉପଖଣ୍ଡ କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଳାଠାରେ ଥିବା ଏମ୍‌ଆରଏ ପେଟ୍ରୋଲ ପମ୍ପରୁ ଶୁକ୍ରବାର ରାତିରେ ତିନିଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ନଗଦ ୪୧ ହଜାର ଟଙ୍କା ଏବଂ ୪ଜଣ ପେଟ୍ରୋଲପମ୍ପ କର୍ମଚାରୀଙ୍କ ଠାରୁ ୫ଟି ମୋବାଇଲ ଲୁଟିନେଇ ଫେରାର ମାରିଛନ୍ତି। ଏ ସଂକ୍ରାନ୍ତରେ ପେଟ୍ରୋଲ ପମ୍ପର ମ୍ୟାନେଜର ଆଦିତ୍ୟ କୁମାର ସାହୁ କୋଇଡା ଥାନାରେ ସୂଚନା ଦେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ କ୍ରମେ ପେଟ୍ରୋଲପମ୍ପର ସିସିଟିଭି ଫୁଟେଜକୁ ଆଧାରକରି ଦେଖାଯିବା ପରେ ରାତି ପ୍ରାୟ ୧୧ଟାରେ ତିନିଜଣ ମୁଖାପିନ୍ଧା ବ୍ୟକ୍ତି ହଠାତ ପମ୍ପ ଭିତରକୁ ପଶି ବନ୍ଧୁକ ଦେଖାଇ ସବୁ ଲୁଟି ନେଉଛନ୍ତି। କର୍ମଚାରୀଙ୍କୁ ଭୟଭୀତ କରିବା ପାଇଁ ମାଡ ମାରୁଥିବା ଦୃଶ୍ୟ ମଧ୍ୟ ସିସିଟିଭି ଫୁଟେଜରେ ସ୍ପଷ୍ଟ ଜଣାପଡୁଛି। ପରେ ପୋଲିସ ତନାଘନା କରିବାରୁ ଏହି ଲୁଟେରାମାନେ ଏକ ନମ୍ବର ବିହିନ ବାଇକରେ ଆସି ଫେରାର ହୋଇଯାଇଥିବା ଜଣାପଡିଛି। ଖଣି ଖାଦାନଭରା ଅଞ୍ଚଳରେ ରାସ୍ତାଘାଟର ଅବସ୍ଥା ଭଲ ନଥିବା, ବ୍ୟାପକ ଯାନାବହାନ ଚଳାଚଳ କରୁଥିବା ଯୋଗୁଁ ଟ୍ରାଫିକ ଅନେକ ସମୟରେ ଜାମ ରହୁଥିବା ଇତ୍ୟାଦି କାରଣ ତଥା କଥିତ ଏଭଳି ଲୁଟେରାଙ୍କୁ ପରୋକ୍ଷରେ ଆଶୀର୍ବାଦ ସାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ସରକାରୀ ପାଚେରି ଭାଙ୍ଗିବା ଅଭିଯୋଗ

ସୁନ୍ଦରଗଡ, ୨୭।୭ (ଡି.ଏନ୍.ଏ)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଜପଙ୍ଗା ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଚାଲିଥିବା ଏକ ଦେମୂଳର ପାଚେରୀ କାର୍ଯ୍ୟ ଚାଲିଥିବା ବେଳେ ସେହି ଗ୍ରାମର କିଛି ଯୁବକ ୨୦ହଜାର ଟଙ୍କା ଦାଦାବଟି ଦାବି କରିଥିଲେ। ଦାବି ମୁତାବକ ନ ମିଳିବାରୁ ନିର୍ମାଣଧୀନ ପାଚେରିକୁ ଭାଙ୍ଗି ଦେଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ସମ୍ପୃକ୍ତ କାର୍ଯ୍ୟର ଠିକାଦାର ହେରାଚାନ୍ଦ ବେହୁରିଆଙ୍କ ଅଭିଯୋଗ କ୍ରମେ ପୋଲିସ ସଦର ଥାନାରେ ଏକ ମାମଲା (ନଂ.୧୩୪।୨୦୧୯) ରୁଜୁ କରିଛି। ଗ୍ରାମର ପ୍ରସାଦ ନାଏକ ଓ ସୁଧୀର ସାଙ୍କ ସମେତ ୪ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାଚେରି ନିର୍ମାଣ ପାଇଁ ଠିକା ନେଇଥିବା ଠିକାଦାର ହେରାଚାନ୍ଦ ବେହୁରିଆ ତାଙ୍କ ଏତାଲାରେ ଦର୍ଶାଇଛନ୍ତି ଯେ , ଗ୍ରାମର ପ୍ରସାଦ ଓ ସୁଧୀର ଅନ୍ୟ ୨ଜଣଙ୍କ ସହ ମିଶି ଆମ ଗାଆଁର କାମ ବାହାରୁ ଆସି କେହି କରିପାରିବେ ନାହିଁ। ଯଦି କରିବେ ତାହାହେଲେ ୧୦ ପ୍ରତିଶତ କମିଶନ ହିସାବରେ ସେମାନେ ୨୦ ହଜାର ଟଙ୍କା ଦାଦାବଟି ଦାବି କରିଥିଲେ। ଏଥିରେ ଠିକାଦାର ଜଣକ ଅସହାୟତା ପ୍ରକାଶ କରିବାରୁ ଏହି ଯୁବକମାନେ କାର୍ଯ୍ୟରେ ନିୟୋଜିତ ଥିବା ମିସ୍ତ୍ରୀ ଓ ଶ୍ରମିକ ମାନଙ୍କୁ ଧମକ ଚମକ ଦେଇ କାମବନ୍ଦ କରିଥିଲେ। ତହିଁ ପରଦିନ ସକାଳେ ପାଚେରି ଭାଙ୍ଗି ଯାଇଥିବା ଦେଖିବାକୁ ପାଇ ଠିକାଦାର ଏସମ୍ପର୍କରେ ସଦର ଥାନାରେ ରିପୋର୍ଟ କରିଥିଲେ।



ଭଙ୍ଗା ଯାଇଥିବା ପାଚେରି।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ବଡଗାଁରେ ୯୩ ଓ ଟିକିଲିପଡାରେ ୨୦୪ ଉପକୃତ

ବଡଗାଁ, ୨୭।୭ (ଡି.ଏନ.ଏ)

ବଡଗାଁ ବ୍ଲକର ବଡଗାଁ ଓ ଟିକିଲିପଡାରେ ଶୁକ୍ରବାର ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଡଗାଁ ଆଇଟିଆଇ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥି ପାଣ୍ଡେ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ । କିନ୍ତୁ ସେଠାରେ ପରିସ୍ଥିତି ଭିନ୍ନରୂପ ନେବାରୁ ଡାକ୍ତରମାନେ ଡାକ୍ତରଖାନାକୁ ଚାଲି ଯାଇଥିଲେ। ଫଳରେ ମଧ୍ୟାହ୍ନ ୧ଟାରେ ଡାକ୍ତରଖାନାରେ ଭିନ୍ନକ୍ଷମମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ବଡଗାଁ ଶିବିରରେ ମୋଟ ୯୩ ଓ ଟିକିଲିପଡାରେ ୨୦୪ ଜଣ ଶାରିରୀକ ଅକ୍ଷମ, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ, ମାନସିକ ଅନଗ୍ରସର, ସିକଲିନ ଆକ୍ରାନ୍ତଙ୍କୁ ଡାକ୍ତରୀ ପରୀକ୍ଷା କରି ସରକାରୀ ସୁବିଧା ଯୋଗାଇ ଦିଆଯାଇଥିଲା । ଡା. ପ୍ରଫୁଲ୍ଲ ନାଏକ, ଡା. ଦୀପକ ପ୍ରଧାନ, ଡା. ଏସଏସ ସେଠୀ, ଡା. ପି ମାଝୀ ଭିନ୍ନକ୍ଷମ ମାନଙ୍କ ଡାକ୍ତରୀ ପରୀକ୍ଷା କରାଇଥିଲା ବେଳେ ବଡଗାଁ ଆଇଟିଆଇର ସ୍କାଉଟ୍ ଗାଇଡ ଛାତ୍ରୀଛାତ୍ର ସେବା ପ୍ରଦାନ କରିଥିଲେ। ବିଡିଓ ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହକାରୀ ଯନ୍ତ୍ରୀ ସହଦେବ ମୁଣ୍ଡାରୀ, ବିଆରଟି କୁଳମଣୀ ସାମଲ, ଜଗତପାଲ ସିଂ ନିନା, ଡବ୍ଲୁଇଓ ଅମୂଲ୍ୟ ଭୋଇ, ଜିପିଓ ମୁକ୍ତେଶ୍ୱର ସା, ଜିପିଟିଏ ଚନ୍ଦନ ମୁର୍ମୁ, ଗାଁ ସାଥି ପ୍ରତିମା ପ୍ରଧାନ, ଉଷାବତୀ ବାଡା ଶିବିର ପରିଚାଳନାରେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ । ତେବେ ସରକାରୀ କାର୍ଯ୍ୟକ୍ରମରେ ବିବାଦ ଦେଖାଦେଇ ନୈରାଶ୍ୟ ପରିସ୍ଥିତି ସୃଷ୍ଟିହେବା ଓ ବିଶେଷ କରି ଭିନ୍ନକ୍ଷମ ମାନଙ୍କ କାର୍ଯ୍ୟକ୍ରମରେ ଏଭଳି ହେବା ବାସ୍ତବିକ ଚିନ୍ତାଜନକ । ଶିକ୍ଷିତ ଶ୍ରେଣୀର ବ୍ୟକ୍ତିମାନଙ୍କ ମଧରେ ଓ ଅତିଥି ଦେବୋଭବ ସଂସ୍କୃତି ସମ୍ପନ୍ନ ରାଜ୍ୟରେ ଯେଭଳି ପରିସ୍ଥିତି ଦେଖାଦେଲେ ତାହା ଯେପରି ଆଉ କେବେ ନହୁଏ ସେଥିପ୍ରତି ପ୍ରଶାସନ, ଜନ ପ୍ରତିନିଧିମାନେ ସଚେତନ ହେବା ଆବଶ୍ୟକ । ଏହି ଘଟଣା ଉପରେ ଅଧକ୍ଷା ମିଞ୍ଜଙ୍କୁ ପଚାରିବାରେ ସେ ୯ଟା ସମୟରେ ଦିଆଯାଇଥିଲା । ଡାକ୍ତରୀ ଦଳ ୧୨ଟାରେ ପହଞ୍ଚିଥିଲେ । ମୁଁ ତାଙ୍କୁ ପ୍ରଥମେ ରିପୋର୍ଟ କରନ୍ତୁ କହିବାରୁ ଡାକ୍ତର ତୁ ସମ୍ବୋଧନ କଲେ କହିଛନ୍ତି । ଏହା ଉପରେ ଡାକ୍ତରମାନଙ୍କୁ ସାକ୍ଷାତ କରି ପଚାରିବାରେ ଗୋଟି (ଶ୍ରମିକ)ଙ୍କୁ ମଧ କେହିକେବେ ଏଭଳି ଅସୌଜନ୍ୟ ବ୍ୟବହାର, ଆଚରଣ ଦେଖାଇନଥିଲେ ଯେପରି ଆମକୁ ଜଣେ ମହିଳା ଦେଖାଇଲେ କହିଛନ୍ତି । ଯାହାବି ହେଉନା କାହିଁକି ଡାକ୍ତରଙ୍କ ବିଳମ୍ବ ଘଟଣାକୁ କାର୍ଯ୍ୟ ଶେଷପରେ ଆଲୋଚନା ମାଧମରେ ହେଉବା ତର୍କରେ କୁହାଯାଇ ପାରିଥାନ୍ତା । ଏହି ଭିନ୍ନକ୍ଷମଙ୍କ ଶିବିର ହୋଇଥିବାରୁ ଡାକ୍ତରମାନେ ମଧ ୨ ଘଣ୍ଟା ବିଳମ୍ବ କରିବାକୁ ଲୋକେ ବିରକ୍ତି ପ୍ରକାଶ କରିବା ସ୍ୱଭାବିକ । ସମସ୍ତ କର୍ମଚାରୀ ନିଜ ଡ୍ୟୁଟି ଉପରେ ସମୟାନୁବର୍ତ୍ତି, ସଚେତନ ହୋଇ ଆଚରଣ, ଉଚ୍ଚାରଣ, ବ୍ୟବହାର ପ୍ରତି ଧ୍ୟାନ ରଖିବା ଗୋଷ୍ଠୀଗତ କାର୍ଯ୍ୟରେ ଅତି ଜରୁରୀ ମନେହୁଏ ।



ଡାକ୍ତରଖାନାରେ ଭିନ୍ନକ୍ଷମଙ୍କୁ ସେବା ପ୍ରଦାନ କରୁଛନ୍ତି ଆରଟିଆଇ ସ୍କାଉଟ ଗାଇଡ କ୍ୟାଡେଟ୍ ।

# ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଲେଫ୍ରିପଡା,୨୭।୭(ଡି.ଏନ.ଏ)

ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଯୋର ଯିବା ରାସ୍ତା କଦୋମାଲ ଗ୍ରାମର ଲକ୍ଷ୍ମୀପଡା ନିକଟରେ ଥିବା ରାସ୍ତା କଡେ ଲୁକେଡଯୋର ଠାରେ ପୋଲିସ ଏକ ମୃତଦେହ ଶନିବାର ଉଦ୍ଧାର କରିଛି। ସୂଚନା ଅନୁଯାୟୀ ମୃତ ବ୍ୟକ୍ତି ଜଣକ ଲେଫ୍ରିପଡା ଥାନା ଅନ୍ତର୍ଗତ ବେହେରାମାଲ ଗ୍ରାମର ଖେତ୍ରୁ ଡନ୍‌ସନା(୫୦)ବୋଲି ଜଣାପଡିଛି। ଘଟଣା ସ୍ଥଳରେ ମୃତ ବ୍ୟକ୍ତିଙ୍କ ଶବ ପଡିଥିବା ଗାଇ ଚରାଳି ଦେଖି ଥିଲେ। ପରେ ଗ୍ରାମବାସୀ ପକ୍ଷରୁ ଲେଫ୍ରିପଡା ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳକୁ ପହଂଚି ତଦନ୍ତ ଚଳାଇଥିଲା। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରିଛି। କୌଣସି ଦୁର୍ବୃତ୍ତମାଡ ମାରି ରାସ୍ତା ଉପରୁ ମୃତ ବ୍ୟକ୍ତିଙ୍କ ବେକରେ ଏକ ଟାଓ୍ୱାଲ ଭିଡି ଘୋଷାଡି ଘୋଷାଡି ନେଇ ନାଳରେ ମୁହଁକୁ ଏକ ବଡ ପଥର ଦ୍ୱାରା ଛେଚି ପରିଚୟ ନଷ୍ଟ କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ଶବ ଜବତ୍ କରି ଘଟଣା ସ୍ଥଳରୁ ସାଇଂଟିଫିକ୍ ଦଳ ମାଧ୍ୟମରେ ତଦନ୍ତ ଚଳାଇ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଲେଫ୍ରିପଡା ଥାନାରେ କେଶ ନଂ୮୪/୨୦୧୯ ରୁଜୁ ହୋଇଛି। ଘଟଣାର ତଦନ୍ତରେ ପୋଲିସ ପକ୍ଷରୁ ଏସଡିପିଓ ବଳଭଦ୍ର ଦୀପ,ଆଇଆଇସି ଚିତରନ ନାଏକ,ଏସ୍‌ଆଇ ଜୟନ୍ତ ପଟେଲ ପ୍ରମୁଖ ଥାନା କର୍ମଚାରୀ ସାମିଲ ହୋଇଥିଲେ।



ବଡଗାଁ ହାଇସ୍କୁଲ ଛାତ୍ର କାରଗିଲ ବିଜୟ ଦିବସ ଅବସରରେ ଶୁକ୍ରବାର ବୃକ୍ଷରୋଣ କରୁଛନ୍ତି।

# ସିପିଆଇଏମ୍‌ର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଣାଇ, ୨୭।୭(ସ୍ୱ.ପ୍ର.)

ବଣାଇଗଡ଼ ସହରର ଦେଓଗାଁ ଛକ ନିକଟରେ ସିପିଆଇଏମ୍ ବଣାଇଁ ନିର୍ବାଚନ ମଣ୍ଡଳୀର ଦଳୀୟ କାର୍ଯ୍ୟାଳୟ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟ ସିପିଆଇଏମ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏବଂ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଜିଲା ସିପିଆଇଏମ କମିଟିର ସମ୍ପାଦକ ପ୍ରମୋଦ କୁମାର ସାମଲ ଅଧକ୍ଷତା କରିଥିଲେ। ଏଥିରେ ବଣାଇ ବିଧାୟକ ମୁଣ୍ଡା ଉଦବୋଧନ ଦେଇ ବଣାଇର ସମଗ୍ର ବିକାଶ ପାଇଁ ଦଳ ପକ୍ଷରୁ ଆଗାମୀ ଦିନରେ ଲଢେଇ କରି ବଣାଇଁର ହକ୍ ମଗାଯିବ ବୋଲି କହିଥିଲେ। ବଣାଇ ନିର୍ବାଚନ ମଣ୍ଡଳୀରେ ବହୁ ସମସ୍ୟା ରହିଥିଲେ ମଧ ଏହା କିପରି ସମାଧାନ କରାଯିବ ସେ ଉପରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ପଟ୍ଟନାୟକ କେନ୍ଦ୍ର ଭାଜପା ସରକାରଙ୍କ ବିଭିନ୍ନ ନିତି ଓ ଆଦର୍ଶ ଉପରେ ସୂଚନା ଦେଇ କେନ୍ଦ୍ର ସରକାର ଆଗାମୀ ୫ବର୍ଷ ମଧରେ ଦେଶକୁ ଲୁଟିବା ସହିତ ଭାରତକୁ ଏକ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଯାହାକି ଦେଶ ବ୍ୟାପି ସିପିଆଇଏମ ପକ୍ଷରୁ ଦୃଢ ବିରୋଧ କରି ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସିପିଆଇଏମ କମିଟିର ସଦସ୍ୟ ଶ୍ରମିକ ନେତା ବିଷ୍ଣୁ ମାହାନ୍ତି ଉଦ୍‌ବୋଧନ ଦେଇଥିଲେ। ବଣାଇର ବିଭିନ୍ନ ସମସ୍ୟା ଯଥା ବଣାଇଁକୁ ଜିଲା, ଖୁଣ୍ଟଗାଁକୁ ବ୍ଲକ, ବଣାଇଁଗଡ଼ ସହରକୁ ଏନଏସସି, ସ୍ୱାସ୍ଥ୍ୟ, ଜଳସେଚନ, ରାସ୍ତାଘାଟ ଏବଂ ବର୍ତ୍ତମାନ ଦେଖାଦେଇଥିବା ସମ୍ଭାବ୍ୟ ମରୁଡିକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ଅଗଷ୍ଟ ୨ରେ କେନ୍ଦ୍ର ସରକାର ଶ୍ରମ ଆଇନ ସଂଶୋଧନ ବନ୍ଦ ଦାବିରେ ଦେଶ ବ୍ୟାପି ପ୍ରତିବାଦ ଦିବସ ପାଳନ କରାଯିବ ବୋଲି କହିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧରେ ବିମାନ ମାଇତି, ଜାହାଙ୍ଗୀର ଅଲି, ସୁରେନ୍ଦ୍ର ଦାଶ, ସାଲମି ମିଞ୍ଜ, ଅଭୟ ଚୌଧୁରୀ, ପ୍ରଭାତ ପଣ୍ଡା, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ରାଜକିଶୋର ପ୍ରଧାନ, ବସନ୍ତ ନାଏକ, ଲହୁଣୀପଡା ବ୍ଲକ ଅଧକ୍ଷ ପଣ୍ଡିତ ମୁଣ୍ଡା, ଗୁରୁଣ୍ଡିଆ ବ୍ଲକ ଅଧକ୍ଷା ବ୍ରିଜିନିଆ ଯୋଯୋ, କୋଇଡା ବ୍ଲକ ଅଧକ୍ଷା ରୀନା ରାଣି କୁମୁଡିଆଲ, ଜିଲ୍ଲା ପରିଷଦ ସଭ୍ୟ ଗୋପିନାଥ ମାହାନ୍ତ, ଦଳୀୟ କର୍ମୀ, ସରପଞ୍ଚ, ସମିତି ସଦସ୍ୟ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ।




ସିପିଆଇଏମ୍ ବଣାଇଁ ନିର୍ବାଚନ ମଣ୍ଡଳୀର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍

## ସଂକ୍ଷେପରେ

### ଅଦାଲତ ରାୟ ସ୍ୱାଗତଯୋଗ୍ୟ

**ରାଉରକେଲା ଅଫିସ,୨୭। ୭:** ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଅନୁଗୋଳ ଅତିରିକ୍ତ ଦୌରା ଜଜ୍‌ଙ୍କ କୋର୍ଟ ଯେଉଁ ଦଣ୍ଡବିଧାନ କରିଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ। ମାତ୍ର ୬ ମାସ ଭିତରେ କୋର୍ଟ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଘଟଣାରେ ଅନୁଗୋଳ ଓକିଲ ସଂଘ ଅଭିଯୁକ୍ତଙ୍କ ସପକ୍ଷରେ ମାମଲା ପରିଚଳନା ପାଇଁ ମନା କରିଦେଇଥିଲା। ଦେଶର ପ୍ରତ୍ୟେକ ଓକିଲ ସଂଘ ଏଭଳି ଅପରାଧିକ ମାମଲା ଲଢ଼ିବାରୁ ବିରତ ରହିଲେ ବଳାତ୍କାରୀ କଠୋର ଦଣ୍ଡ ପାଇପାରନ୍ତା ବୋଲି ସାମାଜିକ କର୍ମୀ ଶାନ୍ତନୁ କୁସୁମ ଏକ ବିବୃତିରେ ପ୍ରକାଶ କରିଛନ୍ତି।

### ଲୋକ ଜନଶକ୍ତି ପାର୍ଟି ଶ୍ରମିକ ସେଲ୍ ବୈଠକ

**ରାଉରକେଲା ଅଫିସ,୨୭। ୭:** ସେକ୍ଟର-୧୯ସ୍ଥିତ ଶାରଳା ମନ୍ଦିର ପରିସରରେ ଲୋକ ଜନଶକ୍ତି ପାର୍ଟି ଶ୍ରମିକ ସେଲ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ପ୍ରଭାକର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସଭାପତି ନିରଞ୍ଜନ ନାୟକ ଅଧକ୍ଷତା କରିଥିଲେ। ଅତିଥି ରୂପେ ଶ୍ରମିକ ସେଲ ଜାତୀୟ ସମ୍ପାଦକ ପ୍ରଦୀପ ଯୋଶୀ, ଗଞ୍ଜାମ ଜିଲା ଅଧକ୍ଷ ଦୁର୍ଯ୍ୟୋଧନ ନାୟକ, ଭାବଗ୍ରାହୀ ସାହୁ ଓ ମହିଳା ଶାଖା ସଭାନେତ୍ରୀ ରେଣୁବାଳା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି. ଆପଲାସ୍ୱାମୀ, ସୁଦୀପା କର, ଗୁଡ଼ିଆ ସାହୁ, କାଜଲ କର, ମନ୍ଦିରା ପଣ୍ଡା, ମଞ୍ଜୁଲତା ସ୍ୱାଇଁ, ରାଜାରାମ ଜେନା, ମୁନା ରାୟ ଓ କୈଳାସ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦାଉ ସାଧୁଛି ଅଲ୍‌ଟ୍ରାଟେକ୍ ଧୁତୁରା ଫାଟକ: ଅଣ୍ଡର ପାସ୍ ନିର୍ମାଣ ଦାବି

**କିର୍ମିରା,୨୭।୭(ଡି.ଏନ୍.ଏ.):** ଅର୍ଡା ପଞ୍ଚାୟତ ଧୁତୁରାସ୍ଥିତ ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନା ସମ୍ମୁଖ ଧୁତୁରା ରେଲୱେ ଫାଟକ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା କିର୍ମିରା-ଲଇକେରାକୁ ସଂଯୋଗ କରୁଥିବାରୁ ଶହ ଶହ ଲୋକ ପ୍ରତ୍ୟହ ଯାତାୟାତ କରନ୍ତି। ଦୀର୍ଘ ସମୟ ଗେଟ୍ ବନ୍ଦ ରହୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏଠାରେ ଫ୍ଲାଏଓଭର କିମ୍ବା ଅଣ୍ଡର ପାସ୍ ନିର୍ମାଣ ଦାବି କରିବାକୁ ଦାବି ହେଉଛି।

# ୩୮ ବର୍ଷ ଲଢ଼େଇ ପରେ ମିଳିଲା ନ୍ୟାୟ

**ରାଉରକେଲା ଅଫିସ,୨୭।୭**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ। ସେ ସମୟରେ ଜଣେ ବୁଧୁଆ ଖାଲକୋଙ୍କ ଜମି ମଧ୍ୟ ଅଧିଗ୍ରହଣ କରାଯାଇଥିଲା। କିନ୍ତୁ ଟିଏନ୍ ସିଂହ ଫର୍ମୁଲା ଅନୁସାରେ ତାଙ୍କୁ ଜମିର କ୍ଷତିପୂରଣ, ବାସୋପଯୋଗୀ ଘର ଓ ଜମି ସହ ଚାକିରି ମିଳି ନ ଥିଲା। ରାଉରକେଲାଠାରୁ ୧୫ କିଲୋମିଟର ଦୂର ବୀରକେରାରେ ବୁଧୁଆଙ୍କୁ ଜମି ମିଳିଥିଲା। ଏକଦା ଏମ୍‌ପି ରହିଥିବା ଶ୍ୟାମସୁନ୍ଦର ମହାପାତ୍ରଙ୍କ ପ୍ରଚେଷ୍ଟା ଯୋଗୁ ବୁଧୁଆ ବଦଳରେ ତାଙ୍କ ପୁଅ ଈଶ୍ୱର ଚନ୍ଦ୍ର ଖାଲକୋଙ୍କୁ ରାଉରକେଲା ଇସ୍ପାତ କାରଖାନା ରିଫ୍ରାକ୍ଟୋରିଜ ବିଭାଗରେ ଖଲାସି ଭାବେ ଚାକିରି ମିଳିଥିଲା। ହେଲେ ୧୯୮୧ରେ ବିନା କୌଣସି କାରଣରେ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ଈଶ୍ୱରଙ୍କୁ କମ୍ପାନୀ ପକ୍ଷରୁ ଘର ଦିଆଯାଇ ନ ଥିଲା। ବାସଚ୍ୟୁତଙ୍କ ପାଇଁ ନିର୍ମିତ ଶେଲ୍ଟର ହୋମ୍ ବା ପୁନର୍ବାସ କଲୋନୀରେ ମଧ୍ୟ ତାଙ୍କୁ ରଖାଯାଇ ନ ଥିଲା। ଈଶ୍ୱର ବୀରକେରାରୁ ସାଇକେଲରେ ଯିବା ଆସିବା କରି ଶିଫ୍ଟ ଡ୍ୟୁଟି କରୁଥିଲେ। ୧୯୮୧ ଜାନୁୟାରୀ ୨୦ରେ ସେ ଖବର ପାଇଥିଲେ ଯେ ତାଙ୍କ ସ୍ତ୍ରୀ ଓ ପୁଅ କୋରାପୁଟରେ ଥିବା ଶ୍ୱଶୁର ଘରେ ହାଡ଼ଫୁଟି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ରାଉରକେଲା ଫେରାଇ ଆଣିବାକୁ ସେ ୧୦ ଦିନ ଛୁଟି ଦରଖାସ୍ତ ଦେଇ କୋରାପୁଟ ଚାଲିଯାଇଥିଲେ। ମାତ୍ର ସରକାରୀ ଡାକ୍ତରଖାନା ଡାକ୍ତର ରୋଗୀଙ୍କୁ ଛାଡ଼ିବାକୁ ଅନୁମତି ଦେଇ ନ ଥିଲେ। ତେଣୁ ସେ ପୁଣି ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଛୁଟି ବଢ଼ାଇବାକୁ ଦରଖାସ୍ତ କରିଥିଲେ ଏବଂ ତାହା ମଞ୍ଜୁର ହୋଇଥିଲା। ସ୍ତ୍ରୀ ଓ ପିଲାମାନଙ୍କ ଦେଖାଶୁଣା କରୁଥିବା ବେଳେ ଈଶ୍ୱର ମଧ୍ୟ ହାଡ଼ଫୁଟି ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥି ପାଇଁ ଛୁଟି ବଢ଼ାଇବାକୁ ସେ ଡାକ୍ତରଙ୍କ ସହାୟତାରେ ସାର୍ଟିଫିକେଟ ସହ ଦରଖାସ୍ତ ପଠାଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେ ଡାକ୍ତରଙ୍କ ସାର୍ଟିଫିକେଟ ଓ ପିଲାମାନଙ୍କୁ ନେଇ ରାଉରକେଲା ଆସିଲେ। ଡାକ୍ତର ତାଙ୍କ ୧୯୮୧ ମାର୍ଚ୍ଚ ୬ ତାରିଖରେ ଫିଟ୍ ଘୋଷଣା କରିଥିଲେ। ସେହି ଅନୁସାରେ ଈଶ୍ୱର ମାର୍ଚ୍ଚ ୭ ତାରିଖରେ କାର୍ଯ୍ୟରେ ଯୋଗଦେବାକୁ ନିଜ ବିଭାଗକୁ ଯାଇଥିଲେ। ମାତ୍ର ଅଫିସର କହିଲେ, ତୁମ ଚାକିରି ଚାଲିଯାଇଛି। ତାଙ୍କୁ ହାଡ଼ଫୁଟି ହୋଇଥିଲା ଏବଂ ସେ ସରକାରୀ ଡାକ୍ତରଙ୍କ ସାର୍ଟିଫିକେଟ ଆଣିଛନ୍ତି କହିବାରୁ ଆମର ସରକାରୀ ନୁହେଁ, ଆଇଜିଏଚ୍ ଡାକ୍ତରଙ୍କ ସାର୍ଟିଫିକେଟ ଦରକାର ବୋଲି ଅଫିସର କହିଲେ। ଈଶ୍ୱର ଯେତେବେଳେ ତାଙ୍କୁ ଚାକିରିରୁ ବାହାର କରିଥିବା ଚିଠି ମାଗିଲେ, ସେଇଟା ତୁମ ଘରକୁ ପଠାଇ ଦିଆଯିବ ବୋଲି ଅଫିସର କହିଥିଲେ। କାରଖାନା କର୍ତ୍ତୃପକ୍ଷ ଏହାର ୪୦ଦିନ ପରେ ଅର୍ଥାତ୍ ୧୯୮୧ ଏପ୍ରିଲ ୧୬ ତାରିଖରେ ତାଙ୍କୁ ଚାକିରିରୁ ବହିଷ୍କାର କଲେ ବୋଲି ଚିଠି ଦେଲେ। ସେ ଏ ସମ୍ପର୍କରେ ସମସ୍ତ ଉପରିସ୍ଥ ଅଫିସରଙ୍କୁ ଚିଠି ଦେଲେ ମଧ୍ୟ କେହି କିଛି ଶୁଣିଲେ ନାହିଁ। ତତ୍କାଳୀନ ସୁନ୍ଦରଗଡ଼ ଏମ୍‌ପି ଫ୍ରିଡା ଟପ୍ନୋ ଏ ବାବଦରେ କାରଖାନା ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଦେଇଥିଲେ। ନିଜେ ମଧ୍ୟ ଈଶ୍ୱରଙ୍କୁ ନେଇ ନିର୍ଦ୍ଦେଶକଙ୍କୁ ଭେଟିଥିଲେ। ଏ ନେଇ ଚେଷ୍ଟା କରିବେ ବୋଲି ନିର୍ଦ୍ଦେଶକ କହିଥିଲେ। ତଥାପି ଦୁଇ ତିନି ବର୍ଷ ଭିତରେ କିଛି ସୁଫଳ ମିଳିଲାନି। ଶେଷରେ ଈଶ୍ୱର ହିନ୍ଦୁସ୍ଥାନ ଷ୍ଟିଲ ୱାର୍କର୍ସ ୟୁନିୟନର ଶରଣାପନ୍ନ ହେଲେ। ଶ୍ରମ ବିଭାଗ ଏ ସମ୍ପର୍କରେ କନ୍‌ସିଲିଏଶନ କଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଚାକିରି ଦେବାକୁ ମନା କରିଦେଲେ। ଶେଷରେ ଏହି ମାମାଲାକୁ ଶ୍ରମ ବିଭାଗ ସମ୍ବଲପୁର ଶ୍ରମ ଅଦାଲତକୁ ବିଚାର ପାଇଁ ପଠାଇଦେଲେ। ଶ୍ରମ ଅଦାଲତରେ ଆଇଡି କେଶ (ନଂ୨୨/୧୯୯୨)ର ବିଚାର ବେଳେ କାରଖାନା କର୍ତ୍ତୃପକ୍ଷ କିପରି ବେଆଇନ ଭାବେ ଈଶ୍ୱରଙ୍କୁ ଚାକିରିରୁ ବାହାର କରିଛନ୍ତି ଏବଂ ନିଜ ଷ୍ଟାଣ୍ଡିଂ ଅର୍ଡରକୁ ମଧ୍ୟ ମାନିନାହାନ୍ତି ତାହା ପ୍ରମାଣିତ ହେଲା। ଈଶ୍ୱରଙ୍କୁ ଚାକିରିରୁ ବାହାର କରିବା ବେଆଇନ ଓ ଏଥିପାଇଁ ଆବଶ୍ୟକ ସର୍ବନିମ୍ନ ନିୟମ ମଧ୍ୟ ପାଳନ କରାଯାଇ ନ ଥିବାରୁ ଶ୍ରମ ଅଦାଲତ କ୍ଷୋଭ ପ୍ରକାଶ କରିବା ସହିତ ତାଙ୍କୁ ତୁରନ୍ତ ଚାକିରିରେ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୧୯୯୦ ସେପ୍ଟେମ୍ବର ୫ରୁ ୧୯୯୪ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପୂରା ବକେୟା ଓ ସମସ୍ତ ସୁବିଧା ଯୋଗାଇ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଈଶ୍ୱର କାରଖାନା ବିରୋଧରେ ୧୯୯୦ ସେପ୍ଟେମ୍ବର ୫ ତାରିଖରେ ମାମଲା ଦାଏର କରିଥିବାରୁ ତା'ର ପୂର୍ବ କାଳର ଦରମା ପାଇବେ ନାହିଁ ବୋଲି କୁହାଯାଇଥିଲା। କାରଖାନାରେ ଯୋଗଦେବା ପରେ ଈଶ୍ୱର ଓଡ଼ିଶା ହାଇକୋର୍ଟରେ ଏକ ରିଟ୍ ଓଜେସି (ନଂ ୧୨୮୦/୧୯୯୬) ଫାଇଲ କଲେ। ହାଇକୋର୍ଟ ମାମଲାର ବିଚାର କରି ଗତ ଜୁଲାଇ ୧୬ରେ ତାଙ୍କ ରାୟରେ କହିଛନ୍ତି ଯେ କମ୍ପାନୀ କର୍ତ୍ତୃପକ୍ଷ ଆଇନ ଓ ନିଜର ଷ୍ଟାଣ୍ଡିଂ ଅର୍ଡରର ବିରୁଦ୍ଧାଚରଣ କରି ଚାକିରିରୁ ବାହାର କରିଛନ୍ତି ବୋଲି ଶ୍ରମ ଅଦାଲତ ଯାହା କହିଛନ୍ତି ସେଥିରେ ଆମେ ଏକମତ। କିନ୍ତୁ ପୁରୁଣା ବକେୟା ଦରମା ଚାକିରି ଯିବା ଦିନଠାରୁ ଦେଇନାହାନ୍ତି। ଶ୍ରମିକ ଜଣକ ତାଙ୍କର ମାମଲା କରିବାରେ ବିଳମ୍ବ କରିଥିଲେ। ବିଳମ୍ବର କାରଣ ଯଥାର୍ଥ ବୋଲି ପ୍ରମାଣ ଦେଇ ପାରିନାହାନ୍ତି। କମ୍ପାନୀ ବେଆଇନ କାମ କରିଥିବାରୁ ସେଥିପାଇଁ ସେ ସେହି ସମୟ ପାଇଁ ଦରମାର ୩୦ ପ୍ରତିଶତ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ହକଦାର ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଈଶ୍ୱରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅଦ୍ୱୈତ ବିଶ୍ୱାଳ ଏ ନେଇ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି।

### ବାଗଡିହି ହାଇସ୍କୁଲରେ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ

**କିର୍ମିରା,୨୭।୭(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ବାଗଡିହିସ୍ଥିତ ଆର୍‌ଏମ୍‌ପିଏସ୍ ହାଇସ୍କୁଲରେ ଜିଲା ଲିଗାଲ ସେଲ୍ ପକ୍ଷରୁ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଯୁଗଳ କିଶୋର ପରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ନ୍ୟାୟିକ ସେବା ସଂସ୍ଥା ସମ୍ପାଦିକା ଜାନକୀ ବିଶ୍ୱାଳ ମୁଖ୍ୟଅତିଥି, ଆଇନଜୀବୀ ଆନନ୍ଦିନୀ ପାଢ଼ୀ, ମମତା ତ୍ରିପାଠୀ, ଅହଲ୍ୟା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିଶୁ ସୁରକ୍ଷା ଆଇନ ସମ୍ବନ୍ଧରେ ବୁଝାଇବା ସହ ଅନ୍ୟାନ୍ୟ ନ୍ୟାୟିକ ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗଡିହି ଫାଣ୍ଡି ଅଧିକାରୀ ସୁରେଶ ଭଇଁଷାଲ, ଆଇନ ସହାୟକ ପ୍ରଶାନ୍ତ କୁମାର ଦୀକ୍ଷିତ, ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଏସ୍.ଜି.ଡି. ଖାଁ, ଶିକ୍ଷକ ମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କୁ ସୁରକ୍ଷା ଦେବାରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁଙ୍କ ଅଧିକାର ବିଷୟରେ ମୁଖ୍ୟଅତିଥି ବୁଝାଇଥିଲେ।

# ଗୋଟିଏ କୋଠରିରେ ଚାଲିଛି ୫ ଶ୍ରେଣୀ

**ଲଇକେରା,୨୭।୭(ଡି.ଏନ୍.ଏ.)**

ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ନାରା ଦେଇ ସର୍ବଶିକ୍ଷା ଅଭିଯାନ ଆଗକୁ ବଢ଼ି ଚାଲିଥିବା ବେଳେ ବିଦ୍ୟାଳୟ ଉନ୍ନତୀକରଣ, ଚାକଚକ୍ୟ, ପାଠ୍ୟ ଉପକରଣ ସକାଶେ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ ଶ୍ରେଣୀ ମାତ୍ର ଗୋଟିଏ କୋଠରିରେ ଚାଲିଛି। ଅଧା ପିଲା ବାରଣ୍ଡାରେ ବସି ପାଠ ପଢ଼ୁଛନ୍ତି। ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ହାତଲଇଡ଼ା କ୍ଲଷ୍ଟର ଅଧୀନ ଅଗ୍ରିଆ ବାଗଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ମୋଟ




ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି।

୨୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ପଟେଲ ଓ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟେଲ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ସ୍କୁଲରେ

**ବାରଣ୍ଡାରେ ବସୁଛନ୍ତି ଛାତ୍ରୀଛାତ୍ର**

ପୂର୍ବରୁ ଅନ୍ୟ ୨ଟି କୋଠରି ଥିବା ବେଳେ ତାହା ୨୦୧୪ରୁ ପରିତ୍ୟକ୍ତ ହୋଇପଡ଼ିଛି। ଛାତରୁ ସିମେଣ୍ଟ ଅତଡ଼ା ଖସୁଥିବାରୁ ପିଲାମାନେ ସେଠାରେ ବସୁନାହାନ୍ତି। ମାତ୍ର ଗୋଟିଏ କୋଠରିରେ ଅଫିସ, ମଧ୍ୟାହ୍ନ ଭୋଜନ ସାମଗ୍ରୀ ରଖି ପାଠ ପଢ଼ାଯାଉଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ସିଆର୍‌ସିସି ଅନୀତ କୁମାର ପଟେଲ କହିଛନ୍ତି। ପରିତ୍ୟକ୍ତ କୋଠରିର ମରାମତି କରାଯିବା ସହ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




ଚକ୍ଷୁ ପରୀକ୍ଷା ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା।

### ଲାୟନ୍ସ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**ରାଉରକେଲା ଅଫିସ,୨୭।୭**

ଲାୟନ୍ସ କ୍ଲବ ଛେଣ୍ଡ ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସଭାପତି ଲାୟନ ଗୌତମ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମରୁ ସପ୍ତମ ଶ୍ରେଣୀର ୩୨୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିମଧ୍ୟରୁ ୧୪ଜଣଙ୍କ ଚକ୍ଷୁ ସମସ୍ୟା ନେଇ ଚିହ୍ନଟ କରାଯାଇଥିଲା। ଏମାନଙ୍କୁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ପରବର୍ତ୍ତୀ ସମୟରେ ଚିକିତ୍ସା କରାଯିବ ବୋଲି କୁହାଯାଇଛି। ତୁହିନା ବିଶ୍ୱାଳ, ବଳରାମ ଦାସ, ମଞ୍ଜୁବାଳା ଦାସ, ସଞ୍ଜୁକ୍ତା ମହାପାତ୍ର, ସରୋଜ ପାତ୍ର, ଆଦିଲ ଅହମ୍ମଦ, ନବାବ ଅଖତର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ନାବାଳିକା ଅପହରଣ ମାମଲାରେ ୩ ଗିରଫ

**ରାଉରକେଲା ଅଫିସ,୨୭।୭**

ନାବାଳିକା ଅପହରଣ ମାମଲାରେ ଲାଠିକଟା ପୋଲିସ ୩ଜଣଙ୍କୁ ଗିରଫ କରିଛି। ରେଲୱେ କଲୋନୀ ଅଞ୍ଚଳର ଏହି ୩ ଅଭିଯୁକ୍ତ ହେଉଛନ୍ତି ଚନ୍ଦନ ମଣ୍ଡଳ, ଶୋଭା ମଣ୍ଡଳ ଓ ସୋନମ ମଣ୍ଡଳ। ଶନିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନାନୁସାରେ ଗତ ଫେବୃୟାରୀ ୫ରେ ଏକ ବଡ଼ ଧରଣର ରେସ୍କ୍ୟୁ ଅପରେଶନ ବେଳେ ଲାଠିକଟା ଅଞ୍ଚଳର ଜଣେ ୧୬ ବର୍ଷିଆ ଗର୍ଭବତୀ ନାବାଳିକାକୁ ରାଜସ୍ଥାନର ଝୁଞ୍ଝୁନୁ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ୨୦୧୭ରେ ନାବାଳିକାଙ୍କ ୩ଜଣ ସମ୍ପର୍କୀୟ ତାଙ୍କୁ ଘରୁ ଅପହରଣ କରି ନେଇ ୪ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ସେଠାରେ ଜୋରଜବରଦସ୍ତ ଜଣେ ୪୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ସହ ନାବାଳିକାଙ୍କ ବିବାହ କରି ଦିଆଯାଇଥିଲା। ସେତେବେଳକୁ ତାଙ୍କ ବୟସ ମାତ୍ର ୧୪ ବର୍ଷ ହୋଇଥିଲା। ନାବାଳିକାଙ୍କ ବାପା ଜଣେ ରେଲୱେ କର୍ମଚାରୀ। ଅପହରଣ ନେଇ ନାବାଳିକାଙ୍କ ବାପା ସେତେବେଳେ ରାଉରକେଲା ପୋଲିସରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ନ ଥିଲା। ଫଳରେ ସେ ଦିଲ୍ଲୀ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅପହରଣର ୧୦ ଦିନ ପରେ କୌଣସି ସୂତ୍ରରୁ ତାଙ୍କ ବାପା ଖବର ପାଇଥିଲେ ଯେ ଝିଅକୁ ରାଜସ୍ଥାନରେ ୪ଲକ୍ଷ ଟଙ୍କାରେ ବିକି ଦିଆଯାଇଛି। ତାଙ୍କର ବିବାହ ମଧ୍ୟ ସରିଛି। ଏ ନେଇ ସେ ବହୁ ଚେଷ୍ଟା କରିଥିଲେ ବି ବିଫଳ ହୋଇଥିଲେ। ତେବେ ଉଦ୍ଧାର ପରେ ୨ ସପ୍ତାହ ମଧ୍ୟରେ ରାଜସ୍ଥାନ ପୋଲିସ ନାବାଳିକାଙ୍କୁ ରାଉରକେଲା ଆଣି ଶିଶୁମଙ୍ଗଳ ସମିତି ନିକଟରେ ହାଜର କରିବା ପରେ ପରିବାରକୁ ହସ୍ତାନ୍ତର କରିଥିଲା। ସୂଚନାଯୋଗ୍ୟ, ଝିଅ ଅପହରଣ ନେଇ ଦୁଃଖରେ ଭାଙ୍ଗି ପଡ଼ିଥିବା ନାବାଳିକାଙ୍କ ବାପା ଗତ ଜାନୁଆରୀ ୨୪ରେ ଦିଲ୍ଲୀ ମହିଳା ଆୟୋଗଙ୍କ ନିକଟରେ ଫେରାଦ ହୋଇଥିଲେ। ପରେ ତାଙ୍କ ଅଭିଯୋଗକୁ ଆଣ୍ଟି ହ୍ୟୁମାନ ଟ୍ରାଫିକିଂ ସେଲ୍‌କୁ ପଠାଇ ଦିଆଯାଇଥିଲା। ପୋଲିସ ରାଜସ୍ଥାନ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେତେବେଳେ ଏ ନେଇ ଦିଲ୍ଲୀ ମହିଳା ଆୟୋଗ ଓଡ଼ିଶା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠାଇବା ସହ ସମାଲୋଚନା ବି କରିଥିଲେ। ଏପରି କି ରାଜସ୍ଥାନ ପୋଲିସକୁ ମଧ୍ୟ ଭର୍ତ୍ସନା କରିଥିଲେ। ଏଥିରେ ଯେଉଁ ପୋଲିସ ଅଧିକାରୀ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମହିଳା ଆୟୋଗ।

### ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବି

# ଓକିଲ ସଂଘ ଆନ୍ଦୋଳନ ୬ଷ୍ଠ ଦିନରେ

**ରାଉରକେଲା ଅଫିସ, ୨୭। ୭**

ରାଉରକେଲା ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ଘନ ଘନ ବୈଠକ ସତ୍ତ୍ୱେ ଏସ୍‌ଡିଜେଏମ୍‌ଙ୍କ ବଦଳି ନେଇ କୌଣସି ନିଷ୍ପତ୍ତି ନିଆଯାଉ ନାହିଁ। ଫଳରେ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। କୋର୍ଟ କାର୍ଯ୍ୟ ସମୟରେ ଓକିଲମାନେ ମୁଖ୍ୟ ଫାଟକ ସମ୍ମୁଖରେ ଚଉକିପକାଇ ବସି ରହୁଛନ୍ତି। ଫଳରେ ସମସ୍ତ କୋର୍ଟ କାର୍ଯ୍ୟ ଠପ୍ ହେବା ସହ କୌଣସି ମାମଲା ପରିଚାଳିତ ହୋଇପାରୁ ନାହିଁ।




ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ରାଉରକେଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ।

ଏନେଇ ଶନିବାର ସଂଘ ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ଘଟଣା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସହ ରାଉରକେଲାକୁ ରାଜସ୍ୱ ଜିଲା ଘୋଷଣା କରିବା ସଂଘର ପ୍ରମୁଖ ଏଜେଣ୍ଡା ବୋଲି କୁହାଯାଇଛି। ଏପରି ସ୍ଥିତିରେ ସଂଘର ମାସ ଶେଷ ୩ ଦିନିଆ ଆନ୍ଦୋଳନ ନିଷ୍ପତ୍ତି ଅବଧି ବଢ଼ିଯାଇଛି। ଶେଷ ୩ ଦିନ ସମସ୍ତ କୋର୍ଟ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦପ୍ତରକୁ ବର୍ଜନ ନିଷ୍ପତ୍ତି ନେଇଛି ସଂଘ। ସଂଘର ୨ ଜଣ ସଦସ୍ୟ ନିଷ୍ପତ୍ତି ଅବମାନନା କରିଥିବାରୁ ସେମାନଙ୍କୁ ୬ ମାସ ଲାଗି ନିଲମ୍ବନ କରାଯାଇଛି। ଏହାସହ ୨ ସଦସ୍ୟଙ୍କୁ ୭ ଦିନ ମଧ୍ୟରେ କୈଫିୟତ୍ ମଗାଯାଇଛି। ବୈଠକରେ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ କୈଳାସ ବେହେରା, ପଙ୍କଜ ଦାସ, ପଞ୍ଚାନନ ଶତପଥୀ, କୈଳାସ ପ୍ରଧାନ, ବିଜୟ ଦାସ, ଭୀମବାହାଦୁର ସିଂ, ରବିନାରାୟଣ ମିଶ୍ର, ଅରିନ୍ଦମ ଦତ୍ତ, ରମେଶ ପାଲ, ଗଙ୍ଗାଧର ଦାସ, ଅନୁସୂୟା ପଣ୍ଡା, ଗାର୍ଗୀ ପଣ୍ଡା, ପଦ୍ମିନୀ ଦାସ, ମାଧବ ନାୟକ ଓ ଯୁଗଳ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର





ଷ୍ଟିଲ ସିଟିରେ ବର୍ଷାକାଳୀନ ଛତୁର ପସରା (ବାମ)। ରିଂ ରୋଡ୍‌ରେ ବୁଲା ଗୋରୁଙ୍କ ଅବାଧ ବିଚରଣ।

# କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବେଲପାହାଡ଼,୨୭।୭(ଡି.ଏନ୍.ଏ.)**

କାରଗିଲ ବିଜୟ ଦିବସର ୨୦ ବର୍ଷ ପୂର୍ତ୍ତି ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୀର ଶହୀଦ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସଚେତନ ନାଗରିକ ସମାଜ ଓ ବର୍ଷିଆନ ନାଗରିକ ସଂଘ ସଦସ୍ୟମାନେ ଶହୀଦ ସ୍ତମ୍ଭକୁ ଯାଇ ଶହୀଦମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ଏଥିସହ ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସାମାଜିକ କର୍ମୀ ଶଶୀଭୂଷଣ ପାତ୍ର, ଧର୍ମେନ୍ଦ୍ର ସରାଫ, ବିଜୟ ଭୋଇ, କୈଳାସ ଚନ୍ଦ୍ର ନାୟକ, ମହେନ୍ଦ୍ର ମିଶ୍ର, କହ୍ନେଇ ସେଠ, ଶୁକଦେବ ଓରାମ, ଗୋକୁଳା ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ସମିର ମିଶ୍ର, ତପନକାନ୍ତ ଜେନା, ପାରସନାଥ ଜୟସ୍ୱାଲ, ପ୍ରଚଣ୍ଡ ଜୟସ୍ୱାଲ ଓ ରାଜୁ ଅଗ୍ରୱାଲ ପ୍ରମୁଖ ଶହୀଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୁକ୍ରବାର ସକାଳେ ଶହୀଦ ସ୍ତମ୍ଭରେ ସ୍ଥାପିତ ଶହୀଦ ପ୍ରମୋଦ ପଟ୍ଟନାୟକ ଓ କୌଶିକ ମିଶ୍ରଙ୍କ ଫଟୋଚିତ୍ରରେ ସ୍ଥାନୀୟ ନାଗରିକ, ବ୍ୟବସାୟୀ ଓ ଛାତ୍ରୀଛାତ୍ର ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।

- ଲେନିନ୍



# କୋଇଲା ପରିବହନକୁ ନେଇ ୨ ଟ୍ରକ୍ ମାଲିକ ସଂଘ ମୁହାଁମୁହିଁ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୭।୭(ଡି.ଏନ୍.ଏ.)**

**ଅସ୍ଥାୟୀ ରହିତାଦେଶ ଉଠିଲା**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରୁ ରୋଡ୍‌ସେଲ୍ କୋଇଲା ପରିବହନକୁ ନେଇ ୨ ଟ୍ରକ୍ ମାଲିକ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ମାମଲା ଜିଲା କୋର୍ଟରୁ ନେଇ ହାଇକୋର୍ଟରେ ପହଞ୍ଚିଛି। ହାଇକୋର୍ଟ ନିର୍ଦ୍ଦେଶ ବଳରେ ଅତିରିକ୍ତ ଜିଲାପାଳ ୨ ସଂଘକୁ ମାସରେ ୧୫ଦିନ ଲେଖାଏଁ ରୋଡ୍‌ସେଲ୍ କୋଇଲା ପରିବହନ ପାଇଁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ଆଧାରରେ ଫେଡେରେଶନ୍ କୋଇଲା ପରିବହନ ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ମା' ସମଲେଇ ଟ୍ରକ୍ ମାଲିକ ସଂଘ ଜିଲାପାଳଙ୍କ ନିକଟରେ ଏକ ପିଟିଶନ ଦାଏର କରିଥିଲା। ଫଳରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ କୋଇଲା ପରିବହନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖି ମା' ସମଲେଇ ଟ୍ରକ୍ ମାଲିକ ସଂଘର ଅଭିଯୋଗକୁ ଭିତ୍ତିକରି ଫେଡେରେଶନ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏ ନେଇ ଗତ ୧୮ ତାରିଖରେ ଜିଲାପାଳ ଉଭୟ ପକ୍ଷଙ୍କୁ ଡାକିଥିଲେ। ଏଥିରେ ଉଭୟ ସଂଘର ଆଇନଜୀବୀ ନିଜନିଜ ସଂଘର ପକ୍ଷ ରଖିଥିଲେ। ପରେ ଗତ ୨୬ ତାରିଖରେ ଜିଲାପାଳଙ୍କ ଶୁଣାଣି ରହିଥିଲା। ଏହି ଶୁଣାଣିରେ ଫେଡେରେଶନ୍ ପକ୍ଷରୁ ଆଇନଜୀବୀ ପି. ରାମମୋହନ ରାଓ ଜିଲାପାଳଙ୍କ ନିକଟରେ କାରଣ ଦର୍ଶାଅ ନୋଟିସ୍‌କୁ ନେଇ ପକ୍ଷ ରଖିଥିଲେ। ପରେ ମା' ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆଇନଜୀବୀ ନିରଞ୍ଜନ ବିଶ୍ୱାଳ ନିଜ ପକ୍ଷ ରଖି ଫେଡେରେଶନ୍ ଦାଖଲ କରିଥିବା କାରଣ ଦର୍ଶାଅ ନୋଟିସ୍‌ର ଜବାବ ରଖିବା ପାଇଁ ଜିଲାପାଳଙ୍କୁ ଅଧିକ ସମୟ ମାଗିଥିଲେ। ଜିଲାପାଳ ଏହାକୁ ବିଚାରକୁ ନେଇ ଆସନ୍ତା ୭ ତାରିଖକୁ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ଏଥିମଧ୍ୟରେ ଜିଲାପାଳ ଫେଡେରେଶନ୍ ଉପରେ ଲାଗୁ କରିଥିବା ଅସ୍ଥାୟୀ ରହିତାଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଜିଲାପାଳଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ରହିତାଦେଶ ଉଠିଯାଇଥିବାରୁ ଫେଡେରେଶନ୍ ତା'ର କୋଇଲା ପରିବହନ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ଏ ନେଇ ଶନିବାର ସନ୍ଧ୍ୟାରେ ବେଲପାହାଡ଼ସ୍ଥିତ ଏକ ହୋଟେଲରେ ସଭାପତି କ୍ଷୀରୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଫେଡେରେଶନ୍‌ର ବହୁ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳଙ୍କ ପତ୍ର ଜରିଆରେ କୋଇଲା ପରିବହନ ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଫଳରେ କୋଇଲା ପରିବହନ ପାଇଁ ଟ୍ରକ୍‌ର ନମ୍ବରିଂ ଆରମ୍ଭ ହୋଇଛି ବୋଲି ସଭାପତି ପ୍ରଧାନ କହିଛନ୍ତି। ଫେଡେରେଶନ୍‌ର ଏଭଳି ତତ୍ପରତା ଦେଖି ମା' ସମଲେଇ ଟ୍ରକ୍ ମାଲିକ ସଂଘ ତରଫରୁ ବିଓସିଏମ୍ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା। ବୈଠକରେ ସଂଘରେ ନୂଆ ସଦସ୍ୟତା ଗ୍ରହଣକୁ ନେଇ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏବେ ୨ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଛକାପଞ୍ଝା ଚାଲିଥିବାବେଳେ ପ୍ରଶାସନ ଏହାକୁ ହାଲୁକା ଭାବେ ନ ନେଇ ଗୁରୁତ୍ୱର ସହ ବିଚାର କରି ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ନଚେତ୍ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

# ସ୍ୱାସ୍ଥ୍ୟସେବା ଅବହେଳାରୁ ଶିଶୁମୃତ୍ୟୁ ଅଭିଯୋଗ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୭।୭(ଡି.ଏନ୍.ଏ.)**

- କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ
- ଜିଲା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ଣ୍ଣକ୍ଷମ କରିବା ପାଇଁ ଦାବି

ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବାରେ ଅବହେଳା ଯୋଗୁ ଜଣେ ବର୍ଷକର ଶିଶୁର ଶନିବାର ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଶିଶୁର ପରିବାର ଲୋକେ ଏଭଳି ଅଭିଯୋଗ କରିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଝାରସୁଗୁଡ଼ା ମଙ୍ଗଳବାର ବଜାରରେ ଥିବା ଜିଲା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାକୁ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଲୋକେ ମୃତଦେହ ରଖି ମଙ୍ଗଳବଜାର ଛକରେ ଅପରାହ୍ନ ୪ଟାରୁ ସହର ମୁଖ୍ୟମାର୍ଗ ଅବରୋଧ କରିଥିଲେ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବରପାଇ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଓ ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟା ଖୋଲିବା, ଶିଶୁ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଲୋକେ ଦାବି କରିଥିଲେ। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ମାଝି କହିଥିଲେ। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢ଼େ ୫ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ରେଲୱେ କଲୋନୀ ବାସିନ୍ଦା ଶନି ଷଣ୍ଢଙ୍କ ବର୍ଷକର ପୁଅ ସାହିଲ ଗତ ୨୦ ତାରିଖରେ ଗରମ ଡାଲିରେ ପଡ଼ି ଆହତ ହୋଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳାରୁ ସାହିଲର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଠିକ୍ ଭାବରେ ସାହିଲଙ୍କ ଚିକିତ୍ସା କରାଯାଉ ନ ଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଶେଷ ମୁହୂର୍ତ୍ତରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ବୁର୍ଲା ବଡ଼ ମେଡିକାଲ ନେବା ପାଇଁ ପରିବାର ଲୋକଙ୍କୁ କହିଥିଲେ। ତା' ପୂର୍ବରୁ ସାହିଲଙ୍କ ମୃତ୍ୟୁ ହୋଇଗଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଏଡିଏମ୍‌ଓ ଡାକ୍ତର ଡୋଲାମଣି ପଟେଲ କହିଛନ୍ତି ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ୨ଦିନ ପୂର୍ବରୁ ବୁର୍ଲା ନେବା ପାଇଁ କୁହାଯାଇଥିଲା। ପରିବାର ଲୋକେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଶିଶୁର ମୃତ୍ୟୁ ହେବା ବୋଲି ଡା. ପଟେଲ କହିଛନ୍ତି।

■ ଅମିତ ଧଳ ହତ୍ୟାକାଣ୍ଡ

# ମୁଖ୍ୟ ଅଭିଯୁକ୍ତ ସୋନୁ ପଶ୍ଚିମବଙ୍ଗରୁ ଗିରଫ

**ଲଖନପୁର/ବ୍ରଜରାଜନଗର, ୨୭।୭(ଡି.ଏନ୍.ଏ.)**

**ଗିରଫ ସଂଖ୍ୟା ୭କୁ ବୃଦ୍ଧି**



ସୋନୁ ଘୋଷଙ୍କ ଫାଇଲ୍ ଫଟୋ।

ବହୁଚର୍ଚ୍ଚିତ ଅମିତ ଧଳ ହତ୍ୟାକାଣ୍ଡକୁ ଇତିମଧ୍ୟରେ ଏକ ମାସ ପୂରିଛି। ଏହି ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ସୋନୁ ଘୋଷ ଫେରାର ଥିଲେ। ଶୁକ୍ରବାର ରାତିରେ ପୋଲିସ ତାଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସୋନୁଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ପୋଲିସ ଜାଲ ବିଛାଇଥିଲା। ଏସ୍‌ପି ଅଶ୍ୱିନୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ଟିମ୍ ପଶ୍ଚିମବଙ୍ଗ ଯାଇଥିଲା। ସୋନୁଙ୍କୁ ସେଠାରୁ ଗିରଫ କରି ସ୍ଥାନୀୟ ସିଆଲଦା କୋର୍ଟରେ ହାଜର କରାଯାଇଥିଲା। ଏଥିସହ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଅନୁମତି ଦେବା ପରେ ପୋଲିସ ତାଙ୍କୁ ଧରି ବ୍ରଜରାଜନଗର ଫେରୁଥିବା ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା କହିଛନ୍ତି। ସୋନୁ ଗିରଫ ହେବା ପରେ ଏହି ଘଟଣାରେ ମୋଟ ଗିରଫ ସଂଖ୍ୟା ୭ରେ ପହଞ୍ଚିଛି। ପୂର୍ବରୁ ଅଭିଯୁକ୍ତ ସନ୍ଦିପ କୁମାର ସିଂହ (୨୫) ଓରଫ ବୁଲ୍ଲୁ, ଓକିଲ ରାୟ (୨୨), ରମେଶ ପାଇକରାୟ (୩୦) ଓରଫ ଗୁରୁମିତି, ମହମ୍ମଦ ସାବାଜ୍ (୨୮), ରାମେଶ୍ୱର ଦାସ (୨୬), ସନ୍ତୋଷ ବିଶ୍ୱାଳ (୨୪) ଓରଫ ଜିତୁଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ନିକଟରୁ ପୋଲିସ ୪ ବନ୍ଧୁକ ଓ ଗୋଟିଏ ବାଇକ୍ ଜବତ କରିଥିଲା। ବ୍ରଜରାଜନଗର କୋଇଲାଖଣି ଅଞ୍ଚଳରେ ବ୍ୟବସାୟିକ ଶତ୍ରୁତା ଓ ଦାଦାବଟି ସଂଗ୍ରହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ସୋନୁଙ୍କ ନାମରେ ବହୁ ସଙ୍ଗିନ ଅପରାଧିକ ମାମଲା ରହିଛି। ପୂର୍ବରୁ ସୋନୁ ଅନେକ ଥର ଜେଲ ଯାଇ ଫେରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ଜୁନ ୨୪ତାରିଖ ରାତି ୮ଟାରେ ଅମିତ ସାଙ୍ଗମାନଙ୍କ ସହ ବ୍ରଜରାଜନଗର ବସ୍‌ଷ୍ଟାଣ୍ଡରେ ତାସ୍ ଖେଳୁଥିବାବେଳେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ପ୍ରଥମେ ଅମିତଙ୍କୁ ନମସ୍କାର କରିଥିଲେ। ପରେ ତାଙ୍କ ଉପରକୁ ଅତର୍କିତ ଗୁଳି ଚଳାଇ ଘଟଣାସ୍ଥଳରେ ବାଇକ୍ ଛାଡ଼ି ଫେରାର୍ ହୋଇଯାଇଥିଲେ। ଏଥିରେ ଅମିତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ମଣ୍ଡଳିଆ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇ ବୁର୍ଲା ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଘଟଣା ପରଦିନ ୪୯ନଂ ଜାତୀୟ ରାଜପଥର ଗାନ୍ଧୀ ଛକରେ ରାସ୍ତା ଅବରୋଧ କରି ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ଦାବି କରିଥିଲେ। ଏ ନେଇ ପୋଲିସ ବ୍ରଜରାଜନଗର ଥାନା କେଶ ନଂ. ୧୩୯/୧୯ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଘଟଣାର ୩ ଦିନ ପରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୨ ଗିରଫ

**ବେଲପାହାଡ଼,୨୭।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ କିଛିଦିନ ପୂର୍ବରୁ ସଂଘଟିତ ଏକ ଚୋରି ମାମଲାର ପର୍ଦ୍ଦାଫାଶ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରଜରାଜନଗର ଥାନା ଚୁନାଭାଟିର କରନ ବାହାଦୁର ଓରଫ ଲାଣ୍ଡୁ (୧୯) ଓ ଓରିଏଣ୍ଟ ଥାନା ଆଦର୍ଶନଗରର ଟିଙ୍କୁ ବିଶ୍ୱକର୍ମା (୨୫)। ପୋଲିସ ଏମାନଙ୍କ ପାଖରୁ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ କରିଛି। ଏମାନେ ସପ୍ତାହ ପୂର୍ବରୁ ଗୁମାଡେରା ନୂଆପଡ଼ାରେ ରହୁଥିବା ସରୋଜ ମହାନ୍ତିଙ୍କ ଘର ତାଲା ଭାଙ୍ଗି ଚୋରି କରିଥିଲେ। ସେତେବେଳେ ସରୋଜଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିଲେ। ଗତ ୧୨ ତାରିଖରେ ତାଙ୍କ ଭଣଜାଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ସରୋଜ ଆହ୍ଲାବାଦ ଯାଇଥିଲେ। ୧୪ ତାରିଖରେ ସେଠାରୁ ଫେରିବା ପରେ ଚୋରି ହୋଇଥିବା ଜାଣିଥିଲେ। ମାତ୍ର ସେତେବେଳେ ତାଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଥାନାରେ ଅଭିଯୋଗ କରିପାରି ନ ଥିଲେ। ଗତ ୨୪ ତାରିଖରେ ଥାନାକୁ ଅସି ୫ ହଜାର ଟଙ୍କା, ସୁନାଗହଣା, ଗୋଟିଏ ଟିଭି ଓ ଗ୍ରାଇଣ୍ଡର ଚୋରି ହୋଇଥିବା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୨୪/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବିଭିନ୍ନ ସୂତ୍ରରୁ ସୁରାକ ପାଇଲା ଗୁରୁବାର ଟିଙ୍କୁ ବିଶ୍ୱକର୍ମାଙ୍କୁ ବେଲପାହାଡ଼ର ମିର୍ଦ୍ଧାଡେରାରୁ ଏବଂ ତାଙ୍କ ସହଯୋଗୀ କରନ ବାହାଦୁରଙ୍କୁ ବ୍ରଜରାଜନଗରରୁ ଗିରଫ କରିଥିଲା। ଉଭୟଙ୍କ ପାଖରୁ ପୋଲିସ ୭ଟି ସୁନା ମୁଦି, ୩ ହଳ ଝୁଣ୍ଟିଆ, ୨ ହଳ ପାଉଁଜି, ଗୋଟିଏ ଲକେଟ, ୪ ହଳ କାନଫୁଲ, ୨ଟି କଙ୍କଣ ଓ ୨ଟି ମଙ୍ଗଳସୂତ୍ର ସମେତ ଗୋଟିଏ ସୋନି ଟିଭି ଓ ଗୋଟିଏ ଗ୍ରାଇଣ୍ଡର ଜବତ କରିଛି। ଏଥିସହ ଛୁରି, ପ୍ଲାସ, କରତ, ରଡ୍, ସ୍କ୍ରୁ ଡ୍ରାଇଭର ଆଦି ଚୋରି ଉଦ୍ଦେଶ୍ୟରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଗତ ମାର୍ଚ୍ଚ ୨୫ ତାରିଖରେ ବେଲପାହାଡ଼ର ଏକ ମୋବାଇଲ ଦୋକାନରୁ ଚୋରି ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ଟିଙ୍କୁଙ୍କ ସମ୍ପୃକ୍ତି ଥିଲା ବୋଲି ପୋଲିସ କହିଛି। ଟିଙ୍କୁ ଓ କରନଙ୍କୁ ଦଫା ୪୫୭ ଓ ୩୮୦ ଆଇପିସି ବଳରେ ଶନିବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ରଶ୍ମିତା ବେହେରା କହିଛନ୍ତି। ଶନିବାର ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା ବେଲପାହାଡ଼ ଥାନାକୁ ଅନୁଧ୍ୟାନ ପାଇଁ ଆସିଥିବା ବେଳେ ଅଞ୍ଚଳରେ ସଂଘଟିତ ବିଭିନ୍ନ ଚୋରି ମାମଲାର ତଦନ୍ତରେ ଅଗ୍ରଗତି ସଂକ୍ରାନ୍ତରେ ଖବରଦାତାମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ପୁରୀ ବସ୍ ପରମିଟ୍ ରଦ୍ଦକୁ ବିରୋଧ

# ଅଗଷ୍ଟ ୧୨ରୁ ବସ୍ ଧର୍ମଘଟ ଚେତାବନୀ

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ଅଗଷ୍ଟ ୧୨ ତାରିଖରୁ ରାଜ୍ୟବ୍ୟାପୀ ବସ ଧର୍ମଘଟ କରିବାକୁ ଚେତାବନୀ ଦେଇଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ଶନିବାର ଭୁବନେଶ୍ୱରଠାରେ ସଂଘର ଏକ ଜରୁରୀ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ପୁରୀରେ ବସରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ବସର ଅନୁମତି(ପରମିଟ) ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ରଦ୍ଦ କରି ଦେଇଛନ୍ତି। ତୁରନ୍ତ ସେହି ବସର ପରମିଟ ରଦ୍ଦ ଆଦେଶକୁ ତୁରନ୍ତ ପ୍ରତ୍ୟାହାର ନ କଲେ ରାଜ୍ୟର ସମସ୍ତ ବସ ଚଳାଚଳ ଆସନ୍ତା ୧୨ ତାରିଖରେ ବନ୍ଦ ରହିବ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ରଥଯାତ୍ରା ଦେଖିବାକୁ କେନ୍ଦୁଝରରୁ ପୁରୀ ଆସି ବସ ଭିତରେ ବଳାତ୍କାର ଶିକାର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ବସ କଣ୍ଡକ୍ଟରକୁ ଗିରିଫ କରାଯାଇଥିବାବେଳେ ଉକ୍ତ ବସର ପରମିଟ ରଦ୍ଦ କରାଯାଇଥିଲା। ଏଥିସହିତ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା।

# ଏନ୍‌କାଉଣ୍ଟରରେ ୭ ମାଓବାଦୀ ନିହତ

**ମାଲକାନଗିରି,୨୭।୭ (ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ୭ମାଓବାଦୀ ନିହତ ହୋଇଛନ୍ତି। ବସ୍ତର ଜିଲା ପିରିୟମକୋଟ ଜଙ୍ଗଲରେ ମାଓବାଦୀଙ୍କ ବୈଠକ ଚାଲିଥିବା ଏବଂ ଶହୀଦ ସପ୍ତାହ ଆରମ୍ଭ ହେଉଥିବାରୁ ଏନେଇ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା ଚାଲିଥିଲା। ଏହି ଖବର ମିଳିବା ପରେ ଏସ୍‌ଟିଏଫ୍ ଏବଂ ସିଆରପିଏଫ ପକ୍ଷରୁ ସ୍ୱତନ୍ତ୍ର କୋମ୍ବିଂ ଅପରେଶନ କରାଯାଇଥିଲା। କୋୟାମକୋର ଜଙ୍ଗଲରେ ପହଞ୍ଚିବା ପରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ପ୍ରାୟ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ୭ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କ ମୃତଦେହ ମିଳିଥିବା ପୋଲିସ ସୂଚନା ଦେଇଛି। ମୃତ ମାଓବାଦୀମାନେ ଦଣ୍ଡକାରଣ୍ୟ ମାଓବାଦୀ ଡିଭିଜନ ଅନ୍ତର୍ଗତ ବସ୍ତର ଆଞ୍ଚଳିକ କମିଟିର ସଦସ୍ୟ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।